# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 www.odishabhaskar.com

Published Simultaneously from Bhubaneswar, Angul & Berhampur.

ଏକବିଂଶତମ ବର୍ଷ ସଂଖ୍ୟା-୨୩୫ Vol. 21 No-235 24 NOVEMBER 2024 SUNDAY BHUBANESWAR

ରବିବାର, ୨୪ ନଭେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ୨ ରାଜ୍ୟ ବିଧାନସଭା ଜନାଦେଶ

# ମହାରାଷ୍ଟ୍ରରେ ମହାଯୁତି ସୁନାମୀ

## ଝାଡ଼ଖଣ୍ଡରେ ଜେଏମ୍ଏମ୍‌ର ବାଜିମାତ

ଡିଙ୍ଗୀ ପ୍ରାର୍ଥୀ


ଏକନାଥ ସିନ୍ଦେ


ଦେବେନ୍ଦ୍ର ଫଡନବୀଶ


ଅଜିତ ପାୱାର


ହେମନ୍ତ ସୋରେନ୍


କଳ୍ପନା ସୋରେନ


ପୂର୍ଣ୍ଣିମା ସାହୁ

ନୂଆଦିଲ୍ଲୀ, ୨୩।୧୧: ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଭୋଟଗଣତି ଶନିବାର ଶେଷ ହୋଇଛି। ଏଥିପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ କରାଯାଇଥିଲା। ଭୋଟଗଣତି କେନ୍ଦ୍ରଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭୋଟଗଣତି ପରେ ମହାରାଷ୍ଟ୍ରରେ ପୁଣିଥରେ ମହାଯୁତି ସରକାର ଗଠନ କରିବା ସ୍ପଷ୍ଟ ହୋଇଯାଇଥିବାବେଳେ ଝାଡ଼ଖଣ୍ଡରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ସରକାର ଗଠନ କରିବା ନେଇ ସୂଚନା ମିଳିଛି। ମହାରାଷ୍ଟ୍ର ବିଧାନସଭାର ୨୮୮ ଆସନ ପାଇଁ ଗତ ୨୦ ତାରିଖରେ ଭୋଟଗ୍ରହଣ କରାଯାଇଥିଲା। ସେହିପରି ଝାଡ଼ଖଣ୍ଡର ୮୧ଟି ଆସନ ପାଇଁ ଚଳିତମାସ ୧୩ ଓ ୨୦ ତାରିଖ ଦୁଇଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଇଥିଲା। ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମେଣ୍ଟକୁ ବିପୁଳ ବିଜୟ ମିଳିଥିବାବେଳେ ଝାଡ଼ଖଣ୍ଡରେ ବିଜେପି ତା'ର ଲକ୍ଷ୍ୟ ହାସଲ କରିପାରି ନାହିଁ। ମିଳିଥିବା ସର୍ବଶେଷ ସୂଚନା ଅନୁଯାୟୀ ମହାରାଷ୍ଟ୍ରରେ ୨୮୮ ଆସନ ମଧ୍ୟରୁ ମହାଯୁତି ଏକାକୀ ୨୩୦ଟି ଆସନ ଦଖଲ କରିଥିବାବେଳେ କଂଗ୍ରେସ ଓ ତା'ର ମେଣ୍ଟଦଳ ୫୧ ଏବଂ ଅନ୍ୟମାନେ ୭ଟି ଆସନ ପାଇଥିବା ସୂଚନା ଦିଆଯାଇଛି। ସେହିପରି ଝାଡ଼ଖଣ୍ଡରେ ବିଜେପି ମେଣ୍ଟ ୨୪ଟି ଆସନ ପାଇଥିବାବେଳେ ଜେଏମ୍ଏମ୍ ଓ କଂଗ୍ରେସ ମେଣ୍ଟ ୫୬ ଓ ଅନ୍ୟମାନେ ଗୋଟିଏ ଆସନ ପାଇଥିବା ଜଣାପଡ଼ିଛି। ଏହି ନିର୍ବାଚନରେ ମହାରାଷ୍ଟ୍ର ମହାଯୁତିର ବରିଷ୍ଠ ନେତା ଦେବେନ୍ଦ୍ର ଫଡ଼ନବୀଶ, ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଅଜିତ ପାୱାର ବିଜୟ ହାସଲ କରିଥିବାବେଳେ ମୁଖ୍ୟମନ୍ତ୍ରୀ ଥିବା ହେମନ୍ତ ସୋରେନ, ତାଙ୍କ ପତ୍ନୀ କଳ୍ପନା ସୋରେନ, ରାଜ୍ୟପାଳଙ୍କ ବୋହୂ ବିଜେପି ● ପୃଷ୍ଠା ୫ ଦେଖନ୍ତୁ

| ମହାରାଷ୍ଟ୍ର: ୨୮୮/୨୮୮ | |
|---|---|
| ମହାଯୁତି | ୨୩୦ |
| ଏମ୍‌ଭିଏ | ୫୧ |
| ଅନ୍ୟାନ୍ୟ | ୦୭ |

| ଝାଡ଼ଖଣ୍ଡ: | ୮୧/୮୧ |
|---|---|
| ଜେଏମ୍ଏମ୍+ | ୫୬ |
| ବିଜେପି+ | ୨୪ |
| ଅନ୍ୟାନ୍ୟ | ୦୧ |

**ମହାରାଷ୍ଟ୍ର ବିଜୟ ସବୁ ରେକର୍ଡ ଭାଙ୍ଗିଛି: ମୋଦୀ**


PATANJALI®

ଯାହାର ଆୟୁର୍ବେଦ ଏବଂ ବୈଦ୍ୟ ସଂପର୍କିତ ଜ୍ଞାନ ନାହିଁ, ଯାହାର ଦେଶରେ ପରିବାର ନାହିଁ, ଯାହାର ଜ୍ଞାନ ନାହିଁ, ସେ ମହର୍ଷି ଚରକ ଏବଂ ଶୁଶ୍ରୁତ, ଧନ୍ୱନ୍ତରୀ ଏବଂ ଚ୍ୟବନ ଋଷିଙ୍କ ପରମ୍ପରା ଅନୁଯାୟୀ ଓରିଜିନାଲ ଚ୍ୟବନପ୍ରାସ କିପରି ପ୍ରସ୍ତୁତ କରିପାରିବେ?

ଆମେ ଋଷିମାନଙ୍କ ତଥ୍ୟ ଏବଂ ବିଜ୍ଞାନ ଅନୁସାରେ ୪୦ ନୁହେଁ, ୫୧ ବେଶକିମତୀ ଜଡ଼ିବୁଟି ଏବଂ କେଶରଯୁକ୍ତ ପତଞ୍ଜଳି ସ୍ପେଶାଲ ଚ୍ୟବନପ୍ରାସ ପ୍ରସ୍ତୁତ କରୁଛୁ।

ଏହାକୁ ସେବନ କଲେ ସବୁ ବେମାରୀରୁ ମୁକ୍ତ ଏବଂ

ଆପଣଙ୍କ ଶରୀରକୁ ମେଡ଼ିକାଲ ଷ୍ଟୋର ବନାଇବାରୁ ବଞ୍ଚାଇପାରିବେ।

ସର୍ଦ୍ଦି-ଜୁକାମ, କଫ-ଥଣ୍ଡା ଆଦିରୁ ମୁକ୍ତ କରି ରେସ୍ପିରୋଟାରୀ ସିଷ୍ଟମକୁ ସୁଦୃଢ଼ କରନ୍ତୁ, ସବୁ ରୋଗ ବିରୁଦ୍ଧରେ ଲଢିବା ପାଇଁ ଶକ୍ତି ପ୍ରଦାନ କରେ।

ଇମ୍ୟୁନିଟି ବଢାଇବା ପାଇଁ ଆୟୁର୍ବେଦିକ ସୁପରଫୁଡ୍, ଯାହା ରୋଗରୁ ମୁକ୍ତି କରି ସର୍ବଦା ଯୁବକ ରଖିବାରେ ସହାୟକ ହୋଇଥାଏ।

51 ବିଶେଷ ଗୁଣ ଥିବା ଜଡ଼ି-ବୁଟି




ବିଶ୍ୱରେ ପ୍ରଥମ ଥର ପ୍ରତିଷ୍ଠିତ ରିସର୍ଚ୍ଚ ଜର୍ଣ୍ଣାଲ 'ଫ୍ରଣ୍ଟିୟର ଇନ୍ ଫାର୍ମାକୋଲୋଜି'ରେ ପ୍ରକାଶିତ ରିସର୍ଚ୍ଚ ପେପର ପତଞ୍ଜଳି ସ୍ପେଶାଲ ଚ୍ୟବନପ୍ରାସକୁ ଶ୍ରେଷ୍ଠତମ ବୋଲି ପ୍ରମାଣିତ କରିଛି, ଯାହାକି ଇନ୍‌ଫ୍ଲେମେସନକୁ ଦୂର କରି ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ।

www.ncbi.nlm.nih.gov/pmc/articles/PMC8633414/

Shop Online- www.patanjaliayurved.net | Customer Care Number - 18001804108

ଅର୍ଡର ମି ଆପ୍ ମାଧ୍ୟମରେ ଅନ୍‌ଲାଇନରେ ପତଞ୍ଜଳି ସାମଗ୍ରୀ ଅର୍ଡର କରନ୍ତୁ।



ସୁଭଦ୍ରା

ସୁଭଦ୍ରା

କଥା ଦେଇ କଥା ରଖିଲେ ଆମ ସରକାର


ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଙ୍କ
କରକମଳରେ
ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ
୨୦ ଲକ୍ଷରୁ ଊର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ



୧୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ

ସ୍ଥାନ: ସୁନ୍ଦରଗଡ଼, ତାରିଖ: ୨୪ ନଭେମ୍ବର ୨୦୨୪

DSPL - 219

OIPR 33001/13/0034/2425

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର ୧୪୬୭୮



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସତ୍ୟସାଇ ସେବା ସଙ୍ଗଠନ ଭୁବନେଶ୍ୱର ସାଇ ଜିଲାର ସାଇ ଜନଜନୀଠାରେ ସତ୍ୟସାଇ ବାବାଙ୍କ ୯୯ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାତଃ ନଗର ସଂକୀର୍ତ୍ତନ, ମଙ୍ଗଳବାଦ୍ୟ ପରେ ସଙ୍ଗଠନର ଜିଲ୍ଲା ସଭାପତିଙ୍କ ଦ୍ୱାରା ଦିବ୍ୟ ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ରେଡକ୍ରସ ରକ୍ତଭଣ୍ଡାର ସହଯୋଗରେ ଏକ ରକ୍ତଦାନ ଶିବିର କରାଯାଇଥିଲା। ସଙ୍ଗଠନ ତରଫରୁ ସମସ୍ତ ରୋଗୀଙ୍କ ଆରୋଗ୍ୟ କାମନା କରାଯାଇ ୨୨ ତାରିଖରେ କ୍ୟାପିଟାଲ ହସ୍ପିଟାଲ, ହାଇଟେକ ହସ୍ପିଟାଲ, ବିଏମ୍‌ସି ହସ୍ପିଟାଲ ସମେତ ବିଭିନ୍ନ ହସ୍ପିଟାଲରେ ଫଳ ଓ ପ୍ରସାଦ ବଣ୍ଟନ କରାଯାଇଥିଲା। କୋଟି ନାମାର୍ଚ୍ଚନା, ବେଦଧ୍ୱନି, ଭଜନ ସହିତ ସତ୍ୟସାଇ ହାଇସ୍କୁଲ ପିଲାମାନଙ୍କ ଦ୍ୱାରା ଜନ୍ମଦିନ କେକେ କଟାଯାଇ ବଣ୍ଟନ କରାଯାଇଥିଲା। ମଧ୍ୟାହ୍ନରେ ସମସ୍ତ ଭକ୍ତ ଓ ସାଇ ଆଶ୍ରିତଙ୍କ ସମେତ ସାଧାରଣ ଲୋକ ପ୍ରସାଦ ସେବନ କରିଥିଲେ। ପ୍ରାୟ ୧୫୦ ନାରାୟଣଙ୍କୁ ଅନ୍ନପ୍ରସାଦ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା।

# ସରିଲା କଟକର ଐତିହାସିକ ବାଲିଯାତ୍ରା







କଟକ(ଭାସ୍କର ନ୍ୟୁଜ୍): ଓଡିଶାର ସାଂସ୍କୃତିକ ଗାରିମାମୟ ପରମ୍ପରାର ପ୍ରତୀକ କଟକର ଐତିହାସିକ ବାଲିଯାତ୍ରା ଶନିବାର ଶେଷ ହୋଇଛି । ୯ ଦିନ ବ୍ୟାପୀ ଏହି ବାଲିଯାତ୍ରାରେ ଦେଶ ବିଦେଶର ବିଭିନ୍ନ ପ୍ରାନ୍ତରରୁ ବହୁ ଲୋକଙ୍କ ସମାଗମ ହୋଇଥିଲା । ନଭେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ବାଲିଯାତ୍ରା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାର ଥିଲା । ତେବେ ବାଲିଯାତ୍ରାରେ ବ୍ୟବସାୟ ଓ ଲୋକଙ୍କ ଉତ୍ସାହକୁ ଦେଖି ରାଜ୍ୟ ସରକାର ଗୋଟିଏ ଦିନ ପାଇଁ ବାଲିଯାତ୍ରାର ଅବଧିକୁ ବୃଦ୍ଧି କରିଥିଲେ । ଏହି ବାଲିଯାତ୍ରା ଉତ୍ସବରେ ୮ଟି ଦେଶର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଗଣକବି ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ସାଂସ୍କୃତିକ ମଞ୍ଚ ଚଳିତ ବର୍ଷ ବାଲିଯାତ୍ରାରେ ଦର୍ଶକଙ୍କୁ ଭରପୁର୍ ମନୋରଞ୍ଜନ ଯୋଗାଇବାରେ ସଫଳ ହୋଇଛି। ଚଳିତ ବର୍ଷ ବାଲିଯାତ୍ରା ଉପର ଓ ତଳ ପଡିଆକୁ ମିଶାଇ ୩୨ ଏକର ପରିମିତ ଜାଗାରେ ୨୬ ଶହରୁ ଅଧିକ ଷ୍ଟଲ୍ ଖୋଲାଯାଇଥିବାବେଳେ କେବଳ ଓରମାସରେ ୫୦୦ରୁ ଅଧିକ ଷ୍ଟଲ ଖୋଲିଥିଲା । ଓର୍‌ମାସରେ ମହିଳା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ସାମଗ୍ରୀ ପ୍ରଦର୍ଶନ ଓ ବିପଣନ ନିମନ୍ତେ ଓରମାସରେ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ପିଠା ମହୋତ୍ସବ, ମାଟି ପାତ୍ର ତିଆରି ଏବଂ ତନ୍ତ ବୁଣା ସାମଗ୍ରୀ ଲୋକଙ୍କୁ ଆକର୍ଷିତ କରିଥିଲା। ତେବେ ଚଳିତଥର ୭ଟି ଆନ୍ତର୍ଜାତୀୟ ଷ୍ଟଲ ମଧ୍ୟ ସ୍ଥାନ ପାଇଥିଲା। ବାଲିଯାତ୍ରାରେ ଭିଡକୁ ନିୟନ୍ତ୍ରଣ କରିବା ନିମନ୍ତେ ଚଳିତଥର ତଳ ପଡିଆରେ ୩ଟି ମୁଖ୍ୟ ପ୍ରବେଶ ଦ୍ୱାର ଏବଂ ଗୋଟିଏ ଜରୁରୀକାଳୀନ ପ୍ରବେଶ/ପ୍ରସ୍ଥାନ ଦ୍ୱାର ଖୋଲାଯିବା ସହ ପଡିଆ ମଧ୍ୟରେ ଗମନାଗମନ ନିମନ୍ତେ ୪ଟି ରାସ୍ତା କରାଯାଇଥିଲା । ଧୂଳି ନିୟନ୍ତ୍ରଣ କରିବା ନିମନ୍ତେ ରାସାୟନିକ ମିଶ୍ରଣ ସ୍ପ୍ରେ କରାଯାଇଥିବାବେଳେ ମନୋରନ ନିମନ୍ତେ ବଲିଉଡ୍ ନାଇଟ୍ ସହ ଲେଜର ଶୋ, ଡ୍ରୋନ୍ ଶୋ, କାଇଟ୍ ଫେଷ୍ଟିଭାଲ ଆଦି ବ୍ୟବସ୍ଥା କରାଯାଇଥିଲା । ପଡିଆର ପରିମଳ ପ୍ରତି ବିଶେଷ ଧ୍ୟାନ ଦିଆଯିବା ସହ ୩୮୫ଟି ଶୌଚାଳୟ ବ୍ୟବସ୍ଥା କରାଯାଇଥିଲା ପ୍ରଥମ ସଂଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ବାଲି, ଇଣ୍ଡୋନେସିଆ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କଟକ ଇନ୍ କଟକରେ ଓଡିଆ ଅସ୍ମିତା ସ୍ୱରୁପ ସୀତା ବିବାହ, ଗପ ହେଲେବି ସତ, ଚିହ୍ନା ଅଚିହ୍ନା, ହୀରାଲୀଳା ଭଳି ଲୋକପ୍ରିୟ ଓଡିଆ ଚଳଚିତ୍ର ପ୍ରଦର୍ଶିତ କରାଯାଇଥିଲା । ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ୩୮୫ଟି ଶୌଚାଳୟ ବ୍ୟବସ୍ଥା କରାଯାଇଥିବାବେଳେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀକୁ ମଧ୍ୟ ନିଯୁକ୍ତି କରାଯାଇଥିଲା। ଅନ୍ୟପକ୍ଷରେ ବୟସ୍କ ଏବଂ ଭିନ୍ନକ୍ଷମମାନଙ୍କ ନିମନ୍ତେ ଇ-ରିକ୍ସା ବ୍ୟବସ୍ଥା କରାଯାଇଥିଲା। ବାଲିଯାତ୍ରା କାର୍ଯ୍ୟକ୍ରମରେ ଶ୍ରୀଲଙ୍କା, ବାଂଲାଦେଶ, ଥାଇଲାଣ୍ଡ, ଲାଓ ପିଡିଆର, ଭୁଟାନ, ସିଙ୍ଗାପୁର, ନେପାଳ, ମାଲେସିଆ, ଇଣ୍ଡୋନେସିଆ, ନାଉରୁ, ସୋଲୋମନ ଆଇଲାଣ୍ଡ, ନ୍ୟୁଜିଲାଣ୍ଡ, ଭିଜି, ଟିମୋର ଲେସେ ଏବଂ ବୃର୍ଣ୍ଣେଇ ଆଦି ୧୪ ଟି ଦେଶର ରାଷ୍ଟ୍ରଦୁତ ମଧ୍ୟ ଯୋଗ ଦେଇଥିଲେ। ଶନିବାର ଶେଷ ଦିନରେ ବାଲିଯାତ୍ରାରେ ଅସମ୍ଭବ ଭିଡ ଦେଖିବାକୁ ମିଳିଥିଲା। ପ୍ରଥମାଷ୍ଟମୀ ଦିନ ଛୁଟି ଥିବାରୁ ଚାରିଆଡୁ ବାଲିଯାତ୍ରା ପଡିଆକୁ ଜନସମୁଦ୍ରର ସୁଅ ଛୁଟିଥିଲା । ଶନିବାର ଦିନ ଭିଡ ନିୟନ୍ତ୍ରଣ କରିବାକୁ ପୋଲିସ୍ ପ୍ରଶାସନକୁ ନାକେଦମ ହେବାକୁ ପଡିଥିଲା । ତେବେ କାଁ ଭାଁ ଛୋଟ ମୋଟ ଘଟଣାକୁ ଛାଡିଦେଲେ ଚଳିତ ବର୍ଷ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି । ସ୍ମୃତି ବିଜଡିତ ଏହି ବାଲିଯାତ୍ରା ପାଇଁ ପୁଣି ଆଉ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡିବ ।

## ପବିତ୍ର ପ୍ରଥମାଷ୍ଟମୀ ପାଳିତ
# ଜ୍ୟେଷ୍ଠ ହେଲେ ପୋଢୁଆଁ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ଥିଲା ପବିତ୍ର ପ୍ରଥମାଷ୍ଟମୀ। ସକାଳୁ ସକାଳୁ ନବବସ୍ତ୍ର ପରିଧାନ କରି ଘରର ଜ୍ୟେଷ୍ଠମାନେ ପୋଢୁଆଁ ହୋଇଥିଲେ। ଏଥିପାଇଁ ପ୍ରତି ଘରେ ଘରେ ଉତ୍ସବର ମାହୋଲ୍ ପରିଲକ୍ଷିତ ହେବା ସହ ପିଠାପଣାରେ ମହକି ଉଠିଥିଲା। ଏହି ଅବସରରେ ଏଣ୍ଡୁରି ପିଠା ପ୍ରସ୍ତୁତ ହୋଇଥାଲା। ପରମ୍ପରା ଅନୁଯାୟୀ ପ୍ରଥମାଷ୍ଟମୀର ପରିବାରର ଜ୍ୟେଷ୍ଠ ସନ୍ତାନର ସୁଖ ସମୃଦ୍ଧି ଓ ଦୀର୍ଘ ଜୀବନ ପାଇଁ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଏହି ଦିନ ସେମାନଙ୍କର ଦୀର୍ଘାୟୁ କାମନା କରି ମାଆମାନେ ଷଠୀ ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ପଞ୍ଚପଲ୍ଲବ ଓ ପଞ୍ଚଶସ୍ୟରେ କଳସପୂଜା ଓ ବରୁଣ ପୂଜା ହୋଇଥିଲା। ଓଡ଼ିଆ ପରମ୍ପରା ଅନୁଯାୟୀ ପ୍ରଥମାଷ୍ଟମୀ ଦିନ ଘରର ଜ୍ୟେଷ୍ଠ ସନ୍ତାନ ସେ କନ୍ୟା ହେଉ କି ପୁତ୍ର ତାକୁ ସ୍ନାନାନ୍ତେ ନୂତନ ବସ୍ତ୍ର ପିନ୍ଧାଇ ଦିଅଁଙ୍କ ଆଗରେ ପିଢ଼ା ଉପରେ ବସାଇ ଦୁଇ କାନରେ ଫୁଲ ଓ ମୁଣ୍ଡରେ ଚନ୍ଦନ ଲଗାଇ ଦୁବ, ବରକୋଳି ପତ୍ର ଓ ହଳଦୀମିଶା ଚାଉଳ ମିଶାଇ ସେଥିରେ ମାଆମାନେ ବନ୍ଦାପନା କରିଥିଲେ। ବନ୍ଦାପନା ପରେ ଜ୍ୟେଷ୍ଠ ସନ୍ତାନ ଷଠୀ ଦେବୀଙ୍କୁ ମୁଣ୍ଡିଆ ମାରିବା ସହିତ ପିତାମାତାଙ୍କୁ ଓ ଗୁରୁଜନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରିଥିଲେ।

## ଅଟୋ ଚାଳକଙ୍କ ମହାନତା: ଫେରାଇଲେ ଟଙ୍କା ଭର୍ତ୍ତି ବ୍ୟାଗ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଟୋ ଚାଳକଙ୍କ ମହାନତା। ଉଦାର ହୃଦୟରେ ଥାନାରେ ଫେରାଇଲେ ଏକ ଲକ୍ଷ ଟଙ୍କା। ଶନିବାର ପଟିଆ ଛକରେ ସକାଳୁ ପାଇଥିବା ଏକ ଲକ୍ଷ ଟଙ୍କା ଭର୍ତ୍ତି ବ୍ୟାଗକୁ ଫେରାଇ ଅନ୍ୟ ଲୋକଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବାବୁଲା ମାଝୀ। ବ୍ୟାଗ ହଜିଥିବା ଯୁବକ ସୁବୋଧ ବରାଳଙ୍କୁ ଥାନା ଅଧିକାରୀଙ୍କ ସାମ୍ନାରେ ଫେରାଇଲେ ବାବୁଲା। ସୁବୋଧ ନିଜ ଭଉଣୀ ଘରୁ ଛାତ ପକାଇବା ପାଇଁ ଏକ ଲକ୍ଷ ଟଙ୍କା ଖୋର୍ଦ୍ଧା ନେଇକି ଯାଉଥିଲେ। ସକାଳୁ ୮.୩୦ରେ ପଟିଆ ଛକରେ ଟାଙ୍କ ବ୍ୟାଗ ଖସି ପଡ଼ିଥିଲା। ତେବେ ଟଙ୍କା ଫେରି ପାଇବା ପରେ ଅଟୋ ଚାଳକଙ୍କୁ ଧନ୍ୟବାଦ ଦେଇଛନ୍ତି ସୁବୋଧ।

## ବିଜେପି-ମହାଯୁତିର ବିଜୟ ପାଇଁ ମହାରାଷ୍ଟ୍ରବାସୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ବିଜେପି-ମହାଯୁତିର ବିଜୟ ପାଇଁ ମହାରାଷ୍ଟ୍ରବାସୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ବିଜେପି-ମହାଯୁତି ମେଂଟକୁ ଦୁଇ ତୃତୀୟାଂଶରୁ ଅଧିକ ବହୁମତ ସହିତ ଐତିହାସିକ ଜନାଦେଶ ଦେଇଥିବାରୁ ମହାରାଷ୍ଟ୍ରର ସ୍ନେହମୟୀ ଜନତାଙ୍କୁ ହୃଦୟରୁ ଧନ୍ୟବାଦ। ଏହି ବିଜୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱ ଓ ମହାରାଷ୍ଟ୍ରର ମହାଯୁତି ସରକାରର ଜନକଲ୍ୟାଣକାରୀ ନୀତି ଉପରେ ଲୋକଙ୍କ ଅସୀମ ଆଶୀର୍ବାଦ ଅଟେ।

## ନୂତନ ଭିସି ନିଯୁକ୍ତି ହେବା ପର୍ଯ୍ୟନ୍ତ ପୁରୁଣା ଭିସିଙ୍କ କାର୍ଯ୍ୟକାଳ ବୃଦ୍ଧି: ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ବିଶ୍ୱବିଦ୍ୟାଳୟରେ ଭିସିଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ପ୍ରତିକ୍ରିୟା ରଖିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ନୂତନ ଭିସି ନିଯୁକ୍ତି ହେବା ପର୍ଯ୍ୟନ୍ତ ପୁରୁଣା ଭିସିଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ବିଶ୍ୱ ବିଦ୍ୟାଳୟର ଆବଶ୍ୟକତାକୁ ଦେଖି ଏ ନିଷ୍ପତ୍ତି ନିଆଯାଇଛି। ପୂର୍ବ ସରକାର ସମୟରେ ଆସିଥିବା ୨୦୨୦ ଅଧିନିୟମ ସଂଶୋଧନ କରାଯାଇଛି।

## ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲା ରାଷ୍ଟ୍ରୀୟ ଅଭିଭାବକ ମହାସଂଘ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବେସରକାରୀ ବିଦ୍ୟାଳୟ ମାନଙ୍କରେ ଫି' ନିର୍ଧାରଣ କରିବାକୁ ନେଇ ୨୦୧୮ ମସିହାରେ ଗଠନ କରାଯାଇଥିବା କମିଟି ରିପୋର୍ଟକୁ ତୁରନ୍ତ ଲାଗୁ କରିବା ଏବଂ ରାଜ୍ୟରେ ୧୫୦୦ ରୁ ଉର୍ଦ୍ଧ୍ୱ ଅଣ ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟ ଉପରେ ପଦକ୍ଷେପ ନେବାକୁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ମନ୍ତ୍ରୀଙ୍କ ନିକଟରେ ରାଷ୍ଟ୍ରୀୟ ଅଭିଭାବକ ମହାସଂଘର ସଭାପତି ଭୁମୋହନ ପଟ୍ଟନାୟକ ଦାବି ରଖିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ଯାଇଥିବା ଫି' ନିର୍ଦ୍ଧାରଣ କମିଟି ରିପୋର୍ଟ ତୃତୀୟ ମହଲାରେ ଥିବା କିଛି ନ୍ୟସ୍ତ ସ୍ୱାର୍ଥ ଅଧିକାରୀଙ୍କ ଚକ୍ରାନ୍ତ ଫଳରେ ଏହାକୁ କାର୍ଯ୍ୟକାରୀ କରାଯାଇ ପାରିନଥିଲା। ଏହାକୁ ନେଇ ଅଭିଭାବକ ସଂଘ ତରଫରୁ ବହୁ ଧାରଣା, ଆମରଣ ଅନଶନ କରିବାପରେ ତତ୍କାଳୀନ ବିଭାଗୀୟ ମନ୍ତ୍ରୀ ସୁଦାମ ମାରାଣ୍ଡି, ବିଭାଗୀୟ ସଚିବ ଏବଂ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତି ରେ ଏହାକୁ ଲାଗୁ କରିବା ନିମନ୍ତେ ପ୍ରତିଶ୍ରୁତି ଦିଆଯାଇଥିଲା। ବିଧାନସଭାରେ ଏ ସଂକ୍ରାନ୍ତରେ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଏହାକୁ ଲାଗୁ କରିବା ନିମନ୍ତେ ମଧ କହିଥିଲେ। ପରବର୍ତ୍ତୀ ଅବସ୍ଥାରେ ନିର୍ବାଚନ ଆଚରଣ ବିଧି ଏବଂ ସରକାର ପରିବର୍ତ୍ତନ ହୋଇଥିଲା। ଆଜି ଏହାକୁ ଲାଗୁ କରିବା ସଂକ୍ରାନ୍ତରେ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରାଗଲା ଏବଂ ସବିଶେଷ ତଥ୍ୟ ଦିଆଗଲା ଏହା ସହିତ ରାଜ୍ୟରେ ବିଭାଗୀୟ ସ୍ୱୀକୃତି ନପାଇ ଚାଲୁଥିବା ପାଖାପାଖି ୧୫୦୦ ବିଦ୍ୟାଳୟ ଉପରେ ପଦକ୍ଷେପ ନେବାକୁ ମଧ ଆଲୋଚନା କରାଗଲା। ମନ୍ତ୍ରୀ ମହୋଦୟ ସମସ୍ତ ବିଷୟରେ ଅବଗତ ହେବାପରେ ବିଭାଗୀୟ ଅଧିକାରି ମାନଙ୍କ ବୈଠକ ଡାକି ଏହା ଉପରେ ନିଷ୍ପତ୍ତି ନେବାକୁ ପ୍ରତିଶ୍ରୁତି ଦେଲେ। ଏହି ଆଲୋଚନାରେ ମହାସଂଘ ର ଉପଦେଷ୍ଟା ତଥା ବିଜେପି ରାଜ୍ୟ ସଂଯୋଜକ ରଶ୍ମି ରଞ୍ଜନ କାନୁନଗୋ, ଉପସଭାପତି ଶଙ୍କର ସାମନ୍ତରାୟ, ସାଧାରଣ ସମ୍ପାଦକ ପ୍ରଦୀପ୍ତ ମିଶ୍ର, ରାଜ୍ୟ ସଂପାଦକ ଅନନ୍ତ ରାଉତ ଏବଂ କୋରାପୁଟ ଜିଲ୍ଲା ସଭାପତି ଶିଶିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମହାରାଷ୍ଟ୍ରବାସୀ ପୁଣି ପ୍ରଗତିର ମାର୍ଗକୁ ଆପଣାଇଛନ୍ତି: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାରାଷ୍ଟ୍ର ବିଧାନସଭା ନିର୍ବାଚନ-୨୦୨୪ରେ ଐତିହାସିକ ବିଜୟ ଲାଭ ପାଇଁ ବିଜେପି ଏବଂ ମହାଯୁତି ଗଠବନ୍ଧନର କାର୍ଯ୍ୟକର୍ତ୍ତାଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ ନେତୃତ୍ୱ ତଥା ମାର୍ଗଦର୍ଶନରେ ମହାରାଷ୍ଟ୍ରର ସୁରକ୍ଷା, ସମୃଦ୍ଧତା ଏବଂ ଉତ୍ତମ ଶାସନ ଉପରେ ଲୋକମାନେ ନିଜର ଆଶୀର୍ବାଦ ଅଜାଡିଛନ୍ତି । ଏଥର ସହିତ ଉତ୍ତରପ୍ରଦେଶ ବିଧାନସଭା ଉପନିର୍ବାଚନରେ ମଧ ଜନତା ଏକତାର ମନ୍ତ୍ରରେ ସମ୍ମିଳିତ ହୋଇ ବିଜେପି-ଏନଡିଏ ମେଣ୍ଟକୁ ବିପୁଳ ମାତ୍ରାରେ ସମର୍ଥନ ଜଣାଇଛନ୍ତି । ଛତ୍ରପତି ଶିବାଜୀ ମହାରାଜାଙ୍କ ଭୁମି, ସତ୍ୟ, ନ୍ୟାୟ ଏବଂ ବୀରତାର ପ୍ରତୀକ ଅଟେ । ଏଥର ରାଜ୍ୟବାସୀ ପୁଣି ଥରେ ସତ୍ୟ ତଥା ପ୍ରଗତିର ମାର୍ଗକୁ ଆପଣାଇଛନ୍ତି। ମହାରାଷ୍ଟ୍ରର ଐତିହାସିକ ବିଜୟ ପାଇଁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, ଗୃହମନ୍ତ୍ରୀ ଅମିତ ଶାହା, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ସମେତ ସମସ୍ତ ସହଯୋଗୀ ଦଳ ଏବଂ କାର୍ଯ୍ୟକର୍ତ୍ତାଙ୍କୁ ରାଜ୍ୟ ସଭାପତି ଶ୍ରୀ ସାମଲ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି।

## କିସ୍ ବିଶ୍ୱବିଦ୍ୟାଳୟର ୪ର୍ଥ ସମାବର୍ତ୍ତନ ଉତ୍ସବ
# ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଲେ ଅତିଥି




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସର୍ବବୃହତ ଜନଜାତି ବିଶ୍ୱବିଦ୍ୟାଳୟ କିସ୍‌ର ୪ର୍ଥ ସମାବର୍ତ୍ତନ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହରିକୃଷ୍ଣ ଏକ୍ସପୋର୍ଟସ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପପତି ଓ ସମାଜସେବୀ ପଦ୍ମଶ୍ରୀ ସାବଜୀ ଢ଼ୋଲକିଆ, ଡ. ବାତ୍ରା ଗ୍ରୁପ୍ ଅଫ୍ କମ୍ପାନୀସମୂହର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିଳ୍ପପତି ପଦ୍ମଶ୍ରୀ ଡା. ମୁକେଶ ବାତ୍ରା ଏବଂ ବିଶିଷ୍ଟ ଶିଳ୍ପପତି ଏସ୍ ଏନ୍ ଗ୍ରୁପ୍ ଅଫ୍ କମ୍ପାନୀର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଶ୍ରୀ ଢ଼ୋଲକିଆ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ଗ୍ରହଣ କରି ଛାତ୍ରଛାତ୍ରୀଙ୍କୁ ସଫଳତାର ୫ଟି ମନ୍ତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରିଟେନ୍‌ର ପ୍ରାକ୍ତନ ସାଂସଦ ତଥା ପ୍ରାକ୍ତନ ମନ୍ତ୍ରୀ ନିକ ଗିବ୍ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି କହିଲେ, ଶିକ୍ଷା ହିଁ ପରିବର୍ତ୍ତନର ମାଧ୍ୟମ। ପିଲାମାନଙ୍କ ଉଦ୍ଦେଶ୍ୟରେ ସେ କହିଲେ, ତୁମ ଇଚ୍ଛା ଅନୁସାରେ ତୁମେ ତୁମର ଲକ୍ଷ୍ୟପଥ ସ୍ଥିର କର। ତୁମ ପାଇଁ ବ୍ୟାପକ ସୁଯୋଗ ରହିଛି। ସମ୍ମାନୀୟ ଅତିଥି ଭାବେ ବ୍ରିଟେନର ସାଂସଦ ଆଲାନ୍ ଗେମେଲ କହିଲେ, ଭାରତ ଓ ବ୍ରଟେନ୍‌ର ସମ୍ପର୍କ ଅତି ପୁରାତନ। ଶିକ୍ଷା ହେଉଛି ନିଜକୁ ସଶକ୍ତ କରିବାର ଉପଯୁକ୍ତ ମାଧ୍ୟମ। କିସ୍‌ରେ ଛାତ୍ରଛାତ୍ରୀଙ୍କ ପାଇଁ ନିଜର ଲକ୍ଷ୍ୟ ପୂରଣ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଅନ୍ୟତମ ଅତିଥି ହାର୍ଭାର୍ଡ଼ କେନେଡ଼ି ସ୍କୁଲ୍ ପବ୍ଲିକ ପଲିସି ପ୍ରଫେସର ଡ. ଜେଫ୍ରେ ବି ଲାଏବମାନ କହିଲେ, ସାମଗ୍ରିକ ଶିକ୍ଷା କ୍ଷେତ୍ରରେ କିସ୍ ହେଉଛି ଏକ ଅନନ୍ୟ ପ୍ରୟାସ। ଏହି ଅବସରରେ କିସ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ରୋଜାଲିନ୍ ପ୍ରଧାନଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବା ବେଳେ ୭ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣ ପଦକ ଏବଂ ୭ଜଣଙ୍କୁ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ୮ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ୪୨୬ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ଓ କିସ୍ ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର ଏନ୍ ଦାସ, କୁଳାଧିପତି ସତ୍ୟ ଏସ୍ ତ୍ରିପାଠୀ, ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ଦୀପକ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ ଓ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଚଳଚ୍ଚିତ୍ର ପ୍ରଯୋଜକ ରାଜେନ୍ଦ୍ରଙ୍କ ପରଲୋକ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ରାଜେନ୍ଦ୍ର ସିଂହ ଭୁରଜୀଙ୍କ ଶନିବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ହୋଇଥିଲା। ଶନିବାର ଅପରାହ୍ନ ୪ଟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବାବେଳେ ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଭୁରଜୀ ଓଡ଼ିଆ ଚଳଚ୍ଚିତ୍ର 'ମୁଁ ଖାଣ୍ଟି ଓଡ଼ିଆ ଝିଅ'ର ପ୍ରଯୋଜକ ଭାବେ କାର୍ଯ୍ୟ ତୁଲାଇଥିଲେ। ଏଥିସହ ସ୍ୱର୍ଗତ ଭୁରଜୀ ଭୁବନେଶ୍ୱର ଗୁରୁଦ୍ୱାର ସିଂହ ସଭାର ସଭାପତି ଭାବେ କାର୍ଯ୍ୟ ତୁଲାଇବା ସହ ପଞ୍ଜାବୀ କଲ୍‌ଚରାଲ୍ ଆସୋସିଏସନ୍‌ର କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏହାବ୍ୟତୀତ ସେ ଜଣେ ସରକାରୀ ସିଭିଲ୍ କଣ୍ଟ୍ରାକ୍ଟର ଭାବେ କାର୍ଯ୍ୟ ତୁଲାଇ ବେଶ୍ ସୁନାମ ଅର୍ଜନ କରିଥିଲେ।

## ଭାରତ ମସଲା ଷ୍ଟଲ୍‌ରେ ବିଧାୟିକା ସୋଫିଆ ଫିର୍ଦ୍ଦୋଷ
# ଭାଗ୍ୟଶାଳୀ ବିଜେତାଙ୍କୁ କଲେ ପୁରସ୍କୃତ



କଟକ (ଭାସ୍କର ନ୍ୟୁଜ୍): ଭାରତ ମସଲା କେବଳ ବ୍ୟବସାୟ କରିବା ପାଇଁ ବାଲିଯାତ୍ରାରେ ତାର ଷ୍ଟଲ୍ ଖୋଲି ନାହିଁ ବରଂ ଲାଭ କ୍ଷତିର ଉପରକୁ ଯାଇ ଗ୍ରାହକମାନଙ୍କୁ ଯେଉଁ ମନୋରଞ୍ଜନର ଖୋରାକ ଯୋଗାଇଛି ତାହା ବାସ୍ତବିକ ପୂର୍ବ ଭାରତର ଏହି ମେଳାର ଗୁରୁତ୍ୱ ବଢ଼ାଇଦେଇଛି ବୋଲି ବାରବାଟୀ କଟକର ବିଧାୟିକା ଶୋଫିଆ ଫିର୍ଦ୍ଦୋଷ ଷ୍ଟଲ୍ ବୁଲି ଦେଖିବା ଅବସରରେ କହିଛନ୍ତି। ବାଲିଯାତ୍ରାର ଶେଷ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟିକା ଉପରୋକ୍ତ ମତ ରଖିବା ସହ ଲକି ବିଜେତା ମାନଙ୍କୁ ପୁରସ୍କୃତ କରିଛନ୍ତି। ଏଥିରେ ଅନ୍ୟତମ ଅତିଥି ଭାବେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ଭାରତ ମସଲା ତାର ମାନର ଗୁଣବତ୍ତା, ପରିମାଣ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଇ ଦେବାସହ ଦୀର୍ଘ ୨୫ ବର୍ଷ ଧରି ଆମେ ବାଲିଯାତ୍ରା ପଡିଆକୁ ସମ୍ପର୍କ ଯୋଡ଼ିବାକୁ ଆସିଥାଉ ଯାହା ଭାରତ ମସଲାକୁ ଆଜି ସୁଦୂର ମଫସଲରୁ ଦେଶ ବିଦେଶରେ ପହଞ୍ଚାଇ ପାରିଛି ବୋଲି କହିଥିଲେ। ଏହି ଅବସରରେ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ପୌରୋହିତ୍ୟରେ ଆଜି ଶେଷ ଦିବସର ଲକି ବିଜେତା ମାନଙ୍କ ନାମ ଘୋଷଣା କରାଯାଇଥିଲା । ଭାଗ୍ୟଶାଳୀ ପ୍ରଥମ ବିଜେତା ଭାବେ କଟକ ଶାସ୍ତ୍ରୀନଗରର ଶୁଭଶ୍ରୀ ମହାପାତ୍ର ଯିଏକି ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭାନ, ଦ୍ୱିତୀୟ ହେଲେ ଭଦ୍ରକ ବାସୁଦେବ ପୁରର ପ୍ରୀୟମ ଜ୍ୟୋତି ଜେନା ଯିଏକି ରେସିଂ ବାଇ ସାଇକେଲ, ତୃତୀୟ ବିଜେତା ହେଲେ ଢେଙ୍କାନାଳ କଡକପ୍ରସାଦର ସୌମ୍ୟ ରଞ୍ଜନ ମହାନ୍ତି ଯିଏକି ବାଉଲ୍ ସେଟ୍, ଚତୁର୍ଥ ବିଜେତା ଭାବେ ଭୁବନେଶ୍ୱରର ପିଙ୍କି ଜେନା ଯିଏକି ଫ୍ରାଇିଂ ପାନ୍ ପାଇ ନିଜ ନିଜର ଖୁସି ବ୍ୟକ୍ତ କରିଛନ୍ତି। ଏହି ଲକିତ୍ର ବିଜେତା ମାନଙ୍କୁ ମୁଖ୍ୟ ଅତିଥି ଭାବେ ବିଧାୟିକା ସୋଫିୟା ଲକି ବିଜେତା ପୁରସ୍କାର ବିତରଣ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜୀଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ, ପିଆରଓ ଏସଏନ ମିଲେନିୟମଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଝାଡ଼ଖଣ୍ଡବାସୀ ଆଞ୍ଚଳିକ ଦଳ ଉପରେ ପୁନଃ ଆସ୍ଥା ପ୍ରକଟ କଲେ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ନିର୍ବାଚନର ଫଳାଫଳ ପ୍ରକାଶ ପାଇଥିବା ବେଳେ ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱରେ ଜେଏମଏମର ବିଜୟ ପୂର୍ବାଞ୍ଚଳ ରାଜ୍ୟ ଗୁଡିକରେ ଆଞ୍ଚଳିକ ଦଳ ଗୁଡିକ ଉପରେ ଲୋକଙ୍କ ଭରସା ଅକ୍ଷୁର୍ଣ୍ଣ ରହିଛି ବୋଲି ବିଜୁ ଜନତା ଦଳ ତରଫରୁ ଏକ ବିବୃତିରେ କୁହାଯାଇଛି। ପୂର୍ବାଞ୍ଚଳ ରାଜ୍ୟ ଗୁଡିକରେ, ବିଶେଷକରି ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଓଡିଶା ପରି ରାଜ୍ୟରେ ଆଞ୍ଚଳିକ ଦଳ ଗୁଡିକ ସେମାନଙ୍କ ଉପସ୍ଥିତି ଜାହିର କରି ଆସୁଛନ୍ତି। ଝାଡ଼ଖଣ୍ଡବାସୀ ଆଞ୍ଚଳିକ ଦଳ ଉପରେ ଭରସା ଜାରି ରଖିଛନ୍ତି ଓ ଜେଏମଏମ ନେତୃତ୍ୱରେ ସରକାରକୁ ଗାଦିଚ୍ୟୁତ କରିବା ପାଇଁ ବିଜେପିର ପ୍ରାଣମୁର୍ଚ୍ଛା ଉଦ୍ୟମ ବିଫଳ ହୋଇଯାଇଛି ବୋଲି ବିଜେଡିର ମୁଖପାତ୍ର ଓ ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ଏକ ବିବୃତିରେ କହିଛନ୍ତି। ରାଜ୍ୟବାସୀଙ୍କ ଆଶା ଆଙ୍କାକ୍ଷାକୁ ପୂରଣ କରିବା କ୍ଷେତ୍ରରେ ରାଜ୍ୟବାସୀ ଆଞ୍ଚଳିକ ଦଳ ଉପରେ ଅଧିକ ଭରସା କରୁଛନ୍ତି। ଓଡ଼ିଶାର ବିଜେପି ନେତାମାନେ ମଧ୍ୟ ଝାଡ଼ଖଣ୍ଡ ନିର୍ବାଚନର ପ୍ରଚାର କାର୍ଯ୍ୟରେ ଯେଉଁ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ, ସେଥିରେ ଭଟ୍ଟା ପଡିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାଡ଼ଝଣ୍ଡରେ ପ୍ରଚାର କରିଥିବା ବେଳେ ତାଙ୍କ ପ୍ରଚାରର କିଛି ପ୍ରଭାବ ପଡିନାହିଁ। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଥିବାବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଝାଡ଼ଖଣ୍ଡରେ ଥିଲେ। ବିଜେପିର ସମସ୍ତ ଉଦ୍ୟମ ସତ୍ତ୍ୱେ ଝାଡ଼ଖଣ୍ଡବାସୀ ଆଞ୍ଚଳିକ ଦଳର ସରକାର ଉପରେ ପୁନଃ ଆସ୍ଥା ପ୍ରକଟ କରିଛନ୍ତି।

## ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ସତ୍ୟନିଷ୍ଠ ଓ ବିରଳ ରାଜନେତା: ସମ୍ପଦ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ରାଜନେତା ଓ ସାଲିସ୍‌ବିହୀନ ବ୍ୟକ୍ତିତ୍ୱ। ଜମିଦାରୀ ପ୍ରଥା ଉଚ୍ଛେଦ, ଓଡ଼ିଶା ଭାଗଚାଷ ଆଇନ, ଭୂସଂସ୍କାର ପାଇଁ ପ୍ରାଥମିକ ବ୍ୟବସ୍ଥା ଆଦି ଜନକଲ୍ୟାଣକାରୀ ନିୟମ ଆଣି ନବକୃଷ୍ଣ ଚୌଧୁରୀ ଓଡ଼ିଶାର ଧନୀ-ଦରିଦ୍ର ମଧ୍ୟରେ ତାରତମ୍ୟକୁ ହ୍ରାସ କରିବା ଦିଗରେ ତାଙ୍କର ନିଷ୍ଠା ପ୍ରମାଣ କରିଥିଲେ । ସେ ସବୁବେଳେ ଓଡ଼ିଆଙ୍କ ସ୍ୱାଭିମାନ, ଉନ୍ନତି ବିଷୟରେ ଚିନ୍ତା କରୁଥିଲେ । ଜଣେ ନିଷ୍ପାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା ବୋଲି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି । ଶନିବାର ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଜଣେ ବିପ୍ଳବୀ ଜନନାୟକ, ସାମ୍ୟବାଦୀ ଦର୍ଶନର ରୂପକାର, କୃଷକ, ଖଟିଖିଆ ଓ ମେହନତି ମଣିଷର ସୁଖଦୁଃଖର ସାଥୀ, ସରଳ, ନିରାଡ଼ମ୍ବର ଓ ସର୍ବୋପରି ଜଣେ ସଚ୍ଚା ଦେଶସେବକ ଭାବେ ନବକୃଷ୍ଣ ଚୌଧୁରୀ ଓଡ଼ିଶାବାସୀଙ୍କ ହୃଦୟରେ ଚିରଅମର ହୋଇ ରହିବେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଗାନ୍ଧୀବାଦୀ ଲେଖକ ଓ ସ୍ତମ୍ଭକାର ପ୍ରହଲ୍ଲାଦ କୁମାର ସିଂହ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ଜଣେ ସରଳ, ପରୋପକାରୀ, ସତ୍ୟବାନ ରାଜନେତା ଭାବେ ବର୍ଣ୍ଣନା କରିଥିଲେ। ବିଶିଷ୍ଟ ଶିକ୍ଷାବତ୍ ତଥା ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପ୍ରତିକୂଳତାକୁ ଭ୍ରୁକ୍ଷେପ ନକରି, କ୍ଷମତା ଓ ବସ୍ତୁବାଦୀ ଲୋଭରେ ଅବିଚଳିତ ରହି, ପ୍ରଲୋଭନକୁ ପଦାନତ କରି ନବକୃଷ୍ଣ ଚୌଧୁରୀ ଏକ ନୂତନ ଆଦର୍ଶ ସୃଷ୍ଟି କରିଥିଲେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଇ.ଆଇ.ଟି., ଭୁବନେଶ୍ୱରର ସଦସ୍ୟ ସତ୍ୟବ୍ରତ ପଣ୍ଡା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୀବନାଦର୍ଶ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।



ସମବାୟ ବିକାଶ ନିଗମ ବୈଠକରେ ଶାହ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଲୋକାର୍ପଣ କଲେ ବିଷ୍ଣୁଦେବ |୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୩୫ Vol. 21 No-235 24 NOVEMBER 2024 SUNDAY BHUBANESWAR ରବିବାର, ୨୪ ନଭେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦







## ଡକ୍ଟର ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ସମାରୋହରେ ମୁଖ୍ୟମନ୍ତ୍ରୀ

# ଓଡ଼ିଶାକୁ ମହତାବଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର, ୨୩।୧୧(ଭାସ୍କର ନ୍ୟୁଜ): ଓଡିଶାର ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ଇତିହାସରେ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ଜୀବନ ଓ କୃତିତ୍ୱ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଅଧ୍ୟାୟ। ସେ ଥିଲେ ଆଧୁନିକ ଓଡିଶା ନିର୍ମାଣର ବିଶ୍ୱକର୍ମା। ଡଃ ମହତାବଙ୍କ ବିନା ଆଧୁନିକ ଓଡିଶାର କଳ୍ପନା କରାଯାଇ ନପାରେ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଠାରେ ଡଃ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ବାର୍ଷିକୀ ସ୍ମରଣୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ରାଜ୍ୟ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଡଃ



ମହତାବଙ୍କୁ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ରାଜନୀତିଜ୍ଞ, ସାହିତ୍ୟିକ, ସାମ୍ବାଦିକ, ଐତିହାସିକ, କୂଟନୀତିଜ୍ଞ ଓ ଲୋକପ୍ରିୟ ରାଜନେତା ଭାବେ ବିବେଚନା କରାଯାଇଥାଏ। ୧୯୨୧ ରେଭେନ୍ସା ମହାବିଦ୍ୟାଳୟରେ ପଢୁଥିବା ସମୟରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ପାଠ ପଢା ଛାଡି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଡଃ ମହତାବ ଓଡିଶାରେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇ ଜନମାନସରେ ଏକ ନୂତନ କ୍ରାନ୍ତି ଆଣିଥିଲେ। ଅନ୍ୟତମ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଡଃ ମହତାବଙ୍କ ଏହି ଜନ୍ମ ବାର୍ଷିକୀକୁ ବର୍ଷେ ବ୍ୟାପୀ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିବାରୁ ପ୍ରଥମେ ମୁଖ୍ୟମନ୍ତ୍ରୀ ଓ କମିଟିର ସଦସ୍ୟ ମାନଙ୍କୁ ଧନ୍ୟବାଦ ଦେଇଥିଲେ। ଓଡିଆ ଭାଷା, ସହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଡଃ ମହତାବ ଜଣେ ବିସ୍ମୟ ପୁରୁଷ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ ଦିଗଦର୍ଶନରେ ତାଙ୍କର ଏହି ସ୍ମରଣୋତ୍ସବ କେବଳ ରାଜ୍ୟ ସ୍ତରୀୟ ଉତ୍ସବରେ ନୁହେଁ ଜାତୀୟ ସ୍ତରୀୟ ଉତ୍ସବରେ ପରିଣତ ହୋଇଛି। ଏହି ଅବସରରେ କଟକ ସାଂସଦ ତଥା ଡଃ ହରେକୃଷ୍ଣ ମହତାବଙ୍କ ସୁଯୋଗ୍ୟ ସନ୍ତାନ ଭର୍ତ୍ତୃହରି ମହତାବ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମହତାବ ସାହିତ୍ୟ କୃତୀ ପାଇଁ ସାହିତ୍ୟିକ ଶଙ୍କର ଲାଲ ପୁରହିତ, ନିଶାମଣି କର ଓ ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ୭ଟି ପୁସ୍ତକ ଯଥା କଫିଟେବୁଲ ବୁକ ମ୍ୟାନ ଅଫ ଡେଷ୍ଟିନି, ମହାନାୟକ ମହତାବ, ଓଡିଆ ସାହିତ୍ୟ ଏକାଡେମୀ ଦ୍ୱାରା ହରେକୃଷ୍ଣ ମହତାବ, ଶିଶୁଲେଖା, ମହତଂ ମହତାବ, ରାଜ୍ୟ ସଂଗ୍ରହାଳୟ ଦ୍ୱାରା ମହତାବ ଓ ଅନନ୍ୟ କୃତୀ ଏବଂ ହରେକୃଷ୍ଣ ମହତାବ ଫାଉଣ୍ଡେସନ ଦ୍ୱାରା ଗାଁ ମଜଲିସ୍‌ର ଏକାଦଶ ଖଣ୍ଡ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ମହତାବଙ୍କ ଉପରେ ଆୟୋଜିତ ଫଟୋଚିତ୍ର ଏବଂ ତୈଳଚିତ୍ର ପ୍ରଦର୍ଶନୀ ମୁଖ୍ୟମନ୍ତ୍ରୀ ବୁଲିଦେଖିଥିଲେ। କାର୍ଯ୍ୟକ୍ରମରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ।

## କ୍ୟାବିନେଟ୍ ବୈଠକରେ ଦୁଇ ପ୍ରସ୍ତାବ ପାରିତ

# ବିଶ୍ୱବିଦ୍ୟାଳୟ ଅଧିନିୟମ ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରି



ଭୁବନେଶ୍ୱର, ୨୩।୧୧(ଭାସ୍କର ନ୍ୟୁଜ): ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ଏକ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଶେଷ ହେବା ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟରେ ନିଆ ଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇଥିଲେ। ବୈଠକରେ ମୋଟ ୨ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା ଏବଂ ସମସ୍ତ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ତନ୍ମଧ୍ୟରେ ୧ଟି ପ୍ରସ୍ତାବ ଶିକ୍ଷ ବିଭାଗ ଏବଂ ଅନ୍ୟଟି ଉଚ୍ଚ ଶିକ୍ଷା ବିଭାଗ ସଂପର୍କିତ ପ୍ରସ୍ତାବ ଥିଲା।ଏହି ପ୍ରେସ୍ ବିବୃତି ସମୟରେ ଶିକ୍ଷ ବିଭାଗ (ବିବରଣୀ ୫ମ ପୃଷ୍ଠାରେ)







ଓଡ଼ିଶା
ଭାସ୍କର
ଦୃଷ୍ଟିପାତ



"ଭଗବତ୍ କରୁଣା, ଭଗବତ୍ ଇଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"

-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"

- ଉତ୍କଳମଣି ଗୋପବନ୍ଧୁ ଦାସ



# ଏକ ସୁନାସମାଧିର ସନ୍ଧାନ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ବୈଚିତ୍ର୍ୟମୟୀ ପୃଥିବୀର ବୈଚିତ୍ର୍ୟରୁ ଅଧିକାଂଶ ଅଦ୍ୟାବଧି ଅନାବିଷ୍କୃତ। ପ୍ରକୃତିରୁ ଶିଖି ମଣିଷ ମଧ କିଛି କମ୍ ଚମତ୍କୃତ କରିନି ମାନବସମାଜକୁ। ସେ ବିସ୍ମୟକୁ ଖୋଜି ବାହାର କରିବାକୁ ମାନବୀୟ ଅନୁସନ୍ଧାନ ଅଦ୍ୟାବଧି ଚାଲିଛି। କେତେକ ଆବିଷ୍କାର ଅବିଶ୍ୱସନୀୟ। ପୃଥିବୀର ପ୍ରଥମ ସଭ୍ୟତା ଗୁଡ଼ିକ ବଡ଼ନଦୀମାନଙ୍କ ତଟରେ ଗଢ଼ି ଉଠିଥିଲା। ତନ୍ମଧ୍ୟରୁ ଖ୍ରୀଷ୍ଟପୂର୍ବ ଛ' ହଜାର ବର୍ଷ ପୂର୍ବରୁ ନୀଳନଦୀ କୂଳରେ ଗଢି ଉଠିଥିଲା ଉନ୍ନତ ଭୂମଧ୍ୟସାଗରୀୟ ମିଶର ସଭ୍ୟତା। କଳା, ଭାସ୍କର୍ଯ୍ୟ, ଶିକ୍ଷା, ଶାସନ, ଧର୍ମ ଏବଂ ସଂସ୍କୃତି କ୍ଷେତ୍ରରେ ମାନବସମାଜକୁ ମିଶର ସଭ୍ୟତାର ଅବଦାନ ଯୁଗାନ୍ତର ଅବିକଳ୍ପ। ପ୍ରାୟ ସାତ ହଜାର/ ଆଠ ହଜାର ବର୍ଷ ତଳେ ଗଢ଼ା ଯାଇଥିବା ପିରାମିଡ୍ ଓ ସ୍ଫିଙ୍କସ୍ ଆଜି ବି ଅତୁଟ ରହି ଲକ୍ଷଲକ୍ଷ ଲୋକଙ୍କୁ ଆକୃଷ୍ଟ କରି ବିଶ୍ୱର ପୁରାତନ ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ସ୍ଥାନିତ।

'ନୀଳନଦୀର ଦାନ' ରୂପେ ଖ୍ୟାତ ମିଶର ସୁନାର ଦେଶ ଥିଲା। ପୃଥିବୀର ସବୁ ଦେଶପରି ମିଶରରେ ମଧ ରାଜତନ୍ତ୍ର ଥିଲା। ରାଜାମାନେ 'ଫାରୋ' ନାମରେ ପ୍ରସିଦ୍ଧ ଥିଲେ। ରାଜାମାନେ ଅମାପ ସମ୍ପତ୍ତିର ମାଲିକ ଥିଲେ। ମରିବା ପୂର୍ବରୁ ସେମାନେ ନିଜର ସମାଧି ଖୋଳି ରଖୁଥିଲେ। ମିଶରୀୟ ବିଶ୍ୱାସରେ ମଣିଷର ମୃତ୍ୟୁ ପରେ ତା'ର ଆତ୍ମା ଠିକ୍ ମଣିଷ ପରି ବାସ କରେ। ବିଭିନ୍ନ ପ୍ରକାରର ପ୍ରାକୃତିକ ପ୍ରଲେପ ଦେଇ ସେମାନେ ମଣିଷଶବର ସଂରକ୍ଷଣ ବା ମମ୍ମିକରଣ କରି ତାହାକୁ ସମାଧିରେ ରଖୁଥିଲେ। ସମାଧି ଏକ ବିରାଟ ଗର୍ତ୍ତ ଥିଲା। ସେ ଗର୍ତ୍ତରେ ମୃତବ୍ୟକ୍ତିର ବ୍ୟବହୃତ ଜିନିଷ ସହିତ ଦୈନନ୍ଦିନ ଜୀବନର ସମସ୍ତ ଆବଶ୍ୟକୀୟ ଜିନିଷ ରଖି ଦିଆ ଯାଉଥିଲା। ଫାରୋମାନଙ୍କ ସମାଧିରେ ଅତ୍ୟଧିକ ସୁନା ସହିତ ଅନ୍ୟ ମୂଲ୍ୟବାନ ଧାତୁ ଓ ପଥର ରଖା ଯାଉଥିଲା। ତେଣୁ ସମାଧିରେ ରଖା ଯାଉଥିବା ଜିନିଷପତ୍ର ସବୁକାଳେ ଭୂତତ୍ତ୍ୱବିତ୍‌ଙ୍କୁ ଏବଂ ଚୋରଙ୍କୁ ପ୍ରଲୋଭିତ କରୁଥିଲା।

ବିଂଶ ଶତାବ୍ଦୀରେ ପୁରାତନ ଖନନ ମଧ୍ୟରେ ପ୍ରମୁଖ ଥିଲା ତୁତନ୍‌ଖାମନ୍‌ଙ୍କର ସମାଧି। ମିଶରର କ୍ୱେନା ମରୁଭୂମିସ୍ଥ 'ଭାଲି ଅଫ୍ ଦ କିଙ୍ଗସ୍'ରେ ଅବସ୍ଥିତ ଏହି ସମାଧିକୁ 'କେଭି-୬୨' ଭାବରେ ନାମିତ କରାଯାଇଛି। ଶହଶହ ବର୍ଷ ଧରି ବହୁବାର ତୁତନ୍‌ଖାମନ୍‌ଙ୍କର ସମାଧି ଖୋଜିବାକୁ ଚେଷ୍ଟା କରି ନମିଳିବାରୁ ବନ୍ୟା ବା ଭୂମିକମ୍ପ ପରି ପ୍ରାକୃତିକ ବିପର୍ଯ୍ୟୟରେ ସମାଧି ଧ୍ୱଂସ ପାଇ ଯାଇଛି ବୋଲି ଲୋକ ବିଶ୍ୱାସ କରୁଥିଲେ। ଏହାଛଡ଼ା ହଜାରହଜାର ବର୍ଷ ଧରି ଏହି ସମାଧି ନମିଳିବାର କାରଣ ମୃତ୍ୟୁଭୟ। ଏହା ପାଖକୁ ଯିବା ଲୋକ ମରି ଯାଉଥିଲେ। ଇଂଲଣ୍ଡର ପ୍ରତ୍ନତତ୍ତ୍ୱବିତ୍ ଡ. ହୋୱାର୍ଡ କାଟର୍ ବିଶ୍ୱାସ ରଖିଥିଲେ ଯେ ସମାଧି ନିଶ୍ଚୟ ମାଟି ତଳେ ଅଛି କାରଣ ସମାଧି ନଷ୍ଟ ହେବାର ପ୍ରମାଣ ନଥିଲା। ତେଣୁ ୧୯୧୭ ମସିହାରେ ସେ ଖନନକାର୍ଯ୍ୟ ଆରମ୍ଭ କରିଥିଲେ, କିନ୍ତୁ ସଫଳତା ପାଇ ନଥିଲେ। ପୁନର୍ବାର ୧୯୨୨ ମସିହା ନଭେମ୍ବର ୪ ତାରିଖରେ ସେ ଏବଂ ତାଙ୍କ ଦଳ 'ଇଷ୍ଟ ଭାଲି ଅଫ୍ କିଙ୍ଗସ୍' ଖୋଳିବା ସମୟରେ ଏକ ପାହାଚର ସନ୍ଧାନ ପାଇଲେ। ଖନନ କାର୍ଯ୍ୟ ଚାଲିଲା। ଶେଷରେ ନଭେମ୍ବର ମାସ ୨୬ ତାରିଖରେ ସମାଧିର ସନ୍ଧାନ ମିଳିଲା। ସମାଧି ପଛର ଇତିହାସ ଏବଂ ଜିନିଷର ପ୍ରକାର ଓ ମୂଲ୍ୟ ଏପରି ଥିଲା ଯେ ଏହା ସେତେବେଳେ ବିଶ୍ୱର ସବୁଠାରୁ ଚର୍ଚ୍ଚିତ ଘଟଣା ପାଲଟି ଯାଇଥିଲା। କାଟରଙ୍କ ପ୍ରାୟୋଜକ ଲର୍ଡ୍ କାର୍ନାରଭନନ୍ କିନ୍ତୁ ଅଳ୍ପଦିନ ପରେ ମରି ଯାଇଥିଲେ।

ତିନିହଜାର ପାଞ୍ଚଶହ ବର୍ଷ ତଳେ ଶାସନ କରୁଥିବା ମିଶରର ଅଷ୍ଟାଦଶ ରାଜବଂଶର ରାଜା ତୁତନ୍‌ଖାମନ୍ ମିଶର ଇତିହାସର ସର୍ବକନିଷ୍ଠ ରାଜା। ପିତା ଆଖେନ୍‌ଆଟେନ୍ ନିଜର ଉପନାମ ସୂର୍ଯ୍ୟଦେବଙ୍କ ଭକ୍ତିରେ 'ଆଟେନ୍' ରଖିଥିଲେ। କିନ୍ତୁ ତୁତନ୍‌ଖାମନ୍ ଜନ୍ମ ଓ ମୃତ୍ୟୁର ଦେବତା 'ଆମନ୍'ଙ୍କର ଭକ୍ତ ଥିଲେ। ତେଣୁ ସେ ପିତାଙ୍କର ଉପନାମ ନରଖି ନିଜ ଉପନାମ 'ଆମନ୍' ରଖିଥିଲେ। ଖ୍ରୀ.ପୂ. ୧୩୪୧ ମସିହାରେ ଜନ୍ମିତ ତୁତନ୍‌ଖାମନ୍ ମାତ୍ର ନ'ବର୍ଷ ବୟସରେ ଖ୍ରୀ.ପୂ ୧୩୩୨ରେ ରାଜା ହୋଇଥିଲେ। ଖ୍ରୀ.ପୂ ୧୩୨୩ରେ ମାତ୍ର ଅଠର ବର୍ଷ ବୟସରେ ତାଙ୍କର ମୃତ୍ୟୁ ହେଇଥିଲା। ସେଥିପାଇଁ ତାଙ୍କୁ ବାଳକ ରାଜା କୁହାଯାଉଥିଲା। ଅନେକ ଭଲ କାମ କରିଥିବାରୁ ସେ ମିଶରର ଏକ ମାତ୍ର ରାଜା ଯିଏ ଈଶ୍ୱରଙ୍କ ପରି ପୂଜା ପାଉଥିଲେ।

**ମୁଦ୍ରା କାହାଣୀ**

ପୃଥିବୀର ସର୍ବାଧିକ ମୂଲ୍ୟର ଧନସନ୍ଧାନ ମଧ୍ୟରେ ତୁତନ୍‌ଖାମନ୍‌ଙ୍କର ସମାଧି ଅନ୍ତର୍ଭୁକ୍ତ। ଡ. କାଟର ପ୍ରଥମେ ତୁତନ୍‌ଖାମନ୍‌ଙ୍କର ମମ୍ମି ପାଖରେ ପହଞ୍ଚିବାକୁ ଚେଷ୍ଟା କରିଥିଲେ। ଅତ୍ୟନ୍ତ ସୁରକ୍ଷିତ ଗୁମ୍ଫା ମଧ୍ୟରେ ଅନେକ କଫିନ୍ ରଖା ଯାଇଥିଲା। ସମାଧି ଭିତରେ ଆଶ୍ଚର୍ଯ୍ୟ କଲା ପରି ଅନେକ ଦ୍ରବ୍ୟ, ପଶୁମାନଙ୍କର ମୂର୍ତ୍ତି ଏବଂ ଅକଳନୀୟ ସୁନା ଥିଲା। ସୁନାର ଏକ ବଡ଼ କଫିନ୍, ଦୁର୍ମୂଲ୍ୟପଥରଖଚିତ ସୁନାର ମୁଖା, ସୁନାର ବାକ୍ସରେ ତାଙ୍କର ସ୍ୱର୍ଣ୍ଣଖଚିତ ଜୋତା ଓ ଚପଲ, ସ୍ୱର୍ଣ୍ଣ ହାତଧରା ବାଡ଼ି, ଅଳଙ୍କାର ଏବଂ ପାଞ୍ଚହଜାର ପ୍ରକାରର ଅମୂଲ୍ୟ କଳାକୃତି ସହିତ ଆହୁରି ଅନେକ ଜିନିଷ ଥିଲା ଯାହାର ମୂଲ୍ୟ ଆକଳନ କରିବା କଷ୍ଟ।

କବରସ୍ଥଳରେ ବଡ଼ରୁ ସାନ ଉଚ୍ଚତାକ୍ରମରେ ବାକ୍ସଆକୃତିର ଚାରିଟି ସୁନାମନ୍ଦିର ଥିଲା। ଶେଷ ମନ୍ଦିରରେ ପଥରର ଗୋଟିଏ ବଡ଼ ସିନ୍ଦୁକ ଥିଲା। ତା ଉପରୁ ପଥରର ଘୋଡ଼ଣି। ସେଥିରେ ତିନୋଟି କଫିନ୍ ଥିଲା। ସେଥିରୁ କାଠନିର୍ମିତ ଦୁଇଟି କଫିନ୍ ସୁନାରେ ଛାଉଣି ହୋଇଥିଲା। ତୃତୀୟ ସିନ୍ଦୁକ ସୁନାର ଥିଲା। ସିନ୍ଦୁକ ଉପରେ ମୃତ୍ୟୁ ଓ ପାତାଳର ଦେବତା ଓସିରିସ୍‌ଙ୍କ ଛାତି ଉପରେ ଏକ କୁରାଢ଼ୀ ଥିଲା। ସିନ୍ଦୁକ ଭିତରେ ତୁତନ୍‌ଖାମନ୍‌ଙ୍କର ମମ୍ମି ଥିଲା। ମମ୍ମିର ମୁହଁ ଓ କାନ୍ଧରେ ଅସଲସୁନାର ୨୨ ପାଉଣ୍ଡର ମୁଖା ଥିଲା। ମୁଖା ଓସିରିସ୍‌ଙ୍କ ମୁହଁ ଥିଲା ଯାହାର ଥୋମଣିରେ ଏକ ନକଲି ସରୁଦାଢ଼ି ଲଗା ଯାଇଥିଲା। ମମ୍ମି ଭିତରେ ହାର, କଙ୍କଣ, ତାବିଜ ଏବଂ ଅନ୍ୟ ଆଭୂଷଣ ରଖା ଯାଇଥିଲା। ୨୪୦ ପାଉଣ୍ଡ ଓଜନ ସୁନା ତିଆରି କଫିନ୍ ଆଜିର ମୂଲ୍ୟ ବିଲିଅନ୍ ଡଲାର। ଉଦ୍ଧାର କରାଯାଇଥିବା ସମସ୍ତ ଦ୍ରବ୍ୟ ଆଜି ଗ୍ରାଣ୍ଡ ଇଜିପ୍‌ସିଆନ୍ ସଂଗ୍ରହାଳୟରେ ପ୍ରଦର୍ଶିତ।

ସମାଧିରେ ଥିଲା ଏକ ବଡ କାଠବାକ୍ସ। ସେଥିରୁ ମିଳିଥିଲା ତାଙ୍କର ଚମଡ଼ା ଓ ସୁନା ଛାଉଣୀ ହୋଇଥିବା ହଳେ ସୁନ୍ଦର କାଠଜୋତା। ସେଥିରେ ମିଶରର ନ' ମୁଖ୍ୟ ଶତ୍ରୁଙ୍କର ଚିତ୍ର ଅଙ୍କା ଯାଇଥିଲା। ସାଙ୍କେତିକ ଭାବରେ ତୁତନ୍‌ଖାମନ୍ ପ୍ରତି ମୁହୂର୍ତ୍ତରେ ଶତ୍ରୁମାନଙ୍କୁ ପଦାଘାତ କରୁଥିଲେ। ସମାଧିରେ ସବୁଠାରୁ ବିଚିତ୍ର ଥିଲା ସୈନ୍ୟବାହିନୀ। ସଭ୍ୟତାର ଆରମ୍ଭରେ ଫାରୋମାନଙ୍କ ଶବ ସହିତ ଜିଅନ୍ତା ସୈନ୍ୟଙ୍କୁ ପୋତି ଦିଆଯାଉଥିଲା ଯେପରି ସେମାନେ ମରିବା ପରେ ମଧ ରାଜାଙ୍କର ସୁରକ୍ଷା ଓ ସେବା କରିପାରିବେ। ମଧ୍ୟଯୁଗ ପରେ ଜିଅନ୍ତାମଣିଷ ଜାଗାରେ କାଠ ଓ ଅନ୍ୟ ଜିନିଷରେ ତିଆରି ଏକଫୁଟ ଉଚ୍ଚତାବିଶିଷ୍ଟ ମୂର୍ତ୍ତି ରଖି ଦିଆଗଲା ଯାହାକୁ 'ଇସାବ୍‌ତି' କୁହାଯାଉଥିଲା। ମୂର୍ତ୍ତି ଦେହରେ ମନ୍ତ୍ର ଲେଖା ଯାଉଥିଲା। ମୂର୍ତ୍ତି ଜଗୁଥିଲେ ଓ ରାଜାଙ୍କର ଆଦେଶ ପାଳନ କରୁଥିଲେ। ତୁତନ୍‌ଖାମନ୍‌ଙ୍କୁ ଜଗିବା ପାଇଁ ୪୧୩ ଇସାବ୍‌ତି ରଖାଯାଇଥିଲା। ସେମାନେ ତମ୍ବା ନିର୍ମିତ ବିଭିନ୍ନପ୍ରକାରର ଅସ୍ତ୍ରଶସ୍ତ୍ର ଧରି ଜଗି ରହିଥିଲେ।

ଏହା ଛଡା ସମାଧିରେ ଥିଲା ୨୫ ଓ ୩୭ ସପ୍ତାହର ଦୁଇଟି କନ୍ୟାଭ୍ରୂଣ। ତୁତନ୍‌ଖାମନ୍ ମାତ୍ର ବାରବର୍ଷ ବୟସରେ ନିଜର ସାବତ ଭଉଣୀ (ପିତା ଓ ସାବତମା'ଙ୍କ ଝିଅ) ଅଙ୍କ୍‌ସେନାମନ୍‌ଙ୍କୁ ବିବାହ କରିଥିଲେ। କୌଣସି କାରଣରୁ ପିଲା ଦୁଇଟି ଜନ୍ମ ହେବା ଆଗରୁ ମରି ଯାଇଥିଲେ। ଗୋଟିଏ କାଠବାକ୍ସରେ ସୁନାଛାଉଣି ଛୋଟକବରରେ କନ୍ୟାଭ୍ରୂଣର ମମ୍ମି ଦୁଇଟି ରଖା ଯାଇଥିଲା। 'ଦ ଇଜିପ୍‌ସିଆନ୍ ବୁକ୍ ଅଫ୍ ଦି ଡେଡ୍'ରେ ସଭ୍ୟତାର ଗୋଟିଏ ବିଶ୍ୱାସ ଲିପିବଦ୍ଧ ହୋଇଛି ଯେ ମୃତବ୍ୟକ୍ତି ବୋର୍ଡ ଗେମ୍ ଖେଳିବାକୁ ଭଲ ପାଉଥିଲେ। ତୁତନ୍‌ଖାମନ୍ ସିନେଟ୍ ନାମକ ବୋର୍ଡ ଗେମ୍ ବହୁତ୍ ପ୍ରିୟ ଥିଲା। ତାଙ୍କ ସମାଧିରେ ଚାରିଟି ବୋର୍ଡ ଗେମ୍ ସେଟ୍ ଥିଲା। ତାଙ୍କ ପାଖରୁ ଲୁହାର ଛୁରୀ ଓ ସୁନାର ଡ୍ରାଗର ମିଳିଥିଲା।

ସମାଧିରୁ ମିଳିଥିବା ଦାମୀ ସୁନ୍ଦର ଜିନିଷ ଭିତରେ ଥିଲା ସୁନାମଣ୍ଡିତ ଗୋଟିଏ ଆଲବାଷ୍ଟର୍ ସିନ୍ଦୁକ। ମଣିଷର ମୃତ୍ୟୁ ପରେ ତା'ର ମମ୍ମି ପ୍ରସ୍ତୁତ କରିବା ସମୟରେ ପେଟ, ହାତ, ଯକୃତ ଓ ଫୁସ୍‌ଫୁସ୍‌କୁ କଢ଼ାଯାଇ ଯତ୍ନରେ କାନୋପି ଜାର୍‌ରେ ସଂରକ୍ଷଣ କରାଯାଏ। ତୁତନ୍‌ଖାମନ୍‌ଙ୍କ ଅଙ୍ଗଗୁଡ଼ିକୁ ସୁନା ଛାଉଣି ଆଲବାଷ୍ଟର ସିନ୍ଦୁକରେ ସଂରକ୍ଷିତ ଥିଲା। ସିନ୍ଦୁକ ଚାରିପଟେ ଚାରି ଜଣ ସୁନା ନିର୍ମିତ ଚାରି ଦେବୀ ଜଗି ରହିଥିଲେ। ଆଇସିସ, ନେଫ୍ଥିସ୍, ନିଥ୍ ଏବଂ ସାଲ୍‌କେତ୍ ଚାରିଅଙ୍ଗ ଆକୃତିର ସୁନାପୋଷାକ ପିନ୍ଧି ଠିଆ ହୋଇଥିଲେ। ଏହା ସହିତ ଥିଲା ସେ ବ୍ୟବହାର କରୁଥିବା ଶହେ ହଳ ଚପଲ, ମୋଜା, ଚାଦର, ଟୋପି, ଟ୍ୟୁନିକ୍ ଏବଂ ଅନ୍ୟ ଅନ୍ତବସ୍ତ୍ର।

ସମାଧିରେ ଅନ୍ୟ ମୁଖ୍ୟ ଜିନିଷ ମଧ୍ୟରେ ଥିଲା ଲିନେନ୍‌ର ଏକ ଓଢଣୀ । ସେଥିରେ ଗଣ୍ଠି ପକାଯାଇ ଅନେକ ମୁଦି ରଖା ଯାଇଥିଲା ଯାହା ସମାଧି ପ୍ରକ୍ରିୟାର ଅଂଶ ନଥିଲା। ଡ. କାଟରଙ୍କ କହିବା ହିସାବରେ ମିଶରର ଅନ୍ୟସବୁ ସମାଧି ପରି ତୁତନ୍‌ଖାମନ୍‌ଙ୍କ ସମାଧି ମଧ ଚୋରଙ୍କ ହାବୁଡ଼ରୁ ବର୍ତ୍ତି ନଥିଲା। ତଫାତ୍ ଥିଲା ଅନ୍ୟ ସବୁ ସମାଧିରେ ସବୁ ଜିନିଷ ଲୁଟ ହୋଇଥିଲେ ମଧ ହୁଏତ ତାଙ୍କ ସମାଧିରେ ଲୁଟ୍ ସମୟରେ ଚୋର ଧାରା ପଡ଼ି ଯାଇଥିଲେ ଏବଂ ଗଣ୍ଠିଲି କରି ରଖିଥିବା ସୁନା ମୁଦି ଛାଡ଼ି ପଳେଇଥିଲେ। ତୁତନ୍‌ଖାମନ୍‌ଙ୍କ ସମାଧି ବୈଭବପୂର୍ଣ୍ଣ ମିଶରୀୟ ସଭ୍ୟତା, ତା'ର ଅନନ୍ୟ ପରମ୍ପରା ଏବଂ ବୈଜ୍ଞାନିକ ଜ୍ଞାନକୌଶଳର ଅଦ୍ୱିତୀୟ ନିଦର୍ଶନ।

# ସାମାଜିକ ଗଣମାଧ୍ୟମ ଠାରୁ ପିଲାଙ୍କୁ ସୁରକ୍ଷିତ ରଖ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ସାଂପ୍ରତିକ ସମୟରେ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ମୋବାଇଲ ମାୟାରେ ବାୟା। ସେମାନେ ମୋବାଇଲ ପ୍ରତି ଏତେ ଆସକ୍ତ ହୋଇପଡିଛନ୍ତି ଯେ, ମୋବାଇଏ ବିନା କ୍ଷଣେ ମାତ୍ର ଚଳିପାରନ୍ତି ନାହିଁ। ଏହା ସତ୍ୟ ଯେ, ମୋବାଇଲ ହେଉଛି ଏକ ମିନି କମ୍ପ୍ୟୁଟର। ଇଣ୍ଟରନେଟ ସହାୟତାରେ ମୋବାଇଲ କିଛି ସମୟ ମଧ୍ୟରେ ଯେକୌଣସି ତଥ୍ୟ, ଜ୍ଞାନ ହାସଲ କରିବାରେ ସହାୟକ ହୋଇଥାଏ। ଆଜିକାଲି ବିଭିନ୍ନ ସରକାରୀ ଯୋଜନାରେ ମଧ ମୋବାଇଲ ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି। ମହାମାରୀ କରୋନା ସମୟରେ ଛାତ୍ରଛାତ୍ରୀମାନଙ୍କ ପାଇଁ ମୋବାଇଲ ବରଦାନ ପାଲଟିଥିଲା, ବୋଧହୁଏ ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ମହାମାରୀ କରୋନା ପ୍ରଭାବରେ ଦୀର୍ଘ ବର୍ଷ ବର୍ଷ ଧରି ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ହୋଇଯାଇ ଥିବାବେଳେ ସ୍ମାର୍ଟଫୋନ୍ ଅନ୍‌ଲାଇନ୍ ଶିକ୍ଷାଦାନ ଏକ ବରଦାନ ଥିଲା। ଘରେ ରହି ଅନ୍‌ଲାଇନ୍‌ରେ ସ୍ମାର୍ଟଫୋନ (ମୋବାଇଲ) ଦ୍ୱାରା ଛାତ୍ରଛାତ୍ରୀ ପାଠ ପଢିଥିଲେ। କିନ୍ତୁ ଏବେ କୋମଳମତି ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ସ୍ମାର୍ଟଫୋନ୍ ବା ଇଣ୍ଟରନେଟ ଯୁକ୍ତ ମୋବାଇଲ୍ ତଥା ସୋସିଆଲ ମିଡିଆ ପ୍ରତି ଏତେ ଆସକ୍ତି ବଢିଯାଇଛି ଯେ, ଏବେ ଚିନ୍ତାର କାରଣ ହୋଇଛି। ଏହା ସତ୍ୟ ଯେ ପ୍ରତ୍ୟେକ କ୍ରିୟାର ବିପରୀତ ପ୍ରକ୍ରୀୟା ଥିବା ଭଳି ପ୍ରତ୍ୟେକ ବସ୍ତୁର ଉପକାରିତା ପରି ଅପକାରିତା ରହିଛି। ଯାହାକି ସ୍ମାର୍ଟଫୋନରେ ଏବେ କେବଳ ପରିଲକ୍ଷିତ ହେଉନାହିଁ, ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କଲାଣି। ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଯୁବପିଢି ବିପଥଗାମୀ ହୋଇଥିବାବେଳେ ସରକାରୀ କାର୍ଯ୍ୟବେଳେ ସାମାଜିକ ଉତ୍ସବ ବେଳେ ଏପରିକି ଜନଗହଳି ରାସ୍ତାରେ ଚାଲିଚାଲି ଯାଉଥିବାବେଳେ, ଗାଡି ଚଳାଇବା ସମୟରେ, ଖାଇବା ବେଳେ, ମୋବାଇଲ ଦେଖିବା ଦେଖାଯାଏ। ନିକଟରେ ଆମ ରାଜ୍ୟରେ ଲୋକଙ୍କ ଅଭିଯୋଗ ଶୁଣି ପ୍ରତିକାର ପାଇଁ ଏକ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଚାଲିଥିବା ସମୟରେ ବହୁ ଅଫିସର ଅଭିଯୋଗ ଶୁଣିବା ପରିବର୍ତ୍ତେ ନିଜ ନିଜ ମୋବାଇଲ ଦେଖିବାରେ ବ୍ୟସ୍ତ ଥିବା ରିପୋର୍ଟ ପ୍ରକାଶ ପାଇଛି। ଆଜିର ସମୟରେ ସ୍ମାର୍ଟଫୋନ କୋମଳମତି କିଶୋର କିଶୋରୀଙ୍କ ଠାରୁ ଆରମ୍ଭ କରି ଯୁବପିଢିଙ୍କୁ ବିପଥଗାମୀ କରିଛି। ଶିକ୍ଷା ପରିବର୍ତ୍ତେ ଅଶିକ୍ଷା ପ୍ରତି ସେମାନେ ପ୍ରବଳ ମାତ୍ରାରେ ଆସକ୍ତି ହୋଇପଡନ୍ତି। ଏହି ଆସକ୍ତି ସେମାନଙ୍କ ପାଇଁ ଦିନରାତି ସମାନ ହୋଇ ଗଲାଣି। ଯାହାକି ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ପ୍ରଭାବ ପକାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି। କେବଳ ସ୍ୱାସ୍ଥ୍ୟ ନୁହେଁ, ସେମାନଙ୍କ ଠାରେ ଅପରାଧିକ ପ୍ରବୃତି, ଆତ୍ମହତ୍ୟା, ସାଇବର ଠକେଇ ଆଦି ବୃଦ୍ଧି ପାଇଛି। ଯାହାକି କେବଳ ଅଭିଭାବକଙ୍କ ପାଇଁ ନୁହେଁ, ସମଗ୍ର ସମାଜ ପାଇଁ ଚିନ୍ତାର କାରଣ ହୋଇଛି। ଏହାର ନିରାକରଣ ପାଇଁ ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ଲାଗି ଫେସବୁକ, ଇନ୍‌ଷ୍ଟାଗ୍ରାମ୍, ଟିକ୍‌ଟକ୍, ଏକ୍ସ ପରି ସାମାଜିକ ଗଣମାଧ୍ୟମର ବ୍ୟବହାରକୁ ନିଷିଦ୍ଧ କରିବା ପାଇଁ ଅଷ୍ଟ୍ରେଲିଆ ସରକାର ଘୋଷଣା କରିଛନ୍ତି। ଆସନ୍ତା ସପ୍ତାହରେ ଅଷ୍ଟ୍ରେଲିଆ ସରକାର ପାର୍ଲାମେଣ୍ଟରେ ଆଇନ ପ୍ରଣୟନ କରିବାକୁ ପ୍ରସ୍ତାବ କରିଛନ୍ତି। ଯାହାକି କୋମଳମତି ପିଲାଙ୍କୁ ସାମାଜିକ ଗଣମାଧ୍ୟମର କ୍ଷତିକାରକ ଉପାଦାନରୁ ସୁରକ୍ଷିତ ରଖିପାରିବ ବୋଲି ଅଷ୍ଟ୍ରେଲିଆ ସରକାର ମନେକରନ୍ତି। ବିଶେଷ କରି ଯୌନ ଉଦ୍ଦିପକ, ଅଶ୍ଳୀଳ ଦୃଶ୍ୟ, ସାଇବର ଠକେଇ, ବ୍ଲୁହ୍ୱେଲ୍, ପପଜି ଭଳି କ୍ଷତିକାରର ଶିକ୍ଷାରୁ ସୁରକ୍ଷିତ ରଖିପାରିବ। କହିବା ବାହୁଲ୍ୟ ଯେ, ପିଲାଙ୍କ ମସ୍ତିଷ୍କ ବିକଶିତ ହୋଇନଥିବାରୁ ଏହାର କବଳରେ ପଡି ପିଲା ବିପଥଗାମୀ ହୋଇଥାନ୍ତି। କିମ୍ବା ଆତ୍ମହତ୍ୟା ଭଳି ଚରମ ପଦକ୍ଷେପକୁ ଗ୍ରହଣ କରି ନେଇଥାନ୍ତି। ଏହା ନିଃସନ୍ଦେହ ଯେ, ଏଗୁଡିକର କବଳରେ ଥରେ ଯିଏ ପଡିଲା, ସେ ସେଥିରୁ ମୁକୁଳିପାରେ ନାହିଁ। ତେବେ ଅଷ୍ଟ୍ରେଲିଆ ସରକାରଙ୍କ ଏହି ନିଷେଧ ପ୍ରସ୍ତାବର ବାସ୍ତବ କାର୍ଯ୍ୟକାରିତା ଉପରେ ଏବେ କେବଳ ପ୍ରଶ୍ନବାଚୀ ସୃଷ୍ଟି କରିନାହିଁ, ଭାରତ ସମେତ ବିଶ୍ୱବ୍ୟାପୀ ଚର୍ଚ୍ଚା ସୃଷ୍ଟି କଲାଣି। ବୟସ ଚିହ୍ନଟ ଏବଂ ପାରିବାରିକ ନିୟନ୍ତ୍ରଣ ପଦକ୍ଷେପକୁ ଆଧାର କରି ବିଶ୍ୱର ବହୁ ରାଷ୍ଟ୍ର ପିଲାଙ୍କ ସାମାଜିକ ଗଣମାଧ୍ୟମ ବ୍ୟବହାରକୁ ନିଷିଦ୍ଧ କରିବା ପାଇଁ ବିଶ୍ୱର ବହୁ ରାଷ୍ଟ୍ର ଚିନ୍ତା କଲେଣି। ଅଷ୍ଟ୍ରେଲିଆ ସରକାର ବାୟୋମେଟ୍ରିକ ଓ ପିଲାଙ୍କ ପରିଚୟପତ୍ର ତନଖି ଆଧାରରେ ନିଷେଧାଦେଶ ଲାଗୁ କରିବାକୁ ଯୋଜନା କରିଥିବା ଜଣାଯାଏ। ସାଂପ୍ରତିକ ସମୟରେ ଏହା ଏକ ଜଟିଳ ବ୍ୟାପାର ବୋଲି କୁହାଯାଇପାରେ। କାରଣ ସାମାଜିକ ଗଣମାଧ୍ୟମର ବିସ୍ତାର ଅନନ୍ତ। ସମୁଦ୍ର ଓ ଆକାଶ ପରି ବ୍ୟାପ୍ତ। ତାହାକୁ ନିୟନ୍ତ୍ରଣ କରିବା ପାଇଁ କୂଳକିନାରା ଥିବା ଭଳି ମନେହୁଏ ନାହିଁ। ଏଥିରେ ସମାଜ ବିରୋଧି, ରାଷ୍ଟ୍ର ବିରୋଧୀ, ସୁସ୍ଥ ମାନସିକତା ବିରୋଧୀ ଦୃଶ୍ୟ ଓ ତଥ୍ୟ ଛାଇ ହୋଇଯାଇଛି। ଯାହାକୁ ନିୟନ୍ତ୍ରଣ କରିବା କଷ୍ଟସାଧ୍ୟ। ସାମାଜିକ ଗଣମାଧ୍ୟମକୁ ନିୟନ୍ତ୍ରଣ କରିବାରେ ସରକାର ମଧ ଏକପ୍ରକାର ଅସହାୟ ଥିବା ଭଳି ମନେହୁଏ। ଏଭଳି ଏକ ଘଡିସନ୍ଧି ସମୟରେ ଅଷ୍ଟ୍ରେଲିଆ ସରକାରଙ୍କ ପ୍ରସ୍ତାବ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଏବଂ ଏହାକୁ ଅନ୍ୟ ରାଷ୍ଟ୍ର ଅନୁକରଣ କରିବା ଉଚିତ୍ ବୋଲି କୁହାଯାଇପାରେ। ତେବେ ଏଭଳି ଏକ ପ୍ରସ୍ତାବକୁ ସଫଳ ଓ ଫଳପ୍ରଦ କରିବା ପାଇଁ ଶିକ୍ଷାନୁଷ୍ଠାନ, ସରକାର, ବୈଷୟିକ କମ୍ପାନୀ ଏବଂ ଅଭିଭାବକଙ୍କ ମଧ୍ୟରେ ସହଯୋଗିତା ଓ ସମନ୍ୱୟ ଜରୁରି। ସେହିପରି ସାମାଜିକ ଗଣମାଧ୍ୟମର ଲାଭକ୍ଷତି ନେଇ ବ୍ୟାପକ ସଚେତନତା ଆବଶ୍ୟକ। ଅନ୍ୟଥା ରାଷ୍ଟ୍ରର ଭବିଷ୍ୟତ ପିଢିକୁ ବିପଥଗାମୀ ହେବା ଏବଂ ମାନସିକ ଅସୁସ୍ଥତାରୁ କେହି ରକ୍ଷା କରିପାରିବେ ନାହିଁ।

# ରୋଗ ବାଣ୍ଟୁଛି କାଗଜ କପ୍ ଚା'



ଡାକ୍ତର ପ୍ରଫୁଲ୍ଲ କୁମାର ଦାସ
କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ
କଟକ, ମୋ : ୯୪୩୭୦୨୩୪୪୩

କାମ ବ୍ୟସ୍ତତା ଭିତରେ ଟିକିଏ ରିଲାକ୍ସ ପାଇଁ ହେଉ ଅବା ଅଭ୍ୟାସଗତ ଭାବେ ଯୁବବର୍ଗଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଚା' କଫି ଆଦି ପିଇବାକୁ ଭଲ ପାଆନ୍ତି। ତେଣୁ ସହରଠୁ ଆରମ୍ଭ କରି ଗାଁ ରାସ୍ତାପାର୍ଶ୍ୱ, କଲୋନୀ, ବସ୍ତିରେ ଚା' ଦୋକାନ ଖୋଲିଛି। ପୂର୍ବରୁ କାଚଗ୍ଲାସ, ଚିନାମାଟି କିମ୍ବା ମାଟି କପ୍‌ରେ ଚା' ଦେଉଥିଲେ ଦୋକାନୀ। ହେଲେ ଏବେ ଏହାର ସ୍ଥାନ ନେଇଛି କାଗଜ କପ୍। ଏହା ଦୋକାନୀଙ୍କ ପାଇଁ ସୁବିଧାଜନକ ହେଉଥିଲେ ମଧ ଗ୍ରାହକଙ୍କ ପାଇଁ ବିପଦ ସାଜୁଛି। ଏହି ୟୁଜ୍ ଆଣ୍ଡ ଥ୍ରୋ ବା ଏକକ ବ୍ୟବହାର ଯୋଗ୍ୟ କପ୍ ଅଜାଣତରେ ଗ୍ରାହକଙ୍କୁ ରୋଗ ବାଣ୍ଟୁଛି।

କାଗଜ କପକୁ ୱାଟରପ୍ରୁଫ କରିବା ପାଇଁ ସେଥିରେ କେମିକାଲ ମିଶୁଛି। ଗରମ ଚା' କିମ୍ବା କଫି ସଂସ୍ପର୍ଶରେ ଆସିବା ମାତ୍ରେ ତାହା ତରଳି ଚା'ରେ ମିଶି ପେଟକୁ ଯାଇ ରୋଗ ସୃଷ୍ଟି କରୁଛି। କାଗଜ କପ୍‌ରେ ଚା' ପିଇବା ଦ୍ୱାରା କ୍ୟାନସର ଠାରୁ ଆରମ୍ଭ କରି ପେଟ ସମସ୍ୟା ଏବଂ ଅନ୍ୟାନ୍ୟ ରୋଗ ସୃଷ୍ଟି ହେବାର ଆଶଙ୍କା ରହୁଛି। ସେହିପରି ଅନେକ ଲୋକ କ୍ଷୀର କିମ୍ବା ଜରି କିମ୍ବା ଅନ୍ୟାନ୍ୟ ଜରିରେ ଚା' ପାର୍ସଲ ନେଉଛନ୍ତି। ଏହାଦ୍ୱାରା ମଧ ରୋଗ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଯଦି ଲୋକମାନେ ସଚେତନ ନହେବେ ତେବେ ଭବିଷ୍ୟତରେ ସେମାନେ ନିହାତି ରୋଗରେ ପଡ଼ିବେ।

କାଗଜ କପରେ ଚା' ପିଇବା ଦ୍ୱାରା ଶରୀରର କ୍ଷତି ହେଉଥିବା ନେଇ ଆଇଆଇଟି ଖଡ଼ଗପୁରର ଏକ ଗବେଷଣା ରିପୋର୍ଟରୁ ଜଣାପଡ଼ିଛି। କାଗଜ କପ୍‌ରେ ଗରମ ଚା' ପିଇବା ଦ୍ୱାରା କ୍ୟାନସର ଭଳି ରୋଗ ହେବାର ଯଥେଷ୍ଟ ଆଶଙ୍କା ରହିଛି। ସେହିପରି ଡାଇରିଆ, ପାଚନ ଶକ୍ତି କ୍ଷୟ, କିଡ୍‌ନୀ ନଷ୍ଟ ହେବାର ମଧ ସମ୍ଭାବନା ଅଧିକ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କାଗଜ କପ୍ ଡିସପୋଜ ହେଉଥିଲେ ମଧ ଏଥିପାଇଁ ସମୟ ଲାଗିଥାଏ। ଅପରପକ୍ଷେ ଚା' ପିଇସାରି ଲୋକମାନେ ଏଣେତେଣେ କପ୍ ଫୋପାଡୁ ଥିବାରୁ ଏହାଦ୍ୱାରା ଆଖପାଖ ପରିବେଶ ମଧ ପ୍ରଦୂଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସେପ୍ଟେମ୍ବର ୧୧ରୁ ଚା' ଦୋକାନୀଙ୍କ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। କୌଣସି ଦୋକାନୀ ଏକକ ବ୍ୟବହାର ବା କାଗଜ କପ୍‌ରେ ଚା' ନଦେଇ ପୁନଃ ଉପଯୋଗ ହୋଇପାରୁଥିବା ମାଟି କପ୍, କାଚଗ୍ଲାସ ଆଦିରେ ଚା' କିମ୍ବା କଫି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସତ୍ତ୍ୱେ ରାଜଧାନୀର ଚା' ବ୍ୟବସାୟୀମାନେ ନିର୍ଦ୍ଦେଶକୁ ମାନୁନାହାଁନ୍ତି। ଲୋକମାନେ ମଧ ଅଚିନ୍ତାରେ କାଗଜ କପ୍‌ରେ ଚା' ଓ କଫି ପିଉଥିବା ଦେଖାଯାଉଛି। ଶରୀର ପାଇଁ ଏହା ଯେ କେତେ ଭୟଙ୍କର ବିପଦ ଆଣୁଛି ତାହା ହୁଏତ ଲୋକେ ଜାଣିନାହାନ୍ତି ବା ସଚେତନ ନୁହଁନ୍ତି। ଏପରି ସ୍ଥିତିରେ ଆଇଆଇଟି ଗବେଷଣା ଓ ବିଏମ୍‌ସିର ନିର୍ଦ୍ଦେଶନାମା ବେଶ୍ ଗୁରୁତ୍ୱ ବହନ କରୁଛି।

# କାହିଁକି କାନ୍ଦନ୍ତି ନବଜାତକ ?



ପ୍ରଫେସର ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ
ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର
ମୋ: ୯୪୩୭୧୨୪୦୭୪
E-mail: drjyotiranjanchampatray123@gmail.com

ନବଜାତକ, ଆପଣଙ୍କ ଜୀବନ ଦୁନିଆର ନୂତନ ଆଗନ୍ତୁକ, ଅତିଥି ପ୍ରସ୍ଫୁଟିତ ସୁରଭିତ କୋମଳ। ଶିଶୁର ପ୍ରଥମ କୁଆଁ କୁଆଁ ଡାକରେ ମାଆଟିର କୋଳ ପୁରି ଉଠେ। ସବୁ କଷ୍ଟ ଭୁଲିଯାଇ ଜାବୁଡ଼ି ଧରିଥାଏ। ତେବେ ଜାଣିଛନ୍ତି ଯେ ବାସ୍ତବରେ ସବୁ ନବଜାତ ଶିଶୁ କାହିଁକି କାନ୍ଦିଥାନ୍ତି ? ସ୍ୱାସ୍ଥ୍ୟ ସଂରଚନାର ବ୍ୟବସ୍ଥା ଅନୁଯାୟୀ ଶିଶୁଟିର କାନ୍ଦିବା ହେଉଛି ସେ ଜୀବିତ ରହିଛି ଆଉ ଯେ ସୁସ୍ଥ ରହିଛି ଏହାର ବଡ଼ ପ୍ରମାଣ ତେଣୁ ନବଜାତ ଶିଶୁଟି କାନ୍ଦିବା ଅତ୍ୟନ୍ତ ବାଞ୍ଛନୀୟ। ଏହି କାନ୍ଦ ସହିତ ସେମାନଙ୍କ ଶାରୀରିକ ସୁସ୍ଥତା ଓ ଅଗ୍ରଗତି ନିର୍ଭର କରେ। ମୂଳ କଥାଟି ହେଉଛି ନଅ ମାସ ଧରି ମାତୃଗର୍ଭରେ ରହିବା ପରେ ପିଲାଟି ସମ୍ପୂର୍ଣ୍ଣ ଭାବେ ଭିନ୍ନ ଏକ ନୂଆ ଦୁନିଆକୁ ଆସିବା ପରେ ବାସ୍ତବିକ ଭାବେ ଏହି ଦୁନିଆର ଆବହା ଓ ପରିବେଶ ସମ୍ପର୍କିତ ହୋଇ ଶ୍ୱାସପ୍ରଶ୍ୱାସ ନେବା ସେମାନଙ୍କୁ ଟିକିଏ ଯନ୍ତ୍ରଣାଦାୟକ ହୋଇଥାଏ। ତେଣୁ ସେ କାନ୍ଦିଥାଏ। କାନ୍ଦିବା ଦ୍ୱାରା ନବଜାତକର ହୃତପିଣ୍ଡ, ଫୁସଫୁସ ସଠିକ ଭାବେ କାର୍ଯ୍ୟରତ ଭାବେ ଜଣାଇଥାଏ। ନବଜାତକଙ୍କ ପାଇଁ ଦିନ ତମାମ ଭିତରେ ଦୁଇ ତିନି ଘଣ୍ଟା କାନ୍ଦିବା ଶରୀର ପାଇଁ ମଧ ଆବଶ୍ୟକ ହୋଇଥାଏ।

ଚିକିତ୍ସା ବିଜ୍ଞାନ ଅନୁସାରେ ଯେତେବେଳେ ମା' ଗର୍ଭରେ ଶିଶୁ ଥାଏ, ସେ ଏ ପ୍ୟାକେଟ ଭିତରେ ଥାଏ। ସେହି ପ୍ୟାକେଟ ଭିତରେ ଏକ ସ୍ୱତନ୍ତ୍ର ତରଳ ପଦାର୍ଥ ଥାଏ। ଗର୍ଭ ଭିତରେ ଶିଶୁର ଫୁସଫୁସ ତ ତିଆରି ହୋଇଯାଇଥାଏ ହେଲେ କାମ କରିନଥାଏ। କାରଣ ସେତେବେଳେ ଜୀବିତ ରହିବା ଲାଗି ନାକ ଅବା ପାଟିରେ ଶ୍ୱାସକ୍ରିୟା କରିବାର ଆବଶ୍ୟକତା ନଥାଏ। ଫଳରେ ଏହି ଲିକ୍ୱିଡ ଶିଶୁର ଫୁସଫୁସକୁ ଚାଲିଯାଏ। ଯେବେ ଶିଶୁ ଜନ୍ମ ହୁଏ ଗର୍ଭରେ ତାକୁ ଜୀବିତ ରଖିଥିବା ଏହି ଲିକ୍ୱିଡ ଶିଶୁର ମୃତ୍ୟୁର କାରଣ ବି ହୋଇପାରେ। ତେଣୁ ଶିଶୁ ଜନ୍ମ ହେଉ ହେଉ ଡାକ୍ତର ପିଲାର ଦୁଇ ଗୋଡ ଧରି ଓଲଟା ଲଟକାଇ ଧରନ୍ତି। ଏଭଳି କରିବା ଦ୍ୱାରା ଫୁସଫୁସରେ ଜମିଥିବା ଲିକ୍ୱିଡ଼ ବାହାରିଯାଏ ଓ ଶିଶୁ ଶ୍ୱାସକ୍ରିୟା କରିବା ଆରମ୍ଭ କରି କାନ୍ଦିବା ଆରମ୍ଭ କରିଦିଏ। ଲିକ୍ୱିଡ଼ ଫୁସଫୁସରୁ ବାହାରଯିବା ପରେ ଫୁସଫୁସ କାମ କରିବା ଆରମ୍ଭ କରିଥାଏ, ଯାହାକି ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ କାମ କରିଚାଲେ। ଚିକିତ୍ସା ବିଜ୍ଞାନ ଅନୁସାରେ ଫୁସ୍‌ଫୁସ୍ କାମ କରିବା ଲାଗି କାନ୍ଦିବା ଜରୁରି। ଅର୍ଥାତ୍ ଯଦି ଶିଶୁ ଜନ୍ମ ପରେ ଜୋରରେ କାନ୍ଦେ ତେବେ ଜଣାଯାଏ ଯେ ସେ ସମ୍ପୂର୍ଣ୍ଣ ସୁସ୍ଥ। ଆଉ ଯଦି ଶିଶୁ ଧୀର ସ୍ୱରରେ କାନ୍ଦେ ତାହା ଦର୍ଶାଏ ଯେ ତା'ର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଥାଇପାରେ। ଏବେ ପ୍ରଶ୍ନ ଆସେ ଶିଶୁ ହସିଲେ ବି ତ ଫୁସ୍‌ଫୁସ୍ କାମ କରିବା ଆରମ୍ଭ କରିବ। ତେବେ ଶିଶୁ କାନ୍ଦେ କାହିଁକି ? ହସେନାହିଁ କାହିଁକି ? ତେବେ ଏହାର ଉତ୍ତର ପାଇବା ପାଇଁ ଗବେଷଣା ମଧ ଚାଲିଛି।

ନବଜାତକ ଜଣେ ଭୂମିଷ୍ଠ ହେବା ପରେ କାନ୍ଦିବାର ଘଟଣା କେବଳ ଆଜିର ସମୟର ନୁହେଁ। ପୁରାଣ ଯୁଗରୁ ମଧ ଶାସ୍ତ୍ର ଓ ଆଧ୍ୟାତ୍ମିକ ଗ୍ରନ୍ଥରେ ଉଲ୍ଲେଖ ରହିଛି। ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଆଧ୍ୟାତ୍ମିକ ଚେତନା ରହିବା ସହ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ସଂରଚନାରେ ମଣିଷ ସୃଷ୍ଟି ବୋଲି ମଧ ଶାସ୍ତ୍ରରେ ଉଲ୍ଲେଖ ଅଛି। ତେବେ ଆଜିର ଚିକିତ୍ସା ବିଜ୍ଞାନର ସମୟରେ ନବଜାତକର କାନ୍ଦଟି ଅତ୍ୟନ୍ତ ଜରୁରି ଭାବେ ସମସ୍ତେ ବୁଝିବା କଥା। ତେବେ ଅନେକ କ୍ଷେତ୍ରରେ କେତେକ ଅନ୍ଧବିଶ୍ୱାସ ଓ ଗୁଣୀ ଗାରେଡିକୁ ନେଇ ଅନେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥାଏ। ସରକାରୀ ଡାକ୍ତରଖାନାରେ ଆପଣଙ୍କ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ନବଜାତକର ଜନ୍ମ କରାଇବା ଉଚିତ। ବଡ଼ ମେଡ଼ିକାଲ ଓ ଶିଶୁ ଭବନ ବ୍ୟତୀତ ଉନ୍ନତମାନର ସ୍ୱାସ୍ଥ୍ୟ ସୁବିଧା ଦିଆଯାଉଥିବା ଜିଲ୍ଲାସ୍ତରୀୟ ଡାକ୍ତରଖାନା ମଧ ରହିଛି। ସରକାରୀ ଭାବେ ନବଜାତକଙ୍କ ପାଇଁ ଅନେକ ସହାୟତା ଓ ପ୍ରୋତ୍ସାହନ ସହ ବିନା ମୂଲ୍ୟରେ ସମସ୍ତ ପରୀକ୍ଷା ନିରୀକ୍ଷା ଓ ଚିକିତ୍ସା ପ୍ରଦାନ କରାଯାଉଛି ଏହାର ସୁଯୋଗ ନିଅନ୍ତୁ। ନବଜାତକର କାନ୍ଦିବା ସମସ୍ୟା ହେଉ ବା ଯେ କୌଣସି ସମସ୍ୟା ଏ ନେଇ ସାମାନ୍ୟତମ ଅସୁବିଧା ସାମ୍ନା କଲେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

# ବାୟୁ ପ୍ରଦୂଷଣରୁ ମୁକ୍ତି

ଡ. ସୀତାକାନ୍ତ ତ୍ରିପାଠୀ
ଭଦ୍ରକ, ମୋ: ୯୭୭୮୭୬୪୩୯୪

ସମ୍ପ୍ରତି ଆମ ରଜଧାନୀ ଦିଲ୍ଲୀର ପ୍ରଦୂଷିତ ବାୟୁମଣ୍ଡଳ ଚିନ୍ତାଜନକ ପରିସ୍ଥିତି ଦେଇ ଗତି କରୁଛି ଯାହାକୁ ଲକ୍ଷ୍ୟ କରି ପୁରୁଣା ଗାଡ଼ି ଗୁଡ଼ିକୁ ରାଜଧାନୀ ମଧ୍ୟକୁ ପ୍ରବେଶ କରାଇ ନଦେବା, କୋଠାବାଡ଼ି ଗଢ଼ିବା ତଥା ଭାଙ୍ଗିବା ଉପରେ ଅଙ୍କୁଶ, ପର୍ଯ୍ୟାୟକ୍ରମେ ଯୁଗ୍ମ ଏବଂ ଅଯୁଗ୍ମ ଗାଡ଼ିର ପ୍ରଚଳନ କରିବା, ସ୍କୁଲ ଗୁଡ଼ିକୁ ବନ୍ଦ କରିବା ସର୍ବୋପରି ଶତକଡା ୫୦ ଭାଗ କର୍ମଚାରୀ ଅଫିସକୁ ଆସି କାମ ଚଳାଇବା ଏବଂ ଅନ୍ୟମାନେ ୱାର୍କ ଫ୍ରମ୍ ହୋମ୍ କରିବା ଆଦି ବିଭିନ୍ନ ପ୍ରତିଷେଧକମୂଳକ ପଦକ୍ଷେପ ନିଆଯାଉଥିଲେ ମଧ ସେଗୁଡ଼ିକ ଆଖିଦୃଶିଆ ସଫଳତା ପାଇ ପାରୁନାହାଁନ୍ତି। କିଛିଦିନ ତଳେ ପଡ଼ୋଶୀ ରାଜ୍ୟ ପଞ୍ଜାବ ଓ ହରିୟାନାରେ ନଡ଼ାପୋଡ଼ିକୁ ରୋକିବା ପାଇଁ ଦୁଇଗୁଣା ଜୋରିମାନା ଆଦାୟ କରାଯିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି । ଜନସଂଖ୍ୟାର ସାନ୍ଦ୍ରତା ବୃଦ୍ଧି, ବିଳାସମୟ ଜୀବନ, କଂକ୍ରିଟ୍ ଜଙ୍ଗଲ, ଗଛପତ୍ର କଟାଯିବା ଅନୁପାତରେ ରୋପଣ ନହେବା, ଯମୁନା ନଦୀ ଶୁଖିଲା ପଡ଼ିବା ସହିତ ପ୍ରଦୂଷିତ ହେବା, ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା କଳକାରଖାନାରୁ ନିର୍ଗତ ଧୂଆଁ ଆଦି ବିଭିନ୍ନ କାରଣରୁ ବାୟୁମଣ୍ଡଳର ଗୁଣବତ୍ତା ସୂଚକାଙ୍କ ବର୍ତ୍ତମାନ ସଙ୍ଗୀନ ଅବସ୍ଥାରେ ରହିଛି। ତେବେ ଏହା କେବଳ ଆମ ରାଜଧାନୀ ମଧ୍ୟରେ ସିମୀତ ନୁହେଁ ବରଂ ସାରା ବିଶ୍ୱକୁ ଉକ୍ତ ପ୍ରଦୂଷଣ ସମସ୍ୟା ବ୍ୟାପିବାରେ ଲାଗିଲାଣି।

ଗୋଟିଏ ପଟରେ ଆମ ସମାଜର ତଥାକଥିତ ଉନ୍ନତି ଅନ୍ୟପଟରେ ଉକ୍ତ ଉନ୍ନତିକୁ ହାତେଇବା ପାଇଁ ପ୍ରକୃତି ଉପରେ ଅବାରିତ ଅତ୍ୟାଚାର ଏ ଭିତରେ ବିକାଶର ସଂଜ୍ଞା ନିର୍ଦ୍ଧାରଣ କରିବା ମଣିଷକୁ ତ୍ରିସଙ୍କୁ ଅବସ୍ଥାରେ ପକାଇ ଦେଇଛି। ଜୀବନକୁ ସରସ ସୁନ୍ଦର ତଥା କ୍ଷିପ୍ର କରିବାକୁ ପ୍ରାଧାନ୍ୟ ଦେଇ ଆମେ ସର୍ବସାଧାରଣ ଯାନବାହାନ ଛାଡ଼ି ବ୍ୟକ୍ତିଗତ ଯାନବାହାନକୁ ଗୁରୁତ୍ୱ ଦେଲୁ । ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଭାବେ ନିଜକୁ ଉପସ୍ଥାପିତ କରିବାର ଅଦମ୍ୟ ଲାଳସାରୁ ଅନେକ ଅନାବଶ୍ୟକ ଜିନିଷପତ୍ର କିଣିଲୁ ତଥା ବ୍ୟବହାର କଲୁ। କାଳେ ଆମେ କାଦୁଅର ସଂସ୍ପର୍ଶରେ ଆସିବୁ ତେଣୁ ସବୁଠି ଖାଲି କଂକ୍ରିଟର ଜଙ୍ଗଲ ତିଆରି କଲୁ ତଥା କୋଠାବାଡ଼ି ଭାଙ୍ଗିଲୁ ଏବଂ କୋଠାବାଡ଼ି ଗଢ଼ିଲୁ, ଅବାରିତ ଭାବେ ଖଣିଖାଦାନ ଖୋଲିଲୁ, ନିଜର ସୁରକ୍ଷା ତଥା ସୌଖିନ ପାଇଁ ବନ୍ୟଜନ୍ତୁମାନଙ୍କୁ ଅବାରିତ ଭାବେ ଶିକାର କରିବା ସହିତ ଜଙ୍ଗଲ ସଫା କରି ଚାଲିଲୁ । ତେବେ ଏଥିରୁ କ'ଣ ମୁକ୍ତି ସମ୍ଭବ ? ଏହା ଏକ ବିରାଟ ପ୍ରଶ୍ନବାଚୀ।

ଗୋଟିଏ ଗୋଷ୍ଠୀ ସିନା ଭୁଲ୍ କରନ୍ତି କିନ୍ତୁ ସମାଜର ସମସ୍ତେ ସମସ୍ୟା ଗୁଡ଼ିକୁ ସମ୍ମୁଖୀନ କରନ୍ତି । କିଏ ଜୀବନ ହରାଇଥାଏ ତ ଆଉ କିଏ ଜୀବିକା ହରାଏ । ବେଳେବେଳେ ଗୋଟିଏ ପିଢ଼ୀର ଆନନ୍ଦଉଲ୍ଲାସ ତଥା ଭୁଲ୍ ନିଷ୍ପତ୍ତି ପାଇଁ ଉତ୍ତରପିଢ଼ି ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ଗାଁ ଠାରୁ ସହର ପର୍ଯ୍ୟନ୍ତ ସମସ୍ତେ କେବଳ ଘରବାଡ଼ି କିଣିବାରେ ବ୍ୟସ୍ତ । ଚାରିଜଣ ଲୋକଙ୍କ ପାଇଁ ୪୦ଟି ପ୍ଲଟ ଦରକାର ଏବଂ ଜମିର କିସମ ପରିବର୍ତ୍ତନ କେଉଁ ବଡ଼କଥା ହୋଇଯାଇଛି ? ସମସ୍ତ ନୀତିନିୟମ ଗୁଡ଼ିକୁ ଜଳାଞ୍ଜଳି ଦେଇ ନଭଶ୍ଚୁମ୍ବୀ ଅଟ୍ଟାଳିକା ତିଆରି ହେଉଛି ତେଣିକି ଭୂମିକମ୍ପ ହେଉ କିମ୍ବା ଅପର ପାର୍ଶ୍ୱର ଲୋକମାନେ ଆଲୋକ ପାଇବାରୁ ବଞ୍ଚିତ ହୁଅନ୍ତୁ ସେ କଥା କିଏ ବୁଝିବ ? ନଦୀ ଜଳକୁ ଚାଷ ଜମିକୁ ଛାଡିବା ବଦଳରେ କଳକାରଖାନାକୁ ଦେଇଦେବା ହେଉ ବା ଭୂତଳ ଜଳକୁ ବିନା ଦ୍ୱିଧାରେ ତଥା ଅପରିଣାମଦର୍ଶୀ ଭାବେ ବ୍ୟବହାର କରିବା ପ୍ରସଙ୍ଗ ସବୁଠି ସିଧା ସଳଖ କିମ୍ବା ବୁଲେଇ ବଙ୍କେଇ ବାୟୁମଣ୍ଡଳକୁ ପ୍ରଦୂଷଣ କରିବାର ଉଦ୍ୟମ ।

ତେବେ ଏସବୁଥିରୁ ମୁକ୍ତି ପାଇବା ପାଇଁ ବ୍ୟକ୍ତିଗତ ପ୍ରଚେଷ୍ଟା କରିବା ସ୍ୱରୂପ ଆମେ ଯଦି ନିଜ ନିଜର ବିଳାସମୟ ଜୀବନ ବିତାଇବା କଥା ଭୁଲି ନିଜ ଆବଶ୍ୟକତା ଉପରେ ଗୁରୁତ୍ୱ ଦେବା ତା'ହେଲେ ଯାଇ ପ୍ରାକୃତିକ ସମ୍ପଦର ଅପଚୟ ରୋକିପାରିବା। ସାମୟିକ ଆନନ୍ଦ ପାଇଁ ସାମୂହିକ ତଥା ଦୀର୍ଘଦିନ ଧରି ଗଚ୍ଛିତ ଥିବା ପ୍ରାକୃତିକ ଉତ୍ସଗୁଡ଼ିକୁ ଅବାରିତ ଭାବେ ବ୍ୟବହାର କରିବା ଅନୁଚିତ। ପ୍ରତ୍ୟେକ କ୍ଷେତ୍ରରେ ବ୍ୟକ୍ତି ସତ୍ତାର ଊର୍ଦ୍ଧ୍ୱକୁ ଯାଇ ଆମେ ସାମାଜିକ ତଥା ସାମୂହିକ ସତ୍ତାକୁ ଉପଲବ୍ଧି କରି 'ବହୁଜନ ହିତାୟ, ବହୁଜନ ସୁଖାୟ'କୁ ପାଥେୟ କରି ଆମ ଦୈନନ୍ଦିନ ଜୀବନକୁ ପରିଚାଳିତ କରିବା ଦରକାର। ବର୍ଜ୍ୟବସ୍ତୁ ହେଉ କିମ୍ବା ଜଙ୍ଗଲ, ଆବଶ୍ୟକତା ହେଉ କିମ୍ବା ସୌଖିନ କୌଣସି ଜାଗାରେ ନିଆଁ ଲଗାଇବା ପୂର୍ବରୁ ଶହେଥର ଭାବିବାର ଅଛି । ଯେଉଁ ଯାଗା ଗୁଡ଼ିକୁ ସାଇକେଲ, ବାଇକ୍ କିମ୍ବା ସର୍ବସାଧାରଣ ଯାତ୍ରୀ ପରିବହନ ସେବାଗୁଡିକ ଦ୍ୱାରା ଯାଇହେବ ସେଠାକୁ ଅଯଥାରେ ନିଜର ବ୍ୟକ୍ତିଗତ ଗାଡ଼ି ନେଇ ଯିବା ନିଷ୍ପ୍ରୟୋଜନ। ସରକାରଙ୍କ ଉପରେ ପ୍ରାକୃତିକ ସମ୍ପଦ ଗୁଡ଼ିକର ସୁରକ୍ଷା କରିବା ଦିଗରେ ଚାପ ସୃଷ୍ଟି କରିବା ପାଇଁ ଓ୍ୱାର୍ଡସ୍ତରୀୟ ଗୋଷ୍ଠୀ ଏବଂ ସଭ୍ୟ ସମାଜର ଆବଶ୍ୟକତା ରହିଛି। ଚାଷୀଭାଇମାନେ ଜମିମାନଙ୍କର ସାର ଓ କୀଟନାଶକ ପ୍ରୟୋଗ କରିବା ସମୟରେ ଯଥେଷ୍ଟ ଯତ୍ନବାନ ହେବାର ଅଛି। ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ସରକାର ବର୍ଜ୍ୟ/ଅଳିଆ କୁଣ୍ଡ ବସାଇଛନ୍ତି। ଆମେ ସେଗୁଡ଼ିକର ସଦ୍‌ବ୍ୟବହାର କରିବା ଦରକାର ନହେଲେ ଦିନ ଆସିବ ଆମେ କେବଳ ବୋତଲେ ମିଳୁଥିବା ଶୁଦ୍ଧ ବାୟୁ ଧରି ଚାଲିବା କିମ୍ବା ବୁଲିବାକୁ ବାଧ ହେବା ଯାହା କେବଳ ପୁଞ୍ଜିପତିମାନଙ୍କ ଦ୍ୱାରା ସମ୍ଭବ ହେବ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କୋଣାର୍କ(ଭାସ୍କର ନ୍ୟୁଜ): କୋଣାର୍କ ଉତ୍ସବ ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ, ସଂଗୀତ ଓ ଚନ୍ଦ୍ରଭାଗା ବେଳାଭୂମିରେ ଦେଶ, ବିଦେଶରେ ବାଲୁକାଶିଳ୍ପୀଙ୍କୁ ନେଇ ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀ ଅନୁଷ୍ଠିତ ହେବ। ମୁକ୍ତାକାଶ ରଙ୍ଗମଞ୍ଚ ଗ୍ରୀନ ରୁମ ମରାମତି, ପାଚେରୀରେ ଝୋଟି ଓ ଚିତା ରଙ୍ଗ, ଶବ୍ଦ ଓ ଆଲୋକ ବ୍ୟବସ୍ଥା, ଦର୍ଶକ ଗ୍ୟାଲେରୀ ସାଜସଜ୍ଜା, ଯାତ୍ରୀ ନିବାସର ରୁମ ମରାମତି ଓ ରଙ୍ଗ ଆଦି କାର୍ଯ୍ୟ ଆଗେଇ ଚାଲିଛି। ବିଭାଗର ଦାୟିତ୍ୱରେ ଥିବା ଅଧିକାରୀମାନେ ଚାଲୁଥିବା କାର୍ଯ୍ୟଗୁଡ଼ିକୁ ତନ ତନ କରି ଦେଖିବା ସହିତ ବିଗତ ବର୍ଷଠାରୁ ଆସନ୍ତା ବର୍ଷ କିପରି ଆହୁରି ସରସ ସୁନ୍ଦର ହେବ ସେଥିପାଇଁ ଜୋରରେ ଚେଷ୍ଟା ଜାରି ରହିଛି ବୋଲି କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ପ୍ରକାଶ କରିଛନ୍ତି । ରଙ୍ଗମଞ୍ଚ ପରିସରରେ ବର ଗଛରେ ଚାନ୍ଦୁଆ ଶୋଭା ପାଉଛି। ପ୍ରତି ସନ୍ଧ୍ୟା ୬ଟାରୁ ରାତି ୮.୩୦ ପର୍ଯ୍ୟନ୍ତ ଓଡିଶୀ, କଥକ, ମଣିପୁରୀ, କୁଚିପୁଡି, ଭାରତ ନାଟ୍ୟମ, ମୋହିନୀଆଟ୍ଟମ ଆଦି ନୃତ୍ୟ ପ୍ରଦର୍ଶନ ହେବ। ଟିକେଟର ମୂଲ୍ୟ ପାଞ୍ଚ ଦିନ ପାଇଁ ସିଜିନ(୪ଶହ), ଦୈନିକ ୧ଶହ ଟଙ୍କା ଓ ୨୦ଟଙ୍କା । ଓଟିଡିସି ପକ୍ଷରୁ ଭୁବନେଶ୍ୱର ଓ ପୁରୀରୁ ସ୍ୱତନ୍ତ୍ର ପ୍ୟାକେଜ ଟୁର ବ୍ୟବସ୍ଥା ରହିଛି। ସେହିଭଳି ହେଲିପ୍ୟାଡ୍‌ରେ ଅପେରା ଓ ମୀନାବଜାର ପାଇଁ କୋଣାର୍କ ଏନ୍‌ଏଏସି ପକ୍ଷରୁ ବିଭିନ୍ନ କାର୍ଯ୍ୟ ଜୋରଦାର ହେଉଥିବା ଦେଖିବାକୁ ମିଳିଛି।

## ପାଚିଲା ଧାନକୁ ଦାଉ ସାଜିଛି ମାଟିଆ ଗୁଣ୍ଡି ପୋକ: ଚାଷୀ ମୁଣ୍ଡରେ ଚଡକ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକର ଚାଷୀର ମୁଣ୍ଡରେ ଏବେ ପଡିଛି ଚଡକ। ମୁଣ୍ଡଝାଳ ତୁଣ୍ଡରେ ମାରି ବର୍ଷକ ପାଇଁ ଖାଦ୍ୟ ନିମନ୍ତେ ବିଲରେ ସୁନା ଫଳାଇଥିବା ଚାଷୀ ଏବେ ପୋକ ଉପଦ୍ରବ ଯୋଗୁ ଚିନ୍ତାରେ ପଡିଛି। ଆଉ ଦିନ କେତେଟା ପରେ ଶସ୍ୟ ଅମଳ ପ୍ରକ୍ରିୟା ଆରମ୍ଭ ହବ। ଏବେ ମାଟିଆ ଗୁଣ୍ଡି ପୋକ ଉପଦ୍ରବ ଏବେ ଚାଷୀମାନଙ୍କ ମୁଣ୍ଡରେ ଚଡକ ପକାଇଛି। ସଠିକ ଭାବେ ଦମନ କରିବା ପାଇଁ ନିଆଳି କୃଷି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରିବା ଏବେ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟିଛି। ନିଆଳି ବ୍ଲକ ଅଞ୍ଚଳରେ ପ୍ରାୟ ୧୨ ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ ହୋଇଛି। ଏହା ମଧ୍ୟରେ ଧାନ ଅମଳ ସମୟ ଉପନୀତ ହୋଇଛି। ସବୁଜିମା କ୍ଷେତ୍ରରେ ବିଭିନ୍ନ ପୋକ ଉପଦ୍ରବକୁ ଚାଷୀ ଭାଇମାନେ ଧୀରେ ଧୀରେ ଦମନ କରିଥିବା ବେଳେ ଧାନ ବିଲ ଏବେ ସୁନା ସଦୃଶ ଦୃଶ୍ୟମାନ ହେଉଛି। ସମ୍ପ୍ରତି ଶସ୍ୟ ସଂଗ୍ରହ ବେଳକୁ ପାଚିଲା ଧାନରେ ମାଟିଆ ଗୁଣ୍ଡି ପୋକ ଉପଦ୍ରବ ଚାଷୀଙ୍କ ଚିନ୍ତା ବଢ଼ାଇଛି। ଜିଲ୍ଲା ଓ ବ୍ଲକସ୍ତରୀୟ କୃଷି କାର୍ଯ୍ୟରେ ପକ୍ଷରୁ ଧାନ ଚାଷ ସୁରକ୍ଷା ବ୍ୟବସ୍ଥା ପାଇଁ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏପରି ସ୍ଥଳେ କୃଷି ବିଭାଗର ସଠିକ୍ ପରାମର୍ଶ ବିନା କେଉଁ ପ୍ରକାର କୀଟନାଶକ ପ୍ରୟୋଗ କଲେ ମାଟିଆ ଗୁଣ୍ଡି ପୋକ ଦାଉରୁ ଧାନ ଫସଲକୁ କିପରି ରକ୍ଷାକରି ହେବ ସେ ନେଇ ଚାଷୀମାନେ ଏବେ ଦ୍ୱନ୍ଦ୍ୱରେ ପଡିଛନ୍ତି। ସ୍ଥାନୀୟ ବଜାରରେ ମିଳୁଥିବା ପ୍ରଚାର ଧର୍ମୀ ବେନାମୀ କମ୍ପାନୀର ବିଷ ଆଣି ଚାଷଜମିରେ ପ୍ରୟୋଗ କରୁଥିଲେ ସୁଦ୍ଧା ଉପଯୋଗୀ ଧାନ କିନ୍ତୁ ପୋକ ଦାଉରୁ ରକ୍ଷା ପାଇପାରୁ ନାହିଁ। ବାରମ୍ବାର କ୍ଷେତରେ ବିଷ ପ୍ରୟୋଗ କରିବାକୁ ପଡୁଥିବା ବେଳେ ଚାଷୀମାନେ ଆର୍ଥିକ ଭାବେ ଢେର କ୍ଷତି ସହୁଛନ୍ତି। କୀଟନାଶକ ଜନିତ କାରଣରୁ କୃଷିକ୍ଷେତ୍ର ସୁରକ୍ଷା ନେଇ ପ୍ରାୟ କୋଣସି ସ୍ଥାନରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ କୋଣସି ସଚେତନ ତା କାର୍ଯ୍ୟକ୍ରମ ହେଉଥିବା ଜଣାପଡିଛି। ବ୍ଲକ ରେ ଜଳାରପୁର ଠାରୁ ଆରମ୍ଭ କରି ମାଧବ, ପୋଖରୀ ଗାଁ, ଅଁଳ, ଶଢାଂଶ, କପାସି, କସର୍ଦା, ସିଠାଳ, କୁଳଶ୍ରୀ, ରତନପୁର, ନୂଆଗାଁ ଆଦି ପ୍ରମୁଖ ଅଞ୍ଚଳରେ ଏହି ପୋକ ଉପଦ୍ରବ ବୃଦ୍ଧି ପାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ନିଆଳି କୃଷିବିଭାଗ ଅଧିକାରୀଙ୍କୁ ଫୋନ୍ କରିଥିଲେ ସେ ଫୋନ୍ ଉଠାଇନଥିଲେ।

ଏକାଦଶ ଆନ୍ତର୍ଜାତିକ ସମୁଦ୍ର ମନ୍ଥନ ପୁରସ୍କାର ଉତ୍ସବ

## ପାରାଦୀପକୁ ସର୍ବଶ୍ରେଷ୍ଠ ବୃହତ୍ ବନ୍ଦର ସମ୍ମାନ




ପାରାଦୀପ(ଭାସ୍କର ନ୍ୟୁଜ): ମୁମ୍ବାଇର ବିକେସି ସ୍ଥିତ ଜିଓ ୱାର୍ଲଡ କନଭେନସନ ସେଣ୍ଟରରେ ନୌବାଣିଜ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି ଆୟୋଜିତ ହୋଇଯାଇଛି ଏକାଦଶ ଆନ୍ତର୍ଜାତିକ ସମୁଦ୍ର ମନ୍ଥନ ସମ୍ମାନ ୨୦୨୪ । ଉଲ୍ଲେଖନୀୟ କୃତିତ୍ୱ ନିମନ୍ତେ ପାରାଦୀପ ବନ୍ଦରକୁ ଜୁରୀ ସଦସ୍ୟମାନେ ପୂର୍ବ ଉପକୂଳର ବର୍ଷର ସର୍ବଶ୍ରେଷ୍ଠ ବୃହତ ବନ୍ଦର ସମ୍ମାନ ନିମନ୍ତେ ମନୋନୀତ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏହି ପୁରସ୍କାର ଗ୍ରହଣ କରିଥିଲେ । ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଟିମ୍‌କୁ ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ଏହି ସମ୍ମାନ ନିମନ୍ତେ ଉଚ୍ଚପ୍ରଶଂସା କରି କହିଛନ୍ତି ଯେ ଏହା ପାରାଦୀପ ବନ୍ଦର ଦ୍ୱାରା ପରିଚାଳନା ଉତ୍କର୍ଷତା ନିମନ୍ତେ ହେଉଥିବା ବହୁବିଧ ଉଦ୍ୟମର ସୂଚକ । ଏହା ଟିମ୍ ପିପିଏର କଠିନ ପରିଶ୍ରମ ଓ ଉତ୍ସର୍ଗୀକୃତ ମନୋଭାବର ନିଦର୍ଶନ । ଭବିଷ୍ୟତରେ ମଧ୍ୟ ପାରାଦୀପ ବନ୍ଦର ସର୍ବଭାରତୀୟ ସ୍ତରରେ ନିଜର ଏକ ନମ୍ବର ବୃହତ୍ ବନ୍ଦର ମାନ୍ୟତା ବଜାୟ ରଖିବାକୁ ଶତ ଚେଷ୍ଟିତ ବୋଲି ଶ୍ରୀ ହରନାଦ ଉଲ୍ଲେଖ କରିଥିଲେ । ତେବେ ଆସନ୍ତା ମାସରେ ପାରାଦୀପ ବନ୍ଦର ପୂର୍ବବର୍ଷ ଅପେକ୍ଷା କମ୍ ସମୟ ଅବଧି ମଧ୍ୟରେ ଚଳିତ ଆର୍ଥିକ ବର୍ଷରେ ୧୦୦ ନିୟୁତ ମେଟ୍ରିକ ଟନ୍ ପଣ୍ୟ କାରବାର ସୂଚତାଙ୍କ ଅତିକ୍ରମ କରିବାକୁ ଯାଉଛି ।

## ଅବସରପ୍ରାପ୍ତ ମାଇକ୍ରୋ ପ୍ରୋଜେକ୍ଟ କର୍ମଚାରୀ ସଂଘର ପେନ୍‌ସନ୍ ଦାବି



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜାତୀୟ ରାଜପଥ ଡାକବଙ୍ଗଳାରେ ଏକ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ନିକଟରେ ପେନସନ ଦାବି କଲେ ଅବସରପ୍ରାପ୍ତ ମାଇକ୍ରୋ ପ୍ରୋଜେକ୍ଟ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ। ଦୀର୍ଘ ୩୫ରୁ ୩୮ ବର୍ଷ ପାର୍ବତ୍ୟ ଅଞ୍ଚଳରେ ଆଦିମ ଜନଜାତିଙ୍କ ପାଇଁ କାର୍ଯ୍ୟ କରି ଅବସର ନେଇଛନ୍ତି ଓଡିଶାର ୧୭ ଗୋଟି ମାଇକ୍ରୋ ପ୍ରୋଜେକ୍ଟର ୫୬ ଜଣ କର୍ମଚାରୀ। ଜିଆଇଏସ ଓ ଜିପିଏଫ ମଧ୍ୟ ପାଇଛନ୍ତି କିନ୍ତୁ ପେନସନ୍ ସୁବିଧାରୁ ବଞ୍ଚିତ ଏହି ଅବସରପ୍ରାପ୍ତ କର୍ମଚାରୀମାନେ ବର୍ତ୍ତମାନ ଘୋର ଆର୍ଥିକ ଅଭାବ ଅନାଟନରେ କାଳାତିପାତ କରୁଛନ୍ତି। ଅନେକବାର ସରକାରଙ୍କ ନିକଟରେ ଦାବି କରିଥିବା ସତ୍ତ୍ୱେ ପେନସନରୁ ବଞ୍ଚିତ ହୋଇଥିବା ସହ ସେମାନଙ୍କ ମଧ୍ୟରୁ କବିତ୍ରାଟା ମଙ୍ଗୁଲୁ ମାଝୀ ଓ ପଣ୍ଡାପଡ଼ାର ଚକ୍ରଧର ଜୁଆଙ୍ଗ ଶଯ୍ୟାଶାୟୀ ହୋଇ ପଡିଲେଣି । ଏହି କର୍ମଚାରୀ ମାନେ ଶନିବାର ଏକ ପ୍ରେସମିଟ୍ ମାଧ୍ୟମରେ ସରକାରଙ୍କ ନିକଟରେ ଗୁହାରି ଜଣାଇଛନ୍ତି। ଯଦି ତାଙ୍କର ଦାବି ପୂରଣ ନହୁଏ ଆଗାମି ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି । ଅବସରପ୍ରାପ୍ତ ମାଇକ୍ରୋ ପ୍ରୋଜେକ୍ଟ କର୍ମଚାରୀ ସଂଘର ସଭାପତି ସତ୍ୟନାରାୟଣପ୍ରସାଦ କର, ସମ୍ପାଦକ ବିଷ୍ଣୁ ମହାକୁଡ଼, ବରିଷ୍ଠ ନାଗରିକ ବୁଟା ସିଂହ, ବେଣୁଧର ସାହୁ, ହୃଦାନନ୍ଦ ଦେବ, ଦୋଳଗୋବିନ୍ଦ ନାୟକ, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମେଘାସନୀ ଶକ୍ତି ମହିଳା ମହାସଂଘରେ ଅନିୟମିତତା: ଭିଜିଲାନ୍ସ ତଦନ୍ତ ଦାବି

କରଞ୍ଜିଆ(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ଯଶିପୁର ବ୍ଲକ ସ୍ତରୀୟ ମେଘାସନୀ ଶକ୍ତି ମହିଳା ମହାସଂଘରେ ବ୍ୟାପକ ଅନିୟମିତତା ହୋଇଥିା ଯଶିପୁର ବିଡ଼ିଓ ଠାରୁ ଆରମ୍ଭ କରି ମୟୂରଭଞ୍ଜ ଜିଲ୍ଲାପାଳଙ୍କଠାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗର କାର୍ଯ୍ୟାନୁଷ୍ଠାନ ନ ହେବାରୁ ବ୍ଲକ ଲେଭେଲ ଫେଡେରେସନ୍‌ର କେତେକ ମହିଳା ସଦସ୍ୟା ବାଲେଶ୍ୱର ଭିଜିଲାନ୍ସ ଏସ୍‌ପିଙ୍କୁ ସେ ସମ୍ପର୍କରେ ଅବଗତ କରାଇଛନ୍ତି । ବିଶେଷକରି ବ୍ୟବସାୟ ପାଇଁ ବ୍ୟାଙ୍କରୁ ଯେଉଁ ଟଙ୍କା ଉଠାଯାଏ ସେହି ଟଙ୍କା ଆତ୍ମସାତରେ ଯାଏ । ତାହାର ସଠିକ୍ ହିସାବ କିତାବ ମିଶନ ଶକ୍ତି ମହିଳା ମହାସଂଘରେ ଉପସ୍ଥାପନ କରାଯାଏନାହିଁ। ମେଘାସନୀ ଶକ୍ତି ସଂଘର



ବ୍ୟାଙ୍କ ପାସ୍ ବହିକୁ ସରକାରଙ୍କ ତରଫରୁ ଯାହା ଟଙ୍କା ଆସେ ମହାସଂଘର ସଭାନେତ୍ରୀ ପୁଷ୍ପମଞ୍ଜରୀ ମହାନ୍ତ ଅନ୍ୟ ସଦସ୍ୟମାନଙ୍କୁ ବିଭ୍ରାନ୍ତିରେ ପକାଇଥାନ୍ତି। ସେହିପରି ମହାସଂଘର ସମ୍ପାଦିକା କୁଞ୍ଜଲତା ମହାନ୍ତ ବେଆଇନ ଭାବେ ନିଜ ପୁଅକୁ ମିଶନ ଶକ୍ତି ଅଫିସରେ କମ୍ପ୍ୟୁଟର ଚଳାଇବା ପଦବୀରେ ରଖିଥିଲେ। ଯାହାକି ଜଣେ ମହିଳା ସେହି ପଦବୀରେ ରହିବା କଥା। ତାଙ୍କ ପୁଅକୁ କମ୍ପୁଟର ଚଲାଇବା ଦାୟିତ୍ୱରେ ରଖି ବ୍ୟାଙ୍କର ଟଙ୍କା କାରବାରରେ ଅନିୟମିତତା କରୁଥିବା ଅଭିଯୋଗ ହୋଇଛି। ଯଶିପୁର ଶାଖା ବ୍ୟାଙ୍କ ଅଫ୍ ଇଣ୍ଡିଆର ଷ୍ଟେଟ ପେମେଣ୍ଟେ ମଧ୍ୟ ଦିଆଯାଇଥିଲା। ୧ କୋଟି ୨୫ ଲକ୍ଷ ଟଙ୍କା ଦିଆଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ଅଛି। ଏହି ଅର୍ଥ ଦୁରୁପଯୋଗ ହୋଇଥିବା ଜଣାଯାଏ । ପାରିଶ୍ରମିକ ବାବଦ ମହାସଂଘର ଅନ୍ୟ ସଦସ୍ୟାଙ୍କୁ ବହୁତ କମ୍ ଟଙ୍କା ଦିଆଯାଇ ବାକି ଟଙ୍କା ବାଟମାରଣାରେ ଯାଉଥିଲା। ଏହି ଅଭିଯୋଗ ମୟୂରଭଞ୍ଜ ଜିଲ୍ଲା ଡିପିସିଙ୍କୁ ଜଣାଇଥିଲେ ସୁଦ୍ଧା ଏବଂ ସମାଧାନ ପାଇଁ ଘନଘନ ବୈଠକ କରୁଥିଲେ ହେଁ ଟାଳଟୁଳ ନୀତି ଯୋଗୁଁ ସମସ୍ୟାର ସମାଧାନ ହୋଇପାରୁନଥିଲା । ଏଣୁ ଯଶିପୁର ବ୍ଲକ ମେଘାସନୀ ଶକ୍ତି ସଂଘର ଅର୍ଥ ଅନିୟମିତତାରେ ଯେଉଁମାନେ ସଂପୃକ୍ତ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଦାବିରେ କେତେକ ମହିଳା ସଦସ୍ୟା ଡାକ ଯୋଗେ ପଞ୍ଜିକୃତ କରି ବାଲେଶ୍ୱର ଭିଜିଲାନ୍ସ ଏସପିଙ୍କୁ ଏ ସମ୍ବନ୍ଧରେ ଲିଖିତ ଅନୁରୋଧ କରିଛନ୍ତି ।

## ବ୍ୟବସାୟୀଙ୍କ ଅଭିଯୋଗ କ୍ରମେ ବବିଙ୍କ ଭାଇ ଭବ ଗିରଫ: ବେଲ୍‌କୁ ମନା କରି ଜେଲ୍ ଗଲେ

ଯାଜପୁର(ଭାସ୍କର ନ୍ୟୁଜ): ଗତ ବୁଧବାରଦିନ ବିରଜା ମନ୍ଦିର ପ୍ରକଳ୍ପ ସପକ୍ଷବାଦୀଙ୍କ ରାସ୍ତାରୋକ ଆନ୍ଦୋଳନ ବେଳେ ଯାଜପୁର ଟାଉନ ଯାଉଥିବା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଗାଡ଼ି ଉପରେ ଆନ୍ଦୋଳନକାରୀଙ୍କ ଆକ୍ରମଣ ଘଟଣା ପରେ ଯାଜପୁର ଅଞ୍ଚଳ ଅଶାନ୍ତ ହୋଇଛି। ତହିଁ ପରଦିନ ବିରଜା ହାଟରେ ଅଳ୍ପ ସଂଖ୍ୟକ ଚାଷୀ ଓ ବ୍ୟବସାୟୀ ବେପାର ପାଇଁ ବସିଥିବା ବେଳେ ମନ୍ଦର ପ୍ରକଳ୍ପ ସପକ୍ଷବାଦୀମାନେ ବ୍ୟବସାୟୀଙ୍କୁ ଅନୁରୋଧ କରିବାକୁ ଯାଇଥିବା ବେଳେ ସେଠାରେ ବଚସା ହୋଇଥିଲା ଓ ପ୍ରଶାସନ ହାଟକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ଘୋଷଣା କରିଥିଲା। ତେବେ ଘଟଣାର ଦିନକ ପରେ ମଦନ ମୋହନ ନାୟକ ନାମକ ଜଣେ କ୍ଷୁଦ୍ର ବ୍ୟବସାୟୀ ପୂର୍ବତନ ପୌରପାଳ ତଥା ପ୍ରାକ୍ତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ସାନଭାଇ ଭବ ପ୍ରସାଦ ଦାସଙ୍କ ନାମରେ ଥାନାରେ ଏତଲା ଦେଇ କୁଆଡ଼େ ଭବ ତାଙ୍କ ପକେଟ୍‌ରୁ ୧୨ ହଜାର ଟଙ୍କା ଛଡାଇ ନେବା, ସାମଗ୍ରୀ ଫିଙ୍ଗି ଦେବା ଓ ତାଙ୍କୁ ମାଡ଼ ମାରିବା ପରି ଗୁରୁତର ଅଭିଯୋଗ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଏହି ଏତଲା ସମେତ ଆଉ କେତେକ ମାମଲାରେ ଶନିବାର ଯାଜପୁର ପୋଲିସ ଭବ ପ୍ରସାଦଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ତେବେ ଅଭିଯୋଗ ଅନୁଯାୟୀ ଭବ ପ୍ରସାଦଙ୍କୁ ବେଲ୍ ମିଳିଯାଉଥିଲେ ହେଁ ସେ କିନ୍ତୁ ଅନ୍ୟାୟରେ ଗିରଫ ହୋଇଥିବା ମନ୍ଦିର ପ୍ରକଳ୍ପ ସପକ୍ଷବାଦୀଙ୍କୁ ଖଲାସ ନ କରାଯିବା ଯାଏଁ ବେଲ୍‌ରେ ନଯାଇ ବରଂ ଜେଲ୍ ଯିବାକୁ ଉଚିତ ମନେ କରିବେ କହିଥିଲେ। ଫଳରେ କୋର୍ଟ ତାଙ୍କୁ ଜେଲକୁ ପଠାଇ ଦେବା ସହିତ ସେ ଦୂରାରୋଗ୍ୟରେ ପୀଡ଼ିତ ରହି ଚିକିତ୍ସିତ ହେଉଥିବାରୁ ତାଙ୍କୁ ଘରେ ପ୍ରସ୍ତୁତ ଦ୍ରବଣ ଖାଦ୍ୟ ଏବଂ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ମା' ବିରଜା ମନ୍ଦିର ପ୍ରକଳ୍ପ ନିମନ୍ତେ ଯାଜପୁରବାସୀଙ୍କ ଭାବାବେଗ ଜଡ଼ିତ ଥିବାରୁ ସାଧାରଣ ଜନତା ବିଜେପି ସରକାରଙ୍କ ପ୍ରକୃତ ଉଦେଶ୍ୟକୁ ଠିକ୍ ଭାବେ ବୁଝିବେ ଓ ଏହାର ଉଚିତ ଜବାବ ଦେବେ ବୋଲି ଅନେକେ ସପକ୍ଷବାଦୀ ଭବ ପ୍ରସାଦଙ୍କ ଆକ୍ରୋଶ ମୂଳକ ଗିରଫଦାରୀକୁ ପ୍ରତିବାଦ କରି କହିଛନ୍ତି। ଅନ୍ୟପକ୍ଷରେ ଗତକାଲି ଭବଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କରିଥିବା ମଦନମୋହନ ଶନିବାର ସ୍ୱର ପରିବର୍ତ୍ତନ କରିଛନ୍ତି। ମଦନମୋହନଙ୍କ ପୁଅ ଏନେଇ ଗଣମାଧ୍ୟମକୁ କହିଛନ୍ତି ଯେ ମନ୍ଦିର ପ୍ରକଳ୍ପ ବିପକ୍ଷବାଦୀ କେତେକ ମୋ ବାପାଙ୍କୁ ପ୍ରଭାବିତ କରି ଭବଙ୍କ ବିରୁଦ୍ଧରେ ମିଛ ଅଭିଯୋଗ କରାଇଛନ୍ତି। ତେବେ ଆଜି ଥାନାକୁ ଆସି ମଦନମୋହନ ତାଙ୍କ ଅଭିଯୋଗ ପ୍ରତ୍ୟାହାର କରିନେବାକୁ ପୋଲିସକୁ ଅନୁରୋଧ କରିଥିଲେ ହେଁ ଥରେ ମାମଲା ରୁଜୁ ହୋଇ କୋର୍ଟକୁ ଚାଲିଯାଇଥିବାରୁ ଥାନାରେ ଏହା ପ୍ରତ୍ୟାହାର ସମ୍ଭବ ନୁହେଁ ବୋଲି ପୋଲିସ ମଦନମୋହନଙ୍କୁ କହିଛି। ତେବେ ଭବ ପ୍ରସାଦଙ୍କ ଗିରଫଦାରୀ ଯୋଗୁଁ ଯାଜପୁର ଜିଲ୍ଲା ରାଜନୀତି ସରଗରମ ହୋଇଛି।

## କଳା ଓ କ୍ରୀଡା ଶିକ୍ଷକ ମହାସଂଘର ଜିଲ୍ଲାପାଳଙ୍କୁ ଦାବିପତ୍ର



ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ଜୋଟ ପରିବାର ତଥା କଳା ଓ କ୍ରୀଡା ଶିକ୍ଷକ ମହାସଂଘ ତରଫରୁ ଶନିବାର ଏକ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଏହି ସାମୟିକ କଳା ଓ କ୍ରୀଡା ଶିକ୍ଷକମାନେ ଗତ ୨୦୧୩ ମସିହାରୁ ଆଜି ପର୍ଯ୍ୟନ୍ତ ସ୍ୱଳ୍ପ ଦରମା ଓ ଚାକିରୀ ସର୍ତ୍ତାବଳି ନଥିବା କାର୍ଯ୍ୟ କରି ଆସୁଛନ୍ତି । ବିଭିନ୍ନ ସମୟରେ ଏମାନଙ୍କୁ ସରକାର ଓ ସ୍କୁଲର ପ୍ରଧାନ ଶିକ୍ଷକମାନେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିଥାନ୍ତି । ଯଥା ମଧ୍ୟାହ୍ନ ଭୋଜନ, ଜନଗଣନା, ନିର୍ବାଚନ ଡିଉଟି, କୋଭିଡ-୧୯, ସୁରଭି, ନାଚ, ଗୀତ, ଖେଳକୁଦ, ଯୋଗ ଇତ୍ୟାଦି ଅନେକ କାର୍ଯ୍ୟରେ ଏମାନଙ୍କୁ ନିୟୋଜିତ କରାଯାଏ । କିନ୍ତୁ ଏମାନଙ୍କର ପେଟ ଭୋକକୁ ଅଣଦେଖା କରାଯାଏ । ଦୀର୍ଘ ବାରବର୍ଷରୁ ଊର୍ଦ୍ଧ୍ୱ ହେବ ଏମାନେ ଏହିସବୁ କାର୍ଯ୍ୟ କରିଆସୁଛନ୍ତି । ହେଲେ ପ୍ରଶ୍ନ ଉଠୁଛି ଆଜିର ମହଙ୍ଗା ଯୁଗରେ ଜଣେ ଦିନ ମଜୁରିଆଠାରୁ ବି କମ୍ ଦରମାରେ ଏମାନେ ଚଳିବେ କିପରି । ତେଣୁ ସେ ସବୁର ସମାଧାନ ପାଇଁ ସେମାନେ ଆଜି ବି ସରକାରଙ୍କ ଦ୍ୱାରସ୍ଥ ହେବାକୁ ପଡୁଛି । କେବଳ ସେମାନଙ୍କର ଦାବି ହେଲା ପାର୍ଟ ଟାଇମ ଭଳି ଘୃଣ୍ୟ ଓ କୁତ୍ସିତ ପରମ୍ପରାକୁ ଉଚ୍ଛେଦ କରି ପୂର୍ଣ୍ଣ ଶିକ୍ଷକର ମାନ୍ୟତା ପ୍ରଦାନ କରାଯାଉ । ଯଦି ସରକାର ସେମାନଙ୍କ ଦାବିକୁ ନ ଶୁଣନ୍ତି ତାହାଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବାକୁ ପଛଘୁଞ୍ଚା ମଧ୍ୟ ଦେବେ ନାହିଁ । ଏହି ପରିପ୍ରେକ୍ଷୀରେ ରାଜ୍ୟ ମହାସଂଘର ସମ୍ପାଦିକା ସ୍ମିତାଞ୍ଜଳି ମହାପାତ୍ରଙ୍କ ତତ୍ତ୍ୱବଧାନରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ସଂଜିତ କୁମାର ଦାସ, ଜିଲ୍ଲା ସମ୍ପାଦକ ଧର୍ମେନ୍ଦ୍ର ପଣ୍ଡା, କ୍ରୀଡା ଶିକ୍ଷିକା ସସ୍ମିତା ଦାସ, ଚିନ୍ମୟୀ ମହାନ୍ତି, କ୍ରୀଡା ପ୍ରଶିକ୍ଷକ ସଂଜିତ ଦାସ, ପ୍ରମୋଦ ବେହେରା, ସଦାନନ୍ଦ ଦଣ୍ଡ, ଜ୍ଞାନରଞ୍ଜନ ଲେଙ୍କା, ମନୋଜ ରାମ, ଉଗ୍ରସେନ ବେହେରା, କାର୍ତ୍ତିକ ମହାନ୍ତ, ସଞ୍ଜୟ କୁମାର ଦେ ଓ କଳା ପ୍ରଶିକ୍ଷିକା ସୁଜ୍ୟୋତ୍ସ୍ନା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରକାଶ ତ୍ରିପାଠୀଙ୍କ ସଂଘରେ ପିପିଏଲ୍‌ର ୭୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ସାମିଲ୍

ପାରାଦୀପ(ଭାସ୍କର ନ୍ୟୁଜ): ପିପିଏଲ ସାର କାରଖାନାରେ କାର୍ଯ୍ୟ କରୁଥିବା ୭ ଶହରୁ ଊର୍ଦ୍ଧ୍ୱ ଠିକା ଶ୍ରମିକ ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଂଘରେ ସାମିଲ ହୋଇଛନ୍ତି । ପିପିଏଲ ହନୁମାନ ମନ୍ଦିର ନିକଟସ୍ଥ ପଡିଆରେ ଆୟୋଜିତ ଏକ ଶ୍ରମିକ ସାଧାରଣ ସଭାରେ ଚର୍ଚ୍ଚିତ ଶ୍ରମିକ ନେତା ତଥା ପୂର୍ବ ଉପକୂଳ ଶ୍ରମିକ ସଙ୍ଘର ସଭାପତି ପ୍ରକାଶ ତ୍ରିପାଠୀ ଶ୍ରମିକଙ୍କ ବହୁବିଧ ସମସ୍ୟା ଉପରେ ଆଲୋକପାତ କରି ଏହାର ଆସୁ ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ । ପିପିଏଲ ରେଳ ଫାଟକ ନିକଟରୁ ଏକ ବିରାଟ ମଟର ସାଇକେଲ ଶୋଭାଯାତ୍ରାରେ ଶ୍ରୀ ତ୍ରିପାଠୀଙ୍କୁ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ସଭାସ୍ଥଳ ନିକଟକୁ ପାଛୋଟି ନେଇଥିଲେ । ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା ପରିଚାଳନା କରିଥିବା ବେଳେ ସଂଘର ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂ, ସଂଘର କାର୍ଯ୍ୟକାରୀ ସଭାପତି ସୁବ୍ରତ ପ୍ରଧାନ, ସହସମ୍ପାଦକ ରତ୍ନାକର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରମିକଙ୍କ ମୌଳିକ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ନିଜର ବକ୍ତବ୍ୟ ରଖିବା ସହ ସମସ୍ତ ଶ୍ରମିକଙ୍କୁ ଧୈର୍ଯ୍ୟ, ଶୃଙ୍ଖଳିତ ରହିବାର ଗୁରୁମନ୍ତ୍ର ଦେଇଥିଲେ ।




ଏହି ଅବସରରେ ଶ୍ରୀ ତ୍ରିପାଠୀ କହିଥିଲେ ଯେ ପିପିଏଲର ଶ୍ରମିକମାନେ ସବୁବେଳେ ସଙ୍ଘ ଓ ନେତା ବାରମ୍ବାର ବଦଳାଉଥିବାରୁ ପିପିଏଲରେ କାର୍ଯ୍ୟରତ ଶ୍ରମିକଙ୍କ ଉନ୍ନତି ହୋଇପାରୁନାହିଁ । ଯାହାକି ଇଫକୋ ସରଖାନାର ଶ୍ରମିକମାନେ ଆରମ୍ଭରୁ ଗୋଟିଏ ୟୁନିୟନରେ ରହି ୬୫ ହଜାର ଟଙ୍କା ଦରମା ପାଉଥିଲା ବେଳେ ସମାନ କାମ କରି ପିପିଏଲ ଶ୍ରମିକ ୨୦ ହଜାର ଟଙ୍କା ବି ପାଇପାରୁନାହିଁ । ଏଥିପାଇଁ ପିପିଏଲର ଶ୍ରମିକଙ୍କୁ ଦାୟୀ କରିବା ସହ ଆଗାମୀ ଦିନରେ ସମସ୍ତେ ଏକଜୁଟ ହୋଇ ଗୋଟିଏ ଶ୍ରମିକ ସଙ୍ଘରେ ରହିଲେ ଆଗାମୀ ୫ ବର୍ଷ ଭିତରେ ଶ୍ରମିକଙ୍କ ଭାଗ୍ୟ ନିଶ୍ଚିତ ବଦଳିଯିବ ବୋଲି ଶ୍ରମିକଙ୍କୁ ଆହ୍ୱାନ ଦେଇଥିଲେ ।

## କୁଶଭଦ୍ରା ନଦୀରୁ ଲଘୁ ଖଣିଜ ଦ୍ରବ୍ୟର ଲୁଣ୍ଠନ: ଖଣି ବିଭାଗ ନିଦ୍ରାବିଷ୍ଟ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଚାଲିଛି ଲଘୁ ଖଣିଜ ଦ୍ରବ୍ୟ ଲୁଣ୍ଠନ । ବାରମ୍ବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ। ଏହାର ମୁଖ୍ୟ ଘଟଣା ହେଉଛି ତହସିଲଦାରଙ୍କ ଅଧିନରେ ଲଘୁ ଖଣିଜ ଦ୍ରବ୍ୟ ନଥିବା ବେଳେ ଏହାକୁ ପୁରୀ ଜିଲ୍ଲା ଖଣି ବିଭାଗ ପରିଚାଳନା କରୁଛନ୍ତି। ମାତ୍ର ଖଣି ବିଭାଗର ଦେଖାନଥିବା ବେଳେ ପ୍ରତ୍ୟେକ ଦିନ ୧୦ଟିରୁ ଊର୍ଦ୍ଧ୍ୱ ଜେସିବି ମେସିନ୍ ଶତାଧିକ ଟ୍ରାକ୍ଟର ସାହାଯ୍ୟରେ ମାଟି, ବାଲି ଚାଲାଣ କରାଯାଉଛି। ଏହାକୁ ପ୍ରତିବାଦ କଲେ ମାଫିଆମାନେ ଧମକ ଦେବା ସହିତ ଜୀବନରେ ମାରି ଦେବାକୁ ଉଦ୍ୟମ କରୁଛନ୍ତି। ଖୋଦ୍ ଦିବାଲୋକରେ ପ୍ରଶାସନକୁ ଲଣ୍ଠନ ଦେଖାଇ ଏପରି କାର୍ଯ୍ୟ ଚାଲିଥିବା ବେଳେ ଖଣି ବିଭାଗ ନୀରବ ରହିବା ପଛରେ ବଡ଼ ଧରଣର ଡ଼ିଲ ହୋଇଥିବା ଲୋକମାନେ କହୁଛନ୍ତି। ଏ ସଂପର୍କରେ ଖଣି ବିଭାଗକୁ ଜଣାଇବା ପରେ ମଧ୍ୟ ଖଣି ବିଭାଗ ପଦକ୍ଷେପ ନ ନେବା ପଛରେ କ'ଣ କାରଣ ରହିଛି ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ସନ୍ଦେହ ପ୍ରକଟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଅଂଚଳରେ କୁଶଭଦ୍ରା ନଦୀ ବହୁ ପୁରାତନ ନଦୀ ହୋଇଥିବା ବେଳେ ଏହି ବିରାଟକାୟ ନଦୀ ଗର୍ଭ ଓ ପଠା'ରୁ ପ୍ରତ୍ୟେକ ଦିନ ବାଲି ମାଟି କେତେଜଣ ବ୍ୟକ୍ତି ବିକ୍ରି କରୁଛନ୍ତି । ଯାହାଦ୍ୱାରା ଜନସାଧାରଣ ଅତିଷ୍ଠ ହୋଇପଡ଼ିଛନ୍ତି। ଦିଘାଲୋ ମନିଶା ଠାକୁରାଣୀ ଥିବା ଜଙ୍ଗଲ ନିକଟରେ ମାଫିଆମାନେ ଲୁଚି ରହି ଟ୍ରାକ୍ଟର ଜେସିବି ସାହାଯ୍ୟରେ ବାଲି ଉଠାଇ ବିକ୍ରି କରୁଛନ୍ତି । ସେହିପରି ମୁରାରୀପୁର ନିକଟ, ଡ଼େଶୁଅଁ, ଆଳିପିଙ୍ଗଳ, ଖୁଣ୍ଟିଆ ସାହି, ବେଲକଣ, ଛେନୁଅଁ ଆଦି ଘାଟରୁ ବାଲି ମାଟି ବିକ୍ରି କରାଯାଉଛି। ଏ ସଂପର୍କରେ ଖଣି ବିଭାଗକୁ ଜଣାଇଲେ ମଧ୍ୟ ଖଣି ଅଧିକାରୀ କେବେ ମଧ୍ୟ ପରିଦର୍ଶନରେ ଆସୁନାହାନ୍ତି । କାଁଭାଁ ଆସିଲେ ଆଗୁଆ ବାଲି ମାଫିଆମାନେ ସୂଚନା ପାଉଛନ୍ତି । ଏପରି ଘଟଣାକୁ ଦେଖି ବାରି ହୋଇପଡୁଛି ଖଣି ଅଧିକାରୀମାନେ କେତେ ପାରଙ୍ଗମ ବୋଲି। ପୁରୀ ଜିଲ୍ଲା ଖଣି ଅଧିକାରୀମାନେ କ'ଣ ପାଇଁ ଲୁଣ୍ଠନ ପ୍ରତି ଦୃଷ୍ଟି ଦେଉନାହାନ୍ତି ତାହା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ବାଲି ମାଟି ମାଫିଆମାନେ କୋଟି କୋଟି ଟଙ୍କାର ରାଜସ୍ୱ ଏହି ନଦୀ ପଠାରୁ ଲୁଣ୍ଠନ କରୁଥିବା ବେଳେ କେବେ ବି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏହି ଘଟଣା ପ୍ରତି ରାଜସ୍ୱମନ୍ତ୍ରୀ ଓ ସଚିବ ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତମାନର ସେବା ପାଇଁ ବୈଠକ



ଭାପୁର(ଭାସ୍କର ନ୍ୟୁଜ): ନୟାଗଡ ଜିଲ୍ଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିପରି ଭାବରେ ଜନସାଧାରଣ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ପାଇପାରିବେ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଭାପୁର କିୟାନୁଷ୍ଠାନ କମିଟି ପକ୍ଷରୁ ଡାକ୍ତରଙ୍କ ସହ ଭାପୁର ଅଞ୍ଚଳର ବୁଦ୍ଧିଜୀବିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଆଲୋଚନା ସମୟରେ ରାଜ୍ୟ ସରକାରଙ୍କ ନିଷ୍ପତି ଅନୁଯାୟୀ ନିରାମୟ ୨୪ ଘଣ୍ଟା ଖୋଲା ରଖିବା, ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ କରିବା, କେଉଁ ଦିନ କେଉଁ ଡାକ୍ତର କାର୍ଯ୍ୟ ନିର୍ବାହ କରିବେ ତାହା ସୂଚନା ଫଳକରେ ଲେଖିବା, ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ପରିଷ୍କାର ପରିଚ୍ଛନ୍ନତା ରଖିବା, ପ୍ରତ୍ୟେକ ଦିନ ଆସୁଥିବା ରୋଗୀମାନଙ୍କର ପଞ୍ଜୀକରଣ କମ୍ପ୍ୟୁଟର ମାଧ୍ୟମରେ କରିବା, ଆୟୁର୍ବେଦିକ ଔଷଧ ରୋଗୀମାନଙ୍କୁ ପ୍ରଦାନ କରିବା, ଚକ୍ଷୁ ବିଭାଗକୁ ନିୟମିତ ଖୋଲିବା, ରୋଗୀଙ୍କୁ ନିରାମୟରୁ ଅଧିକ ଔଷଧ ପ୍ରଦାନ ପାଇଁ ଡାକ୍ତରଙ୍କୁ ପରାମର୍ଶ ଦେବା ସହିତ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ସମାଜସେବୀ ପ୍ରଫୁଲ୍ଲ କୁମାର ସାହୁ, ଗଙ୍ଗାଧର ବାରିକ, ଭରତ ଚନ୍ଦ୍ର ପ୍ରଧାନ, ସାମ୍ବାଦିକ ଶିଶିର ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବିଶ୍ୱନାଥ ସାହୁଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ସମୟରେ ଡା ପ୍ରଦୀପ କୁମାର ପାଇକରାୟ, ଡ଼ା ସତ୍ୟପୀର ସାହୁ, ଡ଼ା ଲଳିତ ମୋହନ ଟୁଡୁ, ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ ଡ଼ା ମାନସୀ ମହାପାତ୍ର, ଦାନ୍ତ ଚିକିତ୍ସକ ଜୟକାନ୍ତ ବଳିଆରସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବାଲୁଗାଁ ମହାବିଦ୍ୟାଳୟରେ ବିଶ୍ୱ ଦର୍ଶନ ଦିବସ ଓ ରାଜ୍ୟସ୍ତରୀୟ ଆଲୋଚନାଚକ୍ର




ବାଲୁଗାଁ(ଭାସ୍କର ନ୍ୟୁଜ): ବାଲୁଗାଁ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ ବିଶ୍ୱ ଦର୍ଶନ ଦିବସ ଓ ରାଜ୍ୟ ସ୍ତରୀୟ ସମ୍ମାନ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ଓ ମହାନ ଦାର୍ଶନିକ ସକ୍ରେଟିସଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରାଯାଇଥିଲା ଛାତ୍ରୀମାନଙ୍କ ସ୍ୱାଗତ ନୃତ୍ୟ ପରେ ଦର୍ଶନ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଅତିଥି ପରିଚୟପ୍ରଦାନ କରିଥିଲେ। ସ୍ୱାଗତ ଭାଷଣ ଦେଇ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଦର୍ଶନର ପ୍ରାସଙ୍ଗିକତା ଓ ସାମାଜିକ ପ୍ରତିବଦ୍ଧତା ସମ୍ପର୍କରେ ବିଭିନ୍ନ ଦାର୍ଶନିକଙ୍କର ଦୃଷ୍ଟିଭଙ୍ଗୀ ଉପସ୍ଥାପିତ କରିଥିଲେ। ଏହି ଅବସରରେ ଦର୍ଶନ ବିଭାଗର ନିୟମିତ ପତ୍ରିକା ତତ୍ତ୍ୱଧାରାର ତୃତୀୟ ସଂଖ୍ୟା ସନ୍ଥକବି ଭୀମଭୋଇଙ୍କ ଦର୍ଶନ ସମ୍ବଳିତ ସ୍ୱତନ୍ତ୍ର ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପତ୍ରିକାର ସମ୍ପାଦକ ତଥା ଦର୍ଶନ ବିଭାଗ ମୁଖ୍ୟ ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଦର୍ଶନ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ଛାତ୍ରୀ ସନ୍ଧ୍ୟାରାଣୀ ପାଇକରାୟ ବିଭାଗର ବିବରଣୀ ପାଠ କରିଥିଲେ। ଏହାପରେ ମୁଖ୍ୟ ଅତିଥି ତଥା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ବିଭାଗ ମୁଖ୍ୟ ଡକ୍ଟର ବସନ୍ତ କୁମାର ଦାଶ ଦର୍ଶନଶାସ୍ତ୍ର କିପରି ବୌଦ୍ଧିକ ଜିଜ୍ଞାସା, ବିଚାରଗତ ସ୍ୱଷ୍ଟୀକରଣ ଓ ନୈତିକ ମୂଲ୍ୟବୋଧ ମାଧ୍ୟମରେ ଜଗତର ମଙ୍ଗଳ କରିଥାଏ ଓ ଜୀବନ ସହିତ ସମାଜର ନିବିଡ଼ ସମ୍ପର୍କକୁ ପରିପୁଷ୍ଟ କରିଥାଏ ତାହା ଗୀତା ଶାସ୍ତ ଜରିଆରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବେ ନବରଙ୍ଗପୁର ପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ରାଧାନାଥ ବେହେରା ଯୋଗଦେଇ ସକ୍ରେଟିସଙ୍କ ବାଲ୍ୟକାହାଣୀ, ପ୍ଲାଟୋ ଓ ଆରିଷ୍ଟୋଟଲଙ୍କ ଦର୍ଶନ ସହିତ ଗାନ୍ଧି ଓ ବିବେକାନନ୍ଦଙ୍କ ସୂକ୍ଷ୍ମ ଚିନ୍ତନକୁ ସଂଯୋଜିତ କରିଥିଲେ। ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଦର୍ଶନ ଶାସ୍ତ୍ରର ପ୍ରୟୋଗାତ୍ମକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ଫିଲୋକୁଇଜ ଓ ଦର୍ଶନ ନିବନ୍ଧ ଉପସ୍ଥାପନା କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଦର୍ଶନ ବିଭାଗ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯିବ ସହିତ ସ୍ମୃତି ଫଳକ ଓ ପୁସ୍ତକ ଉପହାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଡକ୍ଟର ମୋନାଲିସା ମାନସିଂହ, ଡଃ ସନ୍ତୋଷ ରଥ, ସ୍ୱାତୀ ସ୍ୱାଗତିକା, ପ୍ରିୟମ୍ବଦା ମହାପାତ୍ର, ପ୍ରବୀଣ ଜେନା, ସୁଧାକର ନାୟକ ପ୍ରମୁଖ ବହୁ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ବିଷକ୍ରିୟାରୁ ମହିଳାଙ୍କ ମୃତ୍ୟୁ

ଆସିକା(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଆସିକା ଥାନା ବାଲିଶିରା ଗ୍ରାମ ବାଲିପାଟ ସାହିରେ ବିସ କ୍ରିୟା ଯୋଗୁଁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତ ମହିଳା ଭଗବାନ ଭୂୟାଁଙ୍କ ପତ୍ନୀ ରଞ୍ଜିତା ଭୂୟାଁ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ରଞ୍ଜିତା ଗତକାଲି ରାତିରେ କୌଣସି କାରଣକୁ ନେଇ ବିଷକ୍ରିୟା କରିଥିଲେ । ଫଳରେ ସେ ଗୁରୁତର ହୋଇଥିବା ବେଳେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନଆସିବାରୁ ବ୍ରହ୍ମପୁର ସ୍ଥାନାନ୍ତର ବେଳେ ହିଞ୍ଜିଳିକାଟୁ ଠାରେ ସ୍ୱାସ୍ଥବସ୍ଥା ବିଗିଡ଼ିବା କାରଣରୁ ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ରଞ୍ଜିତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏହି ଘଟଣା ନେଇ ପୋଲିସ ନିଜ ପକ୍ଷରୁ ଥାନା କେସ ନଂ ୨୬ / ୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ଆସିକା ମେଡ଼ିକାଲ ଅଧିନ ବ୍ୟବଚ୍ଛେଦ ଗୃହରେ ଶବ ବ୍ୟବଚ୍ଛେଦ କରାଯାଇଛି ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ସୁକିନ୍ଦା ଯୁବକଯୁବତୀଙ୍କ ପାଇଁ ଆଉଟ୍‌ଡୋର ଲିଡରଶିପ୍ କ୍ୟାମ୍ପର ଶୁଭାରମ୍ଭ



କାଳିଆପାଣି(ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ କିଶୋର କିଶୋରୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ ଉପକ୍ରମ ବା ରିସ୍ତା ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଯୁବକଯୁବତୀ ମାନଙ୍କ ପାଇଁ ଏକ ଆଉଟ୍ ଡୋର୍ ଲିଡରସିପ୍ କ୍ୟାମ୍ପ ବା ବାହ୍ୟ ନେତୃତ୍ୱ ଶିବିରର ଶୁଭାରମ୍ଭ କରାଯାଇଛି। ଏଥିରେ ଭାଗନେବାକୁ ଯାଉଥିବା ସୁକିନ୍ଦା ଅଞ୍ଚଳର ୪୦ଜଣ ଯୁବକଯୁବତୀଙ୍କ ଯାତ୍ରାକୁ ଟିଏସଏଫର କର୍ମଚାରୀଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ ଫେରୋ ଆଲଏଜ୍ ଏଣ୍ଡ ମିନେରାଲସ ଡିଭିଜନର ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାର ଉଦ୍‌ଘାଟନ କରିଥିଲେ। ପ୍ରୋଜେକ୍ଟ ରିସ୍ତା' ହେଉଛି ଟାଟା ଷ୍ଟିଲ୍ ଫାଉଣ୍ଡେସନର ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏଥିରେ ଟାଟା ଷ୍ଟିଲ୍‌ର କାର୍ଯ୍ୟକ୍ଷେତ୍ର ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ କିଶୋର କିଶୋରୀ ଓ ଯୁବ ଦମ୍ପତିଙ୍କ ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯାଇଥାଏ। ଯୁବାବର୍ଗଙ୍କ ନେତୃତ୍ୱ ଦକ୍ଷତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଝାଡ଼ଖଣ୍ଡର ତୁମୁଙ୍ଗଠାରେ ଏହି ବାହ୍ୟ ନେତୃତ୍ୱ ଶିବିରର ଆୟୋଜନ କରାଯାଇଛି। ଦଳଗତ କାର୍ଯ୍ୟର ପ୍ରସାର କରିବା ଏବଂ ଗୋଷ୍ଠୀରେ ସକରାତ୍ମକ ପରିବର୍ତ୍ତନ ସୃଷ୍ଟି କରିବା ଲାଗି ଅଂଶଗ୍ରହଣକାରୀଙ୍କୁ ଏଠାରେ ତାଲିମ ଦିଆଯିବ। ଶିବିର ଅଂଶଗ୍ରହଣକାରୀଙ୍କୁ ଏକ କଠିନ ପ୍ରକ୍ରିୟାରେ ଚୟନ କରାଯାଇଛି। ପ୍ରତି ଯୁବକଯୁବତୀ ନିଜ ଗାଁର ୩୦ କିଶୋର କିଶୋରୀଙ୍କ ପ୍ରତିନିଧିତ୍ୱ କରୁଛନ୍ତି। ସମସ୍ତ ଅଂଶଗ୍ରହଣକାରୀ ପୂର୍ବରୁ ଟିଏସ୍‌ଏଫର ସାଥିୟା ତାଲିମ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିଛନ୍ତି, ଯେଉଁଥିରେ କିଶୋର କିଶୋରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଆବଶ୍ୟକ ଜ୍ଞାନ ଓ ଦକ୍ଷତା ବିକାଶ ଲାଗି ତାଲିମ ଦିଆଯାଇଛି । ସେହି ମୂଳଦୁଆ ଆଧାରରେ ଜଣେ ଦକ୍ଷ ଲିଡରଙ୍କ ଦ୍ୱାରା ତାଲିମ ଅଧିବେଶନ ଓ ଦଳ ଗଠନ କାର୍ଯ୍ୟ ଉପରେ ଏହି କ୍ୟାମ୍ପରେ ଅଂଶଗ୍ରହଣକାରୀଙ୍କୁ ଟ୍ରେନିଂ ଦିଆଯିବ । ନିଜ ଗ୍ରାମରେ ସେମାନେ ଲକ୍ଷ୍ୟ କରୁଥିବା ବିଭିନ୍ନ ସମସ୍ୟାର ସମାଧାନ ଲାଗି ଅଂଶଗ୍ରହଣକାରୀ ପ୍ରତ୍ୟକ୍ଷ ତାଲିମ ହାସଲ କରିବେ, ଯାହା ସ୍ଥାୟୀ ଗୋଷ୍ଠୀ ବିକାଶ ଲାଗି ଉତ୍ସର୍ଗୀକୃତ ଏକ ସଶକ୍ତ ଯୁବବର୍ଗ ଗଠନ କରିବାରେ ରିସ୍ତାର ଲକ୍ଷ୍ୟକୁ ଆଗକୁ ବଢ଼ାଇବ। ଏହି ଅଭିଯାନ ଯୁବଗୋଷ୍ଠୀଙ୍କ ସମ୍ଭାବନାକୁ ସୁଦୃଢ଼ କରିବା ଏବଂ ସାମାଜିକ ରୂପାନ୍ତରଣକୁ ଆଗକୁ ବଢ଼ାଇବାରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ରହିଥିବା ଦୃଢ଼ ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ। ଯୁବବର୍ଗଙ୍କୁ ଆବଶ୍ୟକ ଦକ୍ଷତା ପ୍ରଦାନ କରି ଏବଂ ନେତୃତ୍ୱ ନେବା ଲାଗି ସେମାନଙ୍କୁ ଅନୁପ୍ରାଣିତ କରି ଟିଏସ୍‌ଏଫ୍ ଏହାର କାର୍ଯ୍ୟକ୍ଷେତ୍ର ଅଂଚଳରେ ସକାରାତ୍ମକ ଓ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ଜାରି ରଖିଛି।




ବଡ଼ଚଣା, (ଭାସ୍କର ନ୍ୟୁଜ): ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘର ଏକ ସାଧାରଣ ପରିଷଦ ବୈଠକ ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ପୁଷ୍ପରାଜ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ କ୍ଷିତିରକ୍ଷକ୍ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିବା ସହିତ ଆୟବ୍ୟୟ, କଳିଙ୍ଗ ଶିଳ୍ପାଞ୍ଚଳରୁ ଚଣ୍ଡିଖୋଲ ଟ୍ରକ୍ ମାଲିକମାନେ କିପରି ସୁଚାରୁ ରୂପେ ମାଲ୍ ପରିବହନ କରିବା ସହିତ ମାଲିକମାନଙ୍କ ଭିତରେ ଏକତା ଓ ଭାଇଚାରା ରଖି ସଂଘକୁ ସୁଦୃଢ଼ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମାନସ ନାୟକ କୋଷାଧ୍ୟକ୍ଷ ଜାହିଦ ଖାଁ, ସହ ସମ୍ପାଦକ ବିଶ୍ୱଜିତ୍ ବିଶ୍ୱାଳ, ମୁଖପାତ୍ର ସତ୍ୟବ୍ରତ ଖଣ୍ଡାୟୀ, ଉପଦେଷ୍ଟା ଚନ୍ଦନ ନାୟକ, ଦେବରଞ୍ଜନ ସ୍ୱାଇଁ, ଉମେଶ ଜେନା, ବରିଷ୍ଠ ସଭ୍ୟ ସତ୍ୟଜିତ୍ ବଳ, ରତିକାନ୍ତ ସ୍ୱାଇଁ, ବୈକୁଣ୍ଠ ସ୍ୱାଇଁ, ବିନାୟକ ସାହୁ, ବୈକୁଣ୍ଠ ପଲେଇ, ସୀତା କାନ୍ତ ସାହୁ, ମନୋରଞ୍ଜନ ନାୟକ, ତୁଇନଂଶୁ ନାୟକ, ଯଶୋବନ୍ତ ଜେନାମଣି, ମାନସ ଖଣ୍ଡାୟି, ବସନ୍ତ ନାୟକ, ଦେବାଶିଷ ମହାପାତ୍ର, ବିଶ୍ୱଜିତ୍ ବିଶ୍ୱାଳ, ସୁଶାନ୍ତ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗତ ୧୬ ତାରିଖରେ ଅନୁଷ୍ଠିତ ହୋଇଥିବା ଟ୍ରାକ୍ ମାଲିକ ସଂଘର ସମାବେଶ ଓ ସମ୍ବର୍ଦ୍ଧନା ସଭା ସଫଳତାର ସହିତ ସମ୍ପୂର୍ଣ୍ଣ ହୋଇଥିବାରୁ ସଭ୍ୟମାନେ କର୍ମକର୍ତ୍ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

# ଜିଲ୍ଲାରେ କେବେ ଆରମ୍ଭ ହେବ ଧାନ ମଣ୍ଡି

## ଚିନ୍ତାରେ ଚାଷୀ, ଦଲାଲ୍ ମାଲାମାଲ୍

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ): ଜିଲ୍ଲାରେ ଅଦ୍ୟାବଧି ଆରମ୍ଭ ହୋଇନି ଧାନ ମଣ୍ଡି । ବିଗତ ବର୍ଷ ମାନଙ୍କରେ ନଭେମ୍ବର ମଧ୍ୟ ଭାଗରୁ ଆରମ୍ଭ ହୋଉଥିଲା ଧାନମଣ୍ଡି । ମାଲକାନଗିରି ଜିଲ୍ଲାର ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଚାଷୀଙ୍କ ପାଚିଲା ଧାନ ଅମଳ କରି କିଏ ବିଲରେ ଗଦା କରି ରଖିଥିବା ବେଳେ କିଏ ବିଲରୁ ଘରକୁ ନେଇ ଆସି ଗାଁ ଦାଣ୍ଡରେ, କଂକ୍ରିଟ ରାସ୍ତା ଉପରେ ପାଲ ବିଛେଇ ଏହାକୁ ଭଲ ଭାବରେ ସୁଖାଇ ଅଖା ଗୁଡିକରେ ଭର୍ତ୍ତି କରି ବିକ୍ରୟ ପାଇଁ ପ୍ରସ୍ତୁତ କରି ସାରିଛନ୍ତି ।ହେଲେ ଏତେ ପରିମାଣର ଧାନ ରଖିବା ପାଇଁ ଘରେ ଜାଗା ନାହିଁ। ଧାରା କରଜ କରି ଚାଷ କରିବା ପରେ ଅମଳ ଫସଲକୁ ଏତେ ଦିନ ଧରି ନିଜ ପାଖରେ ରଖିବା କିଛି ଚାଷୀଙ୍କ ପକ୍ଷେ ସମ୍ଭବ ପର ନୁହେଁ ଏବଂ ଏହା ପରେ କିଛି ଚାଷୀ ଡାଲି ଜାତୀୟ ଫସଲ, ଯେପରି ମୁଗ,ବିରି,କୋଳଥ ଆଦି ଚାଷ କରିବା ନିମନ୍ତେ ବିହନ କିଣିବାକୁ ଅର୍ଥ ଅଭାବରୁ ବାଧ୍ୟ ହୋଇ ଶାଗ ମାଛ ଦରରେ କଷ୍ଟ ଅର୍ଜିତ ଅମଳ କରିଥିବା ଫସଲକୁ ଦଲାଲ ଙ୍କୁ ବିକିବାକୁ ବାଧ୍ୟ ହେଉଛନ୍ତି। ଦଲାଲ ଉକ୍ତ ଧାନ କୁ ପଡ଼ୋଶୀ ରାଜ୍ୟ ଛତିଶଗଡ ଓ ଆନ୍ଧ୍ର ପ୍ରଦେଶରେ ବିକ୍ରି କରି ମାଲାମାଲ୍ ହେଉଥିବା ବେଳେ ଚାଷୀଙ୍କ କଷ୍ଟ କିଏ ବା ପଚାରେ। କେତେକ ଚାଷୀଙ୍କ ଧାନ ଭଲ ଭାବରେ ଶୁଖିପାରି ନଥିବାରୁ ଗାଁ ଦାଣ୍ଡରେ ସୁଖାଇବା କାମରେ ଲାଗି ପଡିଛନ୍ତି। ଆଉ ଗୋଟିଏ ସପ୍ତାହ ମଧ୍ୟରେ ସତ ପ୍ରତିଶତ ଧାନ ଅମଳ କାମ ସରିଯିବ। ଏପଟେ ଧାନ ମଣ୍ଡି ଆରମ୍ଭ କରି ନାହାନ୍ତି ସରକାର। ଏହାର ଫାଇଦା ଉଠାଉଛନ୍ତି ପଡୋଶୀ ରାଜ୍ୟର ଦଲାଲ ମାନେ, କମ୍ ଦରରେ ଧାନ କ୍ରୟ କରି, ନିଜ ରାଜ୍ୟରେ ଏହାକୁ ଉଚିତ୍ ମୂଲ୍ୟ ରେ ବିକ୍ରି କରି ହେଉଛନ୍ତି ମାଲାମାଲ୍ । ମାଲକାନଗିରି ଜିଲ୍ଲା ର



ନିକଟବର୍ତ୍ତୀ ରେ ଥିବା ପଡୋଶୀ ରାଜ୍ୟ ଛତିଶଗଡ ଓ ଆନ୍ଧ୍ରପ୍ରଦେଶର ଦଲାଲ ମାନେ ଜିଲ୍ଲାରେ ମଣ୍ଡି ଆରମ୍ଭ ହୋଇନଥିବା ର ସୁଯୋଗ ନେଇ ଦିନ ତମାମ୍ ଖୁଲମଖୁଲା ଚାଷୀଙ୍କ ବର୍ଷ ସାରାର ଝାଳ ବୁହା କଷ୍ଟ ବୋହି ନେଉଛନ୍ତି। ଦୀର୍ଘ ବର୍ଷ ଧରି ଏଭଳି ଚାଷୀଙ୍କୁ ଶୋଷଣ କରାଯାଉଛି। ଏପଟେ ନୂଆ ସରକାର, କେନ୍ଦ୍ରରେ ଓ ରାଜ୍ୟରେ ଉଭୟ ବିଜେପି ସରକାର ଶାସନ ଗଦିରେ ବସିଛନ୍ତି । ଆଗରୁ ଘୋଷଣା କରିଥିବା ଧାନ ଦର କ୍ୟୁଣ୍ଟାଲ୍ ପ୍ରତି ୩୧୦୦ ଟଙ୍କା ପ୍ରଦାନ କରିବେ ସରକାର। କେନ୍ଦ୍ର ସରକାର ଧାନର ସହାୟକ ମୂଲ୍ୟ ୨୩୦୦ ଟଙ୍କା ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର ୮୦୦ ଟଙ୍କା ପ୍ରଦାନ କରିବେ। ସର୍ବ ମୋଟରେ ଚାଷୀ ଏକ କ୍ୟୁଣ୍ଟାଲ୍ ଧାନ ବିକି ୩୧୦୦ ଟଙ୍କା ପାଇବ, ଏଥିନିମନ୍ତେ ଚାଷୀ ବେଶ ଉତ୍ସାହିତ ରହିଛନ୍ତି। ଅଞ୍ଚଳର ଚାଷୀ କହୁଛନ୍ତି, ଯା ହଉ କଥାଦେଇ କଥା ରଖିବେ ବିଜେପି ମୋହନ ସରକାର, ଚାଷୀର ଦୁଃଖ ବୁଝି ପାରିବେ। ପୂର୍ବ ଘୋଷଣା ମୁତାବକ ଧାନ ଦର ବଢାଇବେ। ଏପଟେ ପାଣିପାଗ ବିଭାଗର କୌଣସି ଭରସା ନାହିଁ, କେଉଁ ମୁହୂର୍ତ୍ତରେ ଲଘୁଚାପ ଆସିଯିବ, ସେ ନେଇ ଚାଷୀ ଙ୍କ ମୁଣ୍ଡରେ ଚଡ଼କ ପଶିଲାଣି। ଯଦି ବର୍ଷା ହୁଏ ତା'ହେଲେ ଗାଁ ଦାଣ୍ଡରେ ସୁଖେଇଥିବା ପ୍ରସ୍ତୁତ କରିଥିବା ଧାନ ଓ ବିଲରେ ରହିଥିବା ପାକଳ ଧାନ ସବୁ ନଷ୍ଟ ହୋଇଯିବାର ଅନେକ ସମ୍ଭାବନା ରହିଛି। ଯଥା ଶୀଘ୍ର ଜିଲ୍ଲା ର ସମସ୍ତ ଧାନ ମଣ୍ଡିଙ୍କୁ ଖୁବ୍ ଶୀଘ୍ର ଆରମ୍ଭ କରିବା ନିମନ୍ତେ ଚାଷୀ ସରକାରଙ୍କୁ ଗୁହାରୀ କରିଛନ୍ତି।

# ଦୁଇ ଶିକ୍ଷକଙ୍କ ଡେପୁଟେସନ୍‌କୁ ନେଇ ତାତିଲେ ଗ୍ରାମବାସୀ



ରଘୁନାଥପୁର, (ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ଦେଉଳିସାହି ସ୍ଥିତ ସିଦ୍ଧେଶ୍ୱରୀ ସରକାରୀ ଉପ୍ରା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ବେହେରା ଓ ଗୋକୁଳପୁର ସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଜିତ କୁମାର ବେହେରାଙ୍କୁ ଚଳିତ ଶିକ୍ଷାବର୍ଷ ମଧ୍ୟଭାଗରେ ଅନ୍ୟ ସ୍କୁଲକୁ ଡେପୁଟେସନରେ ପଠାଯିବାକୁ ନେଇ ଦୁଇ ବିଦ୍ୟାଳୟ ସଲଗ୍ନ ଗ୍ରାମବାସୀଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି । ଏ ନେଇ ବିଇଓଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରାଯିବା ସହ ଶିକ୍ଷକ ବେହେରାଙ୍କୁ ଫେରେଇ ଆଣିବା ଦାବିରେ ଦେଉଳିସାହି ଗ୍ରାମବାସୀଙ୍କ ପକ୍ଷରୁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି । ଶିକ୍ଷକ ବେହେରାଙ୍କୁ ଫେରାଇ ନଆଣିବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବ ଓ ଆବଶ୍ୟକ ସ୍ଥଳେ ଉଭୟ ସ୍କୁଲ ଓ ଅଫିସ୍ କାର୍ଯ୍ୟାଳୟରେ ତାଲା ପଡିବ ବୋଲି ଧାରଣାକାରୀ ପ୍ରକାଶ କରିଛନ୍ତି । ଧାରଣାରେ କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକ, ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ, ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ସ୍ଥାନୀୟ ସରପଞ୍ଚ କାଳନ୍ଦୀ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜ୍ୟୋତିକାନ୍ତ ମହାନ୍ତି, ସଦସ୍ୟ ସୁବାସ ଚନ୍ଦ୍ର ବାରିକଙ୍କ ସହ ଅଭିଭାବକମାନେ ସାମିଲ ହୋଇଛନ୍ତି । ସେହିପରି ଗୋକୁଳପୁର ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଶିକ୍ଷକ ନଥିବାବେଳେ ଚଞ୍ଚକତା କରାଯାଇ ଗତ ଗୁରୁବାର ଶିକ୍ଷକ ସୁଜିତ ବେହେରାଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଯିବା ନେଇ ଗ୍ରାମବାସୀ କ୍ଷୁବ୍ଧ ହୋଇଛନ୍ତି । ଆଲମିନି ସଭାପତି ବିନୋଦବିହାରୀ ମହାନ୍ତି ଓ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ପୁରାତନ ଛାତ୍ର ସଂସଦର ସଦସ୍ୟମାନେ ବିଇଓଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଏହାଛଡା ଶନିବାର ଅପରାହ୍ନରେ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରାଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ସୋମବାର ଦିନ ଭିତରେ ଶିକ୍ଷକ ବେହେରାଙ୍କ ଡେପୁଟେସନ ଅର୍ଡରକୁ ରଦ୍ଦ କରି ତାଙ୍କୁ ପୂର୍ବ ସ୍ଥାନକୁ ଫେରାଇ ଅଣାନଗଲେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ଏବଂ ଏଥିପାଇଁ ବ୍ଲକ ଓ ଜିଲ୍ଲା ଶିକ୍ଷା ବିଭାଗ ଦାୟୀ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଗତ ଏକମାସ ଧରି ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଜଣେ ବିବାଦୀୟ ଶିକ୍ଷୟିତ୍ରୀଙ୍କୁ ରେଢୁଆ କ୍ଲଷ୍ଟର ସିଆର୍‌ସିସି ଭାବେ ଅବସ୍ଥାପିତ କରାଯିବା, ୬ଜଣ ସିଆର୍‌ସିସିଙ୍କ କାର୍ଯ୍ୟକାଳ ୫ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ସୁଦ୍ଧା ସେମାନଙ୍କ ଭିତରୁ କେବଳ ଜଣେ ସିଆର୍‌ସିସିଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ଏବଂ ଚଳିତ ଶିକ୍ଷାବର୍ଷ ମଧ୍ୟ ଭାଗରେ ଦୁଇଜଣ ଶିକ୍ଷକଙ୍କୁ ଡେପୁଟେସନରେ ଅନ୍ୟତ୍ର ପଠାଯିବା ଭଳି ଖବର ଶିକ୍ଷା ବିଭାଗର ସ୍ୱଚ୍ଛତାକୁ ପଦାରେ ପକାଇଛି । ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଏହା କରାଯାଇଛି ବୋଲି ବିଇଓ ବିଜୟ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି ।

# ୨୫ରୁ ଜାତୀୟ ଶିଳ୍ପ ବାଣିଜ୍ୟ ମେଳା

ବ୍ୟାସନଗର, (ଭାସ୍କର ନ୍ୟୁଜ): ରାଜ୍ୟର ଅର୍ଥନୈତିକ ସର୍ବପୁରାତନ ବାଣିଜ୍ୟ ମେଳା ଦୀର୍ଘ ୩୪ ବର୍ଷ ଧରି ଅନୁଷ୍ଠିତ ହେଉଛି । ଏହି ଜାତୀୟ ଜାଣିଜ୍ୟ ମେଳା ଚଳିତ ବର୍ଷ ୩୫ତମ ପ୍ରଦର୍ଶନୀ ଆସନ୍ତା ନଭେମ୍ବର ୨୫ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବ । ଶିଳ୍ପ, ବାଣିଜ୍ୟ ଓ ଗ୍ରାହକଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି କରିବା ଓ ଭାବବିନିମୟ ସହିତ ଜାତୀୟ ସଂହତିର ଭାବନା ଜାଗ୍ରତ କରାଇବା ଉଦ୍ଦେଶ୍ୟ ନେଇ ଏହି ମେଳାରେ ବିଭିନ୍ନ ଶିଳ୍ପ, ଖଣି, ବସ୍ତ୍ର, ହସ୍ତଶିଳ୍ପ, କୁଟୀର ଶିଳ୍ପ, ଯାନବାହାନ ଉଦ୍ୟୋଗ, ଗୃହନିର୍ମାଣ ଆଦି ବିଭିନ୍ନ ମଣ୍ଡପ ମାନ ସ୍ଥାନ ପାଇବ । ଏଥିସହିତ ଭାରତ ସରକାରଙ୍କ ହସ୍ତଶିଳ୍ପ ଉନ୍ନୟନ ଆୟୁକ୍ତ, ନୂଆଦିଲ୍ଲୀଙ୍କ ସହଯୋଗରେ ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶିଳ୍ପୀ ଓ ଦ୍ରବ୍ୟର ମଣ୍ଡପମାନ ସ୍ଥାନ ପାଉଛି । ଅଞ୍ଚଳରେ ଗଢ଼ି ଉଠିଥିବା ବିଭିନ୍ନ ଶିଳ୍ପ ସଂସ୍ଥା, କେନ୍ଦ୍ର ସରକାରଙ୍କ ବିଭିନ୍ନ ଉଦ୍ୟୋଗ ଉକ୍ତ ମେଳାରେ ଅଂଶଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ମେଳାରେ ମନୋରଞ୍ଜନ ପାଇଁ ବିଭିନ୍ନ ଦୋଳି ଓ ଖାଦ୍ୟମଣ୍ଡପ ମାନ ସ୍ଥାନ ପାଇବ । ନଭେମ୍ବର ୨୫ ତାରିଖ ସନ୍ଧ୍ୟା ୭ ଘଟିକାରେ ଯାଜପୁର ଜିଲ୍ଲାପାଳ ପି. ଅନ୍ବେସା ରେଜି ଅନୁଷ୍ଠାନିକ ଭାବେ ମେଳାକୁ ଉଦ୍‌ଘାଟନ କରିବାକୁ ନିମନ୍ତ୍ରଣ କରାଯାଇଛି । ସମ୍ମାନିତ ଅତିଥି ଭାବେ ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତର ସହନିର୍ଦ୍ଦେଶକ ପୁଖ ରାଜନ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଉଦ୍‌ଘାଟନ ଦିବସରେ ସୁଶ୍ରୀ ଶୁଭଲକ୍ଷ୍ମୀ ସ୍ୱାଇଁ ଓ ସହଯୋଗୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ 'ଦଶ ଅବତାର' ପରିବେଷଣ କରାଯିବ । ଏ ବର୍ଷ ମେଳାର ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ଏକ ଚିତ୍ତାକର୍ଷକ 'ରଙ୍ଗ ଶିରିକ ନୃତ୍ୟ କାର୍ଯ୍ୟକ୍ରମ' ବିଭିନ୍ନ ଦିବସରେ 'ଅକ୍ଷୟ ମଣ୍ଡପ'ରେ ଅନୁଷ୍ଠିତ ହେବ । ଏହା ବ୍ୟତୀତ ରାଜ୍ୟ ଏବଂ ରାଜ୍ୟ ବାହାରର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ସ୍ଥାନ ଦିଆଯାଇଛି । ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତଙ୍କ ପକ୍ଷରୁ ବିଭିନ୍ନ ରାଜ୍ୟର କୁଶଳୀ କାରିଗରମାନେ ସେମାନଙ୍କ ହସ୍ତ ଶିଳ୍ପ ପ୍ରଦର୍ଶନ କରିବେ । ଭାରତ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ସାଂସ୍କୃତିକ ଦଳ ଡିସେମ୍ବର ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଚାଲିବ, ମେଳାରେ ସେମାନଙ୍କର କଳା ପ୍ରଦର୍ଶନ କରିବେ । କୋଲକାତାର ପ୍ରସିଦ୍ଧ ଅର୍କେଷ୍ଟ୍ରା ଦଳ ଡିସେମ୍ବର ୩ରେ ସୋଲେ ଚଳଚିତ୍ରର ଲୋକପ୍ରିୟ ସଂଗୀତ 'ମେହେବୁବା ମେହେବୁବା' ଶୀର୍ଷକରେ ସୁଶ୍ରୀ ରଚ୍ଛନ୍ନା ରାୟଙ୍କ ଦ୍ୱାରା ଆଧୁନିକ ସଙ୍ଗୀତ ପରିବେଷଣ ସହିତ ଡିସେମ୍ବର ୪ ତାରିଖରେ 'ପଲ୍ ପଲ୍ ଦିଲ୍ କେ ପାଶ ତୁମ୍ ରେହ୍ତି ହୋ' ଶୀର୍ଷକରେ ସୁଶ୍ରୀ ବର୍ଣାଳୀ ଦାସ, ମହମ୍ମଦ ସଲିଲ୍, ବୋନି କୁମାର, ମହମ୍ମଦ ସଲିମ୍ ଓ ଅବଦୂର କାଦାରଙ୍କରେ ଦ୍ୱାରା ପୁରାତନ ସଙ୍ଗୀତ ଓ ରଙ୍ଗାରଙ୍ଗ ନୃତ୍ୟ ପରିବେଷିତ ହେବ । ଏଥି ସହିତ ପଦ୍ମ ବିଭୂଷଣ ସ୍ୱର୍ଗତ ରତନ ଟାଟାଙ୍କୁ ଏକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ । ମେଳାର ସଫଳ ଆୟୋଜନ ନିମନ୍ତେ ସ୍ଥାନୀୟ ପ୍ରଶାସନ, ପୋଲିସ୍ ପ୍ରଶାସନ, ବିଦ୍ୟୁତ୍, ଜନସ୍ୱାସ୍ଥ୍ୟ, ପୌରପରିଷଦ, ଭାରତୀୟ ରେଳ ବିଭାଗ, ପୂର୍ତ୍ତ ବିଭାଗ ଓ ଅଗ୍ନିସମ ବିଭାଗର ସହଯୋଗ ନିମନ୍ତେ କମିଟି ପକ୍ଷରୁ ଅନୁରୋଧ କରାଯାଇଛି । ଏ ବର୍ଷ ମେଳାର ବିଷୟବସ୍ତୁ 'ପ୍ରକୃତିର ଯତ୍ନ' ଉପରେ ଆଧାରିତ ବାର୍ତ୍ତା ରହିଛି । ବୋଲି ବାଣିଜ୍ୟ ମେଳା କମିଟିର ସଭାପତି ଜିତେନ୍ଦ୍ର ପ୍ରତିହାରୀ କହିଛନ୍ତି । ମେଳାର ଆୟୋଜନରେ ମେଳା କମିଟିର ସଦସ୍ୟ ସର୍ବଶ୍ରୀ ପ୍ରମୋଦ କୁମାର ପ୍ରଧାନ,, ସଂଗ୍ରାମ ରାଉତ, ଅର୍ଜୁନ କୁମାର ସ୍ୱାଇଁ, ବିନୋଦ ବିହାରୀ ଜେନା, ଜଗବନ୍ଧୁ ଦାସ, ସ୍ମୃତିରଞ୍ଜନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ପଦ୍ମନାଭ ମୁଖୀ, ରୁଦ୍ରମଣି ମୁଖୀ, ଉଦ୍ଧବ ଜେନା, ବଳଦେବ ନନ୍ଦ, ମାନସ ସାମଲ, ଦେବାନ୍ତଶୁ ସିଲ୍, ସୁଜାଶିଷ ରାଉତ, ଶେଖ୍ କଲାଲଉଦ୍ଦିନ୍ ଓ ମିସବାହୁର ହକ୍ ପ୍ରମୁଖ ମେଳାକୁ ସରସସୁନ୍ଦର କରିବା ପାଇଁ ପ୍ରସ୍ତୁତି ଜାରି ରଖିଛନ୍ତି ।

# କେବେ ଦୂର ହେବ ମେଡିକାଲ, ପାନୀୟଜଳ ଓ ବସ୍‌ଷ୍ଟାଣ୍ଡ ସମସ୍ୟା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବିଭିନ୍ନ ପଞ୍ଚାୟତରେ ଅନେକ ସମସ୍ୟା ରହିଛି । ମୁଖ୍ୟ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ସରକାର ଏପରିକି ନିର୍ବାଚିତ ବିଧାୟକ ଓ ସାଂସଦମାନେ ଦୃଷ୍ଟି ଦେଉନାହାନ୍ତି । ଲୋକଙ୍କ ସମସ୍ୟା ବୁଝିବାରେ ପ୍ରଶାସନ ଫେଲ୍ ମାରିଛି । ଏବେ ନୂଆ ସରକାର ଗଠନ ହୋଇଥିବା ବେଳେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ ନୂଆ ସରକାର ଓ ନୂଆ ସାଂସଦ ପ୍ରତିନିଧିଙ୍କ ଠାରୁ ନୂଆ ଆଶା କରୁଛନ୍ତି । ୨୪ବର୍ଷର ବିଜେଡି ସରକାର ଅସ୍ତରଙ୍ଗ ଅଞ୍ଚଳବାସୀଙ୍କୁ ପାନୀୟ ଜଳ ସମସ୍ୟା ଦୂର କରିବା, ମେଡ଼ିକାଲ ଡକ୍ଟର ସମସ୍ୟା ଦୂର କରିବା ଏମିତି ମିଛ ସ୍ୱପ୍ନ ଦେଖାଇ ସବୁ କ୍ଷେତ୍ରରେ ଅବହେଳା କରିଛନ୍ତି। ଅସ୍ତରଙ୍ଗ ଅଞ୍ଚଳବାସୀଙ୍କୁ ସ୍ମାର୍ଟ ଅଞ୍ଚଳ ସ୍ୱପ୍ନ ଦେଖାଇ ଭଣ୍ଡାଇଛନ୍ତି । ପ୍ରତି ପଞ୍ଚାୟତରେ ଅଳିଆ ଓ ଦୁର୍ଗନ୍ଧମୟ ଅଞ୍ଚଳ ଅନେକ ସ୍ଥାନରେ ପାଲଟିଛି । ସବୁ ମୌଳିକ ସୁବିଧା ଓ ସେବା ଲୋକଙ୍କୁ ଯୋଗାଇ ଦିଆଯିବା କଥା ତାହା କରାଯାଇନାହିଁ । ସରକାର ପରେ ସରକାର ବଦଳିଛନ୍ତି । ନେତା ପରେ ନେତା ବଦଳିଛନ୍ତି ଏହା ସହ ସ୍ୱାର୍ଥ ସାଧନ ପାଇଁ ଦଳ ମଧ୍ୟ ପରିବର୍ତ୍ତନ କରିଛନ୍ତି । ମାତ୍ର ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତର ଅଞ୍ଚଳବାସୀଙ୍କ ଭାଗ୍ୟ ବଦଳି ପାରିନାହିଁ। ଅସ୍ତରଙ୍ଗ ଅଞ୍ଚଳର ବିକାଶ ଯେଉଁ ସ୍ଥାନରେ ପହଞ୍ଚିବା କଥା ତାହା ପହଞ୍ଚି ପାରିନାହିଁ। ଆଜି ମଧ୍ୟ ଅନେକ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା, ମେଡ଼ିକାଲରେ ସ୍ୱାସ୍ଥ୍ୟ ସମସ୍ୟା, ଅନେକ ସ୍ଥାନରେ ନଦୀବନ୍ଧ ବିପର୍ଯ୍ୟସ୍ତ ହୋଇରହିଛି । ଏହା ସହ ଚାଷ ଜମିକୁ କେନାଲ ସମସ୍ୟା ରହିଛି । ଦୀର୍ଘ ଦିନ ହେବ ଅସ୍ତରଙ୍ଗରେ ବସ୍‌ଷ୍ଟାଣ୍ଡ ସମସ୍ୟା ଥିଲେ ମଧ୍ୟ ଯାତ୍ରୀ ଦୋକାନ ନିକଟରେ ଠିଆ ହେଉଛନ୍ତି କିନ୍ତୁ ବସ୍‌ଷ୍ଟାଣ୍ଡ ହୋଇ ପାରୁନାହିଁ କି ମହିଳାଙ୍କ ପାଇଁ ଶୌଚାଳୟ ନାହିଁ । ଅସ୍ତରଙ୍ଗ ବ୍ଲକ ବିଭିନ୍ନ ପଞ୍ଚାୟତରେ ମାଳମାଳ ସମସ୍ୟା ରହିଥିବା ବେଳେ ଏଠାରେ ବିକାଶ ଶୂନ୍ ଏବେ ନୂତନ ସରକାର ନୂତନ ନେତା ଉପରେ ନଜର । ସମସ୍ୟା ସମାଧାନ କରିବାକୁ ଅଞ୍ଚଳବାସୀ ଆଶା ରଖିଛନ୍ତି ।

# ଦୁଷ୍କର୍ମକାରୀ ଗିରଫ



ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ଉଦୁଲିବେଡା ଗ୍ରାମରେ ଗତ ୪ ତାରିଖରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ନିଜ ନାବାଳିକ ଝିଅକୁ ଜଙ୍ଗଲ ମଧ୍ୟରୁ ଶୋଚନୀୟ ଅବସ୍ଥାରେ ଉଦ୍ଧାର କରିଥିଲେ । ଏଥିସହ ଥାନାରେ ମଧ୍ୟ ଅଭିଯୋଗ କରିଥିଲେ । ଏହାକୁ ନେଇ ମାଥିଲି ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଏହି ଘଟଣାରେ ନାବାଳିକା ସହ ଦୁଷ୍କର୍ମ ହୋଇଥିବା ଜଣାପଡିଥିଲା । ନାବାଳିକାକୁ ମୁଦୁଲିପଡା ଥାନା ଅନ୍ତର୍ଗତ ସୁଗ୍ରିଗୁଡା ଗାଁର ଅଭିଯୁକ୍ତ ସନିଆ ପରାଜା ଦୁଷ୍କର୍ମ କରିଥିବା ନେଇ ଜଣାପଡିବ ପରେ ମାଥିଲି ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଏନେଇ ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ଓ ସଚେତନତା କ୍ୟାମ୍ପ

ମାଲକାନଗିରି, (ଭାସ୍କର ନ୍ୟୁଜ): ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ ବୋର୍ଡ ଅଧୀନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଇରପୁଟ ବ୍ଲକର ବଣ୍ଡା ଜନଜାତି ବହୁଳ ଅଣ୍ଡରାହାଲ ଗ୍ରାମ ପଞ୍ଚାୟତ ଠାରେ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ଓ ସଚେତନତା କ୍ୟାମ୍ପ ଆୟୋଜନ କରାଯାଇଥିଲା । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶକ୍ରମେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ତଥା ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ ଓ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ଉପସ୍ଥିତ ରହି ଏହି କ୍ୟାମ୍ପ ଆୟୋଜନ କରିଥିଲେ । ଏଥିରେ ୧୫୦ଜଣ ନିର୍ମାଣ ଶ୍ରମିକ ଉପସ୍ଥିତ ଥିଲେ । ୫୪ଜଣ ନିର୍ମାଣ ଶ୍ରମିକଙ୍କୁ ତ୍ୱରିତ ଶ୍ରମ କାର୍ଡ ପ୍ରଦାନ କରାଯିବା ସହ ୫୦ରୁ ଅଧିକ କୋଠାବାଡ଼ି ଓ ନିର୍ମାଣ ଶ୍ରମିକଙ୍କ କାର୍ଡ ନବୀକରଣ କରାଯାଇଥିଲା । ସୂଚନା ଥାଉ କି ଅଣ୍ଡରାହାଲ ପଞ୍ଚାୟତ ଆଦିମ ବଣ୍ଡା ଜନଜାତି ବହୁଳ ଅଞ୍ଚଳ ଅଟେ । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଶେଷ ପ୍ରାଧାନ୍ୟତା ଦିଆଯାଉଛି। ତେଣୁ ଏହି ଅଞ୍ଚଳର ନିର୍ମାଣ ଶ୍ରମିକ, ପ୍ରବାସୀ ଶ୍ରମିକ ଓ ଅଣ ସଂଗଠିତ ଶ୍ରମିକ ମାନଙ୍କୁ ସେମାନଙ୍କର ପାଇଁ ଉପଲବ୍ଧ ସରକାରୀ ଯୋଜନା ସମ୍ପର୍କରେ ସଚେତନତା କରାଯାଇଥିଲା । ସେହିପରି ଅଚଳ ହୋଇଥିବା ଶ୍ରମ କାର୍ଡକୁ ଏକ୍ଟିଭ କରାଯାଇଥିଲା । ଏହି କ୍ୟାମ୍ପକୁ ଆୟୋଜନ କରିବାରେ ସ୍ଥାନୀୟ ସରପଞ୍ଚ, ଜିଆର୍‌ଏସ୍, ଚିନ୍ମୟ ରାଉତରାୟ, ବିଜୟାନନ୍ଦ ପଣ୍ଡା ଓ ରିଙ୍କୁ ରଞ୍ଜନ ଅଧିକାରୀ ସହଯୋଗ କରିଥିଲେ । ଅନ୍‌ଲାଇନ୍ ପଞ୍ଜିକରଣ ନିମନ୍ତେ ମୋ ସେବା କେନ୍ଦ୍ରର କର୍ମଚାରୀ ସହାୟତା କରିଥିଲେ ।

# 'ମୋ ଭାରତ' କାର୍ଯ୍ୟକ୍ରମ

ମାଲକାନାଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ବନବାସୀ ଆଶ୍ରମ ଚିତ୍ରକୋଣ୍ଡାରେ କେନ୍ଦ୍ର ସରକାରଙ୍କ ଯୁବ ବିକାଶ ମନ୍ତ୍ରଣାଳୟ ନେହେରୁ ଯୁବା କେନ୍ଦ୍ର ମାଲକାନଗିରି, ସୃଷ୍ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବନ ବିଭାଗ ମିଳିତ ଉଦ୍ୟମରେ 'ମୋ ଭାରତ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ଯୁବକ ଓ ମହିଳା ମିଶି ଗୋଟାଏ ବୃକ୍ଷ ମା' ନାମରେ କାର୍ଯ୍ୟକ୍ରମକୁ ମାନି ୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଫଳ ଗଛ ବନବାସୀ ଆଶ୍ରମ ପରିସରରେ ରୋପଣ କରିଥିଲେ । ବନବାସୀ ଆଶ୍ରମ ସଂଯୋଜକ ସଞ୍ଜୟ କୁମାର ତୁରୁକା, ଏନ୍‌କେୱାଇଏସ୍ ସହକାରୀ ସନ୍ତୋଷ ପାତ୍ର, ସୃଷ୍ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମୀ କିଶୋର ବାବୁ, ଆମ ଜଙ୍ଗଲ ଯୋଜନା କର୍ମୀ ଜ୍ୟୋତି ରଞ୍ଜନ ପାଣିଗ୍ରାହୀ, ସହିଦ ଗୋପି ପୂଜାରୀ, କ୍ଲବ ସଂପାଦକ ଟୁକୁଲୁ ପ୍ରଧାନ, ଉପାନ୍ତ ଗିରିଜନ ଉନ୍ନୟନ ପରିଷଦ ଚିତ୍ରକୋଣ୍ଡାର ସଭ୍ୟମାନେ ଆଦି ସହଯୋଗ କରିଥିଲେ । ଆଗାମୀ ଦିନରେ ବିଭିନ୍ନ ସ୍ୱୟଂ ସହାୟକ ଦଳ ଓ ଯୁବକ ସଂଘମାନଙ୍କୁ ନେଇ ସ୍ୱାଭିମାନ ଅଞ୍ଚଳରେ ମୋ ଭାରତ, ଏକ ପେଡ ମା କେ ନାମ, ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମଗୁଡ଼ିକ କରାଯିବ ।

# ଇବ୍ ଭ୍ୟାଲି ଡିଏଭି ପବ୍ଲିକ୍ ସ୍କୁଲରେ ସାହିତ୍ୟ ସମ୍ମିଳନୀ




ବ୍ରଜନଗର, (ଭାସ୍କର ନ୍ୟୁଜ): ବ୍ରଜରାଜନଗର ଇବ୍ ଭ୍ୟାଲି ଏରିଆ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଏକ ସାହିତ୍ୟିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଇବ୍ ଭ୍ୟାଲି ଏରିଆର ମହାପ୍ରବନ୍ଧକ ଅୱଧ କିଶୋର ପାଣ୍ଡେ । ନେତୃତ୍ୱରେ ତଥା ଡିଏଭି ସ୍କୁଲ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ସକାଳ ପ୍ରାୟ ୮ ଟାରୁ ଆରମ୍ଭ ହୋଇ ଦ୍ୱିପର ୧ ଟା ୩୦ ସମୟ ପର୍ଯ୍ୟନ୍ତ ଚାଲିଥିଲା । ଏହି ସମ୍ମିଳନୀରେ ଭାଷାର ବିଶେଷଜ୍ଞମାନେ ଛାତ୍ରଛାତ୍ରୀଙ୍କ ସହିତ ସେମାନଙ୍କର ଜ୍ଞାନ ବାଣ୍ଟିଥିଲେ । ଛାତ୍ରଛାତ୍ରୀମାନେ ମଧ୍ୟ ସେମାନଙ୍କ ଭିତରେ ଥିବା ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ସମୀର ରଂଜନ ନାୟକ ସାହିତ୍ୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସେହି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବିଶ୍ୱଜିତ ଖମାରି, ଅବସରପ୍ରାପ୍ତ ଅଧ୍ୟାପିକା ଶ୍ରୀମତୀ ଶିବପ୍ରିୟା ମିଶ୍ର, ଲାଜକୁରା ଖଣିର ପର୍ସନାଲ ମ୍ୟାନେଜର ପ୍ରକାଶ ସୋନି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସାହିତ୍ୟ ସମ୍ମିଳନୀରେ ଇଂରାଜୀ, ହିନ୍ଦୀ ଏବଂ ଓଡିଆ ଭାଷାରେ ଛାତ୍ରଛାତ୍ରୀମାନେ ନିଜ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପୁନମ ସିହ୍ନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶିକ୍ଷକ ସୁବ୍ରତ ପୂଜାରୀ, ଏନ୍ ସି ସାହୁ, ଦେଓ ପ୍ରକାଶ ଗୁପ୍ତା, ଦୀନବନ୍ଧୁ ଖମାରି, ମୁନୁ କୁମାର ଭୋଇ, ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ, ସୁମିତା ପଣ୍ଡା, ଅଞ୍ଜୁ ଅଗ୍ରୱାଲ, ଚନ୍ଦ୍ରକଳା ଜୟସ୍ୱାଲ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ + ୩ ବିଜ୍ଞାନ ଶ୍ରେଣୀ ଖୋଲିବା ଘଟଣା

# ସତ୍ୟାଗ୍ରହକାରୀଙ୍କୁ ପ୍ରତିଶ୍ରୁତି ଦେଲେ ସାଂସଦ




ରଘୁନାଥପୁର, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ, ରେଢୁଆରେ +୩ ବିଜ୍ଞାନ ଶିକ୍ଷାଦାନ ବ୍ୟବସ୍ଥା ନିମନ୍ତେ ଆଞ୍ଚଳିକ ବିକାଶ ପରିଷଦ, ରେଢୁଆ ତରଫରୁ ଗତ ୧୧/୧୧/୨୪ ରିଖ ଠାରୁ ଆରମ୍ଭ ହୋଇଥିବା ସତ୍ୟାଗ୍ରହ ଶନିବାର ତ୍ରୟୋଦଶ ଦିନରେ ପହଞ୍ଚି ଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ତରଫରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନଥିଲା । ପ୍ରଥମ ଦିନ କେବଳ ରଘୁନାଥପୁର ତହସିଲଦାର ସୌଜନ୍ୟମୂଳକ ସାକ୍ଷାତକାର କରି ଚାଲିଯାଇଥିଲେ। ଜିଲ୍ଲାପାଳ ଜଗତସିଂହପୁରଙ୍କ ସହିତ ଆଲୋଚନା ବୈଠକର ଆୟୋଜନ କରିବେ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ । ଗତ ତା ୧୯/ ୧୧/୨୦୨୪ ରିଖରେ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ତହସିଲଦାର ରଘୁନାଥପୁର ସତ୍ୟାଗ୍ରହୀମାନଙ୍କ ସହିତ ଆଲୋଚନା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଡ଼ାକିଥିଲେ । ମାତ୍ର ଉକ୍ତ ଆଲୋଚନାରେ, ଦାବି ପୂରଣ ସମ୍ପର୍କରେ ଜିଲ୍ଲାପାଳ ନିଜର ଅସହାୟତା ପ୍ରକାଶ କରିବାରୁ ଶନିବାର ଦିନ ଏଗାର ଘଟିକା ସମୟରେ ଶତାଧିକ ଛାତ୍ରଛାତ୍ରୀ ସାଇକେଲ ଶୋଭାଯାତ୍ରା ବାହାର କରି ରେଢୁଆ ଅଞ୍ଚଳ ପରିକ୍ରମା କରିଥିଲେ । ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ, ରେଢୁଆରେ +୩ ବିଜ୍ଞାନ ଶ୍ରେଣୀ ଖୋଲିବା ଦାବି ପୂରଣ ଦିଗରେ ଅଞ୍ଚଳବାସୀ ସାହାଯ୍ୟ ସହଯୋଗ କରିବା ପାଇଁ ଏହି ଶୋଭାଯାତ୍ରାରେ ଅଞ୍ଚଳବାସୀଙ୍କୁ ନିବେଦନ କରାଯାଇଥିଲା । ପ୍ରକାଶ ଥାଉ କି ଗତ ଦୁଇ ବର୍ଷ ତଳୁ +୩ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ଦାବି ହୋଇଆସୁଥିବା ବେଳେ ଚଳିତ ବର୍ଷ ଉପ ନିର୍ଦ୍ଦେଶକ, ଉଚ୍ଚଶିକ୍ଷା ବିଭାଗ, କଲେଜ୍‌କୁ ଆସି ଯାଞ୍ଚ କରିଯାଇଥିଲେ । ହେଲେ ଏ ପର୍ଯ୍ୟନ୍ତ ହାଇ ପାୱାର କମିଟି ବସି ପାରିଲା ନାହିଁ କି ନିଷ୍ପତ୍ତି ନିଆଯାଇ ପାରିଲା ନାହିଁ। ଅଞ୍ଚଳର ବିକାଶ ପ୍ରକ୍ରିୟାରେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଥିବା ବେଳେ ବିଗତ ସରକାର ରେଢୁଆ କଲେଜକୁ କାହିଁକି ଅଣଦେଖା କଲେ ଯାହା ଅତ୍ୟନ୍ତ କ୍ଷୋଭର ବିଷୟ । ତେଣୁ ଅଞ୍ଚଳବାସୀ ବର୍ତ୍ତମାନର ସରକାରଙ୍କ ଉପରେ ଅନେକ ଆସ୍ଥା ରଖିଛନ୍ତି ଯେ ନିଶ୍ଚିତ ଭାବରେ ବିଜେପି ସରକାର ଆମ୍ଭ ଅଞ୍ଚଳର ଭବିଷ୍ୟତ ଉଜ୍ଜ୍ୱଳ କରିବାରେ +୩ ବିଜ୍ଞାନ ଶିକ୍ଷାଦାନ ବ୍ୟବସ୍ଥା କରାଇବେ । ବିରିଡ଼ି, ରଘୁନାଥପୁର, ତିର୍ତ୍ତୋଲ, ଜଗତସିଂହପୁର ବ୍ଲକ ପ୍ରଭୃତିରୁ ଶହଶହ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ବିଜ୍ଞାନ ଶିକ୍ଷା ପାଇବା ଦିଗରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ସରକାର ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ +୩ ବିଜ୍ଞାନ ଶ୍ରେଣୀ ଖୋଲିବା ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ । ନଚେତ୍ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ତୀବ୍ରତର ହେବ ବୋଲି ସତ୍ୟାଗ୍ରହରେ ସାମିଲ ହୋଇଥିବା ଛାତ୍ରଛାତ୍ରୀମାନେ ସରକାରଙ୍କୁ ଚେତାବନୀ ଦେଇଥିଲେ । ସତ୍ୟାଗ୍ରହ ପାଇଁ ପାରିପାର୍ଶ୍ୱିକ ସମର୍ଥନ ବୃଦ୍ଧି ପାଉଥିବା ବେଳେ ଆଜି ଦିନ ବାର ଘଟିକା ସମୟରେ ବ୍ଲକ୍‌ସ୍ତରୀୟ ବିଜେପି ନେତୃତ୍ୱମାନେ ଆଇନଜୀବୀ ଗଗନ ଦାଶ, ବିଜେପି ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଅଶୋକ ମହାରଣା, ଯୁବନେତା ପ୍ରଭଞ୍ଜନ ମଲ୍ଲକ, ପ୍ରଦିପ୍ତ ବିହାରୀ ସତ୍ୟାଗ୍ରହ ସ୍ଥଳରେ ପହଞ୍ଚି ଫୋନ୍ ମାଧ୍ୟମରେ ସାଂସଦ ବିଭୁ ପ୍ରସାଦ ତରାଇଙ୍କ ସହିତ ଆଲୋଚନା କରାଇଥିଲେ । ସାଂସଦ ମଧ୍ୟ +୩ ବିଜ୍ଞାନ ଖୋଲିବା ଦାବିକୁ ସମ୍ମତି ଜଣାଇ ଆସନ୍ତା ୧୫ଦିନ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହିତ ଆଲୋଚନା ବୈଠକ ଡକାଇବେ ଏବଂ ଆସନ୍ତା ଶିକ୍ଷା ବର୍ଷରେ ଛାତ୍ରଛାତ୍ରୀଙ୍କ ବିଜ୍ଞାନ ପଢ଼ିବା ସୁଯୋଗ ସୃଷ୍ଟି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟ ମାନଙ୍କ ମଧ୍ୟରେ ଆଲୋଚନା ହେବା ପରେ ଆସନ୍ତା ସୋମବାର ଦିନ ଧାରଣା ପ୍ରତ୍ୟାହାର ହେବ ବୋଲି ସତ୍ୟାଗ୍ରହୀମାନଙ୍କ ଦ୍ୱାରା ନିଷ୍ପତ୍ତି ନିଆଯାଇଛି । ଆଜି ତ୍ରୟୋଦଶ ଦିନରେ ପହଞ୍ଚିଥିବା ସତ୍ୟାଗ୍ରହରେ ସ୍ନେହାନ୍ଶୁ ଜେନା, ଦେବିପ୍ରସାଦ ମହାରଣା, ସୁଭାସିସ ସ୍ୱାଇଁ, ସୌଭାଗ୍ୟ ସ୍ୱାଇଁ, ସତ୍ୟବାଦୀ ସ୍ୱାଇଁ, ରମାକାନ୍ତ ରଣା, ଗଗନ ବିଶ୍ୱାଳ, ଜୋସେଫ ସ୍ୱାଇଁ, ବିକ୍ରମ କେଶରୀ ମହାନ୍ତି, ଲିଟୁ ମଲ୍ଲିକ, ଅନିମା ପ୍ରିୟା ଦର୍ଶିନି ନାୟକ, ପ୍ରଭାତୀ ଚୌଧୁରୀ, ଶ୍ରଦ୍ଧା ସୁମନ ମହାନ୍ତି, ରିମା ବେହେରା, ପଦ୍ମଜା ଭୋଳ, ଋତୁପର୍ଣ୍ଣା ବେହେରା, ସ୍ମୃତି ସୌନ୍ଦର୍ଯ୍ୟ ସ୍ୱାଇଁ, ସ୍ୱସ୍ତି ସୌନ୍ଦର୍ଯ୍ୟ ସ୍ୱାଇଁ, ରାନୀପ୍ରଭା ନାୟକ, ଅଭିନନ୍ଦନ ମହାନ୍ତି, ଅମ୍ବିକା ପ୍ରସାଦ ମହାରଣା, ସ୍ମୃତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ କଂଗ୍ରେସ ବରିଷ୍ଠ ନେତା ସର୍ବେଶ୍ୱର ପଣ୍ଡା, ପୁରୁଣା ବସନ୍ତ ସରପଞ୍ଚ କିଳନ୍ଦୀ ମହାନ୍ତି ମଧ୍ୟ ସାମିଲ ହୋଇ ସତ୍ୟାଗ୍ରକୁ ସମର୍ଥନ ଜଣାଇଥିଲେ।



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ଶନିବାର ହେଉଛି ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି। ଏହି ଦିନକୁ ପ୍ରଥମାଷ୍ଟମୀ ଭାବେ ପାଳନ କରାଯାଏ। ଘରର ଜ୍ୟେଷ୍ଠ ସନ୍ତାନମାନଙ୍କ ପାଇଁ ସ୍ୱତନ୍ତ୍ର ପୂଜା କରିବାର ପରମ୍ପରା ରହିଛି। ଜ୍ୟେଷ୍ଠ ସନ୍ତାନମାନେ ସକାଳୁ ଉଠି ଗାଧୋଇ ନବ ବସ୍ତ୍ର ପରିଧାନ କରିଥାଆନ୍ତି। ତାପରେ ତାଙ୍କୁ ପିଢାରେ ବସାଯାଇ ବନ୍ଦାପନା କରାଯାଇଥାଏ। ଜ୍ୟେଷ୍ଠ ସନ୍ତାନମାନଙ୍କର ଶୁଭ ମନାସୀ ଷଠୀ ଦେବୀ ଓ କୂଳ ଦେବତାଙ୍କ ନିକଟରେ ପୂଜା କରାଯାଇଥାଏ। ଜ୍ୟେଷ୍ଠ ସନ୍ତାନଙ୍କୁ ପଢୁଆଁ କରିବା ପାଇଁ ମାମୁଁ ଘରୁ ନୂତନ ବସ୍ତ୍ର ଆସିଥାଏ। ନୂଆ ବସ୍ତ୍ର ପିନ୍ଧି ବନ୍ଦାପନ ହୋଇ ସାରିବା ପରେ ହଳଦୀ ପତ୍ରରେ ତିଆରି ସ୍ୱତନ୍ତ୍ର ଏଣ୍ଡୁରୀ ପିଠା ଖାଇ ଥାଆନ୍ତି। ମାର୍ଗଶିର ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ କୁହାଯାଏ।ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ । ଏହି ପିଠା ପାଇଁ ହଳଦୀପତ୍ରର ବ୍ୟବହାର ମଧ୍ୟ ଅନ୍ୟ ଏକ ବିଶେଷତ୍ୱ । ଅନ୍ୟ କୌଣସି ପିଠାରେ ହଳଦୀ ପତ୍ର ବ୍ୟବହୃତ ହୁଏନାହିଁ ଓ କେବଳ ପ୍ରଥମାଷ୍ଟମୀ ଉପଲକ୍ଷେ ଏଣ୍ଡୁରି ପିଠାରେ ହଳଦୀପତ୍ରର ବ୍ୟବହାର ପ୍ରସିଦ୍ଧ ।ଛେନା, ନଡ଼ିଆପୁର, ଗୁଡ଼, ଉଆପକ୍ଷିଆ ଚାଉଳ, ହଳଦୀ ପତ୍ର ଏବଂ ବିରିରେ ପିଠା ତିଆରି କରାଯାଏ। ହଳଦୀ ପତ୍ରର ମହମହ ବାସ୍ନାରେ ପିଠାରେ ସୁଆଦ ଅଧିକ ରୁଚିକର ଲାଗେ।

# ଡ଼ିପିଏସ୍ ରାସ୍ତା ବିପର୍ଯ୍ୟସ୍ତ



ଫୁଲନଖରା,(ଭାସ୍କର ନ୍ୟୁଜ୍): ସଦର ଥାନା ଅନ୍ତର୍ଗତ ଅଡ଼ାଳିଆସ୍ଥିତ ଡ଼ିପିଏସ୍ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫୁଲନଖରା-ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ଠାରୁ ଡ଼ିପିଏସ୍ ପର୍ଯ୍ୟନ୍ତ ପ୍ରାୟ ୨ କି.ମି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ଦୈନଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବିଶେଷ କରି ଅଡ଼ାଳିଆ ମଙ୍ଗଳା ମନ୍ଦିର ନିକଟରେ ରାସ୍ତାଟି ଅତ୍ୟଧିକ ନଷ୍ଟ ହୋଇଯିବାରୁ ଯାତାୟତରେ ବାଧା ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ପ୍ରତିଦିନ ଡ଼ିପିଏସ୍‌କୁ ଶହଶହ ପିଲା ଗାଡ଼ି ମଟରରେ ଯାତାୟତ କରିବା ସହ ଆମଣ, ଶାସୋଳ, ଅଡ଼ାଳିଆ, ନଖରା, ଅନନ୍ତପୁର, ଚାମରପଡ଼ା, ଅରିଲୋ , ଖଣ୍ଡେଏତ, ନାଗବାଲି ଗ୍ରାମର ଲୋକମାନେ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ଅଡ଼ାଳିଆ ସରକାରୀ ବିଦ୍ୟାଳୟର ପିଲାମାନେ ମଧ୍ୟ ଏହି ବାଟ ଦେଇ ଯାଇଥାନ୍ତି। ମଙ୍ଗଳା ମନ୍ଦିରକୁ ଭକ୍ତମାନେ ଦୈନଦିନ ଏହି ଖାଲଖମା ରାସ୍ତା ଦେଇ ଯାତାୟତ କରିଥାନ୍ତି। ଅଡ଼ାଳିଆ ସମବାୟ ସମିତି ମଣ୍ଡିକୁ ଧାନ ଦେବା ପାଇଁ କୃଷକମାନେ ଏହି ଦୟନୀୟ ରାସ୍ତା ଦେଇ ଯାଇଥାନ୍ତି। ରାସ୍ତାରେ ଖାଲଖମା ହେବା ଦ୍ୱାରା ଗାଡ଼ି ମଟର ଯାତାୟତ କଲାବେଳେ ପ୍ରବଳ ଧୂଳି ଉଡୁଥିବାରୁ ଲୋକମାନେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏହି ରାସ୍ତା ମରାମତି କରି ଯାତାୟତ ଉପଯୋଗୀ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଅଙ୍ଗନବାଡି କେନ୍ଦ୍ରରେ ପୋକ ସାଲୁବାଲୁ ଛତୁଆ ଏବଂ ହାଲୁଆ ବଣ୍ଟନ ଘଟଣା

# ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶକୁ ବେଖାତିର କଲେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ



କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ଅଙ୍ଗନବାଡି କେନ୍ଦ୍ରରେ ପୋକ ସାଲୁବାଲୁ ଛତୁଆ ଯୋଗାଣ ଓ ବଣ୍ଟନକୁ ନେଇ ଗତ ଏକମାସ ତଳେ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିବା ଏବଂ ଅଭିଯୋଗ ଉପରେ ତଦନ୍ତ ସାରିଥିଲେ ମଧ୍ୟ ଯୋଗାଣକାରୀ ସଂସ୍ଥା ଅଥବା ବିଭାଗୀୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ୍ୟ ଥିବା ଦେଖି ୧୫ନମ୍ବର ୱାର୍ଡର ଅଭିଭାବକ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣିରେ ପୁଣି ଅଭିଯୋଗ କଲେ। ସୂଚନା ଥାଉ କି କରଞ୍ଜିଆ ଏନଏସିର ୱାର୍ଡ ନଂ ୧୫ ସ୍ଥିତ ଅଙ୍ଗନବାଡି କେନ୍ଦ୍ରରେ ଗତ ସେପ୍ଟେମ୍ବର ୧ ତାରିଖରେ ପୋକସାଲୁ ବାଲୁ, ଛତୁଆ ଓ ନିମ୍ନମାନର ହାଲୁଆ ଯୋଗାଣ ହୋଇଥିଲା । ଉକ୍ତ ସମୟରେ କେତେକ ଅଭିଭାବକ ସେଠାକୁ ଯାଇ ଯୋଗାଣ ଦ୍ରବ୍ୟ ପରଖିବା ପରେ ଅଙ୍ଗନବାଡି ଦିଦି ଓ ତତ୍କାଳୀନ ସିଡିପିଓ ଏବଂ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତଦିନ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ନେତୃତ୍ୱରେ ସୁପରଭାଇଜର ଲକ୍ଷ୍ମୀ ସିଂ, ସୁମତି ଆରୁଖ ଏବଂ ଅଞ୍ଜନା ପାତ୍ର ଅଭିଯୋଗ ଭିତ୍ତିରେ ୱାର୍ଡକୁ ଯାଇ ତଦନ୍ତ କରିଥିଲେ। ଏହି ଘଟଣାର ଦୁଇଦିନ ପୂର୍ବରୁ ଅଙ୍ଗନବାଡି ଶିଶୁଙ୍କୁ ଅଖାଦ୍ୟ ଯୋଗାଣ ନେଇ ରାଜ୍ୟ ବିଧାନସଭାରେ ତୁମ୍ବି ତୁଫାନ ମଧ୍ୟ ହୋଇଥିବା କାରଣରୁ ଉପଜିଲ୍ଲାପାଳ ତଦନ୍ତ ପରେ ଯୋଗାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଅଙ୍ଗନବାଡି କର୍ମୀଙ୍କୁ ଏକମାସ ମଧ୍ୟରେ ନିଲମ୍ବନ କରାଯିବ ବୋଲି ୱାର୍ଡବାସୀଙ୍କ ଆଗରେ ପ୍ରକାଶ କରିଥିଲେ। ଏହି ଘଟଣାକୁ ଦୁଇମାସ ବିତି ଯାଇଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଘଟଣାରେ ବ୍ୟାପକ ଅର୍ଥ କାରବାର ହେଇଥିବା ଚର୍ଚ୍ଚା ହେଉଛି। ଛୋଟ ଛୋଟ କମଳମୋତି ଶିଶୁମାନଙ୍କୁ ଦୀର୍ଘ ବର୍ଷ ଧରି ଅଖାଦ୍ୟ ଖାଦ୍ୟ ଯୋଗାଣ କରିଆସୁଥିବା ଏପରି ସଂସ୍ଥାକୁ ଅନୈତିକ ଘଣ୍ଟ ଘୋଡାଇବା ପଛର କାରଣ କ'ଣ? ଘଟଣାର ତଦନ୍ତ ରିପୋର୍ଟରେ ମିଥ୍ୟା ତଥ୍ୟ ଦିଆଯାଇ ଜିଲ୍ଲା ପ୍ରଶାସନକୁ ଭକୁଆ ବନାଉ ନାହିଁ ତ ସ୍ଥାନୀୟ ପ୍ରଶାସନ? ଉକ୍ତ ସଂସ୍ଥା କୁଆଡେ ପ୍ରଭାବଶାଳୀଙ୍କ ବାହୁଛାୟା ତଳେ ଥିବା କାରଣରୁ ଯୋଗାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେବା ଯୋଗୁଁ ୱାର୍ଡବାସୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟଦକ୍ଷତା ଓ ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଉପଜିଲ୍ଲାପାଳଙ୍କ ତଦନ୍ତ ସମୟରେ ଅଙ୍ଗନବାଡି କେନ୍ଦ୍ରକୁ ମାସକୁ ଥରେ ଛତୁଆ ଦେଲେ ଅଣ୍ଡା ନାହିଁ ଏବଂ ଅଣ୍ଡା ଦେଲେ ଛତୁଆ ଯୋଗାଣ ହେଉନଥିବା ସମ୍ବନ୍ଧରେ ୱାର୍ଡବାସୀ ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି ନିରାକରଣ ନାହିଁ । ଯାହା ଫଳରେ ଅଭିଭାବକ ଗଣ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ତଦନ୍ତ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ପଚାରିବାରୁ ଜିଲ୍ଲାପାଳ ସଙ୍ଗେ ସଙ୍ଗେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପରିତାପର ବିଷୟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପାଇଥିଲେ ବି ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଅର୍ଣ୍ଣପୂର୍ଣ୍ଣା ସିଙ୍ଗୁ ତଦନ୍ତ ନକରି ଚାଲି ଯିବାର କାରଣ କ'ଣ? ଜିଲ୍ଲାରେ ଛତୁଆ ବଣ୍ଟନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାରେ ବ୍ୟାପକ ଅର୍ଥ କାରବାର କରୁଛି କି ବିଭାଗ? ନା ଆଉ କେଉଁଥି ପାଇଁ ଉକ୍ତ ଯୋଗାଣକାରୀ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭୟ କରୁଛି ଜିଲ୍ଲା ପ୍ରଶାସନ? ତେଣୁ ପୁଣି ସୋମବାର ଆଉଥରେ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ଅଭିଭାବକ, ଅଭିଯୋଗ ପାଇବା ପରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କୁ ତୁରନ୍ତ ଆଜି ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ କହିଥିଲେ, ହେଲେ ଜନ ଅଭିଯୋଗ ଶିବିରରେ ଉପସ୍ଥିତ ଥିବା ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଏହାକୁ ବେଖାତିର କରି ଜିଲ୍ଲାପାଳଙ୍କ ପଛେ ପଛେ ଚାଲିଯାଇଥିଲେ। ଆଜକୁ ତିନି ମାସ ବିତି ଯାଇଥିଲେ ବି କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ତଦନ୍ତ ପାଇଁ ବି ଯାଉ ନାହାନ୍ତି ଅଧିକାରୀ, ତେଣୁ ଏଥିରେ ବ୍ୟାପକ ଅର୍ଥ କାରବାରର ସ୍ପଷ୍ଟ ଗନ୍ଧ ବାରି ହେଇପଡୁଛି। ତେଣୁ ଏ ସମ୍ପର୍କରେ ବର୍ତ୍ତମାନର ସରକାର ତୁରନ୍ତ ଦୃଷ୍ଟି ଦେଇ ଏପରି ଅଖାଦ୍ୟ ଯୋଗାଣ କାରୀ ସଂସ୍ଥା ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଘଣ୍ଟ ଘଡାଉଥିବା ଅଧିକାରୀଙ୍କ ବିରୁଦ୍ଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଛନ୍ତି ଅଭିଭାବକ। ତେବେ ଦେଖିବାକୁ ବାକି ରହିଲା ଏ ଘଟଣା ଜିଲ୍ଲାପାଳଙ୍କ ନଜରକୁ ଆସିବା ପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ




ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ଓ ଓଁ ଲଫିଙ୍ଗ୍ କ୍ଲବର ମିଳିତ ଆନୁକୂଲ୍ୟରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସମାଜବାଦୀ ନେତା ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଲଫିଙ୍ଗ୍ କ୍ଲବ ସଭାପତି ଦେବରାଜ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଏମ୍‌କେସିଜି ମେଡିକାଲ କଲେଜ ପରିସରରେ ପୂଜ୍ୟ ନବକୃଷ୍ଣ ଚୌଧୁରୀଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରାଯାଇ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସହରର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଯୋଗ ଦେଇ ଓଡିଶା ମାଟିକୁ ନବବାବୁଙ୍କ ବଳିଷ୍ଠ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୦୧ମସିହା ନଭେମ୍ବର ୨୩ ତାରିଖରେ କଟକର ସ୍ୱରାଜ୍ୟ ଆଶ୍ରମରେ ପିତା ଗୋକୁଳାନନ୍ଦ ଚୌଧୁରୀ ଓ ମାତା ପଦ୍ମାବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ୧୯୨୨ ମସିହାରେ ଗାନ୍ଧିଜୀଙ୍କ ସାବରମତି ଆଶ୍ରମରେ ତାଲିମ ପାଇ ସେବାକାର୍ଯ୍ୟ ସମ୍ପାଦନ କରିଥିଲେ। ସେଠାରେ ଅଳକା ନାମକ ପତ୍ରିକାର ପ୍ରଚାର ଓ ପ୍ରସାର ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ଥିବାବେଳେ ସେ ନିଶା ନିବାରଣ ଆଇନ, ଜମିଦାରୀ ପ୍ରଥାର ଉଚ୍ଛେଦ ପାଇଁ ଆଇନ ପ୍ରଣୟନ କରିଥିଲେ। ୧୯୫୪ମସିହାରେ କୃଷି ଓ ପଶୁପାଳନ ମହାବିଦ୍ୟାଳୟ ଓ ବୁର୍ଲା ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରାଯିବା ସହ ଓଡ଼ିଆ ଭାଷାକୁ ସରକାରୀ ଭାଷା କରିବା ପାଇଁ ଆଇନ ପ୍ରଣୟନ କରିଥିଲେ। ଓଡ଼ିଶାର ଗରିବ ଭୂମିହୀନ ଚାଷୀଙ୍କୁ ସହାୟତା ପାଇଁ ସିଲିଂ ବହିର୍ଭୁତ ଜମି ଆଇନ ଭଳି ବହୁ ଯୁଗାନ୍ତକାରୀ ଆଇନ ଲାଗୁ କରିଥିଲେ। ଓଡ଼ିଶାବାସୀଙ୍କ ପାଇଁ ତାଙ୍କ ଅବଦାନ ଚୀର ସ୍ମରଣୀୟ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ହାସ୍ୟ କ୍ଲବର ସଭାପତି ଲଳିତ ମୋହନ ରାଜଗୁରୁ, ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ୍, ସୁରେନ୍ଦ୍ର ନାଥ ପଣ୍ଡା, ଅଳକ ନାଥ ମିଶ୍ର, ଅମୂଲ୍ୟ ଚନ୍ଦ୍ର ପଣ୍ଡା, ଡମ୍ବୁରୁ ଧର ସାହୁ, ପ୍ରଦୀପ କୁମାର ଶତପଥୀ, ଅଶୋକ ଦଳାଇ, ନୀଳାଦ୍ରି ଭୂଷଣ ନାୟକ, ଏସ. ସାମ୍ବଶିବା ରାଓ, ଆଦିତ୍ୟ ନାରାୟଣ ରଥ, ଜଟେଶ୍ୱର ସାବତ, ବୃନ୍ଦାବନ ପରିଡା, ସିମାଞ୍ଚଳ ମହାନ୍ତି, ଦୁର୍ଗା ଚରଣ ମିଶ୍ର, ଦେବରାଜ ଗୌଡ଼, କରୁଣାକର ଗୌଡ଼, ସୁଧୀର ଚନ୍ଦ୍ର ରଥ, ଭାସ୍କର ମହାପାତ୍ର, ବିଷ୍ଣୁ ପ୍ରସାଦ ପଟ୍ଟନାୟକ, ନବୀନ କୁମାର ପଟ୍ଟନାୟକ, ରଘୁନାଥ ପ୍ରଧାନ, ଅବନୀ ଗୟା ପ୍ରମୁଖ ପ୍ରାୟ ଶତାଧିକ ବ୍ୟକ୍ତି ଅଂଶଗ୍ରହଣ କରି ନବକୃଷ୍ଣ ଚୌଧୁରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସାଇଲୋକୁ ଶ୍ରେଷ୍ଠ ସମବାୟ ସମିତି ସମ୍ମାନ

କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲାରେ ୭୧ତମ ସମବାୟ ସପ୍ତାହ ପାଳନ ଅବସରରେ ଜଗତସିଂହପୁର ଜିଲ୍ଲାରେ ଥିବା ୧୦୮ଟି ସେବା ସମବାୟ ସମିତି ମଧ୍ୟରୁ ସାଇଲୋ ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ଶ୍ରେଷ୍ଠ ସମବାୟ ସମିତି ସମ୍ମାନରେ ସମ୍ମାନୀତ କରାଯାଇଛି। ସୂଚନା ଅନୁସାରେ ଜଗତସିଂହପୁର ଜିଲ୍ଲାର ସଂସ୍କୃତି ଭବନ ପରିସରରେ ଆୟୋଜିତ ୭୧ତମ ସମବାୟ ସପ୍ତାହ ପାଳନ ଅବସରରେ ସାଇଲୋ ସେବା ସମବାୟ ସମିତିର କାର୍ଯ୍ୟ ଦକ୍ଷତା, ସର୍ବାଧିକ ଜମା ରାଶି, ଋଣ କାରବାରରେ ସୁପରିଚାଳନା ଇତ୍ୟାଦି କ୍ଷେତ୍ରରେ ସର୍ବାଧିକ କାର୍ଯ୍ୟଦକ୍ଷତା ହାସଲ କରିଥିବାରୁ ୧୦୮ ସେବା ସମବାୟ ସମିତି ମଧ୍ୟରୁ ସାଇଲୋ ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ଶ୍ରେଷ୍ଠ ସମବାୟ ସମିତି ସମ୍ମାନରେ ସମ୍ମାନୀତ କରିଛନ୍ତି ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ। ଏହି ପୁରସ୍କାର ଗ୍ରହଣ କରିଛନ୍ତି ସାଇଲୋ ସେବା ସମବାୟ ସମିତିର ସଭାପତି ପ୍ରଦିପ କୁମାର ବେଉରା। ଏହି ସମ୍ମାନ ପ୍ରଦାନ ସମୟରେ ସାଇଲୋ ପ୍ରାଥମିକ କୃଷି ସେବା ସମବାୟ ସମିତିର ସଂପାଦକ ସଚ୍ଚିଦାନନ୍ଦ ବୈଶାଖ ଉପସ୍ଥିତ ଥିଲେ। ମଞ୍ଚରେ ଅନ୍ୟ ଅତିଥି ଡିଆରସିସି ସିଆରସି ଉପସ୍ଥିତ ଥିଲେ। ସାଇଲୋ ସେବା ସମିତିକୁ ଶ୍ରେଷ୍ଠ ସମବାୟ ସମିତି ସମ୍ମାନ ପାଇବା ପରେ ରାହାମା ଅଞ୍ଚଳର ବରିଷ୍ଠ ନାଗରିକ ତଥା ସମବାୟ ସମିତିର ନିର୍ଦ୍ଦେଶକ ମଣ୍ଡଳୀ ରବି ନାରାୟଣ ସାହୁ, ଗଜେନ୍ଦ୍ର ବିଶ୍ୱାଳ ନିତ୍ୟାନନ୍ଦ ସିଂ, ଶୁଶାନ୍ତ କୁମାର ଖଟୁଆ, ଉପ ସଭାନେତ୍ରୀ ଅଞ୍ଜନା ପରିଡ଼ା, ତୁଷାର ଲେଙ୍କା, ପ୍ରମୋଦ ସାହୁ ଓ ପୂର୍ବତନ ସଭାପତି ଭିକାରୀ ସେନାପତି, ଦୀପକ ଦାସ, ସ୍ତମ୍ଭକାର ନୃସିଂହ ଚରଣ ସେନାପତି, ସାଇଲୋ ସରପଞ୍ଚ ସରୋଜ ସେଠି, ତାଳପଡା ସରପଞ୍ଚ ଦମୟନ୍ତୀ ଲେଙ୍କା ଓ ସମସ୍ତ ଚାଷୀମାନେ ଶ୍ରୀ ବେଉରାଙ୍କ କାର୍ଯ୍ୟ ଦକ୍ଷତା, ନିଷ୍ପାପର ଭାବରେ ଦାୟିତ୍ୱ ତୁଲାଇଥିବାରୁ ଏବଂ ସମ୍ପାଦକଙ୍କ କାର୍ଯ୍ୟ ଦକ୍ଷତା ପାଇଁ ଉଭୟଙ୍କୁ ଅଞ୍ଚଳବାସୀ ନିର୍ଦ୍ଦେଶକ ମଣ୍ଡଳୀ ଚାଷୀମାନେ ଶୁଭେଚ୍ଛା ଜଣାଇଛନ୍ତି।

## ଷ୍ଟ୍ରୀଟ୍ ଲାଇଟ୍ ଅଚଳ



ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଫାଣ୍ଡିବର ଛକରେ ଲାଗିଥିବା ଷ୍ଟ୍ରୀଟ୍ ଲାଇଟ୍‌ଟି ଦୀର୍ଘଦିନ ହେବ ଅଚଳ ହୋଇପଡ଼ିଛି। ଗ୍ରାମାଞ୍ଚଳରେ ରାସ୍ତାଘାଟ ଆଲୋକୀକରଣ ନିମନ୍ତେ ସରକାରୀ ବ୍ୟବସ୍ଥା ଭୁଷୁଡ଼ି ପଡୁଛି ବୋଲି ଲୋକମାନେ ଅଭିଯୋଗ କରିଛନ୍ତି। ଏହି ଛକଟିରୁ ଚାରି ଦିଗକୁ ରାସ୍ତା ଯାଇଥିବା ବେଳେ ଛକଟି ଅନ୍ଧାର ହେବା ଫଳରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ଲାଇଟ ମରାମତି ପାଇଁ ପଞ୍ଚାୟତ କୌଣସି ପଦେକ୍ଷପ ନେଉନଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚଙ୍କୁ ପଚାରିବାରୁ ଯେହେତୁ ଏହି ଲାଇଟ୍‌ଟି ବହୁ ବର୍ଷ ହେଲା ଲାଗିଥିଲା ତାହା ଖରାପ ହେବା ପରେ ପଞ୍ଚାୟତ ପକ୍ଷରୁ ଏହାକୁ ମରାମତି କରାଯାଇଥିଲା। ହେଲେ ପୁନର୍ବାର ଏହା ଅଚଳ ହୋଇପଡ଼ିଛି। ତେଣୁ ଏହି ଲାଇଟ୍‌କୁ ସମ୍ପୂର୍ଣ୍ଣ ହଟାଇ ନୂଆ ଲାଇଟ୍ ଲାଗିବ ବୋଲି କହିଥିଲେ।

## ବନ ବିଭାଗ ଗେଟ୍‌ରେ ଝୁଲୁଛି ଅସଂଶୋଧିତ ଓଡ଼ିଆ ଅକ୍ଷର




ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ରାଜ୍ୟରେ ସରକାର ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଉଥିବା ବେଳେ ଢ଼େଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଅଧିନସ୍ଥ ଡିହଡୋଳ ବନପାଳଙ୍କ କାର୍ଯ୍ୟାଳୟରେ ଏହାର ବିପରୀତ ଜ୍ୱଳନ୍ତ ପ୍ରମାଣିତ ଦେଖିବାକୁ ମିଳିଛି । ପରଜଙ୍ଗ ଡିହଡୋଳ ପୂର୍ତ୍ତ ବିଭାଗ ରାସ୍ତାକୁ ଲାଗି ରହିଛି ବନ ବିଭାଗ କାର୍ଯ୍ୟାଳୟ, ଏହାର ମୁଖ୍ୟ ପ୍ରବେଶ ପଥ ଗେଟ୍‌ରେ ଝୁଲୁଛି ଅସଂଶୋଧିତ ଓଡ଼ିଶା ଭାଷାର ଅକ୍ଷର ବୋର୍ଡ। ଯାହାକୁ ନେଇ ଜନସାଧାରଣ ମନରେ ହାସ୍ୟାସ୍ପଦ ଦେଖାଦେଇଛି। ଯଦି ସରକାରୀ କାର୍ଯ୍ୟାଳୟରେ ଏପରି ଓଡ଼ିଆ ଅକ୍ଷର ଜଡ଼ିତ ରହିବ ତାହା ଏକ ପ୍ରକାର ନିନ୍ଦନୀୟ ବୋଲି ବୁଦ୍ଧିଜୀବୀ ଓ ସାଧାରଣରେ ଚର୍ଚ୍ଚା ହେଉଛି।

## ଶିକ୍ଷାବିତ୍ ଲକ୍ଷ୍ମୀଧର ଶତପଥୀଙ୍କ ପରଲୋକ



କାକଟପୁର, (ଭାସ୍କର ନ୍ୟୁଜ୍) : କାକଟପୁର ବ୍ଲକ ଅଧିନସ୍ଥ ଗମ୍ଭାରିପଦା ଗ୍ରାମର ବିଶିଷ୍ଟ ଶିକ୍ଷାବିତ ଲକ୍ଷ୍ମୀଧର ଶତପଥୀ (୮୧)ଙ୍କ ଶୁକ୍ରବାର ଦିନ ଭୁବନେଶ୍ୱର ଧଉଳି ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ଶିବାନନ୍ଦ, କନିଷ୍ଠ ପୁତ୍ର ମାନଗୋବିନ୍ଦ, ପୁତ୍ରବଧୂ କୃଷ୍ଣପ୍ରିୟା, ନିବେଦିତା, ଝିଅ ଜ୍ୱାଇଁ, ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ତାଙ୍କର ମରଶରୀରକୁ ପୈତୃକ ଗ୍ରାମ ଗମ୍ଭାରୀପଦା ଅଣାଯିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା, ସାମ୍ବାଦିକ, ଶିକ୍ଷକ, ଛାତ୍ରଛାତ୍ରୀ, ବନ୍ଧୁପରିଜନ, ଶୁଭେଚ୍ଛୁମାନେ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଶତପଥୀ ଜଣେ କର୍ତ୍ତବ୍ୟ ପରାୟଣ ଶିକ୍ଷକ ଥିଲେ। ସେ ଜଣେ ପରୋପକାରୀ, ଛାତ୍ରବତ୍ସଳ, ମିଷ୍ଟଭାଷୀ, ଧର୍ମପରାୟଣ, ସ୍ପଷ୍ଟବାଦୀ ଓ ଶାନ୍ତସରଳ ସ୍ୱଭାବର ବ୍ୟକ୍ତିଭାବେ ସାରା ଅଞ୍ଚଳରେ ବେଶ ପରିଚିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯାଇଥିବା ବେଳେ ବଡ଼ପୁତ୍ର ଶିବାନନ୍ଦ ମୁଖାଗ୍ନି ଦେଇଥିଲେ।

## ରବିବାର କାଞ୍ଜି ଅଁଳା ନବମୀ

# ପୂଜା ପାଇବେ ଶୁଖୁଆ ବୋହୂ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ଓଡିଆ ଘରେ ରହିଛି ବାର ମାସରେ ତେର ପର୍ବ। ସେମିତି ଏକ ପର୍ବ ହେଉଛି କାଞ୍ଜିଅଁଳା ନବମୀ। ବିଶେଷ କରି ଉପକୂଳ ଓଡ଼ିଶାରେ ଏହା ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥାଏ। ରବିବାର କୃଷ୍ଣ ପକ୍ଷ ନବମୀ ତିଥୀରେ ତଥା ପ୍ରଥମାଷ୍ଟମୀ ପରଦିନ ଏହି କାଞ୍ଜି ଅଁଳା ଓଷା କରାଯାଇଥାଏ। ଏହି ପୂଜା ଷଠି ଦେବୀଙ୍କ ପାଇଁ କରାଯାଏ। ପିଲାମାନଙ୍କ ସୁରକ୍ଷା ପାଇଁ ଷଠି ଦେବୀଙ୍କୁ ପୂଜା କରାଯାଏ। ଷଠି ଦେବୀଙ୍କର ଆଉ ଏକ ପୂଜା ଅଛି, ଯାହାକୁ ଷଠି ଓଷା କୁହାଯାଏ । ସନ୍ଧ୍ୟାରେ ମହିଳାମାନେ ଏକତ୍ରିତ ହୋଇ ଏହି ପୂଜା କରନ୍ତି । ଏହି ଦିନ ଶାଶୁ ବୋହୂକୁ ପ୍ରଣାମ କରେ। କାଞ୍ଜି ପ୍ରସ୍ତୁତ କରାଯାଏ। କାଞ୍ଜିରେ ଅଁଳା ପଡିଥାଏ। ତେଣୁ ଏହାକୁ କାଞ୍ଜି ଅଁଳା ନବମୀ କୁହାଯାଏ। ଏହି ଦିନ ପିତା ଶୁଖୁଆ ପୂଜା କରାଯାଏ। ୭ଟି ଶୁଖୁଆ ନେଇ ହଳଦୀ ପାଣିରେ ଭଲ ଭାବେ ଧୋଇ ଦିଆଯାଏ। ହଳଦୀ ରଙ୍ଗ କିମ୍ବା ନାଲି ରଙ୍ଗର ବସ୍ତ୍ର ଶୁଖୁଆକୁ ପିନ୍ଧାଯାଏ। କଜଳ ଲଗାଯାଏ। ସନ୍ଧ୍ୟା ଗଡ଼ିବା ପରେ ଏହି ଓଷା ହୋଇଥାଏ। ଘର ଅଗଣାରେ ଗୋଲାକାର ଖାଲଟିଏ ଖୋଳି ସେଥିରେ ପାଣି ଭର୍ତ୍ତି କରି ଛୋଟ ମାଛ ଛାଡ଼ନ୍ତି। ଏହାକୁ ଓଷା ପୋଖରୀ କୁହାଯାଏ। ପୋଖରୀ ଚାରିପଟେ ଧାନ, ଅପମାରଙ୍ଗ ଓ ସାରୁ ଗଛ ଲଗାଯାଏ। ପିତଳ ଥାଳିରେ ୭ଟି ପିତା ଶୁଖୁଆ ରଖାଯାଏ। ପୋଖରୀ ମଧ୍ୟକୁ ଫୁଲ ପକାଯାଏ। ପ୍ରସ୍ତୁତ ଖାଦ୍ୟ କିଛି ପରିବା ପ୍ରଦାନ କରାଯାଏ।

# ଡେରାବିଶ ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନ




ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜି ସିମିତର ପଞ୍ଚମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିଶେନରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଡେରାବିଶ ପଞ୍ଚାୟତ ସମିତିକୁ ଏକ ଆଦର୍ଶ ପଞ୍ଚାୟତ ସମିତି ଭାବେ ଓଡ଼ିଶାରେ ପୁଣିଥରେ ଏକନମ୍ବର କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଆରବିନ୍ଦ ମଲିକ ଓ ଧନେଶ୍ୱର ସେଠୀ, ଡେରାବିଶ ତହସିଲଦାର ପ୍ରଜ୍ଞାପରିମିତା ପୃଷ୍ଟି, ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଏବଂ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ମନିଷା ପଣ୍ଡା ଯୋଗ ଦେଇ ପଞ୍ଚାୟତ ସମିତି ଅନ୍ତର୍ଗତ ୨୬ ପଞ୍ଚାୟତର ବହୁବିଧ ଉନ୍ନତି ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମେ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଉତ୍କଳ କେଶରୀ ପରିଡ଼ାଙ୍କ ବିୟୋଗରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ରଶ୍ମିଦେବୀ ପୂର୍ବ ବୈଠକର ବିବରଣୀ ପଠନ କରିବା ସହିତ ଏହାର ଦୃଢ଼ୀକରଣ କରିଥିଲେ। ପ୍ରଥମେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଶୈଳେନ୍ଦ୍ର କୁମାର ବିଶ୍ୱାଳ ବିଭାଗ ଅଧିନରେ ଡେରାବିଶ ବ୍ଲକ ଅଞ୍ଚଳରେ ହେଉଥିବା ବିଭିନ୍ନ ରାସ୍ତାଘାଟର ଉନ୍ନତିକରଣ କାର୍ଯ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ବାଲିଆ-ତିଲଙ୍ଗ, ଗୋଲରାହାଟ-ନୀଳକଣ୍ଠପୁର, କ୍ୟାବିନଛକରୁ ନୀଳକଣ୍ଠପୁର ରାସ୍ତା, ଖମୋଳ-ସଲାର ରାସ୍ତା ସମେତ ଇଷାଣଦିଆ ଗ୍ରାମ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଉପରୋକ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ କ୍ଷୋଭ ପ୍ରକାଶ କରିବା ସହ ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଯନ୍ତ୍ରୀଙ୍କୁ କହିଥିଲେ। ସେହିପରି ବ୍ଲକ ଅଞ୍ଚଳରେ ବ୍ୟାପକ ଭାବେ ଭୂତଳଜଳ ହ୍ରାସ ପାଉଥିବାରୁ ବ୍ଲକ ଅଞ୍ଚଳରେ ଶହଶହ ନଳକୂପ ଅଚଳ ହୋଇଯାଉଥିବା ବେଳେ ବୋରିଂରୁ ମଧ୍ୟ ପାନୀୟ ଜଳ ଅନୁପଯୋଗୀ ଜଳ ବାହାରୁଥିବା ନେଇ ବହୁ ସମିତି ସଭ୍ୟ ଓ ସରପଞ୍ଚ ଅଭିଯୋଗ କରିଥିଲେ। ତେବେ ବିଧାୟକ ଶ୍ରୀ ମହାପାତ୍ର ଡେରାବିଶ ବ୍ଲକ ଦେଇ ପ୍ରବାହିତ ହୋଇଥିବା ଲୁଣା ଓ ବିରୁପା ନଦୀରେ ଦୁଇଟି ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରିବା ପାଇଁ ସେ ବିଭାଗୀୟ ସ୍ତରରେ ପଦକ୍ଷେପ ନେବାକୁ କହିଥିଲେ। ସେହିପରି ଡେରାବିଶ ବ୍ଲକରେ ରହିଥିବା ୨୨୪ଟି ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ମାତ୍ର ୧୩୫ ଟି କେନ୍ଦ୍ରର ନିଜସ୍ୱ ଗୃହ ରହିଥିବା ବେଳେ ଅନ୍ୟଗୁଡ଼ିକ ବିଭିନ୍ନ ବିଦ୍ୟାଳୟ ବାରଣ୍ଡା, କାହା ଘର ବାରଣ୍ଡାରେ ଚାଲୁଥିବାରୁ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଅନ୍ୟ କେନ୍ଦ୍ରମାନଙ୍କର ତୁରନ୍ତ ଗୃହ ନିର୍ମାଣ କରିବା ପାଇଁ ବିଡ଼ିଓ ଶ୍ରୀମତୀ ବାରିକ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ। ସେହିପରି ବ୍ଲକ କୃଷି ବିଭାଗ ପକ୍ଷରୁ ୧୯୦୦ ହେକ୍ଟର ଚାଷଜମିରେ ରବି ଫସଲ ପାଇଁ ମୁଗ ଓ ବିରି ବିହନ ଏନଜିଓ ମାଧ୍ୟମରେ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ସେହିପରି ଡେରାବିଶ ବ୍ଲକ ଅଂଚଳରେ ସ୍ୱାସ୍ଥ୍ୟ ବିଭାଗରେ ବହୁ ଡାକ୍ତର ସମେତ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ଖାଲି ପଡ଼ିଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ସଭ୍ୟମାନେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉତ୍ତମ ଚିକିତ୍ସା ସୁବିଧା ପାଇପାରୁନଥିବା ନେଇ ଅଭିଯୋଗ କରିଥିଲେ। ଏଥିସହିତ ଦୀର୍ଘଦିନରୁ ରୋଗୀ କଲ୍ୟାଣ ସମିତି ବୈଠକ ହୋଇନଥିବାରୁ ତୁରନ୍ତ ଏହାକୁ କରାଯାଇ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ବାରିମୂଳ ସମିତିସଭ୍ୟ ସରୋଜକାନ୍ତ ସାହୁ, ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲିକ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ପଲେଇ ସରପଞ୍ଚ ଅକ୍ଷୟ ସାହୁ, ମୁକୁନ୍ଦପୁର ସରପଞ୍ଚ ମିତାରାଣୀ ମଲିକ, ସମିତିସଭ୍ୟ ପ୍ରଶାନ୍ତ ବେହେରା, ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି, ବାଲିଆ ସରପଞ୍ଚ ପ୍ରବିର ସିଂ, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, କୁରୁଜଙ୍ଗା ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଖମୋଳ ସରପଞ୍ଚ ତୃପ୍ତିମୟୀ କର, ସମିତିସଭ୍ୟ ଅକ୍ଷୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କର ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରକାଶ କରିବା ସହିତ ଆଲୋଚନାରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଭାଗର ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଶେଷରେ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଶିଫଳ

**ରବିବାର, ୨୪ ନଭେମ୍ବର ୨୦୨୪**



**ମେଷ:** ସାମାଜିକ କାର୍ଯ୍ୟରେ ସଫଳ ସିଦ୍ଧ ହେବେ । ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ôଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ । ସେୟାର ବଜାରରେ ଲାଭ ମିଳିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇ ଯଶ, ମାନସମ୍ମାନ ପ୍ରତିଷ୍ଠା ମିଳିବ ।



**ବୃଷ:** ଘରୋଇ ସଂସ୍ଥାରେ କର୍ମରତ ବ୍ୟକ୍ତିମାନେ ବିଶେଷ ଲାଭବାନ ହେବେ । ଇନ୍ଦ୍ରିୟପରାୟଣତା ଓ ବିଷୟବାସନା ଉପରେ ଅଧିକ ଗୁରୁତ୍ୱ ଦେବେ । ପାରିବାରିକ ସ୍ତରରେ ଭୁଲ ବୁଝାମଣା ଜନିତ ସମସ୍ୟା ସମାଧାନ ହୋଇଯିବ ।



**ମିଥୁନ:** ଆଇନ ଅଦାଲତ କ୍ଷେତ୍ରରେ ବିଜୟୀ ହେବେ । ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ । ପାରିବାରିକ ସମସ୍ୟାକୁ ସମାଧାନ କରି ପରିବାରରେ ପ୍ରୀତିଭାଜନ ହେବେ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇ ପାରନ୍ତି ।



**କର୍କଟ:** ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ । ହସଖୁସିରେ ସମୟ ବିତିବ ଯେତେ ସମସ୍ୟା ଥିଲେ ମଧ୍ୟ ଶାନ୍ତି ଅନୁଭବ କରିବେ । ଚାକିରି କ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇବା ସହ ସ୍ଥାନାନ୍ତର ମଧ୍ୟ ହୋଇପାରେ ।



**ସିଂହ:** ବ୍ୟାଙ୍କ, ବୀମା, ନିବେଶ ପରି ଆର୍ଥିକ ଗତିବିଧିରେ ବ୍ୟସ୍ତ ରହିବେ । ପରୀକ୍ଷା ପ୍ରତିଯୋଗିତାରେ କୃତକାର୍ଯ୍ୟ ପାଇବେ । ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚସ୍ଥିତି ରକ୍ଷା କରି ଚଳିବେ । କର୍ମକ୍ଷେତ୍ରରେ ଶୁଭ ଫଳ ପାଇବେ । ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ ।



**କନ୍ୟା:** ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ । କର୍ମକ୍ଷେତ୍ରରେ ଦୀର୍ଘଦିନର ଆଶା ପୂରଣ ହେବ । ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତକାରରେ ସଫଳ ହେବେ । ବକେୟା ଅର୍ଥ କିଛି ମିଳିବ ଓ ଆୟ ଉପାର୍ଜନର ବୃଦ୍ଧି ହେବ ।



**ତୁଳା:** କଳା, ସାହିତ୍ୟ,କ୍ରୀଡ଼ା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ । ଆର୍ଥିକ ଉନ୍ନତି ହେବା ସହ ବାହାନ ପ୍ରାପ୍ତି ହେବ । କର୍ମ ନିଯୁକ୍ତି କ୍ଷେତ୍ରରେ ଆପ୍ରାଣ ଚେଷ୍ଟା କରି ସଫଳ ହେବେ । ବ୍ୟବସାୟରେ ମଧ୍ୟ ଅତ୍ୟନ୍ତ ଲାଭାନ୍ୱିତ ହେବେ ।



**ବିଛା:** ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ । ବ୍ୟବସାୟରେ ସଫଳତା ଅର୍ଜନ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ବାଦବିବାଦ, ମାଲିମୋକଦ୍ଦମା, ଖେଳକୁଦ, ପ୍ରତିଯୋଗିତାରେ ପ୍ରଶଂସା ପାଇବେ । ରାଜନୀତିରେ ସଫଳତା ମିଳିବ । ପାରିବାରିକ କ୍ଷେତ୍ରରେ ଶାନ୍ତି ବିରାଜମାନ କରିବ ।



**ଧନୁ :** ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ । ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କ୍ଷେତ୍ରରେ ଆଗ୍ରହ ବଢିବ । ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ । ରାଜନୀତି, ପ୍ରଶାସନ, ପ୍ରକାଶନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ । ଆର୍ଥିକକ୍ଷେତ୍ରରେ ସ୍ୱଚ୍ଛଳତା ଦେଖାଦେବା ଫଳରେ ମାନସିକ ଚିନ୍ତା ଦୂର ହୋଇଯିବ ।



**ମକର:** ବ୍ୟବସାୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତି ହେବ । ଗୃହୋପକରଣ କ୍ରୟ କରିବେ । ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଖୁସି ରହିବ । ରାଜନୈତିକ ଜୀବନ ଝଡଝଞ୍ଜାମୟ ହେବାର ସମ୍ଭାବନା ରହିଛି । ସ୍ୱାସ୍ଥ୍ୟ ପାଇଁ ସତର୍କ ରହିବା ଉଚିତ୍ ।



**କୁମ୍ଭ:** ଶତ୍ରୁମାନେ ମୁଣ୍ଡ ନୂଆଇଁବେ, ରାସ୍ତା ଘାଟରେ ଅତ୍ୟନ୍ତ ସତର୍କତା ସହ ଯାତାୟାତ କରିବା ଉଚିତ୍ । ଯାହାର ବେଶି ଉପକାର କରିଥିବେ ତାହାଦ୍ୱାରା ବେଶି ଆଘାତ ପାଇବେ । ବହୁତ ଦିନରୁ ରଖିଥିବା ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇବ, ସ୍ଥାନାନ୍ତରର ସୂଚନା ପାଇପାରନ୍ତି ।



**ମୀନ:** ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବେ ଓ ଋଣରୁ ମୁକ୍ତି ମିଳିବ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ ଓ ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ । ପାରିବାରିକ ସମସ୍ୟାକୁ ସମାଧାନ କରିବେ । ଭାଗ୍ୟବାଦି ହୋଇ ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ସାହସ ବାନ୍ଧିବେ ।



ଗଣନାରେ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବରଗଡ଼( ଭାସ୍କର ନ୍ୟୁଜ୍): ବରଗଡ଼ ଜର୍ଜ ହାଇସ୍କୁଲ୍ ପଡ଼ିଆରେ ଆୟୋଜିତ ୨୧ତମ ପୁସ୍ତକ ମେଳାରେ କ୍ରାଷ୍ଟା ବିକାଶ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଂଗୀତର ଅଭିନବ ପରିବେଷଣ ମାଧ୍ୟମରେ ଦର୍ଶକମାନଙ୍କ ହୃଦୟକୁ ଆନନ୍ଦମୟ କରିଥିଲେ। ସେମାନଙ୍କ ନୃତ୍ୟରେ ପଶ୍ଚିମ ଓଡ଼ିଶାର ଲୋକକଳା, ଲୋକଗୀତ ଓ ଲୋକସଂସ୍କୃତି ଜୀବନ୍ତ ରୂପରେ ପ୍ରଦର୍ଶିତ ହେଲା। ଏକଲବ୍ୟଙ୍କ କାହାଣୀର ଓଡ଼ିଶୀ ନୃତ୍ୟର ରୂପାୟନ ମଂଚକୁ ମନୋହର ଭାବେ ଉଜାଗର କରିଥିଲା। ଭଜନ ସଙ୍ଗୀତର ମାଧୁର୍ଯ୍ୟ ଏବଂ ସୁଲଳିତ ସ୍ୱରରେ ଛାତ୍ରଛାତ୍ରୀମାନେ ଶହ ଶହ ଦର୍ଶକଙ୍କ ମନକୁ ଭାବ ବିହ୍ୱଳ କରିଦେଇଥିଲେ। ସଙ୍ଗୀତ ଏବଂ ନୃତ୍ୟର ଏହି ସମନ୍ୱୟ ପୁସ୍ତକ ମେଳାକୁ ଏକ ସାଂସ୍କୃତିକ ମହୋତ୍ସବର ରୂପ ଦେଇଥିଲା। ଏହି ଅବସରରେ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ପରିଶ୍ରମ ଓ ସୃଜନଶୀଳତାକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟର ନୃତ୍ୟ ଓ ସଙ୍ଗୀତ ଶିକ୍ଷକମାନଙ୍କ ମାର୍ଗଦର୍ଶନରେ ସଫଳ ରୂପାୟନ ହୋଇଥିଲା। ପୁସ୍ତକ ମେଳା ସାଂସ୍କୃତିକ ଏବଂ ସାହିତ୍ୟିକ ମିଳନର ଏକ ଶ୍ରେଷ୍ଠ ମଂଚ ରୂପେ ଅବିସ୍ମରଣୀୟ ରହିଲା।



# ୨ରୁ କଂଗ୍ରେସର ନ୍ୟାୟ ପଦଯାତ୍ରା

ଖଡ଼ିଆଳ( ଭାସ୍କର ନ୍ୟୁଜ୍): ଆସନ୍ତା ୨ ଡିସେମ୍ବରରୁ କଂଗ୍ରେସର ନ୍ୟାୟ ପଦଯାତ୍ରା ଆରମ୍ଭ। ଖଡ଼ିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଭିନ୍ନ ନ୍ୟାୟ ଦାବୀ ନେଇ ଖଡ଼ିଆଳରୁ ନୂଆପଡା ଜିଲ୍ଲାପର୍ଯ୍ୟନ୍ତ ନ୍ୟାୟ ପଦ ଯାତ୍ରାରେ ବାହାରିବ କଂଗ୍ରେସ। ଏହି ପଦଯାତ୍ରା ଖଡ଼ିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସର ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ବାହାରିବ। ଲୋକଙ୍କ ନଅ ଦଫା ଦାବୀ ନେଇ ବାହାରିବ କଂଗ୍ରେସ। ଦାବୀଗୁଡିକ ହେଉଛି ...ବିଜେପି ତାର ନିର୍ବାଚନ ଇସ୍ତାହାରରେ ଘୋଷଣା କରିଥିଲା ଯେ ସମସ୍ତଙ୍କୁ ତିନିଶହ ୟୁନିଟ୍ ବିଜୁଳି ମାଗଣା ପ୍ରଦାନ କରିବ। ଆମେ ଦାବୀ ଜଣାଉଛୁ ଯେ ସମସ୍ତ ଉପଭୋକ୍ତାଙ୍କ ପାଇଁ ତିନିଶହ ୟୁନିଟ ବିଜୁଳି ଦେୟମୁକ୍ତ କରାଯାଉ ତଥା ଚାଷୀମାନଙ୍କୁ ବିଜୁଳି ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଉ। ଚାଷୀମାନେ ଯେପରି ଫସଲ ବୀମାରାଶି ଠିକ ସମୟରେ ଓ ଉଚିତ୍ ପରିମାଣରେ ପାଇବେ, ତଥା ମଣ୍ଡି ବ୍ୟବସ୍ଥା ଯେପରି ଦୁର୍ନୀତିମୁକ୍ତ ହୋଇପାରିବ, ଏହା ଉପରେ ଆପଣ ପଦକ୍ଷେପ ଗ୍ରହଣ କରନ୍ତୁ। ନୂଆପଡ଼ା




ଜିଲ୍ଲାରେ ଗୋଟିଏ ଇଂଜିନିୟରିଂ କଲେଜ, ଗୋଟିଏ ମେଡିକାଲ କଲେଜ, ଏକ କୃଷି ବିଶ୍ୱବିଦ୍ୟାଳୟ ତଥା ଗୋଟିଏ ବିଇଡି କଲେଜ ଖୋଲାଯିବାକୁ ପଦକ୍ଷେପ ଗ୍ରହଣ କରାଯାଉ। ନୂଆପଡ଼ା ଜିଲ୍ଲାରୁ ଦାଦନ ସମସ୍ୟା ଦୂର କରିବା ପାଇଁ ସ୍ଥାନୀୟ ସ୍ତରରେ ରୋଜଗାର ବ୍ୟବସ୍ଥା ଗ୍ରହଣ କରାଯାଉ। ମନରେଗା ଯୋଜନାକୁ ତ୍ୱରାନ୍ୱିତ ଓ ଦୁର୍ନୀତିମୁକ୍ତ କରାଯାଉ। ପହରିଆ ଜାତିକୁ ତଫସିଲଭୁକ୍ତ ଜନଜାତି ଭାବରେ ଘୋଷଣା କରାଯାଉ। ପହରିଆମାନଙ୍କ ସହିତ ଯେଉଁମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇ ନାହିଁ, ସେମାନଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ କରାଯାଉ। ସମସ୍ତ ପରିବାରକୁ ମାସକୁ ତିରିଶ ହଜାର ଲିଟର ପାଣି ମାଗଣା ଦିଆଯାଉ। ଏହା ବ୍ୟତୀତ ଘର ନିର୍ମାଣ ପାଇଁ ଏନ ଏ ସି ତରଫରୁ ଆପ୍ରୁଭାଲ ଦେବାକୁ ଯେଉଁ ଶୁଳ୍କ ସ୍ଥିର କରାଯାଇଛି, ତାକୁ ବର୍ତ୍ତମାନ ଦରର ଏକ ଚତୁର୍ଥାଂଶରେ ରଖାଯାଉ। ୬- ବର୍ଷ ବର୍ଷ ଧରି ସରକାରୀ ଜମିରେ ଘର କରି ରହି ଆସୁଛନ୍ତି। ମାତ୍ର ନୂତନ ସରକାର ଆସିବା ମାତ୍ରେ ଏହି ଗରିବ ପରିବାରଙ୍କୁ ଜମିରୁ ଉଚ୍ଛେଦ କରିବା କାମ ଆରମ୍ଭ କରିଛନ୍ତି। ଏହି ପରି ଅମାନବୀୟ କାର୍ଯ୍ୟକୁ ତୁରନ୍ତ ବନ୍ଦ କରାଯାଉ। ନୂଆପଡ଼ା ଜିଲ୍ଲାର ସମସ୍ତ ଗ୍ରାମରେ ଥିବା କୁଚିଆ ମଦ ଦୋକାନକୁ ବନ୍ଦ କରାଯାଉ। ନୂଆପଡ଼ା ଜିଲ୍ଲାରେ ଗୋଟିଏ ଶୀତଳ ଭଣ୍ଡାର ବ୍ୟବସ୍ଥା କରାଯାଉ। ସମସ୍ତ ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ଓ କର୍ମଚାରୀମାନଙ୍କ ପଦଗୁଡ଼ିକୁ ଶୀଘ୍ର ପୂରଣ କରାଯାଉ ପ୍ରତ୍ୟେକ ସରକାରୀ ବିଦ୍ୟାଳୟରେ ଜଣେ ମହିଳା ଓ ପୁରୁଷ ସହାୟକ ରଖିବାକୁ ବ୍ୟବସ୍ଥା କରାଯାଉ। ୮- ଖଡ଼ିଆଳକୁ ସବ୍ ଡିଭିଜନ ଘୋଷଣା କରାଯାଉ। ସମସ୍ତ ବ୍ଲକ ଡାକ୍ତରଖାନାରେ ଖାଲିଥିବା ପଦଗୁଡ଼ିକୁ ପୂରଣ କରାଯାଉ ଏବଂ ସମସ୍ତ ଡାକ୍ତରଖାନାରେ ଡାଇଲିସିସ୍ ମେସିନର ବ୍ୟବସ୍ଥା କରାଯାଉ। ଏହି ସବୁ ଦାବୀ ନେଇ ନ୍ୟାୟ ପଦ ଯାତ୍ରାରେ ବାହାରିବ କଂଗ୍ରେସ। ଏହି ପଦଯାତ୍ରାରେ ଖଡ଼ିଆଳ କଂଗ୍ରେସର ବରିଷ୍ଠ ନେତା ପ୍ରବୀଣ ପଟ୍ଟନାୟକ, ବଂଶୀ ଜଗତ, ଦେବରାଜ ଶବର, ରାଜେଶ ବେହେରା, ପଦ୍ମନାଭ ଜଗତ, ମାୟାଧର ସୁନାନୀ ମାୟାଧର ଜଗତ, ଦେବେନ୍ଦ୍ର ବେହେରା, ଗୋବିନ୍ଦ ଅଦା, ଗିରିଧାରୀ ସୁନା ପ୍ରମୁଖ ନ୍ୟାୟ ପଦଯାତ୍ରାରେ ସାମିଲ ରହିବେ ବୋଲି କମଳ ଚରଣ ତାଣ୍ଡି ପ୍ରକାଶ କରିଛନ୍ତି।

# ବିଧାୟକଙ୍କ ବିଭିନ୍ନ ସ୍ଥାନ ପରିଦର୍ଶନ

ପାରଳାଖେମୁଣ୍ଡି ( ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର କାଶୀନଗର ବ୍ଲକ ଅଧୀନରେ ଥିବା କୃଷକମାନଙ୍କ ଦୀର୍ଘ ଦିନରୁ ଥିବା ଜଳସେଚନ ସମସ୍ୟାର ସମାଧାନ କରିବା ପାଇଁ ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ କାଶୀନଗର ଗସ୍ତ କରି ବ୍ଲକର ବିଭିନ୍ନ ଅଞ୍ଚଳ ମଧ୍ୟରେ ଥିବା ଚେକ ଡ୍ୟାମ ଗୁଡିକ ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ। ଚେକ ଡ୍ୟାମ ଗୁଡିକର ପୁନରୁଦ୍ଧାର, ମରାମତି ଓ ଗତି ପରିବର୍ତ୍ତନ କରିବା ଏମିତି ବହୁ ସମସ୍ୟା ବିଧାୟକଙ୍କ ନଜରକୁ ଆସିଛି। ଅଲଡା ପଞ୍ଚାୟତ ମଧ୍ୟରେ ଥିବା ବୈଝାଲ ଡ୍ୟାମର ପାଣି ସେଠାକାର ଚାଷ ଜମିମାନଙ୍କରେ କିପରି ପହଂଚି ପାରିବ ସେଥିପାଇଁ ସେହି ଡ୍ୟାମ ନିକଟକୁ ବିଧାୟକ ଗସ୍ତ କାରି ସେଠାକାର ଚାଷୀ, ସରପଞ୍ଚ, ଗ୍ରାମବାସୀ ଓ ବିଭାଗୀୟ ଅଧିକାରୀ ମାନଙ୍କ ସହ ସମସ୍ୟା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି କ୍ଷୁଦ୍ର ଜଳ ସେଚନ ବିଭାଗ ଏସଡିଓ ଏବଂ ଯନ୍ତ୍ରୀଙ୍କୁ ତୁରନ୍ତ ଏକ ନକ୍ସା କିମ୍ବା ପ୍ଲାନ କରି ସାମାଧାନ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପ୍ରାୟ ହଜାରେ ଏକେର ଜମିକୁ ପାଣି ପହଂଚି ପାରିବ ବୋଲି ଗ୍ରାମବାସୀ ଓ ଚାଷୀମାନେ କହିଥିଲେ। ସେଠାରୁ ଖାଣ୍ଡବ ପଞ୍ଚାୟତର ଏକ ଚେକ ଡ୍ୟାମ ଓ ବୁରୁଡି ଗ୍ରାମ ନିକଟରେ ଥିବା



ଚେକ ଡ୍ୟାମ ନିକଟରେ ପହଂଚି ସ୍ଥିତି ଅନୁଧ୍ୟାନ କରି ଉପସ୍ଥିତ ଚାଷୀମାନଙ୍କ ସମସ୍ୟାର ସାମଧାନ ଖୁବ ଶୀଘ୍ର କରାଯିବ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅନୁଧ୍ୟାନ ସମୟରେ ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମା, ଅଲଡା ସରପଞ୍ଚ ଓ କ୍ଷୁଦ୍ର ଜଳ ସେଚନ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ




ରାୟଗଡା (ଭାସ୍କର ନ୍ୟୁଜ୍): ସ୍ୱାଧୀନତା ସଂଗ୍ରାମୀ ତଥା ମହାନ ବିପ୍ଳବୀ ଆଦିବାସୀ ଜନନାୟକ ସହିଦ ଲକ୍ଷ୍ମଣ ନାୟକଙ୍କ ୧୨୬ତମ ଜନ୍ମ ଜୟନ୍ତୀକୁ ରାୟଗଡା ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ସୌଜନ୍ୟତାରେ ରାୟଗଡା ସହରର ସ୍ଥାନୀୟ ଶାସ୍ତ୍ରୀ ନଗର ଛକ ଠାରେ ଥିବା ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଜିଲ୍ଲାପରିଷଦ, ରାୟଗଡ ସୁଶ୍ରୀ ସରସ୍ୱତୀ ମାଝୀ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରାୟଗଡ ବିଧାୟକ ଆପଲସ୍ୱାମୀ କାଦ୍ରାକା ଯୋଗଦାନ କରି ଲକ୍ଷ୍ମଣ ନାୟକ ଯୁବକ ସଂଘ ଦ୍ୱାରା ଅନୁଷ୍ଠିତ ମିନି ମାରାଥନକୁ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ନିହାର ରଞ୍ଜନ କହଁର, ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ମିଶନ, ଡ଼ଃ ଦୟାନିଧି ବାଗ,ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ବାମଲୀ କାନ୍ତା ରାଓ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଭଜନ ଲାଲ ମାଝୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ସୁଦୀପ୍ତ ଦାଶ,ବରିଷ୍ଠ ସାମ୍ବାଦିକ ବାଦଲ କୁମାର, ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ନାଗରିକ ତଥା ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୋଗଦାନ କରି ସ୍ମୃତିଚାରଣ କରିଥିଲେ। ବରିଷ୍ଠ ନାଗରିକ ତଥା ଆଇନଜୀବୀ, ସୁନୀଲ କୁମାର କର,ଓରମାସ ଡେପୁଟି ସିଓ, ମନୋଜ ପାତ୍ର, ପିଏମ ଫାଇନାନ୍ସ, ରଶ୍ମିକାନ୍ତ ପରିଡ଼ା, ପ୍ରଭାତ ଲେଙ୍କା, ଅଜାତ ଶତ୍ରୁ ରାଉତ, ଡ଼ମ ସମାଜ, ବାମସେଫ ଆଦିର କର୍ମକର୍ତ୍ତା,ସହିଦ ଲକ୍ଷ୍ମଣ ନାୟକ ଯୁବକ ସଂଘର ଦୋରା କଣ୍ଡାଗରି ଓ ଅନ୍ୟାନ୍ୟ ଯୁବକ ଯୁବତୀଙ୍କ ସମେତ ଶାସ୍ତ୍ରୀନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଆରଏସଇଡବ୍ଲ୍ୟୁସି ହାଇସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ରହି ସ୍ୱାଧୀନତା ସଂଗ୍ରାମୀ ବୀରପୁତ୍ର ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଶହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତିଚାରଣ କରିଥିଲେ । ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟାଳୟର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ । ଏହି ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ସେହିପରି ସହିଦ ଲକ୍ଷ୍ମଣ ନାୟକ ଯୁବକ ସଂଘ ପକ୍ଷରୁ ମଧ୍ୟ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇ ଶହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତିଚାରଣ କରାଯାଇଥିଲା ।

# ଖସୁଛି ପାରଦ, ଜନଜୀବନ ଅସ୍ତବ୍ୟସ୍ତ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ବିଳମ୍ବରେ ଶୀତ ଆରମ୍ଭ ହୋଇଥିବା ବେଳେ ହଠାତ ପାରଦ କମିବା ଯୋଗୁଁ ବ୍ରଜରାଜନଗରରେ ପ୍ରବଳ ଶୀତ ଅନୁଭୂତ ହେଉଛି। ଗତ ସପ୍ତାହେ ହେଲା ଶୀତର ପ୍ରକୋପ ବଢ଼ିବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା ଜିଲାରେ ରାତି ତାପମାତ୍ରା ୧୨.୪ ଥିଲା। ରାତିର ସର୍ବନିମ୍ନ ତାପମାତ୍ରା ଖସୁଥିବାରୁ ବିଭିନ୍ନ ଖଣି ଓ କାରଖାନାରେ କାର୍ଯ୍ୟରତ ଥିବା କର୍ମଚାରୀମାନଙ୍କୁ ଘରୁ ବାହାରିବା ମୁସ୍କିଲ ହୋଇ ପଡ଼ିଛି। ଅନ୍ୟପଟେ ପ୍ରବଳ ଥଣ୍ଡା ଥିବାରୁ ସକାଳ ସ୍କୁଲ ଯିବା ପାଇଁ କୁନି କୁନି ପିଲାମାନେ ଭାରି ଅସୁବିଧା ଭୋଗ କରୁଥିବା ଅଭିଭାବକ ଅଭିଯୋଗ କରୁଛନ୍ତି। ଶୀତଦାଉରୁ ରକ୍ଷା ପାଇବାକୁ ଗ୍ରାମାଞ୍ଚଳରେ ଲୋକମାନେ ସକାଳ ଓ ସନ୍ଧ୍ୟାବେଳେ ନିଆଁ ପାଖରେ ବସୁଛନ୍ତି। ସେହିପରି ଭୋରୁ ବସକୁ ଅପେକ୍ଷା କରିଥିବା ଯାତ୍ରୀ ଅସହ୍ୟ ଥଣ୍ଡାରୁ ରକ୍ଷା ପାଇବା ଲାଗି ଛକ ଗୁଡ଼ିକରେ ନିଆ ଜଳାଇ ଦେହକୁ ଉଷୁମ କରୁଛନ୍ତି।

# ଜିଲ୍ଲାସ୍ତରୀୟ ସହିଦ ଲକ୍ଷ୍ମଣ ନାୟକ ଜୟନ୍ତୀ ପାଳିତ



ମାଲକାନଗିରି( ଭାସ୍କର ନ୍ୟୁଜ୍): ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଲକ୍ଷ୍ମଣ ନାୟକ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସହିଦଙ୍କ ପ୍ରତି ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱାଧୀନତା ସଂଗ୍ରାମର ପ୍ରତ୍ୟେକ ପର୍ଯ୍ୟାୟରେ ଓଡ଼ିଶାର ଆଦିବାସୀ ସମାଜ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ସେମାନଙ୍କର ଦେଶପ୍ରେମ, ଜାତୀୟତାବୋଧ ଓ ସ୍ୱାଭିମାନର ପରିଚୟ ଦେବାକୁ କେବେ ଭୁଲିନାହାନ୍ତି ବୋଲି ଶ୍ରୀ ପ୍ରଧାନ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ କୋରାପୁଟ ଜିଲ୍ଲାରେ ଭାରତଛାଡ ଆନ୍ଦୋଳନର ନେତୃତ୍ୱ ନେଇଥିବା ଆଦିବାସୀ ବୀର ଲକ୍ଷ୍ମଣ ନାୟକଙ୍କ ଅସାଧାରଣ ଦେଶପ୍ରେମ, ଅଦମ୍ୟ ସାହସ ଓ ନିର୍ଭୀକ ସଂଗ୍ରାମୀ ଜୀବନ ଓ ଅସୀମ ତ୍ୟାଗ ଏ ଜାତି ପାଇଁ ଗର୍ବ ଓ ଗୌରବର ବିଷୟ। ଲକ୍ଷ୍ମଣ ନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ଦିନ ତାଙ୍କୁ ଭକ୍ତି ଓ ନତମସ୍ତକ କରିବାକୁ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ଆହ୍ୱାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଶ୍ରୀ ଜେନା କହିଥିଲେ ଯେ ଲକ୍ଷ୍ମଣ ନାୟକ ଜଣେ ସ୍ୱାଧୀନତା ସଂଗ୍ରାମୀ ସହ ସମାଜ ସଂସ୍କାରକ ଥିଲେ। କୋରାପୁଟ ଜିଲ୍ଲାର ତେନ୍ତୁଲିଗୁମ୍ମା ଠାରେ ୧୮୯୯ ନଭେମ୍ବର ୨୨ ରେ ଲକ୍ଷ୍ମଣ ନାୟକ ଜନ୍ମ ଗ୍ରହଣ କରିଥିଲେ। ନିଶା ନିବାରଣ, ବାଲ୍ୟ ବିବାହ, ଜାତି ପ୍ରଥା, ବଳି ପ୍ରଥା ଭଳି କୁସଂସ୍କାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ସେହିପରି ଅଧ୍ୟାପିକା ଇନ୍ଦୁରେଖା ପଟ୍ଟନାୟକ, ଗାୟତ୍ରୀ ଜେନା ଓ ରତ୍ନାକର ଦାସ ମଧ୍ୟ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କିର୍ତ୍ତନିଆ ଓ ରଞ୍ଜନ ମହାନ୍ତି ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

## ॥ ଶିଶୁ ବିକ୍ରି ମାମଲା ॥

# ସ୍ୱାସ୍ଥ୍ୟକର୍ମୀ ନିଲମ୍ବିତ, ଦୁଇ ଗିରଫ





ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ନବଜାତ ଶିଶୁକନ୍ୟାକୁ ପର ହାତରେ ଟେକିଦେବା ଘଟଣାରେ ସୁନାମୁଦି ସ୍ୱାସ୍ଥ୍ୟକର୍ମୀ ମମତା ଭୋଇଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବା ବେଳେ ପିଲାକୁ ରଖିଥିବା ବ୍ୟକ୍ତି ଓ ମଧ୍ୟସ୍ଥିକୁ ପୋଲିସ ଗିରଫ କରିଥିବା ଜଣାଯାଇଛି। ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ସାନଗୁର୍ଜିଭଟା ଗାଁରେ ଶିଶୁକନ୍ୟାକୁ ଅନ୍ୟ ହାତରେ ଟେକିଦେବା ଘଟଣାରେ ପ୍ରଥମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନବଜାତ ଶିଶୁ କନ୍ୟାଙ୍କୁ ପର ହାତରେ ଟେକି ଦେବା ଘଟଣାରେ ସମ୍ପୃକ୍ତି ସୁନାମୁଦି ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ୱାସ୍ଥ୍ୟକର୍ମୀ ମମତା ଭୋଇଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ପିଲାକୁ ଅନ୍ୟକୁ ଦେବା ସହଯୋଗ କରିଥିବା ଲାଠୋର ଗାଁର ଆଲୋକ ଅଗ୍ରୱାଲ ଓ ପିଲାକୁ ରଖିଥିବା ଅଭିଯୋଗରେ ରାଜକୁମାର ମିତ୍ତଲକୁ ଗିରଫ କରାଯାଇଥିବା ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାର ସୂଚନା ଦେଇଛନ୍ତି। ଘଟଣାର ସରଜମିନ ତଦନ୍ତ ପାଇଁ ଜିଲ୍ଲାପାଳ ଇସାଲୱାର, ଏସ ପି ଋଷିକେଶ ଖିଲାରି ସାନ ଗୁର୍ଜିଭଟା ଗାଁରେ ପହଞ୍ଚି ଶିଶୁର ମାଆ ଓ ପରିବାରକୁ ଭେଟି ତଦନ୍ତ କରିଥିବା ଜଣାଯାଇଛି । ସୂଚନାଯୋଗ୍ୟ ଯେ, ଗତ ୨ ତାରିଖରେ ସାନଗୁର୍ଜିଭଟା ଗାଁର ଅରୁଣାବତୀ ନାଗଙ୍କ ନିକଟସ୍ଥ ସୁନାମୁଦି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ । ତା ପରଦିନ ଆଶା କର୍ମୀ ସ୍ୱାସ୍ଥ୍ୟବସ୍ଥା ନିରିକ୍ଷଣ କରିବା ପାଇଁ ଘରକୁ ଯାଇ ଶିଶୁ କନ୍ୟା ନଥିବା ନେଇ ଆଶାକର୍ମୀ ସ୍ୱାସ୍ଥ୍ୟକର୍ମୀକୁ ଜଣାଇଥିଲେ । ହେଲେ ଦୀର୍ଘ ଦଶ ଦିନ ପରେ ସ୍ୱାସ୍ଥ୍ୟକର୍ମୀ ମମତା ଭୋଇ ଘଟଣା ସମ୍ପର୍କରେ କିଛି ନ ଜଣାଇ ଚୁପ୍ ରହିଥିଲେ । ଯେଉଁଥି ପାଇଁ ମମତା ଭୋଇଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା । ତେଣୁ ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତର ଭାବେ ନେଇ ଖୋଦ୍ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଶିଶୁର ମାଆ ଅରୁଣାବତୀ ନାଗଙ୍କ ଘରକୁ ଯାଇ ପଚାରି ବୁଝିଥିଲେ । ସେତିକିବେଳେ ସ୍ୱାସ୍ଥ୍ୟ କର୍ମୀ ମମତା ଭୋଇ ଛୁଆ ଦେଇଥିବା କଥା ନିଜେ ସ୍ୱୀକାର କରିଥିଲେ । ତେଣୁ ସ୍ୱାସ୍ଥ୍ୟକର୍ମୀ ଭୋଇଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ କେଭି ନିର୍ଦ୍ଦେଶ ଦେଇଥିଲେ। ତାସହ ଘଟଣାରେ ଯାହାଙ୍କ ସମ୍ପୃକ୍ତି ଆସିବ ତାଙ୍କୁ ଛଡା ଯିବ ନାହିଁ ବୋଲି କହିଥିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଏବଂ ଆଜି ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଲମ୍ବିତ କରିଥିବା ଜଣାଯାଇଛି । ସୂଚନାଯୋଗ୍ୟଯେ ସ୍ୱାସ୍ଥ୍ୟକର୍ମୀ ମମତା ଭୋଇ ୨୦୧୯ ମସିହାରେ ଉନ୍ନତ ସ୍ୱାସ୍ଥ୍ୟସେବା ସକାଶେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ।

# ଯବାନ ଗୁଳିରେ ୧୦ ମାଓବାଦୀଙ୍କ ମୃତ୍ୟୁ



ମାଲକାନଗିରି ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲ୍ଲାର ଭେଜି ଅଞ୍ଚଳରେ ଯବାନ ଗୁଳିରେ ୧୦ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ଆଜି ଭୋର ସମୟରେ ମାଓ ଦମନ ଅଭିଯାନ ପାଇଁ ଭେଜି ଜଙ୍ଗଲ ମୁହାଁ ହୋଇଥିଲେ ଡିଆରଜି ଓ ସିଆରପିଏଫ ଯବାନ। ଗତକାଲି ମଧ୍ୟ ଓଡ଼ିଶା ମାଲକାନଗିରି ଜିଲ୍ଲାରେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ଗୁଳିବିନିମୟ ଘଟିଥିଲା ଯେଉଁଥିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ପୋଲିସ କହିଛି। ତେବେ ଏହାକୁ ଆଖି ଆଗରେ ରଖି ସୀମାନ୍ତ ଛତିଶଗଡ଼ର ସୁକୁମା ଏସପିଙ୍କ ପକ୍ଷରୁ ସୀମାବର୍ତୀ ଅଞ୍ଚଳରେ ଅଞ୍ଚଳରେ ଅପରେସନ ଆରମ୍ଭ କରିଥିଲେ। ଠିକ୍ ଆଜି ଭୋର ସମୟରେ ସଶସ୍ତ୍ର ମାଓବାଦୀଙ୍କ ସହିତ ଯବାନଙ୍କ ସାମ୍ନା ସାମ୍ନି ହୋଇଥିଲା । ଉଭୟଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ସର୍ଚ୍ଚ ଅପରେସନ ସମୟରେ ଯବାନଙ୍କୁ ମିଳିଛି ୧୦ ଜଣ ମୃତ ମାଓବାଦୀଙ୍କ ଶବ। ଏଥିସହିତ ୩ଟି ସ୍ୱୟଂଚାଳିତ ବନ୍ଧୁକ ଓ ଅନେକ ମାଓ ଅସ୍ତ୍ରଶସ୍ତ୍ର ଜବତ କରିଛି ସୁରକ୍ଷା ବାହିନୀ। ତେବେ ବସ୍ତର ଆଇଜି ସହିତ ସୁକୁମା ଏସପିଙ୍କ ନିର୍ଦ୍ଦେଶନାରେ ଆହୁରି ଅଧିକ ସୁରକ୍ଷା ବାହିନୀଙ୍କୁ ମୁତୟନ କରି ସର୍ଚ୍ଚ ଅପରେସନକୁ କଡ଼ାକଡ଼ି କରିଯାଇଛି। ଗତକାଲି ମଧ୍ୟ ଓଡ଼ିଶା ଦେଇ କିଛି ମାଓବାଦୀ ଛତିଶଗଡ଼ ମୁହାଁ ହୋଇଥିବା ବିଶେଷ ସୂତ୍ରରୁ ଖବର ପାଇ ସୁକୁମା ସୀମାବର୍ତ୍ତୀ ଅଞ୍ଚଳରେ ଅପରେସନ ଅପରେସନକୁ ଆରମ୍ଭ କରାଯାଇଥିଲା । ତେବେ ସୁରକ୍ଷା ବାହିନୀ ଅପରେସନରୁ ଫେରିବା ପରେ ଆହୁରି ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ବସ୍ତର ଆଇଜି ସୁନ୍ଦର ରାଜ ପି. ସ୍ପଷ୍ଟ କରିଛନ୍ତି।

## ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷଣ ଶିବିର

ବ୍ରଜରାଜନଗର( ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଏମ୍‌ସିଏଲ ଇବ ଭ୍ୟାଲି ଏରିଆ କେନ୍ଦ୍ରୀୟ ଚିକିତ୍ସାଳୟ ପକ୍ଷରୁ ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ତେଲେନପାଲି ଠାରେରେ ଶୁକ୍ରବାର ଦିନ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଇବ ଭ୍ୟାଲି ମହାପ୍ରବନ୍ଧକ ଅଓ୍ୱଧ କିଶୋର ପାଣ୍ଡେଙ୍କ ନିର୍ଦ୍ଦେଶ କ୍ରମେ ଓ



କେନ୍ଦ୍ରୀୟ ଚିକିତ୍ସାଳୟ ଡାକ୍ତର ସମରେନ୍ଦ୍ର ମହାନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଡାକ୍ତର ନିତା ପ୍ରକାଶ, ଡାକ୍ତର ସ୍ମିତା କୁମାରୀ, ଡାକ୍ତର ଇନ୍ଦ୍ରସେନ ରେଡ୍ଡି, ଡାକ୍ତର ପଙ୍କଜ ସାହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ମୋଟ ୨୦୨ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ପ୍ରଦାନ କରିଥିଲେ। ଶିବିର ପରିଚାଳନାରେ ମେଟ୍ରନ ନିଦ୍ରାବତୀ ପଟେଲ, ଚକ୍ଷୁ ପରୀକ୍ଷକ ରାଜୁ ପ୍ରଧାନ, ଫାର୍ମାସିଷ୍ଟ ଅଂଶୁମାନ ସାହୁ, ପୀତବାସ ପଟେଲ, ରୋଷନ ପ୍ରଧାନ ଆଦି ସହଯୋଗ କରିଥିଲେ।

# ଚଇତି ପର୍ବ ପାଳନ ପାଇଁ ପ୍ରସ୍ତୁତି ବୈଠକ

ରାୟଗଡ( ଭାସ୍କର ନ୍ୟୁଜ୍): ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ ଚଇତି ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତ ବୈଠକ ନିଷ୍ପତ୍ତି କ୍ରମରେ ବିଭିନ୍ନ ସବକମିଟିରେ କେବଳ ଅଧ୍ୟକ୍ଷ, ଅଧ୍ୟକ୍ଷା ଓ ଆବାହକମାନଙ୍କ ନାମ ଘୋଷଣା କରାଯାଇଛି । କମିଟିର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ଆବାହକମାନେ ନିର୍ଦ୍ଧାରିତ ତାରିଖରେ ବୈଠକ ଡାକିବେ ଏବଂ ତାଙ୍କ ସ୍ୱକମିଟି ପାଇଁ ସଦସ୍ୟତା ଗ୍ରହଣ କରିବେ। ସ୍ମରଣିକା ସବ୍‌କମିଟିରେ ବୈଠକ ଆସନ୍ତା ୨୬ତାରିଖ ୨୦୨୪ରେ ପୂର୍ବାହ୍ନ ୧୦.୦୦ଘଟିକା ସମୟରେ ପିଏ, ଆଇଟିଡିଏ ଅଧ୍ୟକ୍ଷତାରେ ତାଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ପାଣ୍ଠି ସଂଗ୍ରହ ସବକମିଟିର ଅଧ୍ୟକ୍ଷତା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ରୟାଗଡ଼ଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୬ତାରିଖରେ ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। କଲେଜ ଚଇତି ରାୟଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷାଙ୍କ ନେତୃତ୍ୱରେ ୨୬ ନଭେମ୍ବର, ୨୦୨୪ ରିଖରେ ମଧ୍ୟାହ୍ନ ୧୨. ୦୦ଘଟିକା ସମୟରେ ଅନୁଷ୍ଠିତ ହେବ। କ୍ରୀଡା ସ୍ୱକମିଟି ବୈଠକ ଉପଜିଲ୍ଲାପାଳ, ରାୟଗଡଙ୍କ ନେତୃତ୍ୱରେ ଆସନ୍ତା ତା ୨୭ ନଭେମ୍ବର, ୨୦୨୪ରିଖ ପୂର୍ବାହ୍ନ ୧୦.୦୦ ଘଟିକାରେ ଜିଲ୍ଲାପାଳଙ୍କ ଚିନ୍ତନ କକ୍ଷରେ ଅନୁଷ୍ଠିତ ହେବ। ନିମନ୍ତ୍ରଣ ସ୍ୱ-କମିଟିର ଅଧ୍ୟକ୍ଷ ଜିଲ୍ଲାମୁଖ୍ୟ ପ୍ରାଣୀ ଚିକତ୍ସା ଅଧିକାରୀଙ୍କ ନେତୃତ୍ୱରେ ସ୍ଥାନୀୟ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ପୂର୍ବାହ୍ନ ୧୧ ଘଟିକା ସମୟରେ ଅନୁଷ୍ଠିତ ହେବ। ପ୍ରଚାର ପ୍ରସାର ସବକମିଟିର ଅଧ୍ୟକ୍ଷ ସିଡିଓ ତଥା ଇଓ, ଜିଲ୍ଲାପରିଷଦଙ୍କ ନେତୃତ୍ୱରେ ଆସନ୍ତା ୨୭ନଭେମ୍ବର ମଧ୍ୟାହ୍ନ ୧୨. ୦୦ଘଟିକା ସମୟରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ । ପୁରସ୍କାର ଓ ମାନପତ୍ର ସବକମିଟିର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆସନ୍ତା ତା ୨୭ନଭେମ୍ବର ଅପରାହ୍ନ ୧.୦୦ଘଟିକା ସମୟରେ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ଅନୁଷ୍ଠିତ ହେବ । ବିକାଶ ମେଳା ଓ ପ୍ରଦର୍ଶନୀ ସବକମିଟିର ବୈଠକ ଅଧ୍ୟକ୍ଷ ସିଡିଓ ତଥା ଇଓ, ଜିଲ୍ଲାପରିଷଦଙ୍କ ନେତୃତ୍ୱରେ ଆସନ୍ତା ତା୨୮ ନଭେମ୍ବର, ୨୦୨୪ରିଖରେ ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ । ସାଂସ୍କୃତିକ କାର୍ଯ୍ୟକ୍ରମ ସବକମିଟିର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆସନ୍ତା ତା ୨୮ନଭେମ୍ବରର ପୂର୍ବାହ୍ନ ୧୧. ୦ଘଟିକା ସମୟରେ ଜିଲ୍ଲାପାଳଙ୍କ ଚିନ୍ତନ କକ୍ଷରେ ଅନୁଷ୍ଠିତ ହେବ । ଚଇତି ପଡ଼ିଆ ନିର୍ମାଣ,ପିଇବା ପାଣି ଯୋଗାଣ ଓ ପରିମଳ ବ୍ୟବସ୍ଥା କମିଟିର ଅଧ୍ୟକ୍ଷ ନିର୍ବାହୀ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗଙ୍କ ନେତୃତ୍ୱରେ ଆସନ୍ତା ୨୮. ୦୦ତାରିଖରେ ମଧ୍ୟାହ୍ନ ୧୨. ୦୦ଘଟିକା ସମୟରେ ପୌର ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ । ପରିବହନ ସ୍ୱକମିଟିର ଅଧ୍ୟକ୍ଷ ଉପଜିଲ୍ଲାପାଳ, ରାୟଗଡଙ୍କ ନେତୃତ୍ୱରେ ଆସନ୍ତା ୨୯ ନଭେମ୍ବର, ୨୦୨୪ରିଖ ପୂର୍ବାହ୍ନ ୧୦.୦୦ ଘଟିକାରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ରହଣି ଓ ଟେଇଥାନ ସବକମିଟିର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆସନ୍ତା ତା ୨୯ନଭେମ୍ବର ୨୦୨୪ ପୂର୍ବାହ୍ନ ୧୧. ୦ଘଟିକା ସମୟରେ ଜିଲ୍ଲାପାଳଙ୍କ ଚିନ୍ତନ କକ୍ଷରେ ଅନୁଷ୍ଠିତ ହେବ। ମଞ୍ଚ ପରିଚାଳନାର ଅଧ୍ୟକ୍ଷ ସିଡିଓ ତଥା ଇଓ, ଜିଲ୍ଲାପରିଷଦ ରାୟଗଡଙ୍କ ନେତୃତ୍ୱରେ ଆସନ୍ତା ତା ୩୦ ନଭେମ୍ବର, ୨୦୨୪ରିଖ ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ । ଆଇନ ଶୃଙ୍ଖଳା ସ୍ୱକମିଟିର ଅଧ୍ୟକ୍ଷ ଆରକ୍ଷୀ ଅଧ୍ୟକ୍ଷ, ରାୟଗଡଙ୍କ ନେତୃତ୍ୱରେ ଜିଲ୍ଲା ପୋଲିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ । ସାଂସ୍କୃତିକ ଶୋଭାଯାତ୍ରା ସବକମିଟିର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆସନ୍ତା ତା ୩୦ ନଭେମ୍ବର୨୦୨୪ ରିଖ ମଧ୍ୟାହ୍ନ ୧୨. ୦୦ଘଟିକା ସମୟରେ ପୌର ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ । ସେହିପରି ଖାଦ୍ୟ ସବକମିଟିର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆସନ୍ତା ତା ୩୦ନଭେମ୍ବର ୨୦୨୪ରିଖ ଅପରାହ୍ନ ୧. ୦୦ଘଟିକା ସମୟରେ ଜିଲ୍ଲାପାଳଙ୍କ ଚିନ୍ତନ କକ୍ଷରେ ଅନୁଷ୍ଠିତ ହେବ।

# ଶିକ୍ଷୟିତ୍ରୀଙ୍କୁ ଡକ୍ଟରେଟ୍ ସମ୍ମାନ

ବଲାଙ୍ଗିର(ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ ନିକଟସ୍ଥ ମଣ୍ଡଳ ଗ୍ରାମରେ ଜନ୍ମିତା ତଥା ସେମ୍‌ଫୋର୍ଡଫ ଫ୍ୟୁଚରିଷ୍ଟିକ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ପ୍ରିୟଦର୍ଶନୀ ମିଶ୍ରଙ୍କୁ ଇଜିପ୍ଟ ଦେଶର ଆନ୍ତର୍ଜାତୀୟ ମାନବୀୟ ସଙ୍ଗଠନ ଏବଂ ବିଶ୍ୱ ସଂସ୍କୃତି ସଂସ୍ଥା ତାଙ୍କ ଇଂରାଜୀ କବିତା ଲିଖନ ଶୈଳୀ, ଶାନ୍ତି ଓ ମୈତ୍ରୀର ସନ୍ଦେଶ ବହନ କରୁଥିବା କବିତା ପାଇଁ ଡକ୍ଟରେଟ ସମ୍ମାନରେ ସମ୍ମାନୀତ କରିଛନ୍ତି। ସୂଚନାଯୋଗ୍ୟ ଯେ, ଦୁଇଟି ଅନୁଷ୍ଠାନର ଆଇ.ଏଚ୍ ପ୍ରଫେସର ଡ. ଜାମିଲା ସାଫି ଏବଂ ଡବ୍ଲୁସି.ଏଫର



ପ୍ରଫେସର ଡ. ଟୋନୀ ଫୌଡ ପ୍ରିୟଦର୍ଶନୀ ମିଶ୍ରଙ୍କୁ ବ୍ରୋଞ୍ଜ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଛନ୍ତି । ଏକ ସାରସ୍ୱତ ସାହିତ୍ୟ କାର୍ଯ୍ୟକ୍ରମ ଶାଶ୍ୱତ ପ୍ରିୟଜନ ସାହିତ୍ୟ ଅନୁଷ୍ଠାନ ତରଫରୁ ଡ. ଅଲେଖ ପ୍ରସାଦ ମହାରଣାଜୀଙ୍କ ପୌରହିତ୍ୟରେ ଓଡିଶାର ସୁନାମଧନ୍ୟ ଶତାଧିକ ସାହିତ୍ୟକଙ୍କ ଗହଣରେ ମୁଖ୍ୟ ଅତିଥି ରେଭେନ୍ସା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ବୈଜ୍ଞାନିକ ଡ. ହରପ୍ରସାଦ ସାହୁ ପ୍ରିୟଦର୍ଶନୀ ମିଶ୍ରଙ୍କୁ ଡକ୍ଟରେଟ ସମ୍ମାନରେ ସମ୍ମାନୀତ କରିଛନ୍ତି। ଏହି ସମ୍ମାନ ପ୍ରାପ୍ତି ପରେ ପରେ ବଲାଙ୍ଗିର ଜିଲ୍ଲା ତଥା କଳାର ଅଞ୍ଚଳ ମଣ୍ଡଳ ଗ୍ରାମର ଗୌରବକୁ ବୃଦ୍ଧି କରୁଛି; ଯାହା ପାଇଁ ତାଙ୍କ ପାଖକୁ ଶୁଭାକାଂକ୍ଷୀମାନଙ୍କ ଶୁଭେଚ୍ଛାର ସୁଅ ଛୁଟୁଛି।

ଓଡ଼ିଶା ଭାସ୍କର

# ରାଜ୍ୟ ଖବର



ବ୍ରହ୍ମପୁର, (ଭାସ୍କର ନ୍ୟୁଜ ) : ମହାରାଷ୍ଟ୍ର ବିଧାନସଭାରେ ଭାରତୀୟ ଜନତା ପାର୍ଟି (ଏନଡ଼ିଏ) ର ଅଭୁତପୂର୍ବ ଐତିହାସିକ ବିଜୟ ପାଇଁ ବ୍ରହ୍ମପୁର ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ 'ବିଜୟ ଉତ୍ସବ' ସ୍ଥାନୀୟ ଗେଟ୍ ବଜାର ଛକ ଠାରେ ଧୁମଧାମରେ ପାଳନ କରାଯାଇଛି । ଦଳୀୟ କାର୍ଯ୍ୟକର୍ତ୍ତା ମାନେ ଏହି ଐତିହାସିକ ସଫଳତା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ ଯୋଜନା ଗୁଡ଼ିକ ସହ 'ଏକ୍ ହେଁ ତୋ ସେଫ୍ ହେଁ' ଏହି ଗୁରୁମନ୍ତ୍ର ପାଇଁ ଏହି ଐତିହାସିକ ସଫଳତା ମିଳିଲା ବୋଲି ବିଜେପି ନେତୃବୃନ୍ଦ କହିଥିଲେ । ଦଳୀୟ କାର୍ଯ୍ୟକର୍ତ୍ତା ମାନେ ଆତସବାଜି ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ ଏବଂ ବାଜା ବଜାଇ ନାଚଗୀତରେ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ । ଆଜିର ଏହି ବିଜୟ ଉତ୍ସବରେ ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ଆସ୍କା , ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟୀତ୍ୱରେ ଥିବା ଦଳର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ସମ୍ପାଦିକା ଏସ୍ ରାଣୀ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ରାଜ୍ୟ ଓବିସି ମୋର୍ଚ୍ଚା ସଂଯୋଜକ ଏସ୍ ଶ୍ରୀନିବାସ୍, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କେ ରବି ରାଓ, ଜି ବିଜୟ ପାତ୍ର, ଦେବୁନ ପଟ୍ଟନାୟକ, ମଣ୍ଡଳ ସଭାପତି ଭାବଗ୍ରାହୀ ପାଳ, ସରୋଜ ପାତ୍ର, କୃଷ୍ଣ ଚନ୍ଦ୍ର ଚୌଧୁରୀ, ପ୍ରଫୁଲ୍ଲ ପାଣିଗ୍ରାହୀ, ଧନୁ ପାଣିଗ୍ରାହୀ, ଅହିଂସା ସାହୁ, ଚିନ୍ମୟାନନ୍ଦ ପଟ୍ଟନାୟକ, ଅମର ସାହୁ, ଶିରିଡ଼ି ବିକ୍ରମ, କୃଷ୍ଣ ଚନ୍ଦ୍ର ପଲେଇ, ଶକ୍ତି ପଟ୍ଟନାୟକ, ମନୋଜ ମହାରଣା, ଆଶିଷ ଦାସ, ରବିନ୍ଦ୍ର ସାହୁ, ସୁବ୍ରତ ପାଳ, ଏସ୍.ଶ୍ରୀନିବାସ୍ ରାଓ, ସରୋଜ ଦାସ ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



# ୩ରୁ ୭ଯାଏ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୩ ତାରିଖରେ ଓଡ଼ିଶା ଆସିବେ। ନୂଆଦିଲ୍ଲୀରୁ ବାୟୁସେନା ବିମାନରେ ସେ ଆସିବା ପରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେହିଦିନ ସନ୍ଧ୍ୟାରେ ସେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ନୀଳାଦ୍ରିବିହାରଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନବନିର୍ମିତ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ। ୪ ତାରିଖ ପୂର୍ବାହ୍ନରେ ଶ୍ରୀମତୀ ମୁର୍ମୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ସାମିଲ ହେବେ। ଏହାପରେ ନୌସେନା ଦିବସ ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭାରତୀୟ ନୌସେନା ପକ୍ଷରୁ ପୁରୀ ବ୍ଲୁଫ୍ଲାଗ ବେଳାଭୂମିରେ ଆୟୋଜିତ ନୌସେନାର ସାମୁଦ୍ରିକ ଶକ୍ତି ନମୁନା ପ୍ରଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେବେ। ୫ ତାରିଖ ସକାଳେ ସେଠାରୁ ଫେରି ଭୁବନେଶ୍ୱର ଓଡ଼ିଶା



କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ସେହିଦିନ ଅପରାହ୍ନରେ ଭୁବନେଶ୍ୱରରେ ନୂଆ ବିଚାରବିଭାଗୀୟ କୋର୍ଟ କଂପ୍ଲେକ୍ସର ଉଦ୍‌ଘାଟନ କରିବେ। ୬ ତାରିଖ ସକାଳେ ବାବା ସାହେବ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ଉପଲକ୍ଷେ ଭୁବନେଶ୍ୱର ଏଜିଛକ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବେ। ଏହାପରେ ବାୟୁସେନା ବିମାନଯୋଗେ ସେ ମୟୂରଭଞ୍ଜ ଯିବେ। ମୟୂରଭଞ୍ଜର ରଙ୍ଗମାଟିଆ ହେଲିପ୍ୟାଡରେ ପହଞ୍ଚି ସେଠାରୁ ଉପରବେଡ଼ା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଯାଇ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହ ଭାବ ବିନିମୟ କରିବେ। ଏହାପରେ ଉପରବେଡ଼ାସ୍ଥିତ ଘରେ ରହି ଗ୍ରାମବାସୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଅପରାହ୍ନରେ ରାଇରଙ୍ଗପୁର ଯାଇ ଉପଖଣ୍ଡ ଚିକିତ୍ସାଳୟରେ ଏସଏଲଏସ୍ ଟ୍ରଷ୍ଟ ପକ୍ଷରୁ ଡାକ୍ତରଖାନାକୁ ଦିଆଯାଇଥିବା ଏକ ଯାନକୁ ଲୋକାର୍ପଣ କରିବେ। ସ୍ଥାନୀୟ ମହିଳା ମହାବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ସହ ଆଲୋଚନା କରିବେ। ସନ୍ଧ୍ୟାରେ ରାଇରଙ୍ଗପୁରର ପୁଣ୍ୟେଶ୍ୱର ମହାଦେବ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ସହ ଆଳତୀ କରିବେ। ୭ତାରିଖ ପୂର୍ବାହ୍ନରେ ବାଙ୍ଗିରିପୋଷି ହେଲିପ୍ୟାଡରେ ପହଞ୍ଚି ରେଳଷ୍ଟେସନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାସହ ଆଭାସୀ ମାଧ୍ୟମରେ ରାଇରଙ୍ଗପୁର ଆଦିବାସୀ ଗବେଷଣା କେନ୍ଦ୍ର, ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ ଏବଂ ଉପଖଣ୍ଡ ଚିକିତ୍ସାଳୟ ପ୍ରକଳ୍ପର ଶିଳାନ୍ୟାସ କରି ଅପରାହ୍ନରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

## ଆଇଏଏସ୍ ସ୍ତରରେ ଅଦଳବଦଳ

# ଚିତ୍ରାଙ୍କୁ ଶ୍ରମ ଓ ଇଏସ୍ଆଇ, ସୁଧାଂଶୁ ଖଣିନିଗମ ଏମ୍‌ଡି

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଶନିବାର ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି। ୧୨ଜଣ ଆଇଏଏସ୍ ଅଫିସରଙ୍କୁ ବିଭିନ୍ନ ପଦପଦବୀରେ ଅବସ୍ଥାପିତ କରାଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ମିଳିଥିବା ବିଜ୍ଞପ୍ତି ଅନୁଯାୟୀ ୧୯୯୫ ବ୍ୟାଚ୍‌ର ଆଇଏଏସ୍ ଚିତ୍ରା ଅରୁମୁଗମଙ୍କୁ ଶ୍ରମ ଓ ଇଏସ୍ଆଇର ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଥିବାବେଳେ ସେ ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ବରିଷ୍ଠ ଆଇଏଏସ୍ ଯାମିନୀ ଷଡ଼ଙ୍ଗୀଙ୍କୁ ବାଣିଜ୍ୟକର ଓ ଜିଏସ୍‌ଟି କମିଶନର ଭାବେ ଅବସ୍ଥାପିତ କରାଯାଇଛି। ସେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ୨୦୧୦ ବ୍ୟାଚ୍‌ର ଆଇଏଏସ୍ ସୁଧାଂଶୁମୋହନ ସାମଲଙ୍କୁ ଓଡ଼ିଶା ଖଣିନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ, ୨୦୧୧ ବ୍ୟାଚ୍‌ର ଆଇଏଏସ୍ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଶ୍ରମ କମିଶନର ଭାବେ ଅବସ୍ଥାପିତ କରାଯାଇଛି। ୨୦୧୨ ବ୍ୟାଚ୍ ଆଇଏଏସ୍ ପୋମା ଟୁଡୁଙ୍କୁ ଅନୁସୂଚୀତ ଜନଜାତି ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ୨୦୧୨ ବ୍ୟାଚ୍‌ର ଆଇଏଏସ୍ ତ୍ରିଲୋଚନ ମାଝୀଙ୍କୁ ଗୃହବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସଙ୍କୁ ରାଜ୍ୟ ସମବାୟ ରେଜିଷ୍ଟ୍ରାର ଭାବେ ବଦଳି କରାଯାଇଛି। ୨୦୧୩ ବ୍ୟାଚ୍‌ର ଆଇଏଏସ୍ ବିଜୟ ପୃଷ୍ଟିଙ୍କୁ ଇଷ୍ଟେଟ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିବାବେଳେ ସେ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରିବେ। ୨୦୧୩ ବ୍ୟାଚ୍‌ର ଆଇଏଏସ୍ ସତ୍ୟବ୍ରତ ରାଉତଙ୍କୁ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ୨୦୧୪ ବ୍ୟାଚ୍‌ର ଆଇଏଏସ୍ ମୋନିକା ପ୍ରିୟଦର୍ଶିନୀଙ୍କୁ ଓଡ଼ିଶା ଜୀବିକା ମିଶନର ନିର୍ଦ୍ଦେଶିକା ଭାବେ ଅବସ୍ଥାପିତ କରାଯାଇଛି। ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଦୀପଙ୍କର ମହାପାତ୍ରଙ୍କୁ କ୍ରୀଡ଼ା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବାବେଳେ ୨୦୧୪ ବ୍ୟାଚ୍‌ର ଆଇଏଏସ୍ ସ୍ମିତା ରାଉତଙ୍କୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଭାବେ ଅବସ୍ଥାପିତ କରାଯାଇଛି। ସ୍ମିତା ଏବେ ଅର୍ଥ ବିଭାଗର ଅତିରିକ୍ତ ସଚିବ ଅଛନ୍ତି।

# ୨ ମାଓ କ୍ୟାମ୍ପ୍ ଠାବ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲାରେ ୨ଟି ମାଓବାଦୀ ଶିବିର ଠାବ ହୋଇଛି। ଜିଲାର ମନମୁଣ୍ଡା ଥାନା ଅନ୍ତର୍ଗତ ବାହାବାଲାଖୋଲ ସଂରକ୍ଷିତ ଜଙ୍ଗଲର କନକା ଏବଂ କୁଆକୁମୁଡ଼ା ଅଞ୍ଚଳରୁ ଏହି ଶିବିର ଠାବ କରିଛନ୍ତି ଡିଭିଏଫ ଏବଂ ଏସଓଜି ଯବାନ। ଯବାନଙ୍କ ପକ୍ଷରୁ ଉକ୍ତ ଜଙ୍ଗଲରେ କୋମ୍ବିଂ ଅପରେସନ ଜାରି ରହିଥିଲା। ଏହି ସମୟରେ କନକାରେ ଗୋଟିଏ ଏବଂ କୁଆକୁମୁଡ଼ାରେ ଗୋଟିଏ ମାଓବାଦୀ ଶିବିର ରହିଥିବା ଦେଖିବାକୁ ମିଳିଥିଲା। ସେଠାରୁ ଯବାନମାନେ ବହୁ ପରିମାଣର ମାଓବାଦୀ ସାମଗ୍ରୀ ଏବଂ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। କୋମ୍ବିଂ ଅପରେସନ ସମ୍ପର୍କରେ ଆଗୁଆ ସୂଚନା ପାଇ ମାଓବାଦୀମାନେ ସେଠାରୁ ଖସି ପଳାଇଥିବା ଅନୁମାନ କରାଯାଉଛି।


**OFFICE OF THE DIVISIONAL FOREST OFFICER, KHARIAR DIVISION,KHARIAR**

Email:-dfo.khariar@odisha.gov.in

Government of Odisha "e" Procurement Notice

Bid Identification No.DFO-KHR-02/2024-25

MM-270

1. Name of works:-Construction of Composite Unit at Nangalbod in Sinapali Range
2. Approximate estimated cost:-25.79 lakh (Excluding GST)
3. Period of Completion:-03 (Three) Calendar month.
4. Date & Time of availability of bid documents in the portal:-Dt.25.11.2024 to 04.12.2024
5. Last date/Time of receipt of bid in the portal:-Dt.04.12.2024 up to 05.00 PM.
6. Date of Opening of bid:- Dt.05.12.2024 at 11.00 AM.
7. Name & Address of the office inviting bid:-O/o the Divisional Forest Officer, Khariar Forest Division, Khariar.

Further details can be from e-procurement portal http://www.tendersodisha.gov.in

Sd/- Divisional Forest Officer, Khariar Division, Khariar

OIPR 08153/11/0006/2425



A-580

Phone No.(0663)-2412791(Off.)
E-mail :-eemisbp@yahoo.co.in

**GOVERNMENT OF ODISHA**
**DEPARTMENT OF WATER RESOURCES**

OFFICE OF THE SUPERINTENDING ENGINEER, MINOR IRRIGATION DIVISION, SAMBALPUR.

No. 3576 / Date, 18.11.2024

e-PROCUREMENT NOTICE

BID REF No: SE,MID,SBP/07/2024-25

Name of work : Civil Construction Works

No. of works : 05 ( Five) Nos.

Estimated cost: : Varies from approximately Rs. 16.95 lakh to Rs. 42.24 lakh for 05 Nos. of works (Rs. 144.21 Lakh)

Tender paper cost : Referred to DTCN.

Period of completion : Referred to DTCN.

Availability of bid through online : From dt. 26.11.2024 at 11.00 AM to dt. 03.12.2024 up to 05.30 PM in website(www.tendersorissa.gov.in)

Period of receipt of bid through online : From dt. 26.11.2024 at 11.00 AM to dt. 03.12.2024 up to 05.30 PM through online.

Date of opening of bid documents : On dt. 04.12.2024 at 11.00 AM. onwards.

Digital signature certificate of Bidder : The bidder must possess compatible digital signature certificate (DSC) of Class-II or Class-III.

The detail tender call notice can also be seen in the DOWR website- http://dowrorissa.gov.in

Name & Address of the OIT : Superintending Engineer, M.I.Division, Sambalpur At-Motijharan,PO-B.S.S.Nagar,Dist:-Sambalpur PIN-768001, Ph-0663-2412791, E-mail ID-eemisbp@yahoo.co.in

Further details can be seen from the e-Procurement market place. : http://tendersorissa.gov.in

Sd/-Superintending Engineer
M.I.Division,Sambalpur.

OIPR 32036/11/0007/2425


## କ୍ୟାବିନେଟ୍ ବୈଠକ

ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଉଚ୍ଚ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଉପସ୍ଥିତ ଥିଲେ । ରାଜ୍ୟ କ୍ୟାବିନେଟ୍ ଶିଳ୍ପନୀତି ୨୦୧୫ର ଦୁଇଟି ସଂଶୋଧନକୁ ଅନୁମୋଦନ କରିଛନ୍ତି ଯେଉଁଥିରେ ଯୋଗ୍ୟ ନିବେଶକମାନେ ପ୍ରୋତ୍ସାହନ ପାଇଁ ସେମାନଙ୍କର ଦାବିକୁ ଠିକ୍ ସମୟରେ ପ୍ରଦାନ କରିବାକୁ ସକ୍ଷମ ହେବେ ଏବଂ ପ୍ରୋତ୍ସାହନକୁ ସୁଗମ ପରିଚାଳନା ପାଇଁ ସହାୟକ ହେବ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମତି ଦିଆ ଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ବିଭିନ୍ନ ପ୍ରୋତ୍ସାହନ ଏବଂ ପ୍ରମାଣପତ୍ର ବିଷୟରେ କିମ୍ବା ନୀତି ତଥା ଦରଖାସ୍ତ ପ୍ରଣାଳୀ ବିଷୟରେ ସେମାନଙ୍କର ଅଜ୍ଞତା କାରଣରୁ ଅନେକ କ୍ଷେତ୍ରରେ ଶିଳ୍ପ ସଂସ୍ଥା ଆବେଦନ ପତ୍ର ଦାଖଲ କରିବାରେ ବିଳମ୍ବ ହୁଏ। ଏହାବ୍ୟତୀତ କୋଭିଡ୍-୧୯ ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ପରିସ୍ଥିତିକୁ ମଧ୍ୟ ବିଚାରକୁ ନେଇ ଶିଳ୍ପନୀତି ୨୦୧୫ ଅଧିନରେ ସମସ୍ତ ପ୍ରକାରର ପ୍ରୋତ୍ସାହନ ଏବଂ ପ୍ରମାଣପତ୍ର ପାଇଁ ଆବେଦନ ଦାଖଲ କରିବାର ସମୟସୀମାକୁ ୧ବର୍ଷରୁ ୨ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଅନୁମୋଦନ ଦିଆଯାଇଛି। ୨ ବର୍ଷରୁ ଅଧିକ ବିଳମ୍ବ ପାଇଁ, ମୁଖ୍ୟ ଶାସନ ସଚିବଙ୍କ ସ୍ତରରେ ବିଚାର କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ପରବର୍ତ୍ତୀ ସମୟରେ ଏକକ ପଦକ୍ଷେପ ଭାବରେ ଯେଉଁ ନିବେଶକମାନେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିସାରିଛନ୍ତି କିନ୍ତୁ ଧାର୍ଯ୍ୟ ତାରିଖ ମଧ୍ୟରେ ପ୍ରୋତ୍ସାହନ କିମ୍ବା ପ୍ରମାଣପତ୍ର ପାଇଁ ସେମାନଙ୍କ ଆବେଦନ ଦାଖଲ କରିବାରେ ବିଫଳ ହୋଇଥିଲେ। କିନ୍ତୁ ୩୦.୦୬.୨୦୨୩ ମଧ୍ୟରେ ଦାଖଲ କରିଥିଲେ ମଧ୍ୟ ଅଯୋଗ୍ୟ ହୋଇଥିବେ ସେମାନଙ୍କ ଦରଖାସ୍ତ ଯୋଗ୍ୟ ଆବେଦନକାରୀ ଭାବେ ପୁନଃ ବିଚାର କରାଯିବ। ଜୁନ୍ ୩୦ ପରେ ଦାଖଲ ହୋଇଥିବା ଆବେଦନଗୁଡ଼ିକ ବିବେଚନା କରାଯିବ ନାହିଁ, ଯେଉଁଠାରେ ଶିଳ୍ପ ସଂସ୍ଥାର ନିୟନ୍ତ୍ରଣ ବାହାରେ ଥିବା କାରଣରୁ ବିଳମ୍ବ ହେବାର ପରିଲକ୍ଷିତ ହେବ ତାହା ମୁଖ୍ୟ ସଚିବଙ୍କ ସ୍ତରରେ ବିଚାର କରାଯିବ। ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୬ରେ ୧୩.୧୨.୨୦୧୮ରେ ଏକ ସଂଶୋଧନ କରାଯାଇଥିଲା ଯେଉଁଥିରେ ଦ୍ରବଣ ନିଷ୍କାସନ ଏବଂ ରିଫାଇନ୍ ତୈଳ ପ୍ରସ୍ତୁତି ଏବଂ ପାନୀୟ ଜଳର ବିଶୋଧନ କାରଖାନା କାର୍ଯ୍ୟକଳାପକୁ ନକରାତ୍ମକ ତାଲିକାରୁ ହଟାଯାଇଥିଲା ଏବଂ ଏହି ନୀତି ଅନୁଯାୟୀ ପ୍ରୋତ୍ସାହନ ପାଇଁ ଯୋଗ୍ୟ ହୋଇଥିଲେ। କିନ୍ତୁ ୧୮.୦୮.୨୦୨୦ରେ ଆଇପିଆର୍ ୨୦୧୫ରେ ସମାନ ବ୍ୟବସ୍ଥା କରାଯାଇଥିଲା। ଆଇପିଆର୍ ଏବଂ କ୍ଷେତ୍ରୀୟ ନୀତିରେ ଉପରୋକ୍ତ ଅସଙ୍ଗତିକୁ ଦୃଷ୍ଟିରେ ରଖି ସରକାର ଅନୁମୋଦନ କରିଛନ୍ତି ଯେ ୧୮.୦୮.୨୦୨୦ରେ ଆଇପିଆର୍ ୨୦୧୫ରେ କରାଯାଇଥିବା ସଂଶୋଧନ ୨୦୧୬ରେ ହୋଇଥିବା ସଂଶୋଧନ ତାରିଖ ଠାରୁ ଅର୍ଥାତ୍ ୧୩.୧୧.୨୦୧୮ ଠାରୁ କାର୍ଯ୍ୟକାରୀ ହେବ। ସେହିପରି ଓଡ଼ିଶାରେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମତି ଦିଆ ଯାଇଛି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏକାଡେମିକ୍ ଉତ୍କର୍ଷ ଗୁଣାତ୍ମକ ଗବେଷଣା ନିମନ୍ତେ ଏବଂ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ପ୍ରାପ୍ତି ଦିଗରେ ହେଉଥିବା ସମସ୍ୟାର ସମାଧାନ କରିବାକୁ ଏହି ସଂଶୋଧନର ଲକ୍ଷ୍ୟ ରହିଛି । ସଂଶୋଧନର ମୁଖ୍ୟ ଦିଗଗୁଡ଼ିକ ହେଉଛି ବିଶ୍ୱବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଉନ୍ନତି ଆଣିବା, ଅଧିକ ସ୍ୱାୟତତା ସହିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସଶକ୍ତ କରିବା ତଥା ଉତରଦାୟିତ୍ୱ ବଜାୟ ରଖିବା ଏବଂ ଆଧ୍ୟାତ୍ମିକ ନିଯୁକ୍ତି ଓ କୁଳପତି ଚୟନ ପ୍ରକ୍ରିୟାରେ ଏକାଡେମିକ୍ ପ୍ରଫେସନାଲ ମାନଙ୍କୁ ଜଡ଼ିତ କରିବା, ସିନେଟ୍, ଅର୍ଥ କମିଟି ଏବଂ ବିଲିଡିଂ ଓ ନିର୍ମାଣ କମିଟି ଗଠନ ଇତ୍ୟାଦି । ଏହି ଆଇନରେ ସଂଶୋଧନ କରି ରାଜ୍ୟ ସରକାର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବା ସହ କୋର୍ଟ ମାମଲା ହେତୁ ଶିକ୍ଷକ ନିଯୁକ୍ତିରେ ଆସିଥିବା ସ୍ଥାଣୁତା ଦୂର କରିବାକୁ ଲକ୍ଷ୍ୟ ରଖିଛନ୍ତି । ନିଯୁକ୍ତି ପାଇଁ ଅଧିକ ସ୍ୱଚ୍ଛ ଏବଂ ସମୟ ସୀମା ବଦ୍ଧ ପ୍ରଣାଳୀ ସୃଷ୍ଟି କରିବାକୁ ଏହି ପରିବର୍ତ୍ତନଗୁଡ଼ିକ ପରିକଳ୍ପନା କରାଯାଇଛି । ଏହି ସଂଶୋଧନ ଜାତୀୟ ଶିକ୍ଷାନୀତି, ୨୦୨୦ ର ପରିବର୍ତ୍ତନଶୀଳ ଦିଗ ଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରିଛି, ଯେପରିକି ବହୁମୁଖୀ ଶିକ୍ଷା ଉପରେ ଗୁରୁତ୍ୱ, ନିଯୁକ୍ତି ପାଇଁ ଦକ୍ଷତା ବିକାଶ ଏବଂ ଦୂରତା ଶିକ୍ଷା ଇତ୍ୟାଦି ମାଧ୍ୟମରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଯେପରି ଉଚ୍ଚ ଶିକ୍ଷା ହାସଲ କରିବେ ।

# ନବକୃଷ୍ଣ ଚୌଧୁରୀଙ୍କ ଜନ୍ମ ଜୟନ୍ତୀ ପାଳିତ

ଜଗତସିଂହପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତି ରେ ଜିଲ୍ଲାପାଳ ଜେ ସୋନାଲ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜଗତସିଂହପୁର ର ଗର୍ବ ନବକୃଷ୍ଣ ଚୌଧୁରୀ ଜଗତସିଂହପୁର ଜିଲ୍ଲାର ଖେରସ ଗାଁରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମ ନେଇଥିଲେ । ଏକାଧାରରେ ସେ ଜଣେ ରାଜନେତା, ସ୍ୱାଧୀନତା ସଂଗ୍ରାମୀ ଓ ଲେଖକ ଥିଲେ । ଆଜି ତାଙ୍କର ପବିତ୍ର ଜନ୍ମ ତିଥି ରେ ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା,ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ



ରହି ସେହି ମହାନ ଆତ୍ମା ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

## ଜଳିଗଲା ବ୍ୟାଟେରି ବାଇକ୍

ବାରଙ୍ଗ(ଭାସ୍କର ନ୍ୟୁଜ): ଶନିବାର ସକାଳ ୭ଟାରେ ସୁଭାଷ ସେତୁ ଉପରେ ଏକ ବ୍ୟାଟେରି ବାଇକରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ବାରଙ୍ଗ ବ୍ଲକ ଅନ୍ତର୍ଗତ ଫକିରପଡା ଗ୍ରାମର ସିଦ୍ଧାର୍ଥ ପ୍ରସାଦ ସାହୁ କଟକ ଅଭିମୁଖେ ଯିବାବେଳେ ତ୍ରିସୁଳିଆ ସୁଭାଷ ସେତୁ ଉପରେ ଗାଡି ଷ୍ଟାର୍ଟ ହଠାତ ବନ୍ଦ ହୋଇଯାଇ ଧୂଆଁ ବାହାରି ଗାଡିଟି ଜଳିବା ଆରମ୍ଭ କରିଥିଲା। ଏନେଇ ସେ ବାରଙ୍ଗ ଅଗ୍ନିଶମ ବାହିନୀକୁ ଖବର କରିଥିଲେ। ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସେତେବେଳକୁ ଗାଡିଟି ସମ୍ପୂର୍ଣ୍ଣ ପ୍ରତିଶତ ପୋଡି ପାଉଁଶ ହୋଇଯାଇଥିଲା।

## ସୁଭଦ୍ରା ଯୋଜନା ନେଇ ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା

# ବାଦ୍ ପଡ଼ିଥିବା ୨୫ ପ୍ରତିଶତ ମହିଳା ଆଜି ପାଇବେ ସହାୟତା ରାଶି

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରବିବାର ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା 'ସୁଭଦ୍ରା'ର ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି ପ୍ରଦାନ କରାଯିବ। ଏ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସୁନ୍ଦରଗଡ଼ରେ ଆୟୋଜିତ ଏକ ସମାରୋହରେ ଏହି ସହାୟତା ରାଶି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ତେବେ ଏସବୁ ଭିତରେ ଶ୍ରୀମତୀ ପରିଡ଼ା ଏକ ବଡ଼ ସୂଚନା ଦେଇ କହିଛନ୍ତି ଯେ ବାଦ୍ ପଡ଼ିଥିବା ୨୫ ପ୍ରତିଶତ ମହିଳାଙ୍କୁ ରବିବାର ସୁଭଦ୍ରା ଯୋଜନାରେ ସହାୟତା ରାଶି ପ୍ରଦାନ କରାଯିବ। ବିଭିନ୍ନ କାରଣରୁ ଯୋଜନାରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କ ଆବେଦନପତ୍ରର ଯାଞ୍ଚ ଶେଷ ହୋଇଛି। ଏଥିପାଇଁ ବିଡିଓମାନଙ୍କୁ ନୋଡାଲ ଏଜେନ୍ସି ଦାୟିତ୍ୱ ଦିଆଯାଇଥିଲା। ରିପୋର୍ଟ ମିଳିବା ପରେ ୨୫% ମହିଳାଙ୍କୁ ରବିବାର ସହାୟତା ରାଶି ଦେବାପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ବାଦ୍ ପଡ଼ିଥିବା ଅନ୍ୟ ଆବେଦନକାରୀ ଜମି ଯୋଗ୍ୟତା ପାଇଁ ବାଦ୍ ପଡୁଥିବାରୁ ସେମାନଙ୍କ ଆବେଦନପତ୍ର ଆଉଥରେ ଯାଞ୍ଚ କରାଯିବ। ସମାଧାନ ହେବା ପରେ ଡିସେମ୍ବରରେ ସେମାନଙ୍କୁ ସହାୟତା ରାଶି ପ୍ରଦାନ କରାଯିବ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଏକାଉଣ୍ଟ ଓ ଆଧାର ଲିଙ୍କ୍‌ରେ ସମସ୍ୟା ଥିବା ୫ଲକ୍ଷ ମିସ୍‌କେସ୍‌ର ସମାଧାନ ହୋଇପାରି ନାହିଁ । ସେମାନେ ଆଧାର, ଏକାଉଣ୍ଟ ଓ ମୋବାଇଲ ନମ୍ବର ସଂଯୋଗ କରିବା ପରେ ଡିସେମ୍ବରରେ ଯୋଜନାରେ ସାମିଲ ହୋଇପାରିବେ। ବାଦ୍ ପଡ଼ିଥିବା ଆବେଦନକାରୀଙ୍କୁ ସାମିଲ କରିବା ପର୍ଯ୍ୟନ୍ତ ପ୍ରକ୍ରିୟା ଜାରି ରହିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୧୭ ଓ ଗତ ଅକ୍ଟୋବର ୯ରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟର ପ୍ରାୟ ୬୦ଲକ୍ଷ ମହିଳାଙ୍କୁ ସୁଭଦ୍ରା ସହାୟତା ଦିଆଯାଇ ସାରିଛି।


**ODISHA HYDRO POWER CORPORATION LTD.**

(A Government of Odisha Undertaking)

OFFICE OF THE SENIOR GENERAL MANAGER (ELECTRICAL)

UPPER KOLAB HYDRO ELECTRIC PROJECT

At: P.O.: BARINIPUT: DIST. KORAPUT – 764006

PHONE: (06854) 242001: FAX: - (06854) 242038

E-mail: sgmel.ukhep@gmail.com

CAD- 1654

No. OHPC: SGM: UKHEP: Tech: / 5408 /Dated, Bariniput the 19.11.2024

**NOTICE INVITING TENDER No.24/24-25 Date.19/11/24**

Sealed Tenders in duplicate are invited from the Registered Travel Agencies/Vehicle Owners for the work mentioned below:

| Sl. No. | Description of materials | Cost of tender paper (Non-Refundable) | EMD in Rs. (Refundable) |
|---|---|---|---|
| 1 | Hiring of One no. Diesel Run Hired Vehicle Bolero Neo (BS-VI closed body) for Valve House Shift duty of Generation Division, UKHEP, Bariniput for the year 2024-25 to 2027-28. | Rs. 7080/- (Rs.6000/- + 18%GST) | Rs. 35,500/- |

Sale of tender paper : From 26/11/24 to 11:00 Hrs. of 10/12/2024

Last date of submission of tender : Up to 12:00 Hrs. of 10/12/2024

Date & Time of opening of tender : At 12:30 Hrs. of 10/12/2024

For details of the tender documents, terms and conditions please visit our website www.ohpcltd.com

Sd/-C & P Head
UKHEP, Bariniput.

OIPR 04002/11/0043/2425


## ସାମ୍ବାଦିକଙ୍କ ପିତୃ ବିୟୋଗ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସମାଜ ପ୍ରତିନିଧି ତାରାକାନ୍ତ ନାୟକଙ୍କ ବାପା ଗୋବର୍ଦ୍ଧନ ନାୟକ(୭୯) ଙ୍କର ଆଜି ସକାଳ ୭ ଘଂଟା ସମୟରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ହୃଦଘାତରେ ପରଲୋକ ହୋଇଯାଇଛି। ନିଜ ଗ୍ରାମ ପିଙ୍ଗୁଆ ଟୋଲରପଶି ଗ୍ରାମ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସଂପନ୍ନ କରାଯାଇଛି। ଗ୍ରାମ ତଥା ଆଖପାଖ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ସେ ଜଣେ ଧର୍ମପରାୟଣ,ସରଳ ଓ ସ୍ୱାଭିମାନୀ ପ୍ରକୃତିର ବ୍ୟକ୍ତିତ୍ୱ ଥିଲେ। ଗଁଦିଆ ପ୍ରେସକ୍ଲବ ସଭାପତି ମହେନ୍ଦ୍ର କୁମାର ସାହୁ, ସମ୍ପାଦକ ସରୋଜ ଶତପଥି, ସଂଗଠନ ସମ୍ପାଦକ ପ୍ରଦୀପ କୁମାର ଦାସ,ବରିଷ୍ଠ ସଭ୍ୟ ଆନନ୍ଦ ଚନ୍ଦ୍ର ମହାନ୍ତି, ରନ କୁମାର ସ୍ୱାଇଁ,ବାଦଲ ମହାନ୍ତି, ଅଶୋକ ପାତ୍ର, ସୌମ୍ୟରନ ମହାନ୍ତି, ପ୍ରଦ୍ୟୁମ୍ନ ପଣ୍ଡା,ସୁଦାମ ସାହୁ ଓ ପ୍ରତ୍ୟୁଷ ପ୍ରଧାନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଜଳିଗଲା ପ୍ଲାଷ୍ଟିକ୍ ସ୍କ୍ରାପ୍ ଗୋଦାମ

ଝାରସୁଗୁଡ଼ା (ଭାସ୍କର ନ୍ୟୁଜ): ପ୍ଲାଷ୍ଟିକ୍ ସ୍କ୍ରାପ୍ ଗୋଦାମରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଗୋଦାମରେ ଥିବା ଜନିଷ ପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଘଟଣରେ କାହାର କିଛି କ୍ଷତି ଘଟି ନାହିଁ। ଶନିବାର ସକାଳେ ଝାରସୁଗୁଡ଼ାର ବେହେରାପାଟରେ ଥିବା ପ୍ଲାଷ୍ଟିକ୍ ସ୍କ୍ରାପ୍ ଗୋଦାମରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଗୋଦାମ ମାଲିକଙ୍କୁ ଖବର ଦେବା ସହ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ୪ଟି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ପ୍ଲାଷ୍ଟିକ୍ ସ୍କ୍ରାପ୍ ଗୋଦାମରେ କିପରି ନିଆଁ ଲାଗିଲା ତାହା ଜଣାପଡ଼ି ନାହିଁ। ସର୍ଟ ସର୍କିଟରୁ ଏହି ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।


**कार्यालय मुख्य अभियंता, लोक स्वास्थ्य यांत्रिकी विभाग, रायपुर परिक्षेत्र रायपुर (छ.ग.)**

**ई-प्रोक्योरमेंट निविदा सूचना**

एकीकृत पंजीयन प्रणाली अंतर्गत सक्षम श्रेणी में पंजीकृत ठेकेदार से प्रपत्र "ए" में प्रतिशत दर पर कार्य हेतु ऑनलाईन निविदा आमंत्रित की जाती है:-

| क्र. | निविदा आमंत्रण क्र. / दिनांक | सिस्टम नं. | निविदा आमंत्रण | जिला | कार्य का विवरण | अनुमानित लागत ( रू. लाख में ) | ठेकेदारो की श्रेणी |
|---|---|---|---|---|---|---|---|
| 1 | 30/ 20-11-2024 | 161269 | प्रथम | सारंगढ-बिलाईगढ़ | बरमकेला आवर्धन जल प्रदाय योजना अंतर्गत रॉवाटर एवं क्लीयर वाटर पंपिंगमेन कार्य हेतु अनुमानित लंबाई-7904मी. | 518.77 | बी एवं उच्च |

**Important Events and Time Schedule** - Date of calling NIT- **20-11-2024**, Bid Start Date - **22-11-2024**, Pre Bid meeting date- **28-11-2024**, Bid Due Date- **11-12-2024**, PHY Doc. Submission last Date - **13-12-2024**, PQ Document Download Date- **13-12-2024**

नोट :- उपरोक्त निर्माण कार्यो की निविदा की सामान्य शर्तो, धरोहर राशि, विस्तृत निविदा विज्ञप्ति, निविदा दस्तावेज व अन्य जानकारी ई-प्रोक्योरमेंट वेबपोर्टल **https://eproc.cgstate.gov.in** में उक्त निविदा दिनांक 21.11.2024 से देखी जा सकती है।

Sd/-
अधीक्षण अभियंता ( प्रकोष्ठ प्रभारी )
राज्य स्तरीय निविदा प्रकोष्ठ
कार्यालय मुख्य अभियंता,
लो.स्वा.यां विभाग, परिक्षेत्र रायपुर ( छ.ग. )

G-242503969/9


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାରାଷ୍ଟ୍ରରେ...

ପ୍ରାର୍ଥୀ ପୂର୍ଣ୍ଣିମା ସାହୁ, ବିଜେପି ନେତା ଚମ୍ପାଇ ସୋରେନ ପ୍ରମୁଖ ବିଜୟ ହାସଲ କରିଛନ୍ତି। ଝାଡ଼ଖଣ୍ଡରେ ହେମନ୍ତ ସରକାରକୁ ପୁଣିଥରେ ଭରସା କରିଛନ୍ତି ଝାଡ଼ଖଣ୍ଡବାସୀ। ହେମନ୍ତ ବାରହେଟ ଆସନରୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଗାମଲିୟେଲ ହେମ୍ବ୍ରମଙ୍କୁ ୩୯ହଜାର ୪୧୬ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସେହିପରି ଡୁମ୍କା ଆସନରୁ ଜେଏମ୍ଏମ୍ ପ୍ରାର୍ଥୀ ବସନ୍ତ ସୋରେନ ମଧ୍ୟ ବିଜୟଲାଭ କରିଛନ୍ତି। ହେମନ୍ତଙ୍କ ପତ୍ନୀ କଳ୍ପନା ମଧ୍ୟ ଗାଣ୍ଡେ ଆସନରୁ ବିଜୟଲାଭ କରିଥିବାବେଳେ ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କ ବୋହୂ ପୂର୍ଣ୍ଣିମା ସାହୁ ଜାମସେଦପୁର ପୂର୍ବ ଆସନରୁ ବିଜୟଲାଭ କରିଛନ୍ତି। ମହାରାଷ୍ଟ୍ରରେ ମହାୟୁତି ସବୁଠାରୁ ବଡ଼ ବିଜୟଲାଭ କରିଛି। ଦୀର୍ଘ ୫୦ବର୍ଷ ଭିତରେ ଏହା ବଡ଼ଧରଣର ବିଜୟ ବୋଲି କୁହାଯାଉଛି। ସେହିପରି ଝାଡ଼ଖଣ୍ଡର ଷଢେଇକଳା ଆସନରୁ ଜେଏମ୍ଏମ୍ ଛାଡ଼ି ବିଜେପିରେ ସାମିଲ ହୋଇଥିବା ଚମ୍ପାଇ ସୋରେନ ପୁଣିଥରେ ବିଜୟୀ ହୋଇଛନ୍ତି। ସେ ଏହାକୁ ଲଗାଇ ୭ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ସେ ଜେଏମଏମର ଗଣେଶ ମାହାଲିଙ୍କୁ ୨୦ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଛନ୍ତି। ସେହିପରି ରାଜ୍ୟପାଳଙ୍କ ବୋହୂ ପୂର୍ଣ୍ଣିମା କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାରଙ୍କୁ ୪୨ ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ କରିଛନ୍ତି। ମହାରାଷ୍ଟ୍ର ବିଜୟ ପରେ ଦିଲ୍ଲୀସ୍ଥିତ ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ଏକ ଉତ୍ସବ ମନା ଯାଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ଯୋଗଦେଇ ଦଳୀୟ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିବା ସହ ମହାରାଷ୍ଟ୍ରରେ ବିଜୟ ସବୁ ରେକର୍ଡ ଭାଙ୍ଗିଛି ବୋଲି କହିଛନ୍ତି। ଏହି ନିର୍ବାଚନ ବିଭାଜନକାରୀ ଶକ୍ତିର ପରାଜୟ ବୋଲି ଉଲ୍ଲେଖ କରି ମୋଦୀ କହିଥିଲେ ଯେ ମହାରାଷ୍ଟ୍ରରେ ସୁଶାସନ, ସାମାଜିକ ନ୍ୟାୟର ବିଜୟ ହୋଇଛି।


**AFFIDAVIT**

By virtue of an affidavit in the court of Executive Magistrate, Kujang, dated. 20.11.2024, I Tej Pratap, Address At/Po- Chatua, Via/PS- Kujang, Dist-Jagatsinghpur, Odisha, PIN- 754141 declares that I have changed my name from Pratap Mallik to Tej Pratap. Hence forth I shall be known as Tej Pratap for all purposes.

Sd/- Tej Pratap



**ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍**

(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)

ସିଆଇଏନ୍:ଏଲ୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨

ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧

ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨

IDFC FIRST Bank

**ଆପେଣ୍ଡିକ୍ସ ୫ (ରୁଲ୍ ୮(୧)**

**ପଜେସନ ନୋଟିସ**

**(ସ୍ଥାବର ସମ୍ପତ୍ତି ପାଇଁ)**

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ଆଇଡିଏଫ୍‌ସି ଫାଷ୍ଟବ୍ୟାଙ୍କ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)ସିକ୍ୟୁରାଇଜେସନ ଏବଂ ରିକନଷ୍ଟ୍ରକ୍ସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ- ୨୦୦୨ର ଧାରା ୧୩(୧୨), ଯାହାକୁ (ଆଇନ-୩) ପଢାଯିବ, ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ-୨୦୦୨ ଅନୁଯାୟୀ ଋଣଗ୍ରହୀତା/ସହ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ନିମ୍ନରେ ପ୍ରଦତ୍ତ ଅର୍ଥରାଶି ୬୦ ଦିନ ମଧ୍ୟରେ ସୁଧ ଓ ଅନ୍ୟାନ୍ୟ ସର୍ତ୍ତ ସହ ଡିମାଣ୍ଡ ନୋଟିସ ପରିଶୋଧ ପାଇଁ ପଠାଯାଇଥିଲା। ଋଣଗ୍ରହୀତା/ସହ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ସହ ଋଣଗ୍ରହୀତା/ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ଆଇନ ୨୦୦୨ର ଧାରା ୮ ସେକ୍ସନ ୧୩ ଏବଂ ଉପଧାରା (୪) ଅନୁଯାୟୀ ସମସ୍ତ ବନ୍ଧକ ସମ୍ପତ୍ତିକୁ ନିଜ ଅଧିନକୁ ନେଇଛନ୍ତି।

| ଋଣ ଏକାଉଣ୍ଟ ନଂ | ଋଣଗ୍ରହୀତା/ ସହଗ୍ରହୀତା/ ଗ୍ୟାରେଣ୍ଟରଙ୍କ ନାମ | ବନ୍ଧକ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ବକେୟା ପରିମାଣ (ଟଙ୍କାରେ) | ତାରିଖ ଏବଂ ପଜେସନ ନେବାର ପ୍ରଣାଳୀ |
|---|---|---|---|---|---|
| ୮୫୨୬୫୭୦୦ ଏବଂ ୧୩୦୮୫୭୬୦୨ | ୧. ମହମ୍ମଦ ଶାହା ଜିସାନ ୨. ନାସିର ହୁସେନ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ମୌଜା- ଝାରସୁଗୁଡ଼ା, ୟୁନିଟ୍ ନଂ ୧ (ଏକତାଳି), ପିଏସ୍/ତହସିଲ/ଜିଲ୍ଲା- ଝାରସୁଗୁଡ଼ା, ଓଡ଼ିଶା ୭୬୮୨୦୨, ଏମଏସ ଖାତା ନଂ ୧୦୬୭/୭୦୨୮, ପ୍ଲଟ ନଂ ୩୪୧୪, ଏରିଆ- ଏ.୦.୦୩୪ ଡିସିମିଲ୍ ଏବଂ ପ୍ଲଟ ନଂ ୩୪୧୪/୪୮୪୧, ଏରିଆ- ଏ.୦.୦୫୦ ଡିସିମିଲ, କିସମ- ଘରବାରି ଏବଂ ବାଉଣ୍ଡାରୀ ନିମ୍ନରେ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ ନଂ ୩୪୨୫, ଉତ୍ତର: ପ୍ଲଟ୍ ନଂ ୩୩୮୬, ଦକ୍ଷିଣ: ପ୍ଲଟ୍ ନଂ ୪୮୧୫ | ୨୧.୦୮.୨୦୨୪ | ୩୧,୧୧,୫୪୦.୫୧ | ୧୯.୧୧.୨୦୨୪ ସିମ୍ବଲିକ୍ ପଜେସନ୍ |
| ୧୦୬୩୧୮୯୩ | ୧. ଗଙ୍ଗାଧର ପୂଜାରୀ ୨. ତାମା ପୂଜାରୀ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ଖାତା ନଂ ୨୨୦/୩୩୧, ପ୍ଲଟ ନଂ ୩୨୬/୮୫୦, ଏରିଆ- ଏ.୦.୦୦୪ ଡିସିମିଲ ଏବଂ ପ୍ଲଟ ନଂ ୩୨୬/୮୫୧, ଏରିଆ ଏ.୦.୦୨୩୬ ଡିସିମିଲ, ଗାଏମୋଟ୍ ଏ.୦.୦୨୭୬ ଡିସିମିଲ, ଯାହାକି ଯୋଗାଯୋଗ ଖାତା ନଂ ୬୪, ପ୍ଲଟ ନଂ ୩୨୬, ପ୍ଲଟ ନଂ ୩୨୬/୫୮୩, ମୌଜା ଅବସ୍ଥିତି: କାଳିକାବାଡ଼ି ନଂ ୨, ଏସଆରଓ/ ତହସିଲ- ବ୍ରହ୍ମଗିରି, ଜିଲ୍ଲା- ପୁରୀ, ଓଡ଼ିଶା ୭୫୨୦୧୧ ଏବଂ ବାଉଣ୍ଡାରୀ- ପୂର୍ବ- ବିଭୂତିଭୂଷଣ ପାହାଳ, ପଶ୍ଚିମ- ମୁରଲୀ ପୂଜାରୀ, ଉତ୍ତର- ରାସ୍ତା, ଦକ୍ଷିଣ- ନିଜେ। | ୨୪.୦୮.୨୦୨୪ | ୯,୯୮,୨୮୬.୨୯ | ୧୯.୧୧.୨୦୨୪ ସିମ୍ବଲିକ୍ ପଜେସନ୍ |

ଏତଦ୍ୱାରା ଋଣଗ୍ରହୀତା/ସହ ଋଣଗ୍ରହୀତା/ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆଇଡିଏଫସି ଫାଷ୍ଟବ୍ୟାଙ୍କ ଲିମିଟେଡ(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଏହି ସମ୍ପତ୍ତି ନିଜ ଅଧୀନକୁ ନେଇଥିବାରୁ ଏହାକୁ କୌଣସି ପ୍ରକାର ବିକ୍ରି କିମ୍ବା ଅନ୍ୟତ୍ର ବ୍ୟବହାର କରାଯାଇପାରିବ ନାହିଁ । ସମସ୍ତ ଋଣଗ୍ରହୀତାଙ୍କୁ ପରିଶୋଧ ପାଇଁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସହ ଦେବା ନିମନ୍ତେ ଡିମାଣ୍ଡ ନୋଟିସ ପଠାଯାଇଛି।

ତାରିଖ: ୧୯.୧୧.୨୦୨୪
ସ୍ଥାନ: ଓଡ଼ିଶା

ସ୍ୱା/- ଅଧିକୃତ ଅଧିକାରୀ
ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)



ବାରାଣସୀ: ଜ୍ଞାନବାପି ମସଜିଦ ପରିସରରେ ଥିବା ଶିବଲିଙ୍ଗର ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଦ୍ୱାରା ସର୍ଭେ କରାଯିବା ପାଇଁ ହୋଇଥିବା ଆବେଦନର ଶୁଣାଣି କରି ସୁପ୍ରିମ୍‌କୋର୍ଟ ମୁସଲିମ ପକ୍ଷକୁ ନୋଟିସ ଜାରି କରିଛନ୍ତି। ହିନ୍ଦୁ ପକ୍ଷ ତରଫରୁ କୋର୍ଟରେ ଏହି ପିଟିସନ ଦାଖଲ କରାଯାଇଥିଲା। ଏହାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ମୁସଲମାନ ପକ୍ଷକୁ ନୋଟିସ୍ ଜାରି କରି ଦୁଇ ସପ୍ତାହ ମଧ୍ୟରେ ଜବାବ ମାଗିଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଜ୍ଞାନବାପି ମାମଲାରେ ବାରାଣସୀର ନିମ୍ନ ଅଦାଲତରେ ଚାଲିଥିବା ସମସ୍ତ ୧୫ଟି ମାମଲାକୁ ହାଇକୋର୍ଟକୁ ସ୍ଥାନାନ୍ତର କରିବାକୁ ହିନ୍ଦୁ ପକ୍ଷର ଦାବି ଉପରେ ଶୁଣାଣି କରିଥିଲେ। ହିନ୍ଦୁ ପକ୍ଷର ଓକିଲ କହିଛନ୍ତି ଯେ କିଛି ଆବେଦନ ଜିଲ୍ଲା ଜଜ୍‌ଙ୍କ ନିକଟରେ ଏବଂ କିଛି ସିଭିଲ୍ ଜଜ୍‌ଙ୍କ ନିକଟରେ ରହିଛି। ଏଭଳି ସ୍ଥିତିରେ ଗୋଟିଏ ମାମଲାରେ ବିଭିନ୍ନ ଅଦାଲତରୁ ଭିନ୍ନ ଭିନ୍ନ ଆଦେଶ ଆସୁଛି। ତେଣୁ ଆମର ଦାବି ହେଉଛି ଜ୍ଞାନବାପି ସହ ଜଡିତ ସମସ୍ତ ପିଟିସନକୁ ଏକାଠି କରି ଆହ୍ଲାବାଦ ହାଇକୋର୍ଟର ତିନିଜଣ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠକୁ ସ୍ଥାନାନ୍ତର କରାଯାଉ।

## ଜାତୀୟ ସମବାୟ ବିକାଶ ନିଗମ ସାଧାରଣ ପରିଷଦ ବୈଠକକୁ ସମ୍ବୋଧିତ କଲେ ଅମିତ ଶାହ



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହ ଶନିବାର ନୂଆଦିଲ୍ଲୀଠାରେ ଜାତୀୟ ସମବାୟ ବିକାଶ ନିଗମର ୯୧ତମ ସାଧାରଣ ପରିଷଦ ବୈଠକକୁ ସମ୍ବୋଧିତ କରିଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ସମବାୟ କ୍ଷେତ୍ର ଜରିଆରେ କୋଟି କୋଟି କୃଷକଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ପ୍ରତିଶ୍ରୁତିବଦ୍ଧ। ସେ କହିଛନ୍ତି ଯେ ସମବାୟ ଆନ୍ଦୋଳନ ଜରିଆରେ ଦେଶର ନାଗରିକମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଲାଗି ସରକାର ସଂକଳ୍ପବଦ୍ଧ ଅଛନ୍ତି । ଶ୍ରୀ ଶାହ କହିଛନ୍ତି ଯେ ମୋଦୀ ସରକାର ସମବାୟ ମାଧ୍ୟମରେ ଦେଶକୁ ଆତ୍ମନିର୍ଭରଶୀଳ କରିବା ପାଇଁ କାର୍ଯ୍ୟ କରୁଛନ୍ତି ଏବଂ ଏହି ଦିଗରେ ଏନସିଡିସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମବାୟ ଆନ୍ଦୋଳନରେ ଏନସିଡିସିର ଯୋଗଦାନକୁ କେନ୍ଦ୍ର ସମବାୟ ମନ୍ତ୍ରୀ ପ୍ରଶଂସା କରିଛନ୍ତି ଏବଂ ଲକ୍ଷ ଲକ୍ଷ ସମବାୟ ସମିତିର ଜୀବନରେ ପରିବର୍ତ୍ତନ ଆଣିବାରେ ଏହାର ଉଲ୍ଲେଖନୀୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏନସିଡିସିର ସଫଳତା କେବଳ ଏହାର ଆବଣ୍ଟନ ୬୦ ହଜାର କୋଟି ଟଙ୍କା ଅତିକ୍ରମ କରିବା ଦ୍ୱାରା ପ୍ରତିଫଳିତ ହୋଇନାହିଁ, ବରଂ ଗ୍ରାମୀଣ ଅର୍ଥବ୍ୟବସ୍ଥା ଏବଂ ସମବାୟ କ୍ଷେତ୍ର ଉପରେ ସକାରାତ୍ମକ ପ୍ରଭାବ ପକାଇବାର କ୍ଷମତା ଦ୍ୱାରା ମଧ୍ୟ ପ୍ରତିପାଦିତ ହେଉଛି। ସମବାୟ ମନ୍ତ୍ରଣାଳୟ ଏନସିଡିସିକୁ କାର୍ଯ୍ୟକାରୀ ସଂସ୍ଥା ଭାବେ ନେଇ ସମବାୟ ଇଣ୍ଟର୍ଣ୍ଣ ଯୋଜନାର ଶୁଭାରମ୍ଭ କରିଛି। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ରାଜ୍ୟ ଏବଂ ଜିଲ୍ଲା ସମବାୟ ବ୍ୟାଙ୍କଗୁଡ଼ିକୁ କେନ୍ଦ୍ର ସରକାରଙ୍କ ଯୋଜନା ସହ ଯୋଡ଼ିବା ଏବଂ ପ୍ୟାକ୍ସଗୁଡ଼ିକୁ ସୁଦୃଢ଼ କରିବା। ସମବାୟ ସମିତିର ନୀତିକୁ ଆଗକୁ ବଢାଇବା ଏବଂ ଗ୍ରାମୀଣ ସମାଜର ବିକାଶକୁ ସମର୍ଥନ କରିବା ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବ। ଶ୍ରୀ ଶାହ ସାରା ଦେଶରେ ସମବାୟ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ଲାଗି ଏକ ସମବାୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଲାଗି ଆହ୍ୱାନ କରିଥିଲେ।

## ୟୁକ୍ରେନ୍‌ର ପୂର୍ବତନ ସାମରିକ ମୁଖ୍ୟଙ୍କ ଚେତାବନୀ: ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇସାରିଛି



କିବ୍: ୟୁକ୍ରେନ୍‌ର ପୂର୍ବତନ ସେନାମୁଖ୍ୟ ତଥା ବର୍ତ୍ତମାନ ବ୍ରିଟେନ୍‌ରେ ଦେଶର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରୁଥିବା ଭାଲେରୀ ଜାଲୁଜନି କହିଛନ୍ତି ଯେ ବିଶ୍ୱ ପ୍ରକୃତରେ ତୃତୀୟ ବିଶ୍ୱଯୁଦ୍ଧରେ ପାଦ ରଖିସାରିଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜାଲୁଜନି ରୁଷ୍‌ରେ ଉତ୍ତର କୋରିଆ ସୈନ୍ୟଙ୍କ ଉଦ୍‌ବେଗଜନକ ସମ୍ପୃକ୍ତି ଏବଂ ଆଗଧାଡ଼ିରେ ଇରାନୀ ଅସ୍ତ୍ରଶସ୍ତ୍ରର ବ୍ୟବହାର ଉପରେ ଆଲୋକପାତ କରିଥିଲେ। ୨୦୨୪ରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇସାରିଛି ବୋଲି ସେ କହିଛନ୍ତି। କାରଣ ୟୁକ୍ରେନ୍‌କୁ ଆମେରିକା ଓ ବ୍ରିଟେନ ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକ ସାହାଯ୍ୟ କରୁଥିବା ବେଳେ ରୁଷ୍‌କୁ ଉତ୍ତର କୋରିଆ ଓ ଇରାନ ପ୍ରଭୃତି ଦେଶ ସାହାଯ୍ୟ କରୁଛନ୍ତି। ଗୋଟିଏ ଯୁଦ୍ଧରେ ଅନେକ ଦେଶର ସମ୍ପୃକ୍ତି ତୃତୀୟ ବିଶ୍ୱଯୁଦ୍ଧର ଅୟମାରମ୍ଭ ସୂଚନା ଛଡ଼ା ଆଉ କିଛି ନୁହେଁ ବୋଲି ଜାଲୁଜନି କହିଛନ୍ତି। ବର୍ତ୍ତମାନ ବ୍ରିଟେନରେ ଅବସ୍ଥାପିତ ୟୁକ୍ରେନର ରାଷ୍ଟ୍ରଦୂତ ଜାଲୁଜନି ୟୁକ୍ରେନ ସଂଘର୍ଷରେ ଅନ୍ତର୍ଜାତୀୟ ସେନାର ସମ୍ପୃକ୍ତି ବୃଦ୍ଧି ବିଷୟରେ ସୂଚାଇଥିଲେ। ୧୦,୦୦୦ରୁ ଅଧିକ ଉତ୍ତରକୋରିଆ ସୈନ୍ୟଙ୍କ ଆଗମନ ଏବଂ ଇରାନର ଅସ୍ତ୍ରଶସ୍ତ୍ରର ଉପସ୍ଥିତି ଉପରେ ସେ ଆଲୋକପାତ କରିଥିଲେ। ସେ କହିଛନ୍ତି, ଏହା ସ୍ପଷ୍ଟ ଯେ ୟୁକ୍ରେନର ପୂର୍ବରୁ ଅନେକ ଶତ୍ରୁ ଅଛନ୍ତି। ୟୁକ୍ରେନ ଟେକ୍ନୋଲୋଜି ଦ୍ୱାରା ବଞ୍ଚିବ, କିନ୍ତୁ ଏହା ଏକାକୀ ଏହି ଯୁଦ୍ଧ ଜିତିପାରିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ମସ୍କୋ ନିକଟରେ ନିପ୍ରୋର ଏକ କାରଖାନା ଉପରେ ଏକ ମଧ୍ୟମ ଦୂରତା ବିଶିଷ୍ଟ ହାଇପରସୋନିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା, ଯାହା ସଂଘର୍ଷର ବ୍ୟାପକତା ଏବଂ ତୀବ୍ରତାକୁ ବୃଦ୍ଧି କରିଥିଲା। ସେପଟେ କୁର୍ସ୍କ ଅଞ୍ଚଳରେ ପାଖାପାଖି ୫୦ ହଜାର ରୁଷୀୟ ଓ ଉତ୍ତରକୋରିଆ ସେନା ମୁତୟନ ହୋଇଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ କିବ୍‌ର ଜବାବ ପରେ ଏହି ମୁତୟନ କରାଯାଇଥିଲା, ଯେଉଁଥିରେ ୟୁକ୍ରେନ୍ ସୈନ୍ୟମାନେ କ୍ରେମଲିନ୍ ରଣନୀତିକୁ ଝଟ୍‌କା ଦେଇ ଅନେକ ସହରକୁ ପୁନର୍ଦଖଲ କରିଥିଲେ। ନିକଟରେ ରୁଷ୍‌ର ଆଭ୍ୟନ୍ତରୀଣ ଅଞ୍ଚଳ ଉପରେ ୟୁକ୍ରେନ୍ ଆମେରିକା ଯୋଗାଇଥିବା ଦୂରଗାମୀ କ୍ଷେପଣାସ୍ତ୍ର ମାଡ଼ କରିବା ପରେ ରୁଷ୍ ମଧ୍ୟ ୟୁକ୍ରେନ୍ ଉପରେ ଅନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏହି ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଉଥିବା ଏବଂ ସଂଘର୍ଷର ବ୍ୟାପକତାକୁ ନେଇ ଆନ୍ତର୍ଜାତିକ ସ୍ତରରେ ଚିନ୍ତା ବଢୁଥିବା ବେଳେ ଜାଲୁଜନି ଏହି ଚେତାବନୀ ଦେଇଛନ୍ତି।

## ବିଶ୍ୱର ସବୁଠୁ ପୁରୁଣା ଲିପି ଠାବ



ନୂଆଦିଲ୍ଲୀ: ବିଶ୍ୱର ପ୍ରତ୍ନତତ୍ତ୍ୱବିତଙ୍କୁ ମିଳିଛି ଏକ ବଡ଼ ସଫଳତା। ଜନ୍ ହପକିନ୍ସ ବିଶ୍ୱବିଦ୍ୟାଳୟର ଗବେଷକମାନେ ୪ ହଜାର ୪୦୦ ବର୍ଷର ପୁରୁଣା ବର୍ଣ୍ଣମାଳା ବା ଆଲଫାବେଟ୍ ପାଇଛନ୍ତି, ଯାହାକୁ ପୂର୍ବ ସମୟର ଲୋକେ ବ୍ୟବହାର କରୁଥିଲେ। ଆମେରିକୀୟ ଅନୁସନ୍ଧାନକାରୀମାନେ ସିରିଆର ଏକ ସମାଧିରେ ଖୋଦିତ ଆଙ୍ଗୁଠି ଲମ୍ବ ମାଟି ସିଲିଣ୍ଡରରୁ ଏହି ଲିପି ପାଇଛନ୍ତି। ଏହାକୁ ଦୁନିଆର ସର୍ବପୁରାତନ ବର୍ଣ୍ଣମାଳା ଲେଖା ବୋଲି କୁହାଯାଉଛି। କାର୍ବନ-୧୪ ଡେଟିଂ ଟେକନିକ୍ ବ୍ୟବହାର କରି ଜନ୍ ହପକିନ୍ସ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନକାରୀ ଏହି ସିଲିଣ୍ଡରର ଆରମ୍ଭ ବାବଦରେ ଜାଣିବାକୁ ପାଇଛନ୍ତି। ଅନୁସନ୍ଧାନକାରୀଙ୍କ କହିବା ଅନୁସାରେ, ଏହି ସିଲିଣ୍ଡରଗୁଡିକ ଖ୍ରୀଷ୍ଟପୂର୍ବ ୨୪୦୦ ମସିହାରେ ସୃଷ୍ଟି କରାଯାଇଥିଲା, ଯାହାକି ଅନ୍ୟ ଜଣାଶୁଣା ବର୍ଣ୍ଣମାଳା ସ୍କ୍ରିପ୍ଟ ତୁଳନାରେ ପ୍ରାୟ ୫୦୦ ବର୍ଷ ପୁରୁଣା। ଏହା ବ୍ୟତୀତ ପ୍ରତ୍ନତତ୍ତ୍ୱବିତମାନେ ପ୍ରାରମ୍ଭିକ ବ୍ରୋଞ୍ଜ ଯୁଗରୁ କବର ଆବିଷ୍କାର କରିଥିଲେ, ଯେଉଁଥିରେ ୬ଟି କଙ୍କାଳ ସହିତ ସୁନା ଓ ରୁପା ଅଳଙ୍କାର, ରୋଷେଇ ସାମଗ୍ରୀ, ବର୍ଚ୍ଛା ଏବଂ କୁମ୍ଭାରଙ୍କ ମାଟି ପାତ୍ର ପାଇଛନ୍ତି। ଏହି ଅନୁସନ୍ଧାନ ସହ ଜଡ଼ିତ ପ୍ରତ୍ନତତ୍ତ୍ୱବିତ ସ୍କାର୍ଜ କହିଛନ୍ତି, ନଖଆଙ୍ଗୁଠି ଲମ୍ବର ମାଟି ସିଲିଣ୍ଡରରେ ଲେଖାଥିବା ବର୍ଣ୍ଣମାଳାରୁ ଜଣାଯାଉଛି ଯେ ପ୍ରାଚୀନ ସଭ୍ୟତାର ଲୋକମାନେ ଏକ ଭିନ୍ନ ସ୍ଥାନରେ ନୂତନ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାର ପରୀକ୍ଷଣ କରିଥିଲେ, ଯାହା ଆମେ ପୂର୍ବରୁ କଳ୍ପନା କରିଥିଲୁ। ବାସ୍ତବରେ ଏହି ଆବିଷ୍କାର ୧୬ ବର୍ଷ ପୂର୍ବରୁ କରାଯାଇଥିଲା। ସ୍କାର୍ଜ ଗତ ୨୧ରେ ଆମେରିକାନ ସୋସାଇଟି ଅଫ୍ ଓଭରସିଜ୍ ରିସର୍ଚ୍ଚର ବାର୍ଷିକ ବୈଠକରେ ଏହି ଅନୁସନ୍ଧାନ ବାବଦରେ ଉପସ୍ଥାପନ କରିଥିଲେ, ଯାହା ପରେ ଇତିହାସର ଏହି ପୃଷ୍ଠା ସର୍ବ ସମ୍ମୁଖକୁ ଆସିଛି।

## ସମ୍ବିଧାନ ଦିବସକୁ ବର୍ଷେବ୍ୟାପୀ ପାଳନ କରିବେ ହରିଆଣା ସରକାର



ଚଣ୍ଡୀଗଡ଼: ଭାରତୀୟ ସମ୍ବିଧାନର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ହରିଆଣା ସରକାର ଆସନ୍ତା ୨୬ ତାରିଖ ଠାରୁ ବର୍ଷେବ୍ୟାପୀ ରାଜ୍ୟରେ ସମ୍ବିଧାନ ଦିବସ ପାଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ଏନେଇ ହରିଆଣା ମୁଖ୍ୟମନ୍ତ୍ରୀ ନାଏବ ସିଂହ ସଇନି ତାଙ୍କ ସୋସିଆଲ ମିଡିଆ ଏକ୍ସରେ ସୂଚନା ଦେଇଛନ୍ତି । ଏହି ଅବସରରେ ଚଳିତ ମାସ ୨୬ ତାରିଖ ଦିନ କୁରୁକ୍ଷେତ୍ର ଠାରେ ଏକ ଉତ୍ସବ ପାଳନ କରାଯିବ । ହରିଆଣା ମୁଖ୍ୟ ସଚିବ ଏନେଇ ଏକ ପ୍ରସ୍ତୁତି ବୈଠକରେ ଏହି ଦିବସ ପାଳନ ନେଇ ସମୀକ୍ଷା କରିଥିଲେ । ଡେପୁଟି କମିଶନର, କୁଳପତି ତଥା ବିଭିନ୍ନ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ସହ ମୁଖ୍ୟ ସଚିବ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି । ଏହି ଦିବସ ଉପଲକ୍ଷେ କ୍ୱିଜ୍, ଡିବେଟ୍, ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା, ଫିଲ୍ମ ସ୍କ୍ରିନିଂ, ୱାଲ ପେଣ୍ଟିଂ ଇତ୍ୟାଦି ପ୍ରତିଯୋଗିତାମାନ ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମପଞ୍ଚାୟତଗୁଡ଼ିକୁ ସାମିଲ୍ କରାଯାଇ ସମ୍ବିଧାନ ସମ୍ପର୍କରେ ସଚେତନତା କରାଯିବ। ଏହି ବର୍ଷେବ୍ୟାପୀ କାର୍ଯ୍ୟକ୍ରମରେ ଏପ୍ରିଲ ୧୪ ୨୦୨୫ରୁ ଏପ୍ରିଲ ୨୮ ପର୍ଯ୍ୟନ୍ତ ସମ୍ବିଧାନ ସ୍ୱାଭିମାନ ଯାତ୍ରା ମଧ୍ୟ ଆୟୋଜନ କରାଯିବ । ଏଥିରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଛାତ୍ରଛାତ୍ରୀ, ଫାକ୍ୟୁଲିଟି ମେମ୍ବର, ବରିଷ୍ଠ ନାଗରିକଙ୍କୁ ମଧ୍ୟ ସାମିଲ କରାଯିବାର ଯୋଜନା କରାଯାଇଛି । ଏହି ବର୍ଷେବ୍ୟାପୀ ସମାରୋହର ମୁଖ୍ୟ ସ୍ଲୋଗାନ୍ ରହିବ 'ହମାରା ସମ୍ବିଧାନ, ହମାରା ସ୍ୱାଭିମାନ' । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ସଚିବ, ହରିଆଣା ସରକାରଙ୍କ ଗଣଶିକ୍ଷା ପ୍ରମୁଖ ସଚିବ ବିନିତ ଗର୍ଗ, ପର୍ଯ୍ୟଟନ ବିଭାଗର ସଚିବ କଳା ରାମଚନ୍ଦ୍ରନ, ସୂଚନା ଓ ଲୋକସମ୍ପର୍କ ବିଭାଗର ମହାନିର୍ଦ୍ଦେଶକ ପ୍ରମୁଖ ସାମିଲ୍ ରହିଥିଲେ ।

## ମଣିପୁର ଯିବେ ଆଉ ୧୦ ହଜାର ସୈନିକ, ୭ ଦଙ୍ଗାକାରୀ ଗିରଫ

ଇମ୍ଫାଲ: ମଣିପୁର ସ୍ଥିତି ଜଟିଳ ହେଉଥିବାରୁ ସରକାର ଯୁଦ୍ଧକାଳୀନ ଭିତ୍ତିରେ ସ୍ଥିତି ନିୟନ୍ତ୍ରଣ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାର ହିଂସା ପ୍ରବଣ ମଣିପୁରକୁ ଅତିରିକ୍ତ ୧୦ ହଜାର ସୈନିକ ପଠାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ମଣିପୁରରେ କେନ୍ଦ୍ରୀୟ ବାହିନୀର ଶକ୍ତି ବୃଦ୍ଧି ପାଇଁ ଆଉ ୧୦,୮୦୦ ସୈନିକ ଯିବେ। ରାଜ୍ୟର ସମସ୍ତ ଅଞ୍ଚଳରେ ମିଳିତ ସୁରକ୍ଷା ବାହିନୀର ଛାଉଣି ରହିବ। ପ୍ରତି ଜିଲ୍ଲାରେ ନୂଆ ସହଯୋଗ କକ୍ଷ ଏବଂ ମିଳିତ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା ହେବ ବୋଲି ରାଜ୍ୟର ମୁଖ୍ୟ ସୁରକ୍ଷା ଉପଦେଷ୍ଟା କୁଲଦୀପ ସିଂହ କହିଛନ୍ତି। ଏଯାବତ ପୋଲିସ ହାଜତରୁ ଲୁଟ୍ ହୋଇଥିବା ପ୍ରାୟ ୩ ହଜାର ଅସ୍ତ୍ରକୁ ସୁରକ୍ଷାବାହିନୀ ଫେରାଇ ଆଣିପାରିଛନ୍ତି ବୋଲି ଶ୍ରୀ ସିଂହ ସୂଚନା ଦେଇଛନ୍ତି।

## ବିଳାସପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଲୋକାର୍ପଣ କଲେ ବିଷ୍ଣୁଦେବ

ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ବିଳାସପୁରଠାରେ ନିର୍ମିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଲୋକାର୍ପଣ କରିଛନ୍ତି । ୧୪ କୋଟି ୬୦ଲକ୍ଷ ଟଙ୍କା ବ୍ୟୟରେ ସ୍ମାର୍ଟସିଟି ଲିମିଟେଡ୍ ଦ୍ୱାରା ସଞ୍ଜୟକରଣ ପୁଷ୍କର ପରିସରରେ ଏହି କମ୍ପ୍ଲେକ୍ସର ନିର୍ମାଣ କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏଙ୍କ ସହ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ ଏବଂ ଟେବୁଲ ଟେନିସ୍ ଓ ବ୍ୟାଡମିଣ୍ଟର କ୍ରୀଡ଼ାବିତ୍‌ମାନେ ମଧ୍ୟ ଉପସ୍ଥିତ ରହିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଏହି ଅବସରରେ କହିଥିଲେ ଯେ, ଏହି କମ୍ପ୍ଲେକ୍ସ ନିର୍ମାଣ ଦ୍ୱାରା କ୍ରୀଡ଼ାବିତ୍‌ମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ । ଏହି ଅବସରରେ କ୍ରୀଡ଼ାବିତମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ମଧ୍ୟ ଶ୍ରୀ ସାଏ କାମନା କରିଥିଲେ । ଏହି ଅବସରରେ ଶ୍ରୀ ସାଏ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବିଭିନ୍ନ ଖେଳାଳି ଏବଂ ପ୍ରଶିକ୍ଷକଙ୍କ ସହ ଭାବବିନିମୟ କରିଥିଲେ । ଏହି କମ୍ପ୍ଲେକ୍ସରେ ପାର୍କିଂ ସୁବିଧା ସହ ସ୍ୱୟଂଚାଳିତ ଗ୍ରାଉଣ୍ଡ ଫ୍ଲୋର ମେସିନ୍ ମଧ୍ୟ ଲଗାଯାଇଛି । କ୍ରୀଡ଼ାବିତମାନଙ୍କୁ ସ୍ୱାଗତ କରିବା ପାଇଁ ରିସେପସନ୍ କାଉଣ୍ଟର ଖୋଲାଯାଇଛି । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ କେନ୍ଦ୍ର ରାଜ୍ୟ ମନ୍ତ୍ରୀ ତଥା ସାଂସଦ ତୋଖନ ସାହୁ, ବିଧାୟକ ଧର୍ମଜିତ ସିଂହ, ଅମର ଅଗ୍ରୱାଲ, ଧରମଲାଲ୍ କୌଶିକ, ସୁକାନ୍ତ ଶୁକ୍ଲା ଏବଂ ଜନପ୍ରତିନିଧି ତଥା ସ୍ଥାନୀୟ ନାଗରିକ ଉପସ୍ଥିତ ଥିଲେ ।



# ବାଣିଜ୍ୟ



ନୂଆଦିଲ୍ଲୀ: ରେଳଯାତ୍ରା ପ୍ରତି ସାଧାରଣ ଜନତାଙ୍କ ଦିନକୁ ଦିନ ବୃଦ୍ଧି ପାଉଥିବା ଆଗ୍ରହ ଏବଂ ଆକର୍ଷଣକୁ ଦୃଷ୍ଟିରେ ରଖି ରେଳବାଇ ମଧ୍ୟ ସେହି ଅନୁଯାୟୀ ସୁବିଧା ପ୍ରଦାନର ବିସ୍ତାରକୁ ତ୍ୱରାନ୍ୱିତ କରୁଛି। ଏହି କ୍ରମରେ ରେଳବାଇ ଗତ ତିନି ମାସ ମଧ୍ୟରେ ବିଭିନ୍ନ ଟ୍ରେନରେ ଜେନେରାଲ୍ କ୍ଲାସ୍ (ଜିଏସ୍)ର ପ୍ରାୟ ଛଅ ଶହ ନୂତନ ଅତିରିକ୍ତ କୋଚ୍ ଯୋଡିଛି। ଏହି ସମସ୍ତ କୋଚ୍ ନିୟମିତ ଟ୍ରେନରେ ଯୋଗ କରାଯାଇଛି । କେବଳ ଏତିକି ନୁହେଁ, ଚଳିତ ନଭେମ୍ବର ଶେଷ ସୁଦ୍ଧା ପ୍ରାୟ ୩୭୦ ନିୟମିତ ଟ୍ରେନରେ ଏକ ହଜାରରୁ ଅଧିକ ଜିଏସ୍ କ୍ଲାସ୍ କୋଚ୍ ଯୋଗ କରାଯିବ। ରେଳ ଚଳାଚଳରେ ଏହି ନୂତନ ଜିଏସ୍ କୋଚ୍ ଯୋଗ ଦ୍ୱାରା ଦୈନିକ ପ୍ରାୟ ଏକ ଲକ୍ଷ ଯାତ୍ରୀ ଉପକୃତ ହେବେ। ରେଳବାଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲୀପ କୁମାର କହିଛନ୍ତି ଯେ ରେଳବାଇର ସାଧାରଣ ପ୍ରାଥମିକତା ମଧ୍ୟରେ ସାଧାରଣ ବର୍ଗର ଯାତ୍ରୀମାନେ ଅଛନ୍ତି। ଏହି ବର୍ଗର ଯାତ୍ରୀମାନଙ୍କୁ ସର୍ବାଧିକ ସୁବିଧା ଯୋଗାଇବା ପାଇଁ ରେଳବାଇ ବିଭିନ୍ନ ଦିଗରେ କାର୍ଯ୍ୟ କରୁଛି । ଏହା ଅଧୀନରେ, ଜୁଲାଇରୁ ଅକ୍ଟୋବର ମଧ୍ୟରେ ତିନି ମାସ ମଧ୍ୟରେ ଟ୍ରେନରେ ଜିଏସ୍ ବର୍ଗର ମୋଟ ୧୦୦୦ ନୂତନ ଜିଏସ୍ କୋଚ୍ ଯୋଗ କରାଯାଇଛି । ଆହୁରି ମଧ୍ୟ ଏହି ନୂତନ ଉତ୍ପାଦିତ କୋଚଗୁଡିକ ୩୭୦ ନିୟମିତ ଟ୍ରେନରେ ଯୋଗ କରାଯାଇଛି । ଏଥିରୁ ପ୍ରତିଦିନ ହଜାର ହଜାର ଅତିରିକ୍ତ ଯାତ୍ରୀ ଉପକୃତ ହେଉଛନ୍ତି। ଏହି କୋଚଗୁଡିକ ବିଭିନ୍ନ ଟ୍ରେନଗୁଡିକରେ ଅନ୍ତର୍ଭୁକ୍ତ ହେବା ସହ ପ୍ରାୟ ଏକ ଲକ୍ଷ ଅତିରିକ୍ତ ଯାତ୍ରୀ ପ୍ରତିଦିନ ରେଳଯାତ୍ରାର ସୁବିଧା ପାଇପାରିବେ । କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କହିଛନ୍ତି ଯେ ସାଧାରଣ ଶ୍ରେଣୀର ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ନୂତନ ଜିଏସ୍ କୋଚ୍ ନିର୍ମାଣ ଦ୍ରୁତ ଗତିରେ ଚାଲିଛି।

## ସ୍ଥାୟୀ ଆଲୁମିନିୟମ୍ ଉତ୍ପାଦନ ଲାଗି ଗେଲ୍ ସହ ସହଭାଗିତା କଲା ବେଦାନ୍ତ



ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ସ୍ଥାୟୀ ଶିଳ୍ପ ଅଭ୍ୟାସ ଦିଗରେ ପ୍ରାକୃତିକ ଯୋଗାଣ ଲାଗି ଗେଲ ଲିମିଟେଡ ସହିତ ଏକ ଗ୍ୟାସ ବିକ୍ରୟ ଚୁକ୍ତି ସ୍ୱାକ୍ଷର କରିଛି। ବେଦାନ୍ତର ଝାରସଗୁଡ଼ା ସ୍ମେଲଟର ବିଶ୍ୱର ସର୍ବବୃହତ ଆଲୁମିନିୟମ କାରଖାନା। ପ୍ରାକୃତିକ ଗ୍ୟାସର ଏହି ପରିବର୍ତ୍ତନ ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଥିବା ବେଳେ ଅଙ୍ଗାରକାମ୍ଳ ପଦଚିହ୍ନ ହ୍ରାସ ପାଇବ ଓ ପ୍ରତିବର୍ଷ ଆନୁମାନିକ ୪୭୨୯୨ ଟନ ସିଓ୨ ସମାନ ଟିସିଓ୨ଇ ହ୍ରାସ ପାଇବ। ବେଦାନ୍ତ ୨୦୫୦ ସୁଦ୍ଧା ନିଟ ଜିରୋ ନିର୍ଗମନ ଲକ୍ଷ୍ୟ ହାସଲ ପାଇଁ ପ୍ରତିବଦ୍ଧ। ବେଦାନ୍ତର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ହିନ୍ଦୁସ୍ତାନ ଜିଙ୍କ ଲିମିଟେଡର ଚେୟାରମ୍ୟାନ୍ ପ୍ରିୟା ଅଗ୍ରୱାଲ ହେବର, କହିଛନ୍ତି ଯେ ବେଦାନ୍ତରେ ଆମେ କରୁଥିବା ସବୁ କାର୍ଯ୍ୟର ମୂଳ ସ୍ଥିରତା ରହିଛି। ଗେଲ ଗ୍ୟାସ ଲି ସହ ଆମର ସହଭାଗିତା ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଓ ସ୍ୱଚ୍ଛ ଶକ୍ତି ପାଇବାରେ ସହାୟ ହେବ। ଏହି ସହଭାଗିତା ଆମର ଯାତ୍ରା ପଥକୁ ଅଧିକ ଉନ୍ନତ ଓ ଦାୟିତ୍ୱଶୀଳ କରିବ ଓ ଭବିଷ୍ୟତରେ ଏକ ସବୁଜ ବିଶ୍ୱ ପରିଣତରେ ସାହାଯ୍ୟ କରିବ। କମ୍ପାନି ତରଫରୁ ଚୁକ୍ତି ସ୍ୱାକ୍ଷର କଲାବେଳେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି ଯେ ଗେଲ ସହିତ ଆମର ଏହି ସହଭାଗିତା ପରିବେଶ ପ୍ରଭାବ ହ୍ରାସ କରିବାରେ ଆଲୁମିନିୟମ ଶିଳ୍ପକୁ ଆଗେଇ ନେବାରେ ସାହାଯ୍ୟ କରିବ।

## ମାଲାବାର ଗୋଲ୍ଡ ଆଣ୍ଡ ହୀରା ଆକର୍ଷଣୀୟ ଅଫର ସହ ବ୍ରାଇଡାଲ୍ ଶୋ' ଉନ୍ମୋଚିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାଲାବାର ସୁନା ଏବଂ ହୀରା, ଦାୟିତ୍ୱବାନ ଅଳଙ୍କାର ଏବଂ ଦୁନିଆର ସବୁଠୁ ବଡ ତଥା ବିଶ୍ୱସ୍ତ ଅଳଙ୍କାର କନଗ୍ଲୋରେଟ୍ସ ବ୍ରାଇଡ୍ସ ଅଫ୍ ଲଞ୍ଚ କରିଛି । ଭାରତରେ ସମସ୍ତ ଶୋ'ରୁମ୍ ଗୁଡିକରେ ଇଣ୍ଡିଆ ଫେଷ୍ଟିଭାଲ୍ । ଫ୍ଲାଗସିପ୍ ବ୍ରାଇଡାଲ୍ ଅଳଙ୍କାର ଅଭିଯାନର ଏକ ଅଂଶ ଭାବରେ ମାଲବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ଚଳିତ ବର୍ଷ ସୁନାରେ ସ୍ୱତନ୍ତ୍ର ବ୍ରାଇଡାଲ ଗହଣା ସଂଗ୍ରହ କରିଛି ହୀରା, ମୂଲ୍ୟବାନ ରତ୍ନ ପଥର। ସହିଦ ନଗର ମାଲାବାରରେ ଏହି ଶୋ'ର ଶୁଭାରମ୍ଭ କରାଯାଇଛି । ଜୁବିନା ଅଲ୍ଲି, ସାମାଜିକ ଉଦ୍ୟୋଗୀ ଏବଂ ଫ୍ୟାଶନ୍ ଡିଜାଇନର୍ ଏବଂ ଶୁଭାରମ୍ଭ କରାଯାଇଛି । ସ୍ୱତନ୍ତ୍ର ଅଫର ଅବଧି ଯାହା ଡିସେମ୍ବର ୮ ପର୍ଯ୍ୟନ୍ତ ଚାଲିବ, ମାଲାବାର ସୁନା ଅଳଙ୍କାର ଓ ହୀରା ଉପରେ ୨୫% ପର୍ଯ୍ୟନ୍ତ ଅଫର, ତିଆରିରେ ଫ୍ଲାଟ ୨୫% ଅଫର ଦେଇଥାଏ । ରତ୍ନ ପଥର ଏବଂ ଅନାବନା ଅଳଙ୍କାରର ଚାର୍ଜ ଏବଂ ହୀରା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ରହିଛି । ମାଲାବାର ଗୋଲ୍ଡ ଆଣ୍ଡ ହୀରା ଏକ ଅଗ୍ରୀମ ବୁକିଂ ସୁବିଧା ପ୍ରଦାନ କରେ ଯାହା ଅଧୀନରେ ଗ୍ରାହକମାନେ ସର୍ବନିମ୍ନ ୧୦% ଅଗ୍ରୀମ ଦେଇ ଅଳଙ୍କାର ବୁକ୍ କରିପାରିବେ ଏବଂ ବୁକ୍ ହୋଇଥିବା ହାରା ଅଳଙ୍କାର ପାଇପାରିବେ । ବ୍ରାଇଡ୍ସ ଅଫ୍ ଇଣ୍ଡିଆ ଫେଷ୍ଟିଭାଲ୍ ଅଫରର ଶୁଭାରମ୍ଭ ବିଷୟରେ ମନ୍ତବ୍ୟ ଦେଇ ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି ଯେ, ବ୍ରାଇଡ୍ସ ଅଫ୍ ଇଣ୍ଡିଆ ଅଭିଯାନ ସବୁଠାରୁ ଲୋକପ୍ରିୟ ବରଯାତ୍ରୀ ଅଳଙ୍କାର ଭାବରେ ଉଭା ହୋଇଛି । ଆମେ ପ୍ରତ୍ୟେକଙ୍କୁ ପରିଚିତ କରୁଥିବା ଅନନ୍ୟ ଡିଜାଇନ୍ ଉଦ୍ଭାବନ ହେତୁ ନୂତନ ଯୁଗର ବରମାନଙ୍କ ପାଇଁ ଏହି ଅଭିଯାନ । ମାଲବାର ଗୋଲ୍ଡ ଆଣ୍ଡ ହୀରା ଏହାର ବ୍ୟତିକ୍ରମ ମୂଲ୍ୟ ଏବଂ ସେବା ଯୋଗାଇବା ପାଇଁ ପ୍ରତିବଦ୍ଧ ।

## କଲେମ୍ବୋରେ କ୍ୱାଲିଟି କଣ୍ଟ୍ରୋଲ ସର୍କଲ୍ ଅନ୍ତର୍ଜାତୀୟ ସମ୍ମିଳନୀରେ ଚମକିଲା ଟିପିଏନ୍‌ଓଡିଏଲ୍



ବାଲେଶ୍ୱର(ଭାସ୍କର ନ୍ୟୁଜ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ନଭେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ ଶ୍ରୀଲଙ୍କାର କଲେମ୍ବୋରେ ଅନୁଷ୍ଠିତ ୪୯ତମ କ୍ୱାଲିଟି କଣ୍ଟ୍ରୋଲ ସର୍କଲ୍ ଅନ୍ତର୍ଜାତୀୟ ସମ୍ମିଳନୀରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ପ୍ରତିଯୋଗିତାରେ ୧୪ଟି ଦେଶର ୧୦୮୩ଟି ଦଳ ଅଂଶଗ୍ରହଣ କରି ବିଶ୍ୱର ବିଭିନ୍ନ ସଂଗଠନର ପ୍ରତିନିଧିତ୍ୱ କରିଥିଲେ । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଟିପିଏନ୍‌ଓଡିଏଲ୍‌ର ୫ ଦଳକୁ ସମ୍ମାନଜନକ ଗୋଲ୍ଡ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଉଲ୍ଲେଖନୀୟ ସଫଳତା କମ୍ପାନୀର ଗୁଣବତା ଏବଂ ଏହାର କାର୍ଯ୍ୟରେ ନିରନ୍ତର ଉନ୍ନତି ପାଇଁ ପ୍ରତିବଦ୍ଧତାକୁ ଦର୍ଶାଉଛି। ଆଇସିକ୍ୟୁସିସି ୨୦୨୪ରେ ଟିପିଏନ୍‌ଓଡିଏଲ୍‌ର ସଫଳତା ସମ୍ପୃକ୍ତ ଦଳଗୁଡ଼ିକର କଠିନ ପରିଶ୍ରମ ଏବଂ ସମର୍ପଣକୁ ପ୍ରତିଫଳିତ କରୁଛି ଯାହା ସମଗ୍ର ଟିପିଏନ୍‌ଓଡିଏଲ୍ ପରିବାରକୁ ବିଶ୍ୱସ୍ତରରେ ଗର୍ବିତ କରିପାରିଛି। ଏହି ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଦ୍ୱିଜଦାସ ବସକ କହିଛନ୍ତି ଯେ, ଆଇସିକ୍ୟୁସିସି ୨୦୨୪ରେ ଆମ ଦଳର ଅବିଶ୍ୱସନୀୟ ପ୍ରଦର୍ଶନ ପାଇଁ ଆମେ ଅତ୍ୟନ୍ତ ଗର୍ବିତ। ସମସ୍ୟା ସମାଧାନରେ ସେମାନଙ୍କର ସମର୍ପଣ ଏବଂ ଉତ୍କର୍ଷତା କେବଳ ସେମାନଙ୍କୁ ଗୋଲ୍ଡ ଆୱାର୍ଡ ପ୍ରଦାନ କରିନାହିଁ ବରଂ ବିଶ୍ୱସ୍ତରୀୟ ଗୁଣାତ୍ମକ ମାନ ପ୍ରତି ଟିପିଏନ୍‌ଓଡିଏଲ୍‌ର ପ୍ରତିବଦ୍ଧତାକୁ ମଧ୍ୟ ପ୍ରଦର୍ଶନ କରିଛି । ଏହି ସଫଳତା ଆମର ନିରନ୍ତର ଉନ୍ନତି ଏବଂ ଗ୍ରାହକମାନଙ୍କୁ ଅସାଧାରଣ ସେବା ପ୍ରଦାନ କରିବାର ଲକ୍ଷ୍ୟକୁ ସୁଦୃଢ଼ କରୁଛି । ଉଲ୍ଲେଖନୀୟ ପ୍ରୟାସ ପାଇଁ ମୁଁ ଦଳର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। ଆଇସିକ୍ୟୁସିସି ୨୦୨୪ରେ ଟିପିଏନ୍‌ଓଡିଏଲ୍‌ର ଉଲ୍ଲେଖନୀୟ ସଫଳତା ଶକ୍ତି କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ସହିତ ପରିଚାଳନାଗତ ଉତ୍କର୍ଷତା ଏବଂ ଅଭିନବତା ଉପରେ ଗୁରୁତ୍ୱ ଦେଉଛି।

## ୫୦୦ କର୍ମଚାରୀଙ୍କୁ ଛଟେଇ କରିବ ଓଲା

ବେଙ୍ଗାଲୁରୁ: ବିବାଦରେ ଫଶିଥିବା ଓଲା ଇଲେକ୍ଟ୍ରିକ୍ କମ୍ପାନୀ ପୁନର୍ଗଠନ ଉଦ୍ୟମରେ ଅନୁନ୍ୟ ୫୦୦ କର୍ମଚାରୀଙ୍କୁ ଛଟେଇ କରିପାରେ। ଭବିଶ ଅଗ୍ରୱାଲାଙ୍କ ଇଲେକ୍ଟ୍ରିକ ବାହନ (ଇଭି) କମ୍ପାନୀ କର୍ମଚାରୀ ସଂଖ୍ୟା ହ୍ରାସ କରି ଲାଭ ବୃଦ୍ଧି କରିବା ସହିତ ନିଜର ପିରଚାଳନା ଦକ୍ଷତା ବୃଦ୍ଧି ନିମନ୍ତେ ଉଦ୍ୟମ କରୁଛି। କମ୍ପାନୀର ପୁନର୍ଗଠନ କାର୍ଯ୍ୟକ୍ରମରେ କେତେକ ବିଭାଗର କର୍ମଚାରୀ ପ୍ରଭାବିତ ହୋଇପାରନ୍ତି। ଆଇଏନ୍‌ସି-୪୨ ରିପୋର୍ଟରେ କମ୍ପାନୀର ଉଦ୍ଦେଶ୍ୟ ଲାଭ ବଢେଇବା ପାଇଁ ମାର୍ଜିନରେ ସୁଧାର ନିମନ୍ତେ ଖର୍ଚ୍ଚ କାଟ କରିବ। ତେବେ କର୍ମଚାରୀଙ୍କ ଛଟେଇ ନେଇ କୌଣସି ନିର୍ଦ୍ଦିଷ୍ଟ ସମୟ ଅବଧି ନାହିଁ। ଓଲା ଇଲେକ୍ଟ୍ରିକ ପକ୍ଷରୁ କର୍ମଚାରୀ ଛଟେଇ ନେଇ ଅଧିକାରୀକ ଭାବେ କିଛି କୁହାଯାଇ ନାହିଁ କି ଏ ନେଇ କୌଣସି ଟିପ୍ପଣୀ କରାଯାଇ ନାହିଁ। ଜାରି ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଜୁଲାଇ-ସେପ୍ଟେମ୍ବର ଅବଧିରେ ଓଲା ଇଲେକ୍ଟ୍ରିକ ୪୩ ପ୍ରତିଶତ ବୃଦ୍ଧି ସହିତ ୪୯୫ କୋଟି ଟଙ୍କାର ନିଟ୍ ଘାଟା କରିଛି, ଯାହା ପୂର୍ବ ତ୍ରୈମାସିକରେ ୩୪୭ କୋଟି ଟଙ୍କା ଥିଲା। ତେବେ କମ୍ପାନୀର ନିଟ୍ ଲସ୍ ଗତବର୍ଷ ତୁଳନାରେ କମ୍ ରହିଛି।



## ଆରଏସ୍‌ପିରେ ଚୁକ୍ତିନାମା ପ୍ରକ୍ରିୟାକରଣ ଏବଂ କାର୍ଯ୍ୟକାରିତା ଉପରେ ସଚେତନତା କର୍ମଶାଳା




ରାଉରକେଲା(ଭାସ୍କର ନ୍ୟୁଜ): ସେଲ ରାଉରକେଲା ଇସ୍ପାତ କାରଖାନାର ସତର୍କତା ବିଭାଗ ଦ୍ୱାରା ନଭେମ୍ବର ୨୨ରେ ଗୋପବନ୍ଧୁ ପ୍ରେକ୍ଷାଳୟଠାରେ ଚୁକ୍ତିନାମା ପ୍ରକ୍ରିୟାକରଣ ଏବଂ କାର୍ଯ୍ୟକାରିତା ଉପରେ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଇଡି ଇନଚାର୍ଜ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଇଡ଼ିବିଶ୍ୱ ରଞ୍ଜନ ପଲାଇ, ସିଜିଏମ୍ ଏବଂ ଏସିଭିଓ ସୁବ୍ରତ ପ୍ରହରାଜ ମଧ୍ୟ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ କାରଖାନାର ବହୁ ସିଜିଏମ୍, ବିଭାଗ ମୁଖ୍ୟ ଏବଂ ବିଭିନ୍ନ ବିଭାଗର ସମ୍ପୃକ୍ତ ଇଣ୍ଡେଣ୍ଟର୍ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ନିଜର ଉଦ୍‌ଘାଟନୀ ଅଭିଭାଷଣରେ ଶ୍ରୀ ବର୍ମା ଯତ୍ନଶୀଳ ଯୋଜନା, ସଠିକ୍ ଡକ୍ୟୁମେଣ୍ଟେସନ୍ ଏବଂ ପ୍ରକ୍ରିୟାଗତ ନିୟମ ପାଳନ କରିବାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ତରଦାୟିତ୍ୱ ଏବଂ ବୃତ୍ତିଗତତାର ସଂସ୍କୃତି ପ୍ରତିପାଦନ କରିବାରେ ସେ ଏପରି ପଦକ୍ଷେପର ଭୂମିକା ଉପରେ ଆଲୋକପାତ କରିଥିଲେ । ଏସିଭିଓ ଭିଜିଲାନ୍ସ ସମୀକ୍ଷା ସମୟରେ ପରିଲକ୍ଷିତ ପୁନଃପୌନିକ ବ୍ୟବଧାନ ଉପରେ ଉଲ୍ଲେଖ କରିଥିଲେ ଏବଂ ଏହିପରି ସମସ୍ୟାକୁ ହ୍ରାସ କରିବା ପାଇଁ ସର୍ବୋତ୍ତମ ଅଭ୍ୟାସ ଏବଂ ପ୍ରତିଷେଧକ ବ୍ୟବସ୍ଥା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅଧିବେଶନରେ ଏକ ମତବିନିମୟ ଅଧିବେଶନ ଅନ୍ତର୍ଭୁକ୍ତ ହୋଇଥିଲା, ଯେଉଁଥିରେ ଅଂଶଗ୍ରହଣକାରୀ ସେମାନେ ସମ୍ମୁଖୀନ ବିଭିନ୍ନ ସ୍ଥିତି ସମ୍ବନ୍ଧୀୟ ପ୍ରଶ୍ନଗୁଡିକ ଉପସ୍ଥାପନା କରିବା ସହିତ ରିଏଲ ଟାଇମ ଆହ୍ୱାନର ସମାଧାନ ବିଷୟରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଏଜିଏମ୍ ସନ୍ଦୀପ ବନ୍‌ସାଲ, କ୍ରୟ ଆବଶ୍ୟକତା ପ୍ରକ୍ରିୟାକରଣ, ଇଣ୍ଡେଣ୍ଟର ଯାଞ୍ଚ, ଏବଂ ଚୁକ୍ତିନାମା ପ୍ରକ୍ରିୟା କରଣରେ ବିଭିନ୍ନ ସମସ୍ୟା ଏବଂ ବ୍ୟବଧାନ ସମ୍ବନ୍ଧୀୟ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ । କାର୍ଯ୍ୟକ୍ରମକୁ ମ୍ୟାନେଜର ହରିଶ ଅଗ୍ରୱାଲ ସଂଯୋଜନା କରିଥିଲେ।

## ସେନ୍‌ସେକ୍ସ ୧୯୬୧ ପଏଣ୍ଟ ବଢ଼ିଲା

ମୁମ୍ବାଇ: ଚଳିତ ସପ୍ତାହର ଶେଷ କାରବାର ଦିନରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସରେ ୧୯୬୧ ପଏଣ୍ଟ ବୃଦ୍ଧି ହୋଇଛି। ଦୀର୍ଘ ପାଞ୍ଚ ମାସ ପରେ ସେନ୍‌ସେକ୍ସରେ ଏଭଳି ଉତ୍ସାହ ଦେଖିବାକୁ ମିଳିଛି। ଶିଳ୍ପପତି ଗୌତମ ଆଦାନୀଙ୍କ ବିରୋଧରେ ଆମେରିକା ଲାଞ୍ଚ କାରବାର ଭଳି ଗମ୍ଭୀର ଅଭିଯୋଗ କରିବା ପରେ ଷ୍ଟକ୍ ବଜାର ଧରାଶାୟୀ ହେବା ଆଶା କରାଯାଉଥିଲା। ମାତ୍ର ଏହାର ବିପରୀତ ଆଜି ଜବରଦସ୍ତ କାରବାର ହୋଇଛି। ସେନ୍‌ସେକ୍ସ ଆଜି ୧୯୬୧ ପଏଣ୍ଟ ବୃଦ୍ଧି ପାଇ ୭୯,୧୧୭ ପଏଣ୍ଟରେ ବନ୍ଦ ହୋଇଛି। ତାହାର ପ୍ରଭାବରେ ନିବେଶକମାନଙ୍କୁ ଗୋଟିଏ ଦିନରେ ୭.୨ ଲକ୍ଷ କୋଟି ଟଙ୍କାର ଫାଇଦା ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ମଧ୍ୟ ୫୫୭ ପଏଣ୍ଟ ବୃଦ୍ଧି ପାଇ ୨୩,୯୦୭ ପଏଣ୍ଟରେ ବନ୍ଦ ହୋଇଛି। ଶୁକ୍ରବାର କାରବାରରେ ଦେଖାଦେଇଥିବା ଉତ୍ସାହ ପଛରେ ଅନେକ କାରଣ ରହିଛି। ଆଦାନୀ ଗ୍ରୁପ୍‌ର ୧୦ଟି ତାଲିକାଭୁକ୍ତ କମ୍ପାନି ମଧ୍ୟରୁ ୬ଟି କମ୍ପାନିର ସେୟାର ମୂଲ୍ୟରେ ସୁଧାର ଘଟିଛି। ଆଇଟି କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ମଧ୍ୟ ବଢ଼ିଛି। ଆଦାନୀ ଗ୍ରୁପ୍‌ର ଆଦାନୀ ଏଣ୍ଟରପ୍ରାଇଜେସ୍, ଆଦାନୀ ପୋର୍ଟସ୍, ଆଦାନୀ ଟୋଟାଲ୍ ଗ୍ୟାସ୍, ଅମ୍ବୁଜା ସିମେଣ୍ଟ, ଏସିସି ଓ ଏନଡିଟିଭିର ସେୟାର ମୂଲ୍ୟ ବୃଦ୍ଧି ପାଇଛି। ବିଶ୍ୱସ୍ତରରେ ବିଭିନ୍ନ ଷ୍ଟକ୍ ବଜାରରେ ମଧ୍ୟ ଆଜି ଭଲ କାରବାର ହୋଇଛି। ଆଇସିଆଇସିଆଇ ବ୍ୟାଙ୍କ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏସ୍‌ବିଆଇ, ଇନ୍‌ଫୋସିସ୍, ଆଇଟିସି, ଏଲ୍‌ଆଣ୍ଡଟି, ଟିସିଏସ୍, ଭାରତୀ ଏୟାରଟେଲ୍ ଓ ବଜାଜ ଫାଇନାନ୍ସର ସେୟାର ମୂଲ୍ୟ ବଢ଼ିଛି।



## ନିଜର ୩ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଲେ ଏଲନ୍ ମସ୍କ

ନୂଆଦିଲ୍ଲୀ: ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ଏବଂ ନଭେମ୍ବର ୫ ପରଠାରୁ ଏଲନ୍ ମସ୍କଙ୍କ ସମ୍ପତ୍ତିରେ ଦ୍ରୁତ ବୃଦ୍ଧି ଦେଖିବାକୁ ମିଳିଛି। କେବଳ ତାଙ୍କ ସମ୍ପତ୍ତିରେ ବୃଦ୍ଧି ହୋଇଛି ତାହା ନୁହେଁ। ସେ ରଚିଛନ୍ତି ନୂଆ ଇତିହାସ। କାରଣ ମସ୍କ ସମୁଦାୟ ସମ୍ପତ୍ତି ବୃଦ୍ଧି କରିବାରେ ନିଜର ହିଁ ୩ ବର୍ଷ ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ବ୍ଲୁମବର୍ଗ ବିଲେନିୟର୍ସ ଇଣ୍ଡେକ୍ସର ତଥ୍ୟ ଅନୁଯାୟୀ, ଏଲନ ମସ୍କଙ୍କ ସମୁଦାୟ ସମ୍ପତ୍ତି ୩୪୦ ବିଲିୟନ ଡଲାର ପାର୍ କରିଛି। ଯାହା ଏକ ନୂଆ ରେକର୍ଡ। ଆଜି ପର୍ଯ୍ୟନ୍ତ କୌଣସି ବିଲେନିୟର ୩୦୦ ବିଲୟନ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରି ନଥିଲେ। ହେଲେ ଏଲନ୍ ମସ୍କ ଏପରି ଦୁଇ ଥର କରିସାରିଛନ୍ତି। ଏବେ ତାଙ୍କର ସମୁଦାୟ ସମ୍ପତ୍ତି ୩୫୦ ବିଲିୟନ ଡଲାର ହୋଇଛି। ଏଲନ୍‌ଙ୍କ ସମୁଦାୟ ସମ୍ପତ୍ତି ୩୪୮ ବିଲିୟନ ଡଲାରରେ ପହଞ୍ଚିଛି। ଏପର୍ଯ୍ୟନ୍ତ ସବୁଠୁ ଅଧିକ ନେଟ୍‌ୱର୍ଥ ରେକର୍ଡ ୩୪୦ ବିଲିୟନ ଡଲାର ଥିଲା ଯାହା ୨୦୨୧ ନଭେମ୍ବରରେ ହୋଇଥିଲା। ଶୁକ୍ରବାର ଟେସଲା ଶେୟାରରେ ବୃଦ୍ଧି କାରଣରୁ ଏଲନଙ୍କ ସମୁଦାୟ ସମ୍ପତ୍ତିରେ ୯.୨ ବିଲିୟନ ଡଲାର ବୃଦ୍ଧି ହୋଇଛି।

ଓଡ଼ିଶା ଭାସ୍କର
ODISHA BHASKAR
ଖେଳ ଖବର



ବୋଲଗଡ (ଭାସ୍କର ନ୍ୟୁଜ): ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲା ଆଥଲେଟିକ ଆସୋସିଏସନ ପକ୍ଷରୁ ସିରିଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିନ ଖେଳ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଥମ ପର୍ଯ୍ୟାୟରେ ଅଠରାଙ୍ଗ କ୍ରିକେଟ ଦଳ ଓ କଲ୍ୟାଣପୁର କ୍ରିକେଟ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଅଠରାଙ୍ଗ କ୍ରିକେଟ୍ ଦଳ ଟସ୍ ଜିତି ବ୍ୟାଟିଂ କରି ୧୬୫ ରନ ସଂଗ୍ରହ କରିଥିବା ବେଳେ ଜବାବରେ କଲ୍ୟାଣପୁର କ୍ରିକେଟ ଦଳ ୧୪୮ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ସରପଞ୍ଚ ହାଡୁବନ୍ଧୁ ମହାପାତ୍ର ସମାଜସେବୀ ଅନ୍‌ସୁର ଖାନ, ଏସ୍ କେ ଅର୍ଶାଦ ଏସ୍ କେ ସୈଦ ଓ ରମାକାନ୍ତ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଖେଳ କାଇପଦର କ୍ରିକେଟ କ୍ଲବ ଓ ବୈଦେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ କାଇପଦର କ୍ରିକେଟ କ୍ଲବ ୧୬ ଓଭରରେ ୧୦୮ ରନ୍ ସଂଗ୍ରହ କରିଥିବା ବେଳେ ବୈଦେଶ୍ୱର କ୍ରିକେଟ କ୍ଲବ ୧୧୦ ରନ ସଂଗ୍ରହ କରି ବିଜୟ ଲାଭ କରି କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ଖେଳକୁ ଅମ୍ପାୟର ରମାକାନ୍ତ ପାତ୍ର ପରିଚାଳନା କରିଥିବା ବେଳେ ସେହଜାଦ ଖାନ ସହଯୋଗ କରିଥିଲେ।



# ପର୍ଥ ଟେଷ୍ଟ: ଦୃଢ଼ ସ୍ଥିତିରେ ଟିମ୍ ଇଣ୍ଡିଆ

## ବିନା ୱିକେଟ୍‌ରେ ଲିଡ୍ ୨୦୦ ପାର୍

ପର୍ଥ: ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚରେ ଜାରି ରହିଛି ରୋମାଞ୍ଚ। ପ୍ରଥମ ପାଳିରେ ଉଭୟ ଅଷ୍ଟ୍ରେଲୀୟ ଓ ଭାରତୀୟ ବ୍ୟାଟର ପିଚରେ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା। ହେଲେ ଆଜି ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରି ଭାରତର ଦୁଇ ଓପନର କେ.ଏଲ୍ ରାହୁଲ ଓ ଜସଶ୍ୱୀ ଜୈସୱାଲ କମାଲ କରିଛନ୍ତି। ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ କୌଣସି ୱିକେଟ୍ ନହରାଇ ୧୭୨ ରନ ହାସଲ କରିଛି। ଏହା ସହିତ କଙ୍ଗାରୁ ଦଳଠାରୁ ୨୧୮ ରନ୍ ଲିଡ୍ ନେଇଛି ବୁମ୍ରା ବାହିନୀ। ବହୁ ପ୍ରତିକ୍ଷୀତ ବର୍ଡର ଗାଭାସ୍କର ଟ୍ରଫିର ପ୍ରଥମ ଦିନ ଖେଳ ଭାରତୀୟ ଦର୍ଶକଙ୍କୁ ଆରମ୍ଭରୁ ନିରାଶ କରିଥିଲା। ଓପନର ଜୈସୱାଲ ଓ ପାଡିକ୍କଲ୍ ଖାତା ଖୋଲିବାକୁ ସକ୍ଷମ ହୋଇନଥିବାବେଳେ କୋହଲି କେବଳ ୫ ରନ କରି ଆଉଟ୍ ହୋଇଥିଲେ। କେ.ଏଲ୍ ରାହୁଲ(୨୬), ରଷଭ ପନ୍ତ(୩୭) ଓ ନୀତୀଶ ରେଡ୍ଡୀ



(୪୧)ଙ୍କ ସହିତ ଅନ୍ୟ ଛୋଟମୋଟ ଭାଗିଦାରୀ ବଳରେ ଭାରତ କେବଳ ୧୫୦ ରନ୍ କରି ସମସ୍ତ ୱିକେଟ ହରାଇଥିଲା। ହେଲେ ଏହାପରେ ଭାରତୀୟ ବୋଲର ମଧ୍ୟ କମାଲ କରିଥିଲେ। ଭାରତ ପାଇଁ କାମଚଳା ଅଧିନାୟକ ବୁମ୍ରା ସର୍ବାଧିକ ୪ ୱିକେଟ ନେଇ କଙ୍ଗାରୁ ଦଳକୁ ବିପର୍ଯ୍ୟୟକୁ ଠେଲି ଦେଇଥିଲେ। ବୁମ୍ରାଙ୍କୁ ଅନ୍ୟ ସାଥୀ ବୋଲରମାନେ ମଧ୍ୟ ଭରପୁର ସାଥ୍ ଦେଇଥିଲେ। ସିରାଜ ୨ଟି ଓ ରାଣା ଗୋଟିଏ ସଫଳତା ହାସଲ କରିଥିଲେ। ଏହା ସହିତ ପ୍ରଥମ ଦିନ ଅଷ୍ଟ୍ରେଲିଆ ୬୭ ରନ୍ ପାଇଁ ୭ ୱିକେଟ୍ ହରାଇଥିଲା। ଆଜି ଦ୍ୱିତୀୟ ଦିନ ଖେଳ ଆରମ୍ଭରୁ ବି ଭାରତୀୟ ବୋଲର ନିଜର ଦବ୍‌ଦବା ଜାରି ରଖିଥିଲେ। ରାଣା ୨ଟି ଓ ବୁମ୍ରା ଅବଶିଷ୍ଟ ଗୋଟିଏ ୱିକେଟ ଖସାଇ ଅଷ୍ଟ୍ରେଲିଆର ପାଳି ଶେଷ କରିଥିଲେ। ଏହି ପାଳିରେ ଅଷ୍ଟ୍ରେଲିଆ ସମୁଦାୟ ୧୦୪ ରନରେ ହିଁ ଅଲଆଉଟ୍ ହୋଇଥିଲା। ଭାରତ ପକ୍ଷରୁ ଅଧିନାୟକ ବୁମ୍ରା ସର୍ବାଧିକ ୫ଟି ୱିକେଟ ହାସଲ କରିଥିବାବେଳେ ଭାରତ ପାଇଁ ପ୍ରଥମ ଟେଷ୍ଟ ଖେଳୁଥିବା ହର୍ଷିତ ରାଣା ତିନୋଟି ଓ ମହମ୍ମଦ ସିରାଜ ଦୁଇଟି ୱିକେଟ ହାସଲ କରିଥିଲେ। ଏହାପରେ ଭାରତ ୪୬ ରନ୍ ଆଗରେ ରହି ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିଲା। ଓପନର କେ.ଏଲ୍ ରାହୁଲ ଓ ଜୈସ୍ୱାଲ ବେଶ୍ ଆକ୍ରାମକ ଅନ୍ଦାଜରେ ଖେଳ ଆରମ୍ଭ କରିଥିଲେ। ପ୍ରଥମ ପାଳିରେ ବୋଲରଙ୍କୁ ସୁହାଇଲା ଭଳି ଲାଗୁଥିବା କ୍ରିଜରେ ଉଭୟ ଭାରତୀୟ ବ୍ୟାଟର ବେଶ୍ ବୁଝିଶୁଝି ବ୍ୟାଟିଂ କରିଥିଲେ। ତେବେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଜୈସ୍ୱାଲ ୯୦ ଓ ରାହୁଲ ୬୨ ରନ୍ କରି କ୍ରିଜରେ ମହଜୁଦ ଅଛନ୍ତି। ଭାରତ ଦ୍ୱିତୀୟ ପାଳିରେ ୧୭୨ ରନ ହାସଲ କରି ମ୍ୟାଚ୍‌ରେ ଘରୋଇ ଦଳଠାରୁ ୨୧୮ ରନ ଆଗୁଆ ରହିଛି।



## ପର୍ଥରେ ଇତିହାସ: କପିଳ ଦେବଙ୍କ ସମକକ୍ଷ ହେଲେ ବୁମ୍ରା

ଇତିହାସ ରଚିଲେ ସ୍ପିଡ୍‌ଷ୍ଟାର୍ ଜସ୍‌ପ୍ରୀତ ବୁମ୍ରା। ଭାରତୀୟ କାମଚଳା ଅଧିନାୟକଙ୍କ ଘାତକ ବୋଲିଂରେ ପ୍ରଥମ ପାଳିରେ ମାଟି କାମୁଡ଼ିଥିଲେ କଙ୍ଗାରୁ ବ୍ୟାଟର। ତେବେ ପ୍ରଥମ ପାଳିରେ ଅଷ୍ଟ୍ରେଲିଆ ବିପକ୍ଷରେ ୫ ୱିକେଟ ସଫଳତା ହାସଲ କରି ଏକ ବଡ଼ ରେକର୍ଡ କରିଛନ୍ତି ବୁମ୍ରା। ଅଷ୍ଟ୍ରେଲିଆରେ ଏହି ସଫଳତା ସହ ସେ ପୂର୍ବତନ ଭାରତୀୟ ଅଧିନାୟକ କପିଳ ଦେବଙ୍କ ଏକ ରେକର୍ଡର ସମକକ୍ଷ ହୋଇଛନ୍ତି। ପ୍ରଥମ ପାଳିରେ ବୁମ୍ରା ୧୮ ଓଭର ବୋଲିଂ କରି ୩୦ ରନ ବ୍ୟୟରେ ୫ଟି ବହୁମୂଲ୍ୟ ୱିକେଟ ହାସଲ କରିଥିଲେ। ନାଥନ ମ୍ୟାକସ୍ୱିନୀ, ଉସମାନ ଖାୱଜା, ଷ୍ଟେଭ ସ୍ମିଥ, ଆଲେକ୍ସ କ୍ୟାରୀ ଓ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସଙ୍କୁ ଆଉଟ୍ କରି ପାଭିଲିୟନ ଫେରାଇଥିଲେ ବୁମ୍ରା। ତେବେ ଏହା ହେଉଛି ସେନା ଦେଶ (ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆ)ରେ ବୁମ୍ରାଙ୍କର ସପ୍ତମ ୫ ୱିକେଟ ସଫଳତା। ଏହି ଦେଶ ଗୁଡ଼ିକରେ ସର୍ବାଧିକ ଥର ୫ ୱିକେଟ ସଫଳତା ହାସଲ କରିବା ରେକର୍ଡ କପିଳ ଦେବଙ୍କ ନାଁରେ ରହିଥିଲା, ଯିଏକି ୭ ଥର ଏହି ସଫଳତା ନିଜ ନାଁରେ କରିଥିଲେ। ଆଉ ବୁମ୍ରା ଏବେ କପିଳ ଦେବଙ୍କ ସମକକ୍ଷ ହୋଇସାରିଛନ୍ତି। ଏହି ତାଲିକାରେ ବି.ଏସ୍ ଚନ୍ଦ୍ରଶେଖର (୬ ଥର), ଜାହିର ଖାନ (୬ ଥର), ବିଶାନ ସିଂହ ବେଦୀ (୫ ଥର) ଓ ଅନୀଲ କୁମ୍ବଲେ (୫ ଥର) ରହିଛନ୍ତି। ଏହା ବ୍ୟତୀତ ବୁମ୍ରା ପଞ୍ଚମ ଭାରତୀୟ ଅଧିନାୟକ ଭାବରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ଏକ ୫ ୱିକେଟ ସଫଳତା ହାସଲ କରିବାରେ ସଫଳ ହୋଇଛନ୍ତି। ଏହା ପୂର୍ବରୁ ଭିନୋ ମଙ୍କଡ, ବିଶାନ ସିଂହ ବେଦୀ, କପିଳ ଦେବ ଓ ଅନୀଲ କୁମ୍ବଲେଙ୍କ ନାଁ ଏହି ତାଲିକାରେ ରହିଛି। ତେବେ ସେନା ଦେଶରେ ଭାରତୀୟ ଦ୍ରୁତ ବୋଲର ଜସପ୍ରୀତ ବୁମ୍ରା ଏପର୍ଯ୍ୟନ୍ତ ୨୭ ଟେଷ୍ଟ ମ୍ୟାଚ୍ ଖେଳି ୧୧୮ ୱିକେଟ୍ ହାସଲ କରିଛନ୍ତି।

# ଜୈସ୍‌ୱାଲ୍‌ଙ୍କ ବିଶ୍ୱ ରେକର୍ଡ

## ପଛରେ ପଡ଼ିଲେ ମ୍ୟାକ୍‌କୁଲମ୍

ପର୍ଥ ଟେଷ୍ଟରେ ଭାରତର ଦ୍ୱିତୀୟ ପାଳିରେ ଦମଦାର ବ୍ୟାଟିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଭାରତର ଯୁବ ଓପନର ଯଶସ୍ୱୀ ଜୈସୱାଲ। ପ୍ରଥମ ପାଳିରେ ଖାତା ଖୋଲି ପାରିନଥିବା ଜୈସୱାଲ ଦ୍ୱିତୀୟ ପାଳିରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦ୍ୱିତୀୟ ଦିନ ଖେଳ



ଶେଷ ସୁଦ୍ଧା ସେ ୧୯୩ ବଲରୁ ୭ ଚୌକା ଓ ଦୁଇଟି ଛକା ସହିତ ୯୦ ରନର ଅପରାଜିତ ପାଳି ଖେଳି କ୍ରିଜରେ ମହଜୁଦ ରହିଛନ୍ତି। ତେବେ ଏହି ପାଳିରେ ସେ ଏକ ବିଶ୍ୱ ରେକର୍ଡ ମଧ୍ୟ ନିଜ ନାଁରେ କରିବାରେ ସକ୍ଷମ ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ଜୈସୱାଲ ଖାତା ମଧ୍ୟ ଖୋଲିବାକୁ ସକ୍ଷମ ହୋଇନଥିଲେ। ହେଲେ ଦ୍ୱିତୀୟ ପାଳିରେ ତାଙ୍କର ଚମତ୍କାର କମବ୍ୟାକ୍ ସମସ୍ତଙ୍କୁ ପ୍ରଭାବିତ କରିଛି। ଏହି ପାଳିରେ ସେ ଦୁଇଟି ଲମ୍ବା ଛକା ମାରି ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଟେଷ୍ଟ କ୍ରିକେଟରେ ସର୍ବାଧିକ ଛକା ମାରିଥିବା ବ୍ୟାଟର ହୋଇପାରିଛନ୍ତି। ଏହି ରେକର୍ଡ ହାସଲ କରିବା ପାଇଁ ନ୍ୟୁଜିଲାଣ୍ଡର ପୂର୍ବତନ କ୍ରିକେଟର ବ୍ରେଣ୍ଡନ ମ୍ୟାକକୁଲମଙ୍କୁ ପଛରେ ପକାଇଛନ୍ତି ଜୈସୱାଲ। ମ୍ୟାକକୁଲମ ୨୦୧୪ରେ ୯ଟି ଟେଷ୍ଟ ମ୍ୟାଚ୍ ଖେଳି ୩୩ଟି ଛକା ସହ ଏହି ରେକର୍ଡ ନିଜ ନାଁରେ ରଖିଥିଲେ। ହେଲେ ୨୦୨୪ରେ ନିଜର ୧୨ଶ ମ୍ୟାଚ୍ ଖେଳୁଥିବା ଜୈସୱାଲ ଆଜିର ଦୁଇଟି ଛକା ସହ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଏପର୍ଯ୍ୟନ୍ତ ୩୪ଟି ଛକା ମାରି ସାରିଛନ୍ତି।

# ସର୍ବଭାରତୀୟ ସ୍କୁଲ୍ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ମନୀଷ ଓ ଅର୍ଣ୍ଣବ



ବ୍ରହ୍ମପୁର (ଭାସ୍କର ନ୍ୟୁଜ): ଆସନ୍ତା ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ର ରାୟପୁର ଠାରେ ସର୍ବଭାରତୀୟ ସ୍କୁଲ୍ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ସର୍ବଭାରତୀୟ ଆସିଏସ୍‌ଇ ଦଳ ଅଂଶଗ୍ରହଣ କରିବାକୁ ଯାଉଛି। ବ୍ରହ୍ମପୁର ଆଇସିଏସ୍‌ଇ ସ୍କୁଲ୍‌ର ଏହି ଦୁଇ ଖେଳାଳି ମନୀଷ କୁମାର ପ୍ରଧାନ ଏବଂ ବି ଅର୍ଣ୍ଣବ କୁମାର ସର୍ବଭାରତୀୟ ଆଇସିଏସ୍‌ଇ ଦଳରେ ପ୍ରତିନିଧିତ୍ୱ କରିବା ସୁଯୋଗ ପାଇଛନ୍ତି। ଏହି ଦୁଇ ଖେଳାଳି ପୂର୍ବରୁ ବ୍ରହ୍ମପୁରଠାରେ ଆୟୋଜିତ ହୋଇଥିବା ଓଡ଼ିଶା ଆଇସିଏସ୍‌ଇ ଷ୍ଟେଟ୍ ଲେଭଲ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ବ୍ରହ୍ମପୁର ଜୋନ୍‌କୁ ଚାମ୍ପିଅନ୍ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ଗତ ଅକ୍ଟୋବର ମାସରେ ଉତ୍ତର ପ୍ରଦେଶର ଗୋରଖପୁର ଠାରେ ଆୟୋଜିତ ହୋଇଥିବା ଜାତୀୟ ଆଇସିଏସ୍‌ଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶା ଦଳକୁ ବ୍ରୋଞ୍ଜ ମେଡାଲ ପାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଦୁଇ ଖେଳାଳି ଏହି ଜାତୀୟ ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିବାରୁ ସର୍ବଭାରତୀୟ ଆଇସିଏସ୍‌ଇ ଦଳରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ହୋଇଥିଲେ। ଏହି ଦୁଇ ଖେଳାଳି ଖଲିଖୋଟେ ଖେଳ ପଡିଆରେ ଏନ୍‌ଆଇଏସ୍ କୋଚ୍ ପ୍ରଶାନ୍ତ କୁମାର ରଥ ଓ କ୍ରୀଡା ଶିକ୍ଷକ ସୁରେଶ ଚନ୍ଦ୍ର ପାଢୀଙ୍କ ଠାରୁ ତାଲିମ୍ ନେଉଛନ୍ତି। ଏମାନଙ୍କ ଏହି ସଫଳତା ପାଇଁ ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ୍ ସଙ୍ଗଠନର ସମ୍ପାଦକ ତଥା କ୍ରୀଡା ଶିକ୍ଷକ ସୁରେଶ ଚନ୍ଦ୍ର ପାଢୀ, ଅଧକ୍ଷ ଦ୍ୱାରିକାନାଥ ପଣ୍ଡା ଓ ଦେପାଉଲ୍ ସ୍କୁଲ୍‌ର ଅଧକ୍ଷ ଫାଦର୍ ରିଚାର୍ଡୋ ପ୍ରଧାନ ଏବଂ ବ୍ରହ୍ମପୁର ଆଇସିଏସ୍‌ଇ ଜୋନ୍ ରେଚାର୍ଜ ସିଷ୍ଟରଙ୍କ ସହ ଉଭୟ ସ୍କୁଲର ସମସ୍ତ ଶିକ୍ଷକ ଓ ଖେଳାଳିମାନେ ଶୁଭେଚ୍ଛା ଜଣାଇଛନ୍ତି।

# ମହିଳାଙ୍କ ପାଇଁ ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ଅଭ୍ୟାସ କ୍ରିକେଟ ମ୍ୟାଚ୍



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ଦ୍ୱାରା ଇଷ୍ଟକୋଷ୍ଟ ରେଳ କ୍ରୀଡା ଷ୍ଟାଡିୟମ, ଖୋର୍ଦ୍ଧା ରୋଡ ଠାରେ ମହିଳାମାନଙ୍କ ପାଇଁ ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ଅଭ୍ୟାସ କ୍ରିକେଟ ମ୍ୟାଚ୍ ଆୟୋଜିତ କରାଯାଇଛି। ଏହି ଅଭ୍ୟାସ କ୍ରିକେଟ୍ ମ୍ୟାଚ୍ ନଭେମ୍ବର ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଓଡିଶା ବରିଷ୍ଠ ମହିଳା ବନାମ ଛତିଶଗଡ ବରିଷ୍ଠ ମହିଳା ମଧ୍ୟରେ ଅନୁଷ୍ଠିତ ହେଉଛି। ଓଡିଶା ବରିଷ୍ଠ ମହିଳା ଦଳ ପ୍ରଥମ ଅଭ୍ୟାସ ମ୍ୟାଚ୍ ଜିତିଥିଲେ। ଖୋର୍ଦ୍ଧା ରୋଡରେ ଥିବା ରେଲୱେ ଷ୍ଟାଡିୟମରେ ୬ଟି ହାଇମାଷ୍ଟ ସ୍ଥାପନ କରି ସ୍ଥାୟୀ ଉଜ୍ଜଳ ଆଲୋକ ବ୍ୟବସ୍ଥା କରାଯାଇଛି, ଯେଉଁଥିରେ କି ୧୦୦୦ ୱାଟ୍‌ର ୫୪ଟି ଏଲଇଡି ଲାଇଟ୍ ଲଗାଯାଇଛି। ଏହି ଷ୍ଟାଡିୟମରେ ସ୍ଥାୟୀ ଟର୍ଫ କ୍ରିକେଟ୍ ପିଚ୍ ଏବଂ କ୍ରୀଡ଼ା ବ୍ୟକ୍ତିବିଶେଷଙ୍କ ପାଇଁ ଜିମ୍ ସୁବିଧା ରହିଛି। ନିକଟରେ ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟ୍ସ ଆସୋସିଏସନ, ଖୋର୍ଦ୍ଧା ରୋଡ୍ ଦ୍ୱାରା ରେଳ ଷ୍ଟାଡିୟମ ଠାରେ 'ରେଲୱେ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟସ ଏକାଡେମୀର ଉଦ୍‌ଘାଟନ କରାଯାଇଥିଲା, ଯାହା ଜଟଣୀ ଅଞ୍ଚଳର କ୍ରୀଡାପ୍ରେମୀଙ୍କ ପାଇଁ ଏକ କୋଚିଂ ସେଣ୍ଟର ଭାବରେ କାର୍ଯ୍ୟ କରୁଛି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍ ଏସ ବାଜ୍‌ୱା ଏବଂ କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ ହିମାଦ୍ରି ଭୂଷଣ ବିଶ୍ୱାଲଙ୍କ ନେତୃତ୍ୱରେ ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ୍ ଦ୍ୱାରା ଆଗାମୀ ଦିନରେ ରେଳ ଷ୍ଟାଡିୟମରେ ଜାତୀୟ ତଥା ରାଜ୍ୟସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମ ଆୟୋଜିତ କରିବା ପାଇଁ ଅନେକ ଆଧୁନିକ ସୁବିଧା ସ୍ଥାପନ କରିବାକୁ ଯୋଜନା କରାଯାଉଛି।

# ୩ୟ ଖାଜା ଷ୍ଟ୍ରିଟ୍ ଲିଗ୍ ପ୍ରିମିୟର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ସ୍ଥାନୀୟ ବ୍ରହ୍ମପୁର ସୁରଜ ବିହାର ଖେଳପଡିଆ ଠାରେ ଗଞ୍ଜାମ ମୁସିଲିମ କଲ୍‌ଚର ଆସୋସିଏସନ ପକ୍ଷରୁ ୩ୟ ଖାଜା ଷ୍ଟ୍ରିଟ୍ ଲିଗ୍ ପ୍ରିମିୟର ଟେନିସ୍ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିବା ବେଳେ ୨୩ ନଭେମ୍ବରରୁ ଆରମ୍ଭ ହୋଇ ୧ ଡିସେମ୍ବର ପର୍ଯ୍ୟନ୍ତ ଖେଳ ଚାଲୁରହିବ। ଆଜିର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅର୍ବାନ ବ୍ୟାଙ୍କ ସଭାପତି ଆର ମୁରଲୀ ମୋହନ, ଡ଼. ଶେସଷ୍କର ରାଓ ଦ୍ୱୀପ ପ୍ରଜ୍ୱଳନ କରି ମ୍ୟାଚ୍‌କୁ ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସି ଏସ୍ ଗିରି, ଅର୍ଜୁନ ସାମନ୍ତରାୟ, ସେକ ଫାୟାଜ, ହାଜି ହୁସେନ ସଲିମ, ସମୀର, ମୁନା ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ପ୍ରଥମ ମ୍ୟାଚ୍ ରୟଲ ଷ୍ଟ୍ରାଇକେଶ ବନାମ ଉସମାନ ରାଇଜିଂ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୟଲ ଷ୍ଟ୍ରାଇକେଶ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ରାଇଜିଙ୍ଗ୍ ଷ୍ଟାର୍ ନିଜର ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୨ ଓଭର ମ୍ୟାଚ୍ ଖେଳି ୨ୱିକେଟ୍ ବିନିମୟରେ ୧୫୯ ରନ କରିଥିଲେ। ଦଳ ପକ୍ଷରୁ ଖାଜା ମୌସୁନି ୪୩ ବଲରେ ଧୂଆଁଧାର ୧୦୦ ରନ କରିଥିଲେ। ଜବାବରେ ରୟଲ ଷ୍ଟ୍ରାଇକେଶ ୧୨ ଓଭର ଖେଳି ୯ ୱିକେଟ ବିନିମୟରେ ୧୫୮ ରନ କରିଥିଲେ। ଦଳ ପକ୍ଷରୁ ସତ୍ୟବ୍ରତ ମିଶ୍ରା ୧୭ ବଲ ଖେଳି ୪୪ ରନ, ଶେଖ ରେହେମନ ୧୪ ବଲ ଖେଳି ୩୭ ଓ ସନ୍ତୋଷ କୁମାର ହୋତା ୧୧ ବଲ ୨୬ ରନ କରିଥିଲେ। ରାଇଜିଙ୍ଗ ଷ୍ଟାର ପକ୍ଷରୁ ବୋଲିଂରେ ଶେଖ ରିଆଜ ୩ ଓଭର ପକାଇ ୩୯ ରନ ଦେଇ ୪ଟି ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌କୁ ରାଇଜିଙ୍ଗ ଷ୍ଟାର ୧ ରନ୍‌ରେ ଜିତିନେଲା। ଆଜିର ମ୍ୟାଚ ଅମ୍ପାୟାର ଭାବେ ମହମ୍ମଦ ୟୁସୁଫ୍ ଓ ଶେଖର ଖେଳକୁ ପରିଚଳନା କରିଥିବା ବେଳେ ସ୍କୋରର ଭାବେ ଖାଜା ମୋସୁନି, କମେଣ୍ଟ୍ରି ଭାବେ ମହମ୍ମଦ ଆସିଫ ସହଯୋଗ କରିଥିଲେ। ଆଜିର ଦ୍ୱିତୀୟ ମ୍ୟାଚ୍ ଶୁଭାନ ସୁଲତାନ ବନାମ ଶବିର ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

# ପୂର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ




ବାରିପଦା (ଭାସ୍କର ନ୍ୟୁଜ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଦୀର୍ଘ ୫ଦିନ ଧରି ଚାଲିଥିବା ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ଚମ୍ପିଆନ୍ ହୋଇଛି। ସେହିଭଳି ବାରାଣସୀର ଏମ୍.ଜି.କାଶୀ ବିଦ୍ୟାପୀଠ ଦ୍ୱିତୀୟ, ପଶ୍ଚିମବଙ୍ଗର ଆଡାମାସ ବିଶ୍ୱବିଦ୍ୟାଳୟ ତୃତୀୟ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନ ଅଧିକାର କରିଛି। ଏହି ୪ଟି ଟିମ୍ ସର୍ବ-ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ ଭଲିବଲ ପ୍ରତିଯୋଗିତା ଖେଳିବାର ଯୋଗ୍ୟତା ହାସଲ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ନିଜ ଅଭିଭାଷଣରେ ପ୍ରଫେସର ତ୍ରିପାଠୀ ପୂର୍ବ ଭାରତରୁ ଯୋଗ ଦେଇଥିବା ସମସ୍ତ ଖେଳାଳୀ ଓ କ୍ରୀଡ଼ା ଅଧିକାରୀଙ୍କୁ ଏହି କ୍ରୀଡ଼ା ମହାକୁମ୍ଭରେ ଯୋଗଦାନ କରିଥିବା ହେତୁ ଶୁଭେଚ୍ଛା ଜଣାଇବା ସହ ଉପସ୍ଥିତ ଖେଳାଳିମାନଙ୍କୁ ଅଭିବାଦନ ଜଣାଇଥିଲେ। ଏହି କ୍ରୀଡ଼ା ମହାକୁମ୍ଭର ସଫଳ ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ଏବଂ ଖେଳ ଆୟୋଜନରେ ସମସ୍ତ ପ୍ରକାର ସହାୟତା ଦେଇଥିବା ପାଇଁ ଓଡ଼ିଶା ଭଲିବଲ୍ ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସମସ୍ତ ଖେଳାଳି ଓ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। କୁଳସଚିବ ସହଦେବ ସମାଧିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାର ପ୍ରୋଟେଷ୍ଟ୍ କମିଟିର ମୁଖ୍ୟ ତଥା ଆନ୍ତର୍ଜାତୀୟ ଭଲିବଲ ରେଫରି ସୁଦର୍ଶନ ପଟ୍ଟନାୟକ ଓ ଓଡ଼ିଶା ଭଲିବଲ୍ ଆସୋସିଏସନ୍‌ର ରେଫରି ବୋର୍ଡ୍‌ର ଅଧ୍ୟକ୍ଷ ପ୍ରମୋଦ କୁମାର ବେହେରାଙ୍କୁ କୁଳପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବାରିପଦା ତଥା ବିଶ୍ୱବିଦ୍ୟାଳୟରେ ତୃତୀୟ ଥର ପାଇଁ ସଫଳତାର ସହିତ ଏହି କ୍ରୀଡ଼ା ମହାକୁମ୍ଭର ଆୟୋଜନ କରିଥିବାରୁ ଛାତ୍ରଛାତ୍ରୀଗଣ ଓ ମୟୂରଭଞ୍ଜର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନାରେ କ୍ରୀଡ଼ା ପରିଷଦର ଉପ-ନିର୍ଦ୍ଦେଶକ ଡ. ଶିଶିର ବେହେରା, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା, ଓଡ଼ିଶା ଭଲିବଲ୍ ଆସୋସିଏସନ୍‌ର ଜାତୀୟ ରେଫରି ରାଜେଶ ଦାସ, ବିଶ୍ୱବିଦ୍ୟାଳୟ ଭଲିବଲ୍ କୋଚ୍ ରତ୍ନାକର ପାତ୍ର, ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକ, ସୀମାନ୍ତ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶ୍ରଦ୍ଧାନନ୍ଦ ସାହୁ, କୁଆମରା ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନରୋତ୍ତମ ଦାସ, କ୍ରୀଡ଼ା ପରିଷଦର ଉପବିଭାଗ ଅଧିକାରୀ ସଞ୍ଜୀବ କୁମାର ତନ୍ତୀ, ସ୍ନାତକୋତ୍ତର ପରିଷଦର ବରିଷ୍ଠ ଷ୍ଟେନୋ ଉଜିତ କୁମାର ଦାସ ଓ ଓଡ଼ିଶା ଭଲିବଲ୍ ଆସୋସିଏସନ୍‌ର ବିଭିନ୍ନ କ୍ରୀଡ଼ା ଅଧିକାରୀ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ କର୍ମକର୍ତ୍ତାଗଣ ସହଯୋଗ କରିଥିଲେ।

## ସରିଲା ଜୋନ୍‌ସ୍ତରୀୟ ମହିଳା କବାଡି ପ୍ରତିଯୋଗିତା

# ଆଇଜିଏମ୍ କଲେଜ ଚାମ୍ପିଅନ୍



ବ୍ୟାସନଗର (ଭାସ୍କର ନ୍ୟୁଜ): ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଦଳାସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା (ଜୁନିୟର) ମହାବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ୨ ଦିନିଆ ଜୋନ୍‌ସ୍ତରୀୟ ଆନ୍ତଃ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ମହିଳା କବାଡି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ସମ୍ପୃକ୍ତ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅଶୋକ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ପ୍ରଥମ ମ୍ୟାଚ ଅନୁଗୁଳର କିଶୋରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୩୯ ପଏଣ୍ଟ ପାଇଥିଲା ବେଳେ ଭୁବନସ୍ଥିତ ବାଜିରାଉତ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ଶେଷ ସୁଦ୍ଧା ମାତ୍ର ୧୫ ପଏଣ୍ଟ ସଂଗ୍ରହ କରି ୨୪ ପଏଣ୍ଟରେ ପରାସ୍ତ ହେବାକୁ ପଡିଥିଲା। ଦ୍ୱିତୀୟ ମ୍ୟାଚରେ ପୁନର୍ବାର କିଶୋରନଗର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଖେଳି ୪୯ ପଏଣ୍ଟ ପାଇଥିଲା ବେଳେ ଢେଙ୍କାନାଳର ଜିରାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳଶେଷ ସୁଦ୍ଧା ମାତ୍ର ୨୪ ପଏଣ୍ଟ ସଂଗ୍ରହ କରି ୨୫ ପଏଣ୍ଟରେ ପରାସ୍ତ ହେବାକୁ ପଡିଥିଲା। ଶେଷରେ ମ୍ୟାଚ ଜୋନ୍ ଫାଇନାଲ କିଶୋରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳି ୧୩ ପଏଣ୍ଟ ସଂଗ୍ରହ କରିଥିଲା ବେଳେ ଯାଜପୁର ରୋଡ ଇନ୍ଦିରା ଗାନ୍ଧି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ଶେଷ ସୁଦ୍ଧା ୬୭ ପଏଣ୍ଟ ପାଇଥିଲା। ଫଳରେ ବେଳେ ୫୪ ପଏଣ୍ଟରେ କିଶୋରନଗରକୁ ଯାଜପୁରରୋଡ ଇନ୍ଦିରା ଗାନ୍ଧି ମହିଳା ଉଚ୍ଚ ମାଧ୍ୟମିକ ପରାସ୍ତକରି ଜୋନ୍ ଚମ୍ପିଆନ ହୋଇଥିଲା। ଅନୁଷ୍ଠିତ ଖେଳ ପରିଚାଳକ ଭାବେ ରମେଶଚନ୍ଦ୍ର ପଣ୍ଡା, ସାନ୍ତନୁ ମଲ୍ଲିକ୍, ସୁରେଶଚନ୍ଦ୍ର ସାହୁ ଓ ସହଯୋଗୀ ଭାବେ ଅନୁରାଧା ଦାସ, ଶୁଭଶ୍ରୀ ପାଲ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇଜିଏମ କଲେଜର ଅଧକ୍ଷା ପଙ୍କଜିନୀ ପାଣି, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅରୁଣ କୁମାର ମିଶ୍ର, ଜ୍ୟୋତିପ୍ରକାଶ ରାଉତ, ଚିତରଞ୍ଜନ ବଳ, ପଦ୍ମଭୂଷଣ ରାଉତରାୟ, ଅଧ୍ୟାପିକା ଦୀପ୍ତିମୟୀ ରାଉତ, ଇପାଞ୍ଜଳି ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚମ୍ପିଆନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। ଅନୁଷ୍ଠିତ ଖେଳକୁ ଅଧ୍ୟାପକ ହୃଷିକେଶ ତ୍ରିପାଠୀ, ସୁରେନ୍ଦ୍ର କୁମାର ମଲ୍ଲିକ, ପ୍ରଦୀପକୁମାର ପରିଡା, ଅଧ୍ୟାପିକା ଦେବଜାନୀ ଦାସ, ରାଜଲକ୍ଷ୍ମୀ ଦାସ, ଆୟେଶା ପରିଡା, ସ୍ମୃତିରେଖା ବେହେରା ପ୍ରମୁଖ ସମସ୍ତ ଅଧ୍ୟାପିକା/ଅଧ୍ୟାପକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଫାଇନାଲ ଖେଳ ଆସନ୍ତା ୨୪ ଓ ୨୫ ତାରିଖ ଦୁଇଦିନ ଧରି ଯାଜପୁରରୋଡ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଖେଳ ପଡିଆରେ ଅନୁଷ୍ଠିତ ହେବ।

# ପଞ୍ଚମ ୟୁନିକ୍ କପ୍ କ୍ରିକେଟ୍: ଜୁଭେନାଇଲ୍‌କୁ ହରାଇ ଫାଇନାଲ୍‌ରେ ଆଲ୍‌ଫା ସ୍ପୋର୍ଟିଂ

କେନ୍ଦୁଝର (ଭାସ୍କର ନ୍ୟୁଜ): ୟୁନିକ୍ କ୍ରିକେଟ୍ ଏକାଡେମୀ ଆନୁକୂଲ୍ୟରେ କେନ୍ଦୁଝର ସହରସ୍ଥିତ ଷ୍ଟାଡିୟମ ପଡିଆଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୟୁନିକ୍ କପ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ବ୍ରହ୍ମପୁରର ଆଲ୍‌ଫା ସ୍ପୋର୍ଟିଂ ପ୍ରତିଯୋଗିତାର ଏକ ବଡ ବିପର୍ଯ୍ୟୟ ସୃଷ୍ଟି କରି ଗତବର୍ଷର ଚମ୍ପିୟାନ ଜୁଭେନାଇଲ ବିପକ୍ଷରେ ୧୦୬ ରନ୍‌ର ଏକ ବିପୁଳ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛି। ଆଲ୍‌ଫା ସ୍ପୋର୍ଟିଂ ଟସ୍ ଜିଣି ଏକ ନିର୍ଜୀବ ୱିକେଟରେ ପ୍ରଥମେ ପାଳି ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳର ଓପନିଂ ଯୋଡି ଆବିଷ୍କାର ପଟ୍ଟନାୟକ ଏବଂ ଅଙ୍କିତରାଜ ପ୍ରଥମ ୭ ଓଭର ବ୍ୟାଟିଂରେ ବିସ୍ଫୋରକ ବ୍ୟାଟିଂ କରି ୮୩ ରନ ସଂଗ୍ରହ କରି ଦର୍ଶକ ମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିବା ସହ ଲାଗୁଥିଲା ସେମାନେ ନିର୍ଦ୍ଧାରିତ ୩୮ ଓଭରରେ ୨୬୦ ରନ ଅତିକ୍ରମ କରିପାରନ୍ତି। ମାତ୍ର ୮୮ ରନରେ ପ୍ରଥମ ଦୁଇଟି ୱିକେଟର ପତନ ପରେ ରନ ସଂଗ୍ରହ ହାର ଧିମେଇ




ଯାଇଥିଲା। ଶେଷରେ ଆଲ୍‌ଫା ସ୍ପୋର୍ଟିଂ ନିର୍ଦ୍ଧାରିତ ୩୮ ଓଭର ଠାରୁ ଦୁଇ ଓଭର କମ୍ ଖେଳି ୨୩୩ ରନ୍‌ରେ ସମସ୍ତ ୱିକେଟ ହରାଇଥିଲେ। ଦଳ ପକ୍ଷରୁ ୫ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଜନ୍ମେଜୟ ନାୟକ ୬୨ ମିନିଟ୍ ୱିକେଟ୍‌ରେ ଅବସ୍ଥାନ କରି ୪୪ଟି ବଲ୍‌ର ସମ୍ମୁଖୀନ ହୋଇ ୩ଟି ଛକା ଏବଂ ୬ଟି ଚୌକା ସହାୟତାରେ ୧୪୭.୭୩ ଷ୍ଟ୍ରାଇକ୍ ରେଟ୍ ସହ ୬୫ ରନ ଏବଂ ୨ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଅଙ୍କିତ ରାଜ ସିଂହ ୪୫ ମିନିଟ ୱିକେଟରେ ଅବସ୍ଥାନ କରି ମାତ୍ର ୨୯ଟି ବଲର ସମ୍ମୁଖୀନ ହୋଇ ଦୁଇଟି ଛକା ଓ ୯ଟି ଚୌକା ସହାୟତାରେ ୧୮୬.୨୧ ଷ୍ଟ୍ରାଇକ୍ ରେଟ୍ ସହ ୫୪ ରନ କରି ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଗୌରୀ ଦାଶ ୩୧ ଏବଂ ଆବିଷ୍କାର ପଟ୍ଟନାୟକ ୨୬ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ମହମ୍ମଦ ସୋହେଲ ଖାଁ ୬ ଓଭର ବୋଲିଂରେ ୩୯ ରନ ଦେଇ ୩ଟି, ପ୍ରତୀକ ପୁହାଣ ୪ ଓଭର ବୋଲିଂରେ ୨୫ ରନ ଦେଇ ୨ଟି ଏବଂ ଅଧିନାୟକ ଶାଶ୍ୱତ ମହାନ୍ତି ୮ ଓଭର ବୋଲିଂ କରି ୩୪ ରନ ବିନିମୟରେ ୨ଟି ୱିକେଟ ହାସଲ କରିଥିଲେ। ମ୍ୟାଚ୍ ଜିତିବାକୁ ଓଭର ପିଛା ୬.୧୫ ହାରରେ ରନ ସଂଗ୍ରହ କରିବାର ଲକ୍ଷ୍ୟନେଇ ଜୁଭେନାଇଲ କ୍ଲବ ବ୍ୟାଟିଂ କରି ଅତି ମନ୍ଥର ଗତିରେ ଖେଳିବା ସହ ସମୁଦାୟ ୩୪.୧ ଓଭର ବ୍ୟାଟିଂ କରି ମାତ୍ର ୧୨୭ ରନରେ ସମସ୍ତ ଉଇକେଟ ହରାଇଥିଲେ। ଦଳ ପକ୍ଷରୁ ସୋୟାଂଶୁ ପଟ୍ଟନାୟକ ସର୍ବାଧିକ ୨୮ ରନ କରିଥିବା ବେଳେ ଅଧିନାୟକ ତଥା ବାମହାତି ବ୍ୟାଟ୍ସମ୍ୟାନ ଶାଶ୍ୱତ ମହାନ୍ତି ୨୫, ପ୍ରତ୍ୟୁଷ ରଥ ୧୮, ମହମ୍ମଦ ସାହିଲ ରାଜା ୧୮ ଏବଂ ଦୀକ୍ଷାନ୍ତ ଦାସ ୧୦ ରନ୍ ସଂଗ୍ରହ କରିଥିବା ବେଳେ ଅନ୍ୟକେହି ଦୁଇ ଅଙ୍କରେ ପହଞ୍ଚି ପାରିନଥିଲେ। ପ୍ରତିପକ୍ଷ ଦଳର ସୁଶୀଲ କୁମାର ବାରିକ ୮ ଓଭର ବୋଲିଂ କରି ୨୬ ରନ ଦେଇ ୪ଟି, ଭବିଷ୍ୟ ବେହେରା ୬.୧ ଓଭର ବୋଲିଂ କରି ୮ ରନ ଦେଇ ୨ଟି ଏବଂ ସୋହମ କୁମାର ଜେନା ୪ ଓଭର ବୋଲିଂ କରି ୨୨ ରନ୍‌ଦେଇ ୨ଟି ୱିକେଟ ଅକ୍ତିଆର କରିଥିଲେ। ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର କ୍ଲବର ବରିଷ୍ଠ ସଦସ୍ୟ ତଥା ଜିଲ୍ଲାର ପୂର୍ବତନ ଖେଳାଳି ସୁମନ୍ତ କୁମାର ସାହୁ ଏବଂ ମହେଶ ମୁଖୀ ଆଲଫା ସ୍ପୋର୍ଟିଙ୍ଗର ଜନ୍ମେଜୟ ନାୟକଙ୍କୁ ପ୍ରଦାନ କରିଥିଲେ। ଓସିଏ ଅମ୍ପାୟାର ଲଲାଟ କେଶରୀ ନନ୍ଦ ଏବଂ ଆଶୁତୋଷ ପାଣି ମ୍ୟାଚ ପରିଚାଳନା କରିଥିବାବେଳେ କିରଣ ମନୋହର ମହାନ୍ତି ସ୍କୋରର ଏବଂ ଓସିଏ କ୍ୟୁରେଟର ଅମରେଶ ପ୍ରସାଦ ମିଶ୍ର ଟର୍ଫ ୱିକେଟ୍ ପ୍ରସ୍ତୁତ କରିବାର ଦାୟିତ୍ୱ ନିର୍ବାହ କରିଥିଲେ। ଭାଷ୍ୟକାର ଭାବେ ବୁବୁ ସିହ୍ନା ଧାରବିବରଣୀ ପ୍ରଦାନ କରି ଦର୍ଶକ ମାନଙ୍କ ମନ ମୋହି ନେଇଥିବାବେଳେ ମ୍ୟାଚର ସିଧା ପ୍ରସାରଣ ୟୁ ଟ୍ୟୁବ୍ ଚାନେଲ ୧୦୦ ନଟ୍ ଆଉଟରେ ପ୍ରସାରଣ କରାଯାଇଥିଲା। ଆସନ୍ତାକାଲି ଫାଇନାଲ ମ୍ୟାଚ ଆଲଫା ସ୍ପୋର୍ଟିଂ ବ୍ରହ୍ମପୁର ଏବଂ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।



## ଏଇ ମୋ କାହାଣୀ

**ସୁକାନ୍ତ ଚରଣ ଖୁଣ୍ଟିଆ**

କାହାଣୀ ଏଠି ମୁଁ କହିବି କାହାକୁ
ଶୁଣିବ କିଏ ?
କାହାଣୀ ମୁଁ ନିଜେ ଭଙ୍ଗା କୁଡ଼ିଆର
ଆଶାର ସଂଚାର ପଥିକଟିଏ ।

ବାଟବଣା ମୋର ସ୍ୱପ୍ନଗଢା ନୀଡ଼
ଦଇବ କାହୁଁ ଦେଖିବ
ଅଣାକାର ଠାରୁ ଅନ୍ତରୀକ୍ଷ ଯାଏ
ଅକ୍ଷଭୂଷଣ କାହିଁ ମିଳିବ ?
ପୁଣ୍ୟବଳ ମୋର ଯୋଜନା ସଂକ୍ଷିପ୍ତ
ବିକାର ବିକଳ ଚିହ୍ନ
ଅବିଚ୍ଛିନ୍ନ ସବୁ ନିବିଡ଼ ସଂପର୍କ
ପ୍ରତିକ୍ଷଣେ ଭାବଶୁନ୍ୟ ।

ପ୍ରାଣମୋର ମଧୁମାସ ମୋ ଅଗଣକ୍ଷର
ନଥାଏ ଆଧାରପଣ
ସୁଖା ଏକାଦଶୀ ମୋର ସବୁଦିନ
ଅମାବାସ୍ୟାର ଶ୍ରାବଣ ।
ନିର୍ମମ ମୋ ଶକ୍ତିହୀନ ସଭ୍ୟତାର କ୍ରୁର
ଆପଣା ଦୟଣା
ଶାନ୍ତିନାହିଁ କକ୍ଷଣ ମୋ ସୁଚିନ୍ତାରେ
ଅଶାନ୍ତିର ବିଛଣା ।

ପାରୁନାହିଁ ପରାଜିତ ଆତ୍ମପ୍ରତ୍ୟୟର
ନୈରାଶ ଖଟଣି
ଜନ୍ମମୋର ନିରର୍ଥକ କରୁଣ ଆଖିର
ଦରିଦ୍ରର କାହାଣୀ ।
ବିଶ୍ୱାସ ମୋ ଦିବସର ଅନ୍ଧକାର
ଅ ବା ସ ରଙ୍ଗଣୀ
କ୍ଷୁଦାରେ ମୁଁ ମତିଭ୍ରମ ପରଳର
ଏଇ ମୋ କାହାଣୀ ।।

# ଭିନ୍ନ ଏକ ସଂପର୍କ



**ସୁଦର୍ଶନ ମହାପାତ୍ର**

କମ୍ପାନୀର ଭୁବନେଶ୍ୱର ଶାଖାରେ ଯୋଗ ଦେଲା ଦିବ୍ୟାଙ୍କା। ପ୍ରଥମ ଦିନର ପରିଚୟ ଆଦାନ ପ୍ରଦାନ ପରେ ପରେ ଯୁବ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠମାନଙ୍କ ଆତୁର ଦୃଷ୍ଟିରୁ ହିଁ ସେ ନିଶ୍ଚିତ ହୋଇଗଲା ଯେ ତା'ପାଇଁ ପ୍ରତ୍ୟେକଙ୍କ ହୃଦ ସ୍ପନ୍ଦନରେ କେତେଗୁଡିଏ ଶବ୍ଦ ନୀରବରେ ଗୁଞ୍ଜରିତ ହେଉଛି। କିଛି କାମ ନଥିଲେ ବି ତା' ସିଟ୍ ପାଖଦେଇ ଏପଟ ସେପଟ ହେଉଥିବା ସହକର୍ମୀଙ୍କ ଉଦ୍ଦେଶ୍ୟ ଦିବ୍ୟାଙ୍କା ବେଶ୍ ବୁଝି ପାରୁଥିଲା।

ନୂଆ କରି ଜଏନ୍ କରିଥିବା ରୂପସୀ ଦିବ୍ୟାଙ୍କାର ନିକଟତର ହେବାକୁ ସେମାନଙ୍କ ମଧ୍ୟରେ ଯେପରି ଅଘୋଷିତ ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଥିଲା। ଦିବ୍ୟାଙ୍କାକୁ ନିଜ ଆଡକୁ ଆକର୍ଷିତ କରେଇବାକୁ ବୋଧହୁଏ ସମସ୍ତେ ଯେପରି ଉପଯୁକ୍ତ ସୁଯୋଗର ସନ୍ଧାନରେ ଥିଲେ ..! ମହିଳା କର୍ମଚାରୀ କେତେଜଣ ତା ପ୍ରତି ଅସୂୟା ଭାବ ପ୍ରକାଶ କରୁଛନ୍ତି ବୋଲି ସେ ହୃଦୟଙ୍ଗମ କରିପାରୁଥିଲା।

ଏସବୁ ଭିତରେ ବି ଦିବ୍ୟାଙ୍କା କ୍ରମଶଃ ଦୁଃଖି ହୋଇ ପଡୁଥିଲା।କାରଣ ଥିଲେ ସିନିଅର ସହକର୍ମୀ ଦିବ୍ୟାଂଶୁ। ପ୍ରଥମ ଦିନର ସେଇ ପରିଚୟ ଆଦାନ ପ୍ରଦାନ ପରଠାରୁ ଥରକ ପାଇଁ ବି ତା' ଆଡକୁ ନଜର ପକେଇ ନଥିଲେ ଦିବ୍ୟାଂଶୁ। ଦିବ୍ୟାଙ୍କା ଏଥର ନିଜକୁ ଟିକେ ଗମ୍ଭୀର ରଖିବାକୁ ଚେଷ୍ଟା କରୁଥିଲା। ଯାହା ଅନ୍ୟମାନଙ୍କୁ ନିରୁତ୍ସାହିତ କରିବାସହ ବିମର୍ଷ ଭାବର କାରଣ ହୋଇଥିଲା।

ଏଇ ସମୟରେ ଅଫିସକୁ ଏକ ନୂଆ ପ୍ରୋଜେକ୍ଟ ପାଇଁ କାମ ଆସିଲା। ସିନିଅର ଦିବ୍ୟାଂଶୁଙ୍କ ସହିତ ଦିବ୍ୟଙ୍କାକୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଲେ ବସ୍। ଏଇ ଅବସରରେ ଦିବ୍ୟାଂଶୁ ସହିତ ମିଶିବା ପାଇଁ ତା' ପାଇଁ ଆସିଲା ଏକ ଅପୂର୍ବ ସୁଯୋଗ। ଏ ଘଟଣାରେ ଅନ୍ୟମାନେ ନାରାଜ ଏବଂ ଇର୍ଷା ପରାୟଣ ହେବା ସ୍ୱାଭାବିକ। ଅତଏବ ଦୁହିଁଙ୍କ ନାଁ, ସେମାନଙ୍କ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଲା ।

ଏସବୁ ବିଷୟରେ କିଛି ଘଟଣା ଶ୍ରୁତି ଗୋଚର ହେଲେ ମଧ ଦିବ୍ୟାଂଶୁ ଥିଲେ ନିର୍ବିକାର...! ଯାହା ଦିବ୍ୟାଙ୍କାକୁ ଉତ୍ତେଜିତ କରୁଥିଲା। ସେ ଚାହୁଁଥିଲା ଦିବ୍ୟାଂଶୁ କିଛି କୁହନ୍ତୁ।

କ୍ରମେ ମନେ ମନେ ଭାଙ୍ଗିରୁଜି ଯାଉଥିଲା ଦିବ୍ୟାଙ୍କା। ସେ ଅନ୍ୟମନସ୍କ ହୋଇପଡୁଥିଲା। ତାକୁ ଲାଗୁଥିଲା ଦିବ୍ୟାଂଶୁଙ୍କ ସାନ୍ନିଧ ନପାଇଲେ ଜୀବନଟା ଯେମିତି ବ୍ୟର୍ଥ ହୋଇଯିବ। ନିଜ ଅନୁଶୀଳନରେ ଏବେ ଦିବ୍ୟାଂଶୁ ସୌମ୍ୟ, ଶାନ୍ତ,ଦିବ୍ୟଦର୍ଶୀ ସୁପୁରୁଷ !

ଶେଷକୁ ଦିବ୍ୟାଂଶୁଙ୍କ ସହିତ ନୂଆ ସମ୍ପର୍କଟେ ଗଢି ତୋଳିବାକୁ ସକ୍ଷମ ହେଲା ଦିବ୍ୟାଙ୍କା। ଦୁଇ ଜଣଙ୍କ ମଧ୍ୟରେ ବ୍ୟବଧାନ କ୍ରମେ କମି ଆସୁଥିଲା।ସାଙ୍ଗ ହୋଇ କଫି ସପ୍ ଯିବା ପାଇଁ ଯେଉଁଦିନ ଦିବ୍ୟାଂଶୁ ରାଜି ହୋଇଗଲେ, ସେଇଦିନ ହିଁ ଦୁହିଁଙ୍କ ମଧ୍ୟରେ ଚାଲୁଥିବା ଅଘୋଷିତ ଯୁଦ୍ଧରେ ସେ ବିଜୟିନୀ ବୋଲି ନିଜକୁ ଘୋଷିତ କଲା। ଆଉ ଦିନେ ରେଷ୍ଟୁରାଣ୍ଟ ଯାଇ ଡିନର କରିବାକୁ ଦିବ୍ୟାଂଶୁଙ୍କ ଆମନ୍ତ୍ରଣକୁ ସାଦରେ ଗ୍ରହଣ କରିନେଲା ଦିବ୍ୟାଙ୍କା।

ସବୁ କିଛି ଧିରେ ଧିରେ ସହଜ ହୋଇ ଯାଇଥିଲା।

ଦିବ୍ୟାଂଶୁ ମଧ ମନେ ମନେ ଦିବ୍ୟାଙ୍କାକୁ ବାକଦତ୍ତା ବୋଲି ସ୍ୱୀକାର କରି ନେଇଥିଲେ। ସେଇ ଅନୁସାରେ ନିଜର ମନକଥା ଥରେ ଦିବ୍ୟାଙ୍କାକୁ କହିଦେଲେ। ଦିବ୍ୟାଙ୍କା ଯେମିତି ଖୁସିରେ ପାଗଳି ହୋଇଯିବ। ମାଆଙ୍କୁ ବି ଏସବୁ ବିଷୟରେ ନିଃସଙ୍କୋଚରେ କହିଲା ଦିବ୍ୟାଙ୍କା।

ସବୁକିଛି ଠିକଠାକ ଚାଲିଥିଲା ବେଳେ ହଠାତ୍ ଦିବ୍ୟାଂଶୁ ନିଜଆଡୁ ସେଇ ଅଫିସରୁ ଟ୍ରାନ୍ସଫର ଆବେଦନ ସମସ୍ତଙ୍କୁ ଯେତିକି ଚମତ୍କୃତ କରିଥିଲା ଦିବ୍ୟାଙ୍କାକୁ ସେତିକି ହତୋତ୍ସାହିତ କରିଥିଲା।

ଏଇତ ଦୁଇ ଦିନ ତଳେ ଦିବ୍ୟାଙ୍କାର ହାତ ମାଗିବାକୁ ଦିବ୍ୟାଂଶୁ ଯାଇଥିଲା ତାଙ୍କ ଘରକୁ। ନିଜ ବିଷୟରେ ସବୁକିଛି କହି ଆସିଥିଲା। ବାପାଙ୍କ ଅବର୍ତ୍ତମାନରେ ପିଲାଦିନରୁ ମାଆଙ୍କ ସାନିଧ୍ୟରେ ବଡ଼ ହୋଇଛି ଜାଣି ଦିବ୍ୟାଙ୍କାର ବାପା ମାଆ ଯେମିତି ଦୁଃଖରେ ଆପ୍ଲୁତ ହୋଇଉଠିଥିଲେ। ସମବେଦନା ଜଣାଇଥିଲେ। ଜ୍ୱାଇଁ ନୁହେଁ ପୁଅ ରୂପରେ ଦିବ୍ୟାଂଶୁକୁ ପାଇଲେ ବୋଲି ସ୍ୱର୍ଗତୋକ୍ତି କରିଥିଲେ। ଏତେ ସ୍ନେହ ଶ୍ରଦ୍ଧା ଅନୁରାଗକୁ ମନରୁ ପୋଛିଦେଇ କେମିତି ତା' ଠୁ ଦୂରେଇ ଯିବାକୁ ମନସ୍ଥ କରିଛନ୍ତି ଦିବ୍ୟାଂଶୁ ? ଦିବ୍ୟାଙ୍କା ନିଜ ଭିତରେ ଭାଙ୍ଗିରୁଜି ଯାଉଥିଲା...।

କ୍ରମାଗତ ଦୁଇ ଦିନ ଧରି ଅଫିସ ବନ୍ଦ କଲା ଦିବ୍ୟାଂଶୁ। ଫୋନ ଉଠାଉ ନାହିଁ। କଥା ହେବାର ୟୁ' ନାହିଁ। ସବୁ କିଛି ଠିକ୍ ହୋଇଯିବ ବୋଲି ଦିବ୍ୟାଙ୍କାକୁ ବାପା ମା ବୁଝାଇଲେ ସିନା ତା' ମନ ମାନୁ ନଥିଲା। ପରଦିନ ଛୁଟି ନେଇ ସେ ଦିବ୍ୟାଂଶୁ ରହୁଥିବା ଠିକଣାରେ ପହଞ୍ଚିଲା। ରୁମ୍ ବାହାରୁ ଲକ୍ ଥିଲା ତ ଦିବ୍ୟାଙ୍କା ପ୍ରମାଦ ଗଣିଲା।

ଘରର ମାଲିକ ତା'ର ପରିଚୟ ପାଇ ଶୁଭ୍ରାଂଶୁ ତା' ପାଇଁ ଛାଡି ଯାଇଥିବା ଚିଠିକୁ ହସ୍ତାନ୍ତର କଲେ।

-' ମୋତେ ଭୁଲ୍ ବୁଝିବ ନାହିଁ। ନିୟତିର ନିର୍ଦ୍ଦେଶକୁ ଅବମାନନା କରିବା କାହାର ସାଧ ନାହିଁ। ମୋ ମା'ଙ୍କୁ ଛାଡି ତୁମ ମା' ଙ୍କୁ ଆପଣାର କରିଥିବା ବ୍ୟକ୍ତି ଜଣଂକ ଆଉ କେହି ନୁହେଁ, ସେ ହେଉଛନ୍ତି ତୁମ ବାପା। ବାପା ମା'ଙ୍କର ବାଧ୍ୟବାଧକତାରେ ମୋ ମାଆକୁ ବିବାହ କରିଥିବା ବ୍ୟକ୍ତି ଜଣଂକ କିନ୍ତୁ ଅଳ୍ପ ଦିନ ପରେ ଫେରି ଆସିଥିଲେ ନିଜ ପସନ୍ଦ ପାଖକୁ। ମାଆଙ୍କ ପାଖରେ ଥିବା ବାହାଘର ବେଳର ଫଟୋ ଦେଖି ମୁଁ ତୁମ ବାପାଙ୍କୁ ଚିହ୍ନିଲି।

ସେଇଦିନୁ ମୋ ମାଆ ଏକା।ନା ବାପଘର, ନା ଶାଶୁଘର। ମୋତେ ସଂସାରକୁ ଆଣି ମୋ ମା' ଏକ ସଂଘର୍ଷମୟ ଜୀବନକୁ ଆଦରି ନେଇଥିଲା...।

ଆଖିରେ ଆଖିଏ ଟଳମଳ ଲୁହ ନେଇ ଦିବ୍ୟାଙ୍କା ଫେରୁଥିଲା..।

*କୁଞ୍ଜବିହାରୀ ଲେନ, କଟକ*

# କବିତା ଗୁଚ୍ଛ

## ଆସିଲାଣି ମାର୍ଗଶୀର ହସିଲାଣି ଗୁରୁବାର



ସୁଲୁସୁଲୁ ବାଆ ଧରାରେ ବହୁଛି
ଥିରିଥିରି ହୁଏ ଶୀତ
ଗଛଡ଼ାଳେ ବସି ଚଢ଼େଇ ଗାଆନ୍ତି
ମଧୁର ତାନରେ ଗୀତ ।
ମାସ ମାର୍ଗଶୀର ହସେ ଗୁରୁବାର
ଫୁଟିଲା ଗଛରେ ଫୁଲ
ସୂରୁଜ ସୁନେଲି କିରଣ ବୁଣିଲେ
ଧରା ହୁଏ ଝଲମଲ ।

ପିଠୋଉ ଚିତାରେ ହସିଲାଣି ଘର
ଖଳାରେ ପାଚିଲା ଧାନ
ମାଆ ମହାଲକ୍ଷ୍ମୀ ଗଜ ବାହାନରେ
କରିଲେଣି ଆଗମନ ।
ଘର ଶୁଦ୍ଧ କରି ଅନ୍ଧାରୁ ଗାଧୋଇ
ବୋଉ ଚିତା ଆଙ୍କିଲାଣି
ଖଟୁଳି ସଜେଇ ମାଣ ଗଉଣୀକୁ
ଶ୍ରଦ୍ଧାରେ ବସେଇ ଲାଣି ।

ପ୍ରତିମା ବସେଇ ଫୁଲମାଳ ଦେଇ
ସିନ୍ଦୁରରେ ଭରିଲଣି
ଅଁଳା କଣ୍ଟେଇ ଓ ଆମ୍ବଡ଼ାଳ ଆଖୁ
ମୂଳା ପାଖେ ରଖିଲାଣି ।
ନାଲି ଛିଟ ଶାଢ଼ି ମାଆଙ୍କୁ ପିନ୍ଧେଇ
ଧୂପ ଦୀପ ଦିଏ ଜାଳି
ମାଆ ପାଦେ ଭକ୍ତି ରଖି ଫଳ ଭୋଗ
କରେ ଦେଇ ହୁଳହୁଳି ।

ସୋରିଷ ଫୁଲକୁ ମଥାରେ ଲଗେଇ
ହାତେ ପିଠା ଗଢ଼ିଲାଣି
ମାଆଙ୍କର ଆଗେ ଭକତି ଚିତ୍ତରେ
ପୂଜା ନେଇ ବାଢ଼ିଲାଣି ।

ଶଙ୍ଖ ଫୁଙ୍କି ଦେଇ ପୁରାଣ ପଢ଼ଇ
ଗୁରୁବାର ବ୍ରତ କରି
ପରିବାର ଶୁଭ ମନାଶି ପାଳଇ
ଆଶିଷ ପଡ଼ଇ ଝରି ।

ମାଆର ଶରଧା ଗେଣ୍ଡୁ ପଦ୍ମଫୁଲ
ବିରାଜିତା ଧରଣୀରେ
ଶ୍ରଦ୍ଧାର ସହିତ କରଇ ଯେ ପୂଜା
ମାଆ ରହେ ସେହି ଘରେ ।

*ନଳିନୀ ଦାଶ, ଭିକାରିପଡା, ଶରଣକୁଳ, ନୟାଗଡ଼ ମୋ- ୯୨୪୮୯୯୬୬୪୯*

## ବିଶ୍ୱାସଘାତକତା

**ତପସ୍ୱିନୀ ପଣ୍ଡା**

କେମିତି କେଜାଣି ସବୁଆଡେ ଖାଁ ଖାଁ
ଭିତର ବାହାର ସବୁ
ଆପଣା ଲାଗୁଥିବା ଲୋକଟା
ହଠାତ ମୃଗତୃଷ୍ଣା ପରି ଅବାନ୍ତର
ଲାଗେ, ଆଉ ଧୁ ଧୁ ଖରାବେଳର
ଅମାନିଆ ଝାଳ ପରି ଅସହ୍ୟ ଲାଗେ
ଅବଶୋଷର ଝଲକ
ବିରକ୍ତିକର ହେଇଯାଏ
ବିଶ୍ୱାସ ଦୋହଲୁଥାଏ
ସାରୁପତର ରେ କାକରବିନ୍ଦୁ ପରି
ଢଳ ଢଳ ଅସ୍ତିତ୍ୱ ବିହୀନ
ବିଶ୍ୱାସଘାତକତା ର ରାବଣ ସାଜି
ହା ହା କାର ମଚାଉଥାଏ,
ସ୍ନେହ ଶ୍ରଦ୍ଧା ର ମୁଖା ପିନ୍ଧି
ରାବଣ ଛଳ କରେ ବାରମ୍ବାର
ଅଟ୍ଟହାସ୍ୟ ର ବିକଟାଳ ଶବ୍ଦ
କେତେ ଯେ ଜୀବନ ନଷ୍ଟ କରୁଥାଏ !
ଅହଂକାର ବିଶ୍ୱାସକୁ ପାଦ ତଳେ
ଦଳିମକଚି ଛାରଖାର କରୁଥାଏ ।
ବିସ୍ମରଣ ତାର ବରପ୍ରାପ୍ତି ସାଙ୍ଗେ
ମିଳିଥିବା ମୃତ୍ୟୁର ରହସ୍ୟ
ନାଭିତଳେ ଲୁଚିଛି ପରା.....
ସବୁ ପାପର ବିନାଶ ଅଛି
ସବୁ ବିଶ୍ୱାସଘାତକତାର ଉତ୍ତର ଅଛି
ସବୁଯୁଗ ରେ ରାବଣ ପାଇଁ
ପ୍ରଭୁ ଶ୍ରୀରାମ ଅଛନ୍ତି.........
ସବୁ କୁଚକ୍ରାନ୍ତ ଆବରଣ ଖୋଲିବ
ଆଉ ସେଇଦିନ ରାବଣ
ଆଉ ତାର କୃତଘ୍ନତା ର ବିନାଶ ହବ...
ଖାଲି ଅପେକ୍ଷା ସେ ସୁର୍ଯ୍ୟୋଦୟକୁ...
ସେ ମାହେନ୍ଦ୍ର ବେଳାକୁ.....

*ମଦର୍ସ ପବ୍ଲିକ ସ୍କୁଲ, ଭୁବନେଶ୍ୱର*

## ଫେରିଯା ଅତିଥି

**ଭାସ୍କର ବାରିକ୍**

ବରଷକେ ଥରେ ଖାଦ୍ୟ ଅନ୍ୱେଷଣେ
ସାଙ୍ଗ ପରିବାର ନେଇ
ଯୋଜନ ଯୋଜନ ଉଡି ଆସୁଅଛ
କେତେ ସୀମାରେଖା ଡେଇଁ ।

ନିଳାମ୍ବୁ ଚିଲିକା ଫାଟି ପଡୁଅଛି
ଖୁସି ଜଳକ୍ରୀଡ଼ା ଦେଖି
ରଙ୍ଗ ବେରଙ୍ଗର ରୂପରେ ତୁମର
ଖୁସିରେ ନାଚଇ ଆଖି ।

ପ୍ରକୃତିର ଦାନ ନୀଳ ଜଳରାଶି
ଅତିଥି କୋଳେଇ ନିଏ
ଅବିବେକୀ ପଣେ ନିଷ୍ଠୁର ମଣିଷ
ତୋତେ କିବା ଛାଡିଦିଏ ?

ଅନ୍ତର ଭିତରେ ଲୁଚିଛି କାମନା
ନରମ ମାଉଁସ ଲୋଭ
ମିଳିଲେ ସୁଯୋଗ ମଣିଷର ଜିଭ
ହାଡ ମାଂସ ଚାଟିନେବ ।

ଡାହାଣିଆ ଆଖି ଲୋଲୁପ ଚାହାଁଣୀ
ରହିଛି ବ୍ୟାଧ ଅନେଇ
ତୋ ଦୁଃଖ ଯନ୍ତ୍ରଣା କେହି ବୁଝିବେନି
ଅକାଳରେ ଯିବୁ ଶୋଇ ।

ନିଷ୍ଠୁର କାମାନ୍ଧ ମଣିଷ କାଟୁଛି
ମଣିଷର କଲିଜାକୁ
କିଏବା କାହିଁକି ବୁଝିବ ଯନ୍ତ୍ରଣା
ପକ୍ଷୀ ତୋର ହୃଦୟକୁ ।

ଅତିଥି ଭାବରେ ଆସିଅଛୁ ସତ
ଆଦର ପାଇବୁ ନାହିଁ
ଫେରିଲା ବେଳକୁ ମ୍ରିୟମାଣ ହେବୁ
କିଛି ଆତ୍ମୀୟ ଥିବେ ନାହିଁ ।

ନୀଳ ଜଳରାଶି ହୋଇବ ରକ୍ତାକ୍ତ
ଦେହରୁ ରକତ ଝରି
ଫଡ ଫଡ ଶବ୍ଦ ବିକଳ ଚିତ୍କାର
ଯାଇଥିବ ଛାତି ଚିରି ।

ପେଟ ଭୋକ ସିନା ଟାଣି ଆଣୁଅଛି
ସୁଦୂର ଚିଲିକା ବୁକେ
ସରଳ ସାରସ କାହୁଁ ତୁ ବୁଝିବୁ
ମଣିଷର ଭୋକ କେତେ ।

ବିଷାକ୍ତ ବାଟୁଳି ତୀକ୍ଷ୍ଣ ଧନୁତୀର
ଜାଲରେ ବିଷାକ୍ତ ଖାଦ୍ୟ
ଜାଣି ପାରିବୁନି ଶିକାରୀର ଛନ୍ଦ
ହେଇଯିବୁ କେବେ ବନ୍ଧ ।

ଏ ମଣିଷ ଜାତି ଭାରି ନିରିଦୟ
ଦୟା ମାୟା ତା'ର ନାହିଁ
ଇନ୍ଦ୍ରିୟ ଲାଳସା ମେଣ୍ଟାଇବା ପାଇଁ
ଯାଇଅଛି ଅନ୍ଧ ହୋଇ ।

ଫେରିଯା ସାରସ ଦଳବଳ ସହ
ସୁଦୂର ସାଇବେରିଆ
ପକ୍ଷୀର ମାଂସରେ ଭୋଜିଭାତ ପାଇଁ
ବ୍ୟାଧର ଆଖିରେ ନିଆଁ ।

ବାହୁଡି ଯାଆରେ ଅତିଥି ବିହଙ୍ଗ
ଜୀବନଟା ବଞ୍ଚିଯିବ
ରହିଲେ ଏଇଠି ବର୍ବର ମଣିଷ
ତଣ୍ଟି ତୋର କାଟିଦେବ ।

*ବାସୁଦେବପୁର,ଭଦ୍ରକ*
*ଦୂରଭାଷ ୯୪୩୭୬୩୨୦୩୫୦*

## ଝରା ଶେଫାଳି

**ଆଦ୍ୟାଶା ମହାପାତ୍ର**

ଫୁଲ ସିନା ଫୁଟିକି ଝଡନ୍ତି
ଏଇ ମାଟି ମାଆ କୋଳେ
ଶେଫାଳି ତୁ କିନ୍ତୁ ଝଡିଯାଇ
ଫୁଟୁ ଶୁଭ୍ରକାନ୍ତି ତୋର ଝଲେ
ହସି ହସି ତୁହି ଖୁସି ବାଣ୍ଟୁଥାଉ
ଏ ସଂସାରେ ସ୍ୱୀୟ ଗୁଣେ
ବାସନା ବିଛେଇ ଲୁହକୁ
ଲୁଚେଇ ଝଡ଼ି ପଡୁ ଅଭିମାନେ ।।

ଜନ୍ମ ନେଇ ଏଇ ଧରା ପରେ
ଦିନେ ବାହୁଡି ଯିବାକୁ ହୁଏ
ଭବିତବ୍ୟ ଯାହା ଅବଶ୍ୟ ଘଟିବ
ରୋଧି କି ପାରିବ କିଏ,
ବୁଝି କି'ବା ସବୁ ମନେ ନାହିଁ
ତୋ'ର କିଞ୍ଚିତ ଅବସୋସ
ଫୁଟିବା କ୍ଷଣୁ ତୁ ଶାଶ୍ୱତୀ
ଶେଫାଳି ବାଣ୍ଟୁ ମହମହ ବାସ ।।

ହସିଲା ଓଠେ ତୋ ଗ୍ରହଣ
ଲଗାଏ ସକାଳ ସୁନେଲି ଖରା
ପଲକରେ ସୁଖ ପଲକରେ
ଦୁଃଖ ଏଇ ତ ଜୀବନ ପରା,
ନିୟତି ନିୟମେ ଲାଗି ନାହୁଁ
କେବେ ଉପଚାରେ ବିଧାତାର
ସେଥିପାଇଁ କିବା ଛୁଇଁବାକୁ
ଚାହୁଁ ନିତି ମାଟି ମାଆ କୋଳ ।।

ଫେରିବୁ ତୁ ନିଶ୍ଚେ ଆସନ୍ତା
ଶରତେ ଶୁଭ୍ରକାନ୍ତି ରୂପ ଧରି
ଏ ଜଗତ ପୁଣି ଆଦର କରିବ ତୋ'
ବାସ ରୂପ ମାଧୁରୀ ।।

*ନୂଆପଡା, କଟକ*

## ସ୍ୱର୍ଗ ଭାବନାରେ

**ସୁଜାତା ରାଣୀ ଶତପଥୀ**

ସ୍ୱର୍ଗ ଭାବନାରେ ନର୍କେ ରହି ଗୁଣ
କହୁଛି ଉଚ୍ଚାରଣରେ
ବିକଳ୍ପରେ କର୍ମ କୌଶଳ ଦକ୍ଷତା
ଦେଖାଏ ଆଚରଣରେ । (୧)

ଧର୍ମର ଦୀପ୍ତିକା କର୍ମ ଘୋଡାଇଲେ
ହୋଇବ ଅଧର୍ମ ଗୁଣ
ନିମିଷକ ଜୀବ ଭାବ ଅସୀମରେ
କରେ ଭଜନ କୀର୍ତ୍ତନ । (୨)

ସର୍ବ ମଳିନରେ ମରଣ ବଞ୍ଚିତ
ନ ହୁଏ ଜନ୍ମିଲେ ଧରା
କେବଳ ସତ୍ୟରେ ସତେଜ ଅଛନ୍ତି
ଆକାଶେ ସୂରୁଜ ତାରା । (୩)

ନୀରବତା ମନେ ନିଃସ୍ୱାର୍ଥ ମନରେ
କରନ୍ତି କର୍ତ୍ତବ୍ୟ ମାନ
ପରଜୀବୀ ବାସେ ମାନବ କହୁଛି
ଲୋଡ଼ା ଅସରନ୍ତି ଧନ । (୪)

ପ୍ରଭୁ ପାଇଁ ଟିକେ ଚିନ୍ତନ ଶକ୍ତିରେ
ଅପଚୟ ନୁହେଁ ମନ
ଆୟ ସଞ୍ଚୟକୁ ଆକଳନ କରି
ବ୍ୟସ୍ତରେ ସରାଏ ଦିନ । (୫)

ସୁଖ ଦୁଃଖ ଭାବ ଅତୁଟରେ ରହି
ଜୀବନର କଲବଲ
ଶାନ୍ତି ବାରତାକୁ ଗ୍ରହଣ ନ କରି
ଶେଷେ କହେ ପ୍ରଭୁ ଦେଲ। (୬)

ଅଗ୍ରକ୍ଷହ୍ୟରେ ଥିଲେ ଧାର୍ମିକ ଚେତନା
ଜୀବନ ହୋଇବ ମାଟି
କେତେ ଗହଳିଆ ପ୍ରଶସ୍ତରେ ଥିଲେ
ଆଦର୍ଶ ଗୁଣରେ ଝଟି । (୭)

ସମ୍ପୂର୍ଣ୍ଣ ନ ହେବ ଜୀବନ କାହାଣୀ
ନ ଡାକିଲେ ପ୍ରଭୁ ନାମ
ସର୍ବ ଜ୍ଞାନେଶ୍ୱର ନଶ୍ୱର ଶରୀରେ
ଚଳନେ ହେବେ ଅକ୍ଷମ। (୮)

*ଶିକ୍ଷୟିତ୍ରୀ ,ଦିଗପହଣ୍ଡ,ଗଞ୍ଜାମ*

## ଡାଲୁଥାଏ ହସ ବୋଉ

**ପ୍ରଶାନ୍ତ କୁମାର ଦାଶ**

ବୋଉର ନଥାଏ ଶୀତକୁ ଖାତର
ଥଣ୍ଡା କାକରକୁ ଡର
ରାତିପାହାନ୍ତାରୁ ଉଠି ସଫାକରେ
ମନ୍ଦିର ସମାନ ଘର ।।

ରାତି ପାହୁଥାଏ କାଉ ରାବିଦିଏ
ବୋଉ ତୋଳିଆଣେ ଫୁଲ
କୁନା କୁନିଙ୍କର ନିଦ ଭାଙ୍ଗିଦିଏ
କରିକି ଶରଧା ଗେଲ ।।

ଶୀତ ସକାଳରେ ଶୀତକୁ ନଡରି
ନଈରେ ଗାଧୁଆ ସାରେ
ଫୁଲମାଳ ନେଇ ଠାକୁରଙ୍କୁ ଦିଏ
ଲୁହଢାଳି ଦୁଇଧାରେ ।।

ସୁନାରଙ୍ଗୀ ଖରା ପଡି ଝଲମଲ
କରୁଥାଏ ଗାଆଁସାରା
ଉଡ଼ିଯାଉଥାନ୍ତି ଦେଉଳ ବେଢାକୁ
ସାଥିହେଇ ଦଳେ ପାରା ।।

ବୋଉ ରନ୍ଧା ଭାତ ଖାଇଦେଇ ବାପା
କାମକୁ ଯାଆନ୍ତି ଚାଲି
କୁନା କହେ ବୋଉ ଖାଇବାକୁ ଦେଏ
ପେଟତ ହେଲାଣି ଖାଲି ।।

ଶାଗଭଜା ଭାତ ଖୁଆଇଦିଏ ସେ
ଗାଇ ଗୀତ କହି ଗପ
ପାଠ ପଢୁଥାଏ ମୀନା ଅପା ବସି
ପାରିଦେଇ ନୂଆ ସପ ।।

ବୋଉକହେ ହସି ଡରନା ଶୀତକୁ
ଲାଗିଯାଅ ସବୁ କାମେ
ଅଳସୁଆ ହେଇ ଶୋଇତ ରହିଲେ
ଦିନେ ହାରିଯିବା ଆମେ ।।

ସଞ୍ଜ ଆସିଗଲେ ସାଲ ସୁଏଟର
ଖୋଜିଆଣି ଦିଏ ବୋଉ
ବରଷାବତାସ ଶୀତଡାଉ ସହି
ଡାଲୁଥାଏ ହସମହୁ ।।

*କୁଞ୍ଜର ସଙ୍ଗଳାଇ, ପିପିଲି-ପୁରୀ*
*ମୋବାଇଲ -୯୬୭୮ ୨୨୧୯୦*

## ଜୀବନ -ସେବେ ଏବେ

**ସଦାଶିବ ବିଶ୍ୱାଳ**

ସେବେ ଯୁବା ଥିଲାବେଳେ
କଷ୍ଟ ହେଉଥିଲା ସଅଳ ଉଠିବାକୁ
ଏବେ ବୃଦ୍ଧାବସ୍ଥା
ବିକଳ ହେଉଛି ଟିକେ ଶୋଇବାକୁ।

ସେବେ ଯୁବା ବେଳେ ଚିନ୍ତା
ମୁହଁରେ ବ୍ରଣ ହୋଇଗଲେ
ଏବେ ଚିନ୍ତା ଆଣେ
ମୁହଁର ଚମ ଲୋଟାକୋଟା ହେଲେ।

ସେବେ ଅପେକ୍ଷା ଥିଲା
ଦୁଃଖୀ ଲୋକଟିର ହାତଧରିବା ପାଇଁ
ଆଉ ଏବେ ଅନ୍ୟ ଲୋକ ଲୋଡ଼ାହୁଏ
ମୋ ହାତଧରି ବାଟ କଢାଇବା ପାଇଁ।

ସେବେ ପିଲାବେଳେ ଚାହୁଁ ଥିଲି
ଏକାନ୍ତେ ସମୟ କାଟିବା ପାଇଁ
ଏବେ ମୁଁ ପୂରା ଏକୁଟିଆ
ଲୋକ ଖୋଜେ ଟିକେ ସାଥି ଦେବାପାଇଁ।

ସେବେ ଖରାପ ଲାଗୁଥିଲା
କିଏ ମୋତେ ଉପଦେଶ ଦେଲେ
ଏବେ ମୋ ଚାରିପାଖେ କେହି ନାହିଁ
ପାଇବାକୁ ଉପଦେଶ ବିପଦେ ପଡିଲେ।

ସେବେ ପ୍ରଶଂସା କରୁଥିଲି
କେଉଁଠି ସୁନ୍ଦରତା ଆଖିରେ ପଡିଲେ
ଏବେ ମୋ ଚାରିପାଖ ଖୋଜି ବୁଲୁଛି
ସୁନ୍ଦରତା, ଯେତେ ସବୁ ଜିନିଷରେ।

ସେବେ ମନରୁ ଚାହୁଁଥିଲି
ଚିର ସବୁଜ, ଚିରଞ୍ଜିବି ହେବାପାଇଁ
ଏବେ ଖାଲି ଦିନ ଗଣେ
କେବେ ମୋ ପାଳି
ଯେବେ ଚିରଦିନ ଯିବି ଶୋଇ।

*ଅଗାରୁଆ, କେନ୍ଦୁଝର*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ଶାସନ ଗ୍ରାମରୁ ଛେଳି ଚୋରି ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୋଗରୁ ପ୍ରକାଶ ଯେ ଶାସନ ଗ୍ରାମର ଗଣେଶ ଜେନାଙ୍କ ପତ୍ନୀ ସରସ୍ୱତୀ ଗତ ୧୬ ତାରିଖ ଦିନ ଗାଁ ପଡିଆରେ ଛେଳି ଚରିବା ପାଇଁ ଛାଡିଥିଲେ। ଅପରାହ୍ନରେ ଛେଳି ଘରକୁ ଫେରିନଥିଲା। ଖୋଜାଖୋଜି କରି ଛେଳି ପାଇନଥିଲେ। ଗ୍ରାମର ବସନ୍ତ ଜେନା ତାଙ୍କ ଛେଳିକୁ ବାନ୍ଧି ରଖିଥିବା ସୂଚନା ପାଇ ସରସ୍ୱତୀ ଫାଣ୍ଡିରେ ଅଭିଯୋଗ କରିଥିଲେ। ବସନ୍ତକୁ ପୁଲିସ ପଚରାଉଚରା କରିବା ପରେ ବିମ୍ବଳବର ଗ୍ରାମର ଅଶୋକ ଜେନାଙ୍କ ମଧ୍ୟସ୍ଥିରେ ଚୋରି ଛେଳିକୁ କେଉଁଝର ଜିଲ୍ଲା ନନ୍ଦିପଦା ଥାନା ସାହାପୁର ଗ୍ରାମର ଗଣେଶ ଜେନାକୁ ବିକ୍ରୟ କରିଥିବା ପ୍ରକାଶ କରିଥିଲା। ପୁଲିସ ଚୋରି ଯାଇଥିବା ଛେଳି ଉଦ୍ଧାର କରି ୩ ଅଭିଯୁକ୍ତଙ୍କୁ ଧରି ଫାଣ୍ଡିକୁ ଆଣିଥିଲା। ଛେଳିକୁ ଚିହ୍ନଟ କରିବା ପରେ ଶନିବାର ଭଣ୍ଡାରିପୋଖରୀ ଥାନାରେ ୪୮୯/ ୨୪ନଂ ମାମଲା ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।



## ଜିପିଆର୍-ଜିପିଏସ୍ ସର୍ଭେ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ

ପୁରୀ (ଭାସ୍କର ନ୍ୟୁଜ୍): ଶ୍ରୀମନ୍ଦିର ରତ୍ନଭଣ୍ଡାର ନେଇ ଏଏସ୍ଆଇ ପକ୍ଷରୁ କରାଯାଇଥିବା ଜିପିଆର୍-ଜିପିଏସ୍ ସର୍ଭେ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହେବା ପରେ ପ୍ରତିକ୍ରିୟା ରଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ୪୫ ପୃଷ୍ଠା ସମ୍ବଳିତ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଥିବା ମୁଖ୍ୟ ପ୍ରଶାସକ କହିଥିବା ବେଳେ ଖୁବଶୀଘ୍ର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ଅନୁମୋଦିତ ଏସ୍ଓପି ଆଧାରରେ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କରାଯିବ। ତେବେ ରତ୍ନଭଣ୍ଡାର ମରାମତି ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନରେ କିଭଳି ବାଧା ନଉପୁଜିବ ସେନେଇ ଆଗାମୀ ଦିନରେ ଛତିଶାନିଯୋଗ ଓ ପରିଚାଳନା କମିଟି ସହ ଆଲୋଚନା କରାଯିବ ବୋଲି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି। ଏଏସ୍ଆଇ ପକ୍ଷରୁ ରତ୍ନଭଣ୍ଡାର ଜିପିଆର୍ ସର୍ଭେ ହାଇଦ୍ରାବାଦ ସ୍ଥିତ ଏନଜିଆର୍ଆଇ ସହାୟତାରେ କରାଯାଇଥିଲା। ତେବେ ରିପୋର୍ଟ ଆସିଥିବା ବେଳେ ସେହି ରିପୋର୍ଟ ଆଧାରରେ ଏଏସ୍ଆଇକୁ ଖୁବଶୀଘ୍ର ଚିଠି ଲେଖାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ପ୍ରଶାସକ ପ୍ରତିକ୍ରିୟା ରଖିଛନ୍ତି। ତେବେ ଭିତର ରତ୍ନଭଣ୍ଡାରର ଚଟାଣ ଓ କାନ୍ଥର ସ୍ଥିତି ରିପୋର୍ଟରେ ଉଲ୍ଲେଖ ରହିଛି। ସେହି ରିପୋର୍ଟ ଆଧାରରେ ଏହାକୁ ମରାମତି କରାଯିବ। ମରାମତି କରାଯିବା ପରେ ଭିତର ରତ୍ନଭଣ୍ଡାରକୁ ରତ୍ନ ଅଳଙ୍କାର ନିଆଯାଇ ରାଜ୍ୟ ସରକାରଙ୍କ ଏସ୍ଓପି ଅନୁଯାୟୀ ଗଣତିମଣତି କରାଯିବ। ସେପଟେ ଭିତର ରତ୍ନଭଣ୍ଡାରର ମରାମତି ରତ୍ନ ଅଳଙ୍କାର ଗଣତିମଣତି ପ୍ରକ୍ରିୟାକୁ ଡିଜିଟାଇଜେସନ କରାଯିବା ସହ ତମାମ୍ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖିଛନ୍ତି। ତେବେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଶ୍ରୀମନ୍ଦିର ପ୍ରଶାସନ ସମସ୍ତ ସହଯୋଗ କରିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି।

### ଉଭୟ ବିଜେଡି ଓ ବିଜେପି ମଧ୍ୟରେ କାଦୁଅଫିଙ୍ଗା।

## ବିରଜା ମନ୍ଦିର ପ୍ରକଳ୍ପ ଓ ହାଟ ପୁନଃସ୍ଥାପନ ନେଇ ପରସ୍ପରକୁ ଦୋଷାରୋପ

ଯାଜପୁର (ଭାସ୍କର ନ୍ୟୁଜ୍): ବିରଜା ମନ୍ଦିର ପ୍ରକଳ୍ପ ସପକ୍ଷବାଦୀମାନେ ମନ୍ଦିର ନିକଟରେ ପୁଣି ହାଟ ଖୋଲିବାକୁ ବିରୋଧ କରୁଥିବା ବେଳେ ଏହି ଗୋଷ୍ଠୀର ନେତୃତ୍ୱ ମୁଖ୍ୟତଃ ବିରୋଧୀ ବିଜୁ ଜନତା ଦଳ (ବିଜେଡି) ସମର୍ଥକମାନେ ନେଉଥିବା ବେଳେ ଶତାଧିକ ବର୍ଷ ର ପୁରାତନ ହାଟ ଯାହାକି ଚାଷୀ ବ୍ୟବସାୟୀ ଓ ସାଧାରଣ ଜନତାଙ୍କ ଭାବାବେଗ ସହିତ ଜଡ଼ିତ ସେହି ପୁରୁଣା ସ୍ଥାନରେ ବିରଜା ହାଟ ପୁନଃସ୍ଥାପନ ହେଉ ବୋଲି ଆଉ ଗୋଟିଏ ଗୋଷ୍ଠୀ ତଥା କିଛି ବ୍ୟବସାୟୀ ଦାବି କରୁଛନ୍ତି। ଏହି ହାଟ ପୁନଃସ୍ଥାପନ ପାଇଁ ଦାବି କରୁଥିବା ଗୋଷ୍ଠୀ ଶାସକ ଭାରତୀୟ ଜନତା ପାର୍ଟି (ଭାଜପା)ର ସମର୍ଥକ ବୋଲି ଜଣାପଡିଛି। ଆରମ୍ଭରୁ ଏହା ଜଣା ପଡୁନଥିବା ବେଳେ ଗତ ବୁଧବାର ଦିନ ସନ୍ଧ୍ୟାରେ ପୁରୁଣା ସ୍ଥାନରେ ପୁଣି ହାଟ ହେଲେ ମନ୍ଦିର ପ୍ରକଳ୍ପ ନିର୍ମାଣରେ ଏହା ପ୍ରତିବନ୍ଧକ ସାଜିବାର ଆଶଙ୍କା କରି ବୁଢ଼ା ଘାଟ ସେତୁ ନିକଟରେ ରାସ୍ତାରୋକ ଆନ୍ଦୋଳନ ବେଳେ ଧର୍ମଶାଳାର ବିଜେପି ସମର୍ଥିତ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଗାଡ଼ିକୁ ଭଙ୍ଗାରୁଜା ଓ ପରବର୍ତ୍ତୀ ସମୟରେ ବିଜେପିର ସମର୍ଥକମାନେ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ ଘଟଣା ଏଠାରେ ଅଶାନ୍ତ ବାତାବରଣ ସୃଷ୍ଟି କରିଛି। ବିଜେଡି ବିରଜା ମନ୍ଦିର ପ୍ରକଳ୍ପ ନିର୍ମାଣ ସପକ୍ଷବାଦୀ ନାମରେ ପୁରୁଣା ହାଟକୁ ଏକ ଗାଆଁ ମଧ୍ୟକୁ ଉଠାଇ ନେଇ ବ୍ୟବସାୟୀ ଓ ଚାଷୀଙ୍କ ପେଟକୁ ଲାତ ମାରିଛି ବୋଲି ବିଜେପି ଅଭିଯୋଗ କରୁଛି। ମନ୍ଦିର ପ୍ରକଳ୍ପ ନାମରେ ବିଜେଡିର ସ୍ଥାନୀୟ ନେତୃତ୍ୱ ମୂଳ ବିରଜା ହାଟକୁ ବିରୋଧ କରୁଥିବା ଏବଂ ଏହି ଆଳରେ ଜଣେ ଜନପ୍ରତିନିଧିଙ୍କୁ ଆକ୍ରମଣ କରିବା, ବେଆଇନ ଭାବେ ମୁଖ୍ୟ ରାସ୍ତାକୁ ଦୀର୍ଘ ସମୟଧରି ଅବରୋଧ କରି ସାଧାରଣ ଜନତାଙ୍କୁ ହରକତ କରିବା ଏବଂ ବିରଜା ହାଟରେ ବ୍ୟବସାୟୀ ଓ ଚାଷୀଙ୍କ ଉପରେ ଆକ୍ରମଣ କରିବା ଘଟଣା ବିଜେଡିର ଉଚ୍ଚାରଣ ଓ ଆଚରଣରେ କେତେ ଫରକ୍ ରହିଛି ବୋଲି ବିଜେପିର ଜିଲ୍ଲା ସଭାପତି ଗୌତମ ରାୟ ଏକ ସାମ୍ବାଦିକ ସମ୍ମିଳନୀରେରେ କହିଛନ୍ତି। ବିଜେଡି ଏଠାରେ ବିରଜା ଦେବୀଙ୍କ ନାମରେ ରାଜନୈତିକ ରୁଟି ସେକିବାକୁ ଆଗେଇ ଆସିଛି ବୋଲି ଶ୍ରୀ ରାୟ ଗଣମାଧ୍ୟମକୁ କହିଛନ୍ତି। ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ବିରୁଦ୍ଧରେ ବିଜେଡି ଯାଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛି ବୋଲି ବିଜେପି ନେତା କହିଛନ୍ତି। ଅନ୍ୟପକ୍ଷରେ ବିଜେଡି ଜିଲ୍ଲା ସଭାପତି ସରୋଜ କୁମାର ମହାପାତ୍ର ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ରାଜ୍ୟରେ ଭାରତୀୟ ଜନତା ପାର୍ଟି ସରକାର କ୍ଷମତାକୁ ଆସିବା ପରେ ଯାଜପୁରର ସମସ୍ତ ମେଗା ପ୍ରକଳ୍ପର ଗତିରୋଧ କରି ଏହି ପୁରାତନ ରାଜଧାନୀର ବିକାଶରେ ଅନ୍ତରାୟ ସୃଷ୍ଟି କରିଛନ୍ତି ବୋଲି କହିଛନ୍ତି। କେବଳ ସେତିକି ନୁହେଁ ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ସ୍ଥଳରେ ସରକାର ଜୋର୍ ଜବରଦସ୍ତ ହାଟ ବସାଇବା ପାଇଁ ଉଦ୍ୟମ ହେଉଛି। ସରକାରଙ୍କ ଏତାଦୃଶ ବିକାଶ ବିରୋଧୀ କାର୍ଯ୍ୟକୁ ଗଣତାନ୍ତ୍ରିକ ଉପାୟରେ ପ୍ରତିବାଦ କରାଯିବାରୁ ଅଞ୍ଚଳବାସୀଙ୍କ ନାମରେ ମାଳ ମାଳ ମିଛ ମାମଲା ରୁଜୁ କରି ଅନେକଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଏପରିକି ମା ବିରଜା ଓ ଯାଜପୁର ମାଟି ପାଇଁ ଲଢ଼େଇ କରୁଥିବା ଅସୁସ୍ଥ ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସଙ୍କୁ ଗତକାଲି ବିଳମ୍ବିତ ରାତିରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଯାହାକି ଏ ଅଞ୍ଚଳବାସୀଙ୍କ ଭାବାବେଗ ପ୍ରତି କୁଠାରାଘାତ ଅଟେ। ତେବେ ଏହା ସତ୍ତ୍ୱେ ବି ସଂଗ୍ରାମ ଜାରି ରହିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ପୌର ଉପାଧ୍ୟକ୍ଷ ସନ୍ତୋଷ ମଲିକ ଓ ବରିଷ୍ଠ ବିଜେଡି ନେତା ବଳଭଦ୍ର ଦାସ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ କାମ ଜାରି ରଖିବା ଦାବିରେ ବୁଧବାର ବୁଢ଼ାଘାଟରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚାଲିଥିବା ବେଳେ ଧର୍ମଶାଳା ବିଧାୟକ ଶ୍ରୀ ସାହୁ ଯାଜପୁରବାସୀଙ୍କୁ ଆକ୍ଷେପ କରି କହିବାରୁ ଝଗଡ଼ା ହୋଇଥିଲା ଓ ପରେ ବିଧାୟକଙ୍କ ଫୋନ୍ କଲ୍ ପାଇ ତାଙ୍କ ସମର୍ଥକମାନେ ଲାଠି ଲୁହାଛଡ଼ ଧରି ପହଞ୍ଚି ଆତଙ୍କ ଚଳାଇଥିଲେ। ସେମାନଙ୍କୁ କିନ୍ତୁ ଏଯାଏଁ ପୋଲିସ ଗିରଫ କରିନାହିଁ। ଅନ୍ୟ ପକ୍ଷରେ ପ୍ରକଳ୍ପ ନିର୍ମାଣ ପାଇଁ ୮ ମାସ ତଳୁ ଜିଲ୍ଲା ପ୍ରଶାସନ ସନ୍ଥମାଧବ ଠାରେ ସମସ୍ତ ସୁବ୍ୟବସ୍ଥା ସହିତ ହାଟ ଚାଲିଛି ଓ ଆଗକୁ ୧୨ ଏକର ଜମିରେ ଏକ ହାଇଟେକ୍ ହାଟ ହେବାକୁ ସମସ୍ତ ଯୋଜନା ପୌର ପ୍ରଶାସନ ସାରିଛି। ତେବେ ବିଜେପି ସରକାର ଓ ଏହାର ସ୍ଥାନୀୟ ନେତାମାନେ ମନ୍ଦିର ପ୍ରକଳ୍ପର କଣ୍ଠରୋଧ କରିବାକୁ ଆଗେଇ ଆସି ପ୍ରଶାସନକୁ ଏଥିରେ ନିୟୋଜିତ କରିଛନ୍ତି। କିନ୍ତୁ ଏହି ଷଡ଼ଯନ୍ତ୍ରକୁ ମା ବିରଜାଙ୍କ ସନ୍ତାନ ଯାଜପୁରବାସୀ ବରଦାସ୍ତ କରିବେ ନାହିଁ ବୋଲି ଶ୍ରୀ ମଲ୍ଲିକ ଓ ଶ୍ରୀ ଦାସ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଧାୟିକା ସୁଜାତା ସାହୁ, ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା ମଧ୍ୟ ଉପସ୍ଥିତ ଥିଲେ। ସେହିପରି ଆଜି ସନ୍ଧ୍ୟାରେ ମଧ୍ୟ ବିରଜା ମନ୍ଦିର ସେବାୟତ ପରିଷଦ ପକ୍ଷରୁ ଏହାର ସଭାପତି ଦେବୀ ପ୍ରସାଦ ପାଣି ଏକ ସାମ୍ବାଦିକ ସମ୍ମିଳନୀରେ ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପକୁ ବିରୋଧ କରୁଥିବା ଶାସକ ଦଳ, ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ଏବଂ ପ୍ରଶାସନର କାର୍ଯ୍ୟଧାରାକୁ ଦୃଢ଼ ପ୍ରତିବାଦ କରିଛନ୍ତି। ଅନେକ ସେବାୟତ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାର ଏକାଦଶ ସନ୍ଧ୍ୟାରେ ମୁମ୍ବାଇ ନାଇଟ୍ର ଧମାକା

ବାରିପଦା (ଭାସ୍କର ନ୍ୟୁଜ): ସ୍ଥାନୀୟ ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଅନୁଷ୍ଠିତ ଜଗଦ୍ଧାତ୍ରୀ ମେଳାର ଏକାଦଶ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ବାରିପଦାର ମାୟରା ଫେସନ୍ ର୍ୟାମ୍ପ୍ ଶୋ। ପ୍ରଥମ ଥର ପାଇଁ ଏଭଳି ଶୋ ଜଗଦ୍ଧାତ୍ରୀ ମେଳାରେ ପରିବେଷିତ ହୋଇଥିଲା, ଯାହାକି ଦର୍ଶକଙ୍କୁ ବିମୋହିତ କରିଥିଲା। ପରେ ପରେ ବିଶ୍ୱା ରୋକର୍ସ ଟିମ୍ରେ ଭାରତ ବର୍ଷର ସୁନାମଧନ୍ୟ ମ୍ୟୁଜିକ ଏରେଞ୍ଜର ଗିରିଶ ବିଶ୍ୱାଙ୍କ ବ୍ୟାଣ୍ଡ୍ ସହ ବଲିଉଡ଼ର କଣ୍ଠଶିଳ୍ପୀ ଇସିତା ବିଶ୍ୱକର୍ମା ଓ ସୁନାମଧନ୍ୟ କଣ୍ଠଶିଳ୍ପୀ ପିୟୁଷ ପନୱାର ଏବଂ ମଦନ ଶୁକଳାଙ୍କ କାର୍ଯ୍ୟକ୍ରମ ଦର୍ଶକଙ୍କୁ ସ୍ତବ୍ଧ କରିଥିଲା। ଖୁସି କୁମାରଙ୍କ ଉପସ୍ଥାପନା ବେଶ ଆକର୍ଷଣୀୟ ହୋଇଥିଲା। ସମସ୍ତ ସାଂସ୍କୃତିକ ଦଳକୁ ଅଂଶ ଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଯୁଗ୍ମ ନୃତ୍ୟ ପ୍ରତିଯୋଗିତାର କୃତୀ କଳାକାରଙ୍କୁ ଅତିଥିଙ୍କ ହାତରେ ପୁରସ୍କୃତ କରାଯାଇଥିଲା। ପୂଜା କମିଟି ଅଧ୍ୟକ୍ଷ ସୁଦାମ ମାର୍ଣ୍ଡିଙ୍କ ସଭାପତିତ୍ୱରେ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ଶିଳ୍ପପତି ଓ ସମାଜସେବୀ ମୁରାରୀ ଶର୍ମା (ଟାଟା) ଓ ଅରୁଣ ସରକାର ପୁରସ୍କାର ବିତରଣ କରିଥିଲେ। ସୋମନାଥ ସିଂହ, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଓ ସାଂସ୍କୃତିକ ସମ୍ପାଦକ ପ୍ରିତମ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଆସନ୍ତାକାଲି ଆନୁଷ୍ଠାନିକ ଭାବେ ଉଦ୍ଯାପିତ ହେବ ମେଳା ଓ ଏହି ଅବସରରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଜଣାଇଛନ୍ତି। ମାତ୍ର ୨୭ ତାରିଖ ପର୍ଯ୍ୟନ୍ତ ମୁମ୍ବାଇ ନାଇଟ୍ସ କାର୍ଯ୍ୟକ୍ରମ ରହିବ ବୋଲି ମେଳା ଅଧ୍ୟକ୍ଷ ସାନନ୍ଦ ମାର୍ଣ୍ଡି ଜଣାଇଛନ୍ତି।

## ମହାଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ



ନିଆଳି (ଭାସ୍କର ନ୍ୟୁଜ୍): ଆଜି ମା' ମହାଲକ୍ଷ୍ମୀଙ୍କ ପୂଜା ନିମନ୍ତେ ପବିତ୍ର ପ୍ରଥମାଷ୍ଟମୀ ଅବସରରେ କନ୍ଦଳ ନଦୀ ପଠାରୁ ମାଟି ଅନୁକୂଳ ହୋଇ ଆସିବା ଶହ ପୋଖରୀ ଗାଁ ମା' ମହାଲକ୍ଷ୍ମୀଙ୍କ ଆଗମନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ହେବା ସହ ଚଳିତବର୍ଷ ପୂଜା ବିଷୟରେ ବିବରଣୀ ବାର୍ତ୍ତା ରଖିଲେ ଆୟୋଜକ କମିଟି ମା' ମହାଲକ୍ଷ୍ମୀ ପୂଜା ଏଥର ଚାନ୍ଦି ମୁକୁଟରେ ଝଲସିବେ ମା' ମହାଲକ୍ଷ୍ମୀ, ମାର୍ଗଶିର ମାସ ଶେଷ ଗୁରୁବାର ଉପଲକ୍ଷେ ଆୟୋଜିତ ହେଉଥିବା ମା ମହାଲକ୍ଷ୍ମୀଙ୍କ ୨୦ତମ ପୂଜା ଉତ୍ସବ ପାଳନ ହେବାକୁ ଯାଉଥିବାବେଳେ ଏଥର ନିଆଳି ଅଞ୍ଚଳର ପୋଖରୀ ଗାଁରେ ବେଶ୍ ଜାକଜମକର ସହିତ ଆୟୋଜନ ହେବ ବୋଲି କମିଟିର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଡିସେମ୍ବର ମାସ ୧୦ ତାରିଖରୁ ପୂଜା ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥର ମା'ଙ୍କ ମସ୍ତକରେ ୨କେଜି ଓଜନର ଚାନ୍ଦି ମୁକୁଟ ଶୋଭା ପାଇବ। ତା ସାଙ୍ଗକୁ ୬ ଦିନ ଧରି ମୀନାବଜାର ମଧ୍ୟ ପଡିବ। ୧୧ ଓ ୧୨ ତାରିଖ ସନ୍ଧ୍ୟାରେ ଆଖପାଖ ସ୍କୁଲର ପିଲାମାନଙ୍କୁ ନେଇ ଦୁଇଦିନ ନୃତ୍ୟ ପ୍ରତିଯୋଗିତା ସହିତ ମା' ମହାଲକ୍ଷ୍ମୀ ପୂଜା ସମ୍ମାନ ତଥା ଅଞ୍ଚଳ ଓ ରାଜ୍ୟର ଅନେକ କିଛି ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବାର ଆୟୋଜନ ହେଉଥିବା ବେଳେ ୧୦ ଓ ୧୩ ତାରିଖ ସନ୍ଧ୍ୟାରେ ଭଜନ ସମାରୋହ ଓ ୧୪ ତାରିଖ ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ଆୟୋଜନ ହେଉଛି। ତା' ସାଙ୍ଗକୁ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯିବ। ପୂର୍ଣ୍ଣାହୁତି ଦିନ ୨୦୦୦ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଭସାଣି ଯାତ୍ରାରେ ପାରମ୍ପରିକ ବାଦ୍ୟକୁ ସାମିଲ କରାଯିବ ବୋଲି କମିଟିର ମେମ୍ବରମାନେ ସୂଚନା ଦେଇଛନ୍ତି। ମା ମହାଲକ୍ଷ୍ମୀ ପୂଜା କମିଟି ପୋଖରୀ ଗାଁ ତରଫରୁ ସମସ୍ତ ଅଞ୍ଚଳବାସୀଙ୍କୁ ଉପସ୍ଥିତ ରହିବା ଅନୁରୋଧ କରିବା ଶହ ମା ମହାଲକ୍ଷ୍ମୀଙ୍କ ଅପାର କୃପା ଲାଭ କରିବା ପାଇଁ ଅନୁରୋଧ କରିଛନ୍ତି ମା ମହାଲକ୍ଷ୍ମୀ ପୂଜା କମିଟି ଓ ପୋଖରୀଗାଁ ଗ୍ରାମବାସୀ।

## ବୃକକ୍ ରୋଗ ପୀଡ଼ିତଙ୍କୁ ପ୍ରଣିତକାନ୍ତି ସାମଲଙ୍କ ସହାୟତା



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଏହି ବ୍ଲକର କୁଲଣା ଗ୍ରାମର ବୃକ୍କ ରୋଗ ପୀଡିତ ଅକ୍ଷୟ କୁମାର ବାରିକ (୩୨)ଙ୍କ ଚିକିତ୍ସା ପାଇଁ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ଶନିବାର ସହାୟତା ପ୍ରଦାନ କରିଛନ୍ତି। ଅକ୍ଷୟଙ୍କ ୨ଟି ଯାକ ବୃକ୍କ ଅକାମୀ ହୋଇ ପଡିଛି। ଆରୋଗ୍ୟ ପାଇଁ ବୃକକ୍ ପ୍ରତିରୋପଣ ଜରୁରୀ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି। ଏଥିପାଇଁ ଅକ୍ଷୟ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଅଭାବୀ ପରିବାରର ଏକମାତ୍ର ରୋଜଗାରକ୍ଷମ ଥିଲା ଅକ୍ଷୟ। ଗ୍ରାମରେ ଏକ ସେଲୁନ ଦୋକାନ କରି ଗୁଜରାଣ ମେଣ୍ଟାଉଥିଲା ବେଳେ ଏଭଳି ବିପଦ ଆସିଥିଲା। ଏହି ସୂଚନା ପାଇ ପ୍ରଣିତକାନ୍ତି କୁଲଣା ଯାଇ ଅକ୍ଷୟଙ୍କ ପିତା ବିଚ୍ଛନ୍ଦଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଲଳିତ ରାଉତ, ମନୋଜ ରଥ, ସଞ୍ଜିବ ରାଉତ, କୃଷ୍ଣଚନ୍ଦ୍ର ଦାସ, ପ୍ରକାଶ ମହାପାତ୍ର, ସୌମ୍ୟରଞ୍ଜନ ଜେନା, ଶରତ ପଲାଇ, ରବିନ୍ଦ୍ର ଜେନା, ମିଳନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ନକଲି ସାମଗ୍ରୀର ହବ୍ ପାଲଟିଛି ଅଡଶପୁର

## ଦାମୀ ବ୍ରାଣ୍ଡ୍ ନାଁରେ ବିକ୍ରି ହେଉଛି ପିଡ଼ିଏସ୍ ଚାଉଳ

କଣ୍ଠାପଡା (ଭାସ୍କର ନ୍ୟୁଜ୍): ବିଭିନ୍ନ ସମୟରେ ନକଲି ସାମଗ୍ରୀ କରବାର ପାଇଁ କୁଖ୍ୟାତି ଅର୍ଜନ କରିଛି ଅଡଶପୁର। କଟକ ଜିଲ୍ଲା କଣ୍ଠାପଡା ବ୍ଲକ ଅନ୍ତର୍ଗତ ଅଡଶପୁର ବଜାରରେ ପ୍ରାୟତଃ ୫ ଶହରୁ ଅଧିକ ଛୋଟ ବଡ଼ ଦୋକାନ ରହିଥିବା

**ବାଦ୍ ପଡୁନି ସିମେଣ୍ଟ, ଅଟା, ଚୋକଡ଼ ଓ ତେଲ**




ବେଳେ ଏହି ବଜାରରେ ବିଭିନ୍ନ ସାମଗ୍ରୀ ନକଲି ମିଳୁଥିବା ଅଭିଯୋଗ ହେଉଛି। ମିଳିଥିବା ଅଭିଯୋଗ ଅନୁଯାୟୀ କେତେକ ବେପାରୀ ପିଡ଼ିଏସ୍ ଚାଉଳକୁ ନାମିଦାମୀ କମ୍ପାନୀ ପ୍ୟାକେଟ୍‌ରେ ଭର୍ତ୍ତି କରି ବଜାରକୁ ଛାଡୁଥିବା ପରି ଏକ ସାଙ୍ଘାତିକ ଅଭିଯୋଗ ଆସୁଛି। ଏପରିକି ଚାଉଳ ପ୍ୟାକେଟ୍ ବର୍ତ୍ତମାନ ଅଡଶପୁର ବଜାରରେ ଏକ ନିର୍ଦ୍ଦିଷ୍ଟ ଦୋକାନରେ ବିକ୍ରି ହେଉଛି। ଏହି ଚାଉଳ ପ୍ୟାକେଟ୍ ମୂଲ୍ୟ ୯ଶହରୁ ୧ ହଜାର ଦରରେ ବିକ୍ରି ହେଉଥିବା ବେଳେ ଏହାର ଓଜନ ୨୫ କେଜି ବୋଲି ପ୍ୟାକେଟ୍ ଉପରେ ଲେଖାଯାଇଛି। କିନ୍ତୁ ପ୍ରକୃତ ଏହାର ଓଜନ ୨୪ କେଜି ହେଉଥିବା ଅଭିଯୋଗ ହେଉଛି। ପ୍ୟାକେଟ୍ ଉପରେ ଏକ୍ସପାଏରୀ ତାରିଖ, ଉତ୍ପାଦନ ୟୁନିଟ୍‌ର ନାଁ ମଧ୍ୟ ଲେଖାଯାଉନାହିଁ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ ଏହା ପଛରେ ଏକ ବଡ଼ ର୍ୟାକେଟ୍ କାମ କରୁଥିବା ଅଭିଯୋଗ ଆସିଛି। ସେହିପରି ନାମୀ ଦାମୀ କମ୍ପାନୀର ଚୋକଡ ଅଖାରେ କୁଣ୍ଡା ଓ ଅନ୍ୟାନ୍ୟ ଗୁଣ୍ଡ ମିଶାଯାଇ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ନୀତି ବ୍ୟବହାର କରୁଥିବା ଖାଦ୍ୟ ଅଟା, ତେଲ, ଚାଉଳ, ଘିଅ, ଅମୁଲ, ଚା' ପତି ଓ ବିଭିନ୍ନ ନାମିଦାମୀ କମ୍ପାନୀର ମସଲା ସାମଗ୍ରୀରେ ଅପମିଶ୍ରଣ କରାଯାଇ ଅଧିକ ମୂଲ୍ୟରେ ଖୁଲମଖୁଲା ବିକ୍ରି କରାଯାଉଛି। ଏହାକୁ ସାଧାରଣ ଲୋକମାନେ ଖାଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। କଟକ ଜିଲ୍ଲା ଯୋଗାଣ ଅଧିକାରୀ ଓ କଣ୍ଠାପଡା ବ୍ଲକ ଯୋଗାଣ ଅଧିକାରୀ ମୋଟା ଅଙ୍କର ଅର୍ଥ ନେଇ ବେପାରୀମାନଙ୍କୁ ଘଣ୍ଟ ଘୋଡାଇ ନକଲି ସାମଗ୍ରୀ ବିକ୍ରି କରିବାରେ ପରୋକ୍ଷରେ ସହଯୋଗ କରୁଥିବା ଅଭିଯୋଗ ହେଉଛି।

## ୫ଏକରରୁ ଉର୍ଦ୍ଧ୍ୱ ଧାନଗଦାରେ ଲାଗିଲା ନିଆଁ, ଆୟତ୍ତ କଲା ଅଗ୍ନିଶମ ବିଭାଗ



କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ବର୍ତ୍ତମାନ ଚାଷୀ ତା'ର ଧାନ ଅମଳ କରୁଛି। କେତେ ଯେ କେତେ କଷ୍ଟ ସହ୍ୟ କରି ଧାନ ଫସଲ ଅମଳ କରିଥାଏ। ଧାନ କାଟିଲା ପରେ ଖଳାରେ ଆଣି ଗଦା କରୁଛନ୍ତି। ସମ୍ପୂର୍ଣ୍ଣ ଆଣିଲା ପରେ ସେହି ଧାନ ଗଦାକୁ ମେସିନ ଲଗେଇ ଧାନ ଅମଳ କରିଥାଏ। କିନ୍ତୁ ଯଦି ଦେଖାଯିବ କୌଣସି କାରଣବଶତଃ ବିଭିନ୍ନ ଯାଗାରେ ଧାନ ଗଦାରେ ନିଆଁ ଲାଗିଯିବା ଖବର ସାମ୍ନାକୁ ଆସୁଛି। ଆଜି ଅପରାହ୍ନ ୧ଟା ସମୟରେ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ଟେମେରା ଗ୍ରାମରେ ଥିବା ଧାନ ଗଦାରେ ନିଆଁ ଲାଗିଛି। ଉକ୍ତ ଗ୍ରାମରନୀଳ ମାଝୀ, ଦାଶରଥି ମାଝୀ, ରାଧା ଭଣ୍ଡାରୀଙ୍କ ପ୍ରାୟ ୫ ଏକରରୁ ଉର୍ଦ୍ଧ୍ୱ ଧାନ ଗଦାରେ ନିଆଁ ଲାଗିଯାଇଥିଲା। ସୂଚନା ମୁତାବକ ଗ୍ରାମର ଏକ ଶିଶୁ ଅଜାଣତରେ ସେଇ ପାଖ ସ୍ଥାନରେ ନିଆଁ ଲଗେଇ ଦେଇଥିଲା। ସେଇ ନିଆଁ ବ୍ୟାପି ନିକଟସ୍ଥ ଧାନ ଗଦାରେ ନିଆଁ ଲାଗି ଥିବା ଅନୁମାନ କରାଯାଇଛି। ଘଟଣାକୁ ନେଇ କୋଷାଗୁମୁଡା ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ତୁରନ୍ତ ଆସି ନିଆଁକୁ ଆୟତ୍ତ କରିଥିଲେ ଅଗ୍ନିଶମ ବିଭାଗର ଟିମ। ଅଗ୍ନିଶମ ବିଭାଗର ତତ୍ପରତା ଫଳରେ ଚାଷୀର ଚାଷୀର ପ୍ରାୟ ୭୦ ଭାଗ ଧାନ ବଞ୍ଚି ଯାଇଥିବା ସୂଚନା ମିଳିଛି। ଅଗ୍ନିଶମ ବିଭାଗର ହାବିଲଦାର ଜଗଦୀଶ ମାଝୀ, ଡ୍ରାଇଭର ଏଚ. କେ ପ୍ରଧାନ, ଫାୟାର୍‌ମ୍ୟାନ ସୁଶାନ୍ତ ପ୍ରଧାନ, ଜଗନ ପ୍ରଧାନ, ପ୍ରକାଶ ଭୋଇ ଟିମ୍‌ରେ ସାମିଲ ରହି ନିଆଁକୁ ଆୟତ୍ତ କରିଥିଲେ।

## ମନ୍ଦିରରୁ ଚୋରି ଅଭିଯୋଗରେ ଯୁବକ ଗିରଫ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ଥାନା ସଦର ଗ୍ରାମରେ ଥିବା ରାମଲିଙ୍ଗେଶ୍ୱର ମନ୍ଦିରରୁ ନନ୍ଦୀମୂର୍ତ୍ତି ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ମାଥିଲି ପୋଲିସ କୋର୍ଟ ଚାଲାଣ କରିଛି। ଗତ ୧୯ ନଭେମ୍ବର ରାତିରେ ମନ୍ଦିରରୁ ନନ୍ଦୀ ମୂର୍ତ୍ତି ଭାଙ୍ଗି କିଏ ନେଇଯାଇଥିବା ପି. ପ୍ରସାଦ ରାଓ ଥାନାରେ ଅଭିଯୋଗ କରିଥିଲେ। ମାଥିଲି ପୋଲିସ ଏହାର ତଦନ୍ତ କରି ସଦର ଗ୍ରାମର ଶିବ ବେହେରାଙ୍କୁ ସନ୍ଦେହରେ ଥାନାକୁ ଆଣି ଜେରା କରିଥିଲା। ପରେ ତାଙ୍କଠାରୁ ମନ୍ଦିରରୁ ଚୋରି ହୋଇଥିବା ନନ୍ଦୀ ମୂର୍ତ୍ତି ପୋଲିସ ଉଦ୍ଧାର କରି ଶିବକୁ କୋର୍ଟ ଚାଲାଣ କରିଛି। ମାଥିଲି ପୋଲସ୍‌ର ତ୍ୱରିତ ପଦକ୍ଷେପ ଯୋଗୁ ଚୋରି ହୋଇଥିବା ନନ୍ଦୀ ମୂର୍ତ୍ତି ଉଦ୍ଧାର ହୋଇଥିବାରୁ ସ୍ଥାନୀୟ ଲୋକ ଓ ଶ୍ରଦ୍ଧାଳୁମାନେ ପୋଲିସର ପଦକ୍ଷେପକୁ ବେଶ୍ ପ୍ରଶଂସା କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

କଣିହାଁ (ଭାସ୍କର ନ୍ୟୁଜ୍): କଣିହାଁ ଥାନା ଅନ୍ତର୍ଗତ ତେଲସିଂହା ଗ୍ରାମରେ ଶୁକ୍ରବାର ରାତିରେ ବିଦ୍ୟୁତ୍ ଆଘାତରେ ମୁକୁନ୍ଦ ନାୟକ (୫୦) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏନେଇ ତାଙ୍କ ପୁଅ ପ୍ରଶାନ୍ତ ନାୟକଙ୍କ ଅଭିଯୋଗକ୍ରମେ କଣିହାଁ ପୁଲିସ ଏକ ମୋକଦ୍ଦମା ରୁଜୁକରି ଶନିବାର ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇ ତଦନ୍ତ ଚଳାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଶୁକ୍ରବାର ରାତିରେ ମୁକୁନ୍ଦ ଶୌଚ ହେବାକୁ ଯାଇ ଫେରିବା ସମୟରେ ଘର ପାଖରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଆହତ ହୋଇଥିଲେ। ପରେ ତାଙ୍କୁ କଣିହାଁ ମେଡିକାଲକୁ ଚିକିତ୍ସା ପାଇଁ ଅଣାଯାଇଥିଲା ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଆଜି ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଏବଂ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟ ବକ୍ତା ରୂପେ ଯୋଗଦାନ କରିଥିଲେ ଓ ଏହି ସଭାରେ ଜିଲ୍ଲାପାଳ ଜେ. ସୋନାଲ (ଭା.ପ୍ର.ସେ.) ଅଧ୍ୟକ୍ଷତା କରିଥିଲେ। ସର୍ବପ୍ରଥମେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା ଓ ଏହାପରେ ପ୍ରଦୀପ ପ୍ରଜ୍ୱଳନ କରି ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ତାଙ୍କ ଅଭିଭାଷଣରେ କହିଲେ ଯେ, ବିଭିନ୍ନ ଚାଷୀ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କାମଧେନୁ ଯୋଜନା, ଗୋଶାଳା ପ୍ରତିଷ୍ଠା, ପ୍ରାଣୀ ସମୃଦ୍ଧି ଯୋଜନା ତଥା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ ଯୋଜନା ପ୍ରମୁଖ କାର୍ଯ୍ୟକାରୀ ହେଉଛି। ଜିଲ୍ଲାରେ ତାହାର ସଫଳ ରୂପାୟନ ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ପ୍ରଶଂସା କରିଥିଲେ। ବର୍ତ୍ତମାନର ସରକାର ସମାନ୍ତରାଳ ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ସମୃଦ୍ଧ ଓଡିଶା ତଥା ଜଗତସିଂହପୁର ଗଠନରେ ସମସ୍ତଙ୍କର ସହଭାଗିତା ଆବଶ୍ୟକ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ତଥା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମଧ୍ୟ ଅନୁରୂପ ଭାବେ ମତ୍ସ୍ୟ ଓ ପ୍ରାଣୀ ପାଳନ ବିଭାଗକୁ ପ୍ରସଂଶା କରିଥିଲେ ଏବଂ ବିଶେଷ କରି କୁକୁଡ଼ା ପାଳନ, ଘୁଷୁରୀ ପାଳନ ତଥା ମତ୍ସ୍ୟ ପାଳନକୁ ଗୁରୁତ୍ୱ ଦେବାକୁ କହିଥିଲେ। ଦୁଗ୍ଧ ଚାଷୀଙ୍କ ନିମନ୍ତେ ଅଧିକ ସମବାୟ ସମିତି ଖୋଲିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୁଲା ଗୋରୁଗାଈଙ୍କ ପାଇଁ ୯୦ ପ୍ରତିଶତ ରିହାତିରେ ଗୋଶାଳା ସ୍ଥାପନ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ୍ ଜିଲ୍ଲାରେ ଧଳା ଘୁଷୁରୀ ଚାଷ, ଜିଆ ଚାଷ, କୁକୁଡ଼ା ଚିଆଁ ଉତ୍ପାଦନରେ ଚାଷୀମାନେ ଅଧିକ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ବିଧାୟକ କହିଥିଲେ। ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ପାଳନ ବିଭାଗରେ ଆଗତ ବିଭିନ୍ନ ଯୋଜନା ଓ ତାହାର ଜିଲ୍ଲାରେ ସଫଳ ରୂପାୟନ ନିମନ୍ତେ ସନ୍ତୋଷ ପ୍ରକାଶ କରିଥିଲେ। ଆସନ୍ତା ୫ରୁ ୬ ବର୍ଷ ମଧ୍ୟରେ ଏହି ବିଭାଗ ଦ୍ୱାରା ଚାଷୀଙ୍କ ଆୟ ବହୁଗୁଣରେ ବଢିବାର ସେ ଆଶା ବ୍ୟକ୍ତ କରିଥିଲେ। କାରଣ ଆଜିର ସମୟରେ କେବଳ ପ୍ରାଣୀ



ପାଳନ ଏବଂ ମତ୍ସ୍ୟ ଚାଷରେ ହିଁ ବହୁତ ସମ୍ଭାବନା ରହିଛି ବୋଲି ସେ କହିଥିଲେ। ଆଗାମୀ ଦିନରେ ଗଭୀର ସମୁଦ୍ର ରେ ମାଛ ଧରିବା ପାଇଁ ବିଭିନ୍ନ କଳା କୌଶଳର ଶିକ୍ଷା ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା କୈଳାଶ ଚନ୍ଦ୍ର ମଲ୍ଲିକ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ମୁଖ୍ୟ ଅତିଥି ତଥା ଅନ୍ୟ ଅତିଥିବୃନ୍ଦ ଗୋ ପୂଜନ କରିବା ସହ ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ସମ୍ପଦର ପ୍ରଦର୍ଶନୀ ଦେଖିଥିଲେ। ଏହି ଅବସରରେ ମଞ୍ଚ ଉପରେ କିଛି ସଫଳ ଚାଷୀଙ୍କ କାହାଣୀ ପରଦା ଉପରେ ଦେଖା ଯାଇଥିଲା, ଯାହାକି ଅନ୍ୟ ଚାଷୀଙ୍କ ନିମନ୍ତେ ପ୍ରେରଣାଦାୟୀ ହେବାସହ ପଥପ୍ରଦର୍ଶକ ହୋଇଥିଲା। ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏରସମା ବ୍ଲକର ବସନ୍ତ ମଞ୍ଜରୀ ସାହୁଙ୍କୁ ଶ୍ରେଷ୍ଠ ଘୁଷୁରୀ ପାଳନ, ଜଗତସିଂହପୁର ବ୍ଲକର ମଞ୍ଜୁଲତା ରାୟଙ୍କୁ ଶ୍ରେଷ୍ଠ ଜୈବ ପୁଞ୍ଜି ମତ୍ସ୍ୟ ଚାଷ, ଜଗତସିଂହପୁର ବ୍ଲକର ମା' ଭଗବତୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ଉନ୍ନତ କୁକୁଡ଼ା ପାଳନ ଏବଂ ନାଉଗାଁ ବ୍ଲକର ଜୟଜଗନ୍ନାଥ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ଉନ୍ନତ ମତ୍ସ୍ୟଚାଷ ନିମନ୍ତେ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଜିଲ୍ଲା ମତ୍ସ୍ୟ ଅଧିକାରୀ କୁମାରୀ ରେଶମାରାଣୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମେଳାରେ ଆୟୋଜିତ ବିଭିନ୍ନ ବିଭାଗର ପ୍ରଦର୍ଶନୀ ଓ ଜୀବନ୍ତ ପ୍ରାଣୀ ଏବଂ ମତ୍ସ୍ୟ ସମ୍ପଦର ପ୍ରଦର୍ଶନକୁ ସଭିଏଁ ବୁଲି ଦେଖିଥିଲେ। ମଧ୍ୟାହ୍ନ ଭୋଜନ ପରେ ଚାଷୀ ଓ ବୈଜ୍ଞାନିକ ମାନଙ୍କ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ପ୍ରଶ୍ନର ଉତ୍ତର ବିଶେଷଜ୍ଞମାନଙ୍କ ଦ୍ୱାରା ଦିଆଯାଇଥିଲା ତଥା ଉନ୍ନତ ଏବଂ ଆଧୁନିକ ଚାଷ ପ୍ରଣାଳୀ ବିଷୟରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ାଃ ପ୍ରସନ୍ନ କୁମାର ପୃଷ୍ଟି, ସମ୍ପାଦକ ପିଏଫଏ ଅମୂଲ୍ୟ କୁମାର ନାୟକ, ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ ସୁବ୍ରତ କୁମାର ଦାଶ ଏବଂ ଜଳକୃଷି ଉପଦେଷ୍ଟା ଜୟ ପ୍ରକାଶ ମହାପାତ୍ର ପ୍ରମୁଖ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। ପରିଶେଷରେ ଓଡିଶୀ ନୃତ୍ୟ, ଘୋଡା ନାଚ ଓ ଘଟ ନାଚ ପରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବା ସହ ପରିଚାଳନାରେ ସାହାଯ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଚାଷୀ, ସହରର ବୁଦ୍ଧିଜୀବୀ, ଜନସାଧାରଣ, ବିଭାଗୀୟ ଅଧିକାରୀ ତଥା ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ପରିତ୍ୟକ୍ତ କୂଅରୁ ୫ ମୃତ ବାର୍‌ହାଙ୍କ ଉଦ୍ଧାର



କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ବିମଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଶିଖେଶ୍ୱର ସଂରକ୍ଷିତ ଜଙ୍ଗଲର କରଦାଙ୍ଗି ଗାଁ ନିକଟ ଏକ ପରିତ୍ୟକ୍ତ କୂଅରୁ ୫ଟି ବାର୍‌ହାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ୧ ସପ୍ତାହ ପୂର୍ବରୁ ବାର୍‌ହା କୂଅରେ ପଡିଥିବା ଅନୁମାନ କରାଯାଉଛି। ଖାଦ୍ୟ ଅନ୍ୱେଷଣରେ ବାର୍‌ହା ଗୁଡିକ ଜଙ୍ଗଲରୁ ବାହାରି ଚାଷ ଜମିରେ ପଶିଥିଲେ । ତିନିଚୁଲିଆ ପାହାଡ ତଳ ଚାଷ ଜମିରେ ଥିବା ଅବ୍ୟବହୃତ କୂଅରେ ପଡି ପ୍ରାଣ ହରାଇଥିବା ଅନୁମାନ କରାଯାଉଛି। ଶୁକ୍ରବାର ସକାଳେ କୂଅରେ ବାର୍‌ହା ଗୁଡିକର ମୃତଦେହ ଭାସୁଥିବା ଦେଖି ବନ୍ୟପ୍ରାଣୀ ସୁରକ୍ଷା ସମିତିର ସୁପରଭାଇଜର ମନୋରଞ୍ଜନ ମହାନ୍ତ ବନ ବିଭାଗକୁ ଖବର ଦେଇଥିଲେ । ବିମଳା ସେକ୍ସନ ବନପାଳ କୌଶଲ୍ୟା ମହାନ୍ତ, କରଦାଙ୍ଗୀ ବିଟ୍ ବନରକ୍ଷୀ ରଶ୍ମିତା ଶଙ୍ଖୁଆ ଓ ବିଭାଗୀୟ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି କୂଅରୁ ବାର୍‌ହା ଗୁଡିକର ଗଳିତ ମୃତଦେହକୁ ବାହାର କରି ବ୍ୟବଛେଦ କରାଇଛନ୍ତି । ବର୍ତ୍ତମାନ ଜମିରେ ଧାନ ପାଚି ଆସିଲାଣି । ରାତିରେ ବାର୍‌ହା ପଲ ଧାନ ଖାଇବା ପାଇଁ ଜଙ୍ଗଲରୁ ବାହାରି ଧାନ କ୍ଷେତରେ ପଶୁଛନ୍ତି । ଏହାର ସୁଯୋଗ ନେଇ ଶିକାରୀମାନେ ବିଭିନ୍ନ ସ୍ଥାନରେ ବୋମା ଓ ବିଦ୍ୟୁତ୍ ଫାଶ ବସାଇ ବାର୍‌ହା ଶିକାର କରୁଛନ୍ତି। ଜଙ୍ଗଲ କ୍ଷୟ, ଖାଦ୍ୟ ଅଭାବ ଯୋଗୁ ବନ୍ୟପ୍ରାଣୀ ଗାଁମୁହାଁ ହେଉଛନ୍ତି। ଫଳରେ ଅନେକ ସମୟରେ ଗାଁ ଲୋକଙ୍କ ହାବୁଡରେ ପଡି ବନ୍ୟପ୍ରାଣୀ ଶିକାର ହେଉଛନ୍ତି। କେନ୍ଦୁଝର ବନଖଣ୍ଡରେ ଜଙ୍ଗଲ ଜମି ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର ହେବା ଫଳରେ ବ୍ୟାପକ ଜଙ୍ଗଲ କ୍ଷୟ ହେଉଛି। ଏହାବ୍ୟତୀତ ଜଙ୍ଗଲ ନଷ୍ଟ, ଜଙ୍ଗଲ ନିଆଁ, ପୋଡୁ ଚାଷ ଯୋଗୁଁ ପ୍ରତ୍ୟେକ ବର୍ଷ ଶହ ଶହ ଏକର ଜଙ୍ଗଲ ପଦା ହେଉଛି। ବନ୍ୟପ୍ରାଣୀଙ୍କ ସୁରକ୍ଷା ସହ ଜଙ୍ଗଲ ଧ୍ୱଂସ ରୋକିବା ପାଇଁ ବ୍ୟାପକ ପଦକ୍ଷେପ ନେବାକୁ ଦାବି ହୋଇଛି।

ଓଡ଼ିଶା
ଭାସ୍କର
ODISHA BHASKAR

# ରାଜ୍ୟ ଖବର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସଂଳାପକାର ଭାବେ ୨୦୨୦ ମସିହା ନିମନ୍ତେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା ଡ. ରାଜନୀରଞ୍ଜନଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି । ଓଡିଶା ମିରର, ମଦର ଓ ସିନ୍ଧୁଜା ପତ୍ରିକା ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ବିଜେପିର ବରିଷ୍ଠ ନେତା ତଥା ସମାଜସେବୀ ଜଗନ୍ନାଥ ପ୍ରଧାନ, ପୂର୍ବତନ ସୂଚନା କମିଶନର ଦିଲ୍ଲୀପ ବିଶୋଇ, ବିଶିଷ୍ଟ ସାହିତ୍ୟିକ ତଥା ରଜନୀରଞ୍ଜନଙ୍କ ବାଲ୍ୟବନ୍ଧୁ ଡ. ଅଜୟ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ରାଜନୀରଞ୍ଜନଙ୍କୁ ବଧେଇ ଜଣାଇବାସହ ଆହୁରି ଅଧିକ ଫିଲ୍ମ ପାଇଁ ସଂଳାପ ଲେଖନ୍ତୁ ବୋଲି କାମନା କରିଥିଲେ । ଏହି ଅବସରରେ ରଜନୀରଞ୍ଜନଙ୍କ ପୁରସ୍କାରପ୍ରାପ୍ତ ଫିଲ୍ମ 'ସହିଦ ରଘୁ ସର୍ଦାର' ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ଓଡିଶା ମିରର'ର ସମ୍ପାଦକ ଦିଲ୍ଲୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଡ. ମାଧବ ବେହୁରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ମଦର'ର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।



## ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମ ଜୟନ୍ତୀରେ କୋଟି କୋଟି ପ୍ରଣାମ। ଜଣେ ନିସ୍ୱାର୍ଥପର ଜନସେବକ ଏବଂ ସଚ୍ଚା ଦେଶସେବକ ଭାବେ ସେ ଓଡ଼ିଶାବାସୀଙ୍କ ପାଇଁ ଚିରସ୍ମରଣୀୟ ହୋଇରହିବେ।

## ବୀରକିଶୋର ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବୀରକିଶୋର ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିଜର ଅଗ୍ନିବର୍ଷୀ ଦେଶାତ୍ମବୋଧ ସଙ୍ଗୀତ ଦ୍ୱାରା କୋଟି କୋଟି ଓଡ଼ିଆଙ୍କ ପ୍ରାଣରେ ଜାତୀୟତାର ଉନ୍ମାଦନା ସୃଷ୍ଟି କରିଥିବା ସଂଗ୍ରାମୀ ଲେଖକ 'ଜାତୀୟ କବି' ବୀରକିଶୋର ଦାସଙ୍କ ଜୟନ୍ତୀରେ ବିନମ୍ର ଶ୍ରଦ୍ଧାଞ୍ଜଳି।

## ମହାରାଷ୍ଟ୍ରବାସୀଙ୍କୁ ବିଜେପି-ମହାୟୁତିର ବିଜୟ ପାଇଁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପି-ମହାୟୁତିର ବିଜୟ ପାଇଁ ମହାରାଷ୍ଟ୍ରବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ୨୦୨୪ରେ ବିଜେପି-ମହାୟୁତିକୁ ମିଳିଥିବା ଐତିହାସିକ ବିଜୟକୁ ନେଇ ମହାରାଷ୍ଟ୍ରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି। ଏହି ଐତିହାସିକ ବିଜୟ ପାଇଁ ବିଜେପି-ମହାୟୁତିର ସମସ୍ତ କାର୍ଯ୍ୟକର୍ତ୍ତା ଓ ପଦାଧିକାରୀଙ୍କୁ ବି ଶୁଭକାମନା। ଏହି ସଫଳତା ବିକାଶ ଓ ପ୍ରଗତି ପ୍ରତି ଆପଣଙ୍କ ଦୃଢ ନିଷ୍ଠାକୁ ଦର୍ଶାଉଛି।

## ବାଦ୍ ପଡ଼ିଥିବା ୨୨% ମହିଳାଙ୍କୁ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୁଭଦ୍ରାକୁ ନେଇ ବଡ଼ ସୂଚନା । କାଲି ବାଦ୍ ପଡ଼ିଥିବା ୨୨ ପ୍ରତିଶତ ମହିଳାଙ୍କୁ ମିଳିବ ସୁଭଦ୍ରା ଟଙ୍କା । ବାଦ ପଡ଼ିଥିବା ୨ ଲକ୍ଷ ୬୭ ହଜାର ଆବେଦନକୁ ଆଉ ଥରେ ଯାଞ୍ଚ ପରେ ନିଷ୍ପତ୍ତି ନିଆଯାଇଛି । ସେଥିରୁ ୨୨ ପ୍ରତିଶତ ହିତାଧିକାରୀଙ୍କୁ ଆସନ୍ତାକାଲି ସୁଭଦ୍ରା ଟଙ୍କା ଦିଆଯିବ । ବାକି ଯେଉଁମାନେ ଜମି ସମସ୍ୟା ଯୋଗୁଁ ତାଲିକାରେ ନାଁ ନାହିଁ । ତାଙ୍କ ନାଁରେ ଜମି ନାହିଁ କିନ୍ତୁ ସେମାନେ ଧାନ ବିକିଛନ୍ତି । ଏହି ବିବାଦରେ ଫିଜିକାଲ ଭେରିଫିକେସନ ହେବ । ସେମାନଙ୍କର ମଧ୍ୟ ଯାଞ୍ଚ ହୋଇ ସାମିଲ କରାଯିବ। ୨ ଲକ୍ଷ ୬୭ ହଜାର ଆବେଦନ କରି ବିଭିନ୍ନ କାରଣ ପାଇଁ ବାଦ ପଡ଼ିଥିଲେ । ସେମାନଙ୍କୁ ଆଉ ଥରେ ଯାଞ୍ଚ କରି ସାମିଲ କରିବାକୁ ନିଷ୍ପତ୍ତି ହୋଇଥିଲା । ବିଡ଼ିଓ ମାନଙ୍କୁ ନୋଡାଲ ଏଜେନସି ଦାୟିତ୍ୱ ଦିଆଯାଇଥିଲା । ରିପୋର୍ଟ ଆସିବା ପରେ ଗୁରୁବାର ବୈଠକ କରି ନିଷ୍ପତ୍ତି ହୋଇଥିବା ସୂଚନା ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ।

## ଜାତୀୟ ରାଜନୀତିରେ ଏବେ ବି ଆଞ୍ଚଳିକ ଦଳର ଦବ୍‌ଦବା ରହିଛି: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦୁଇଟି ରାଜ୍ୟର ଫଳାଫଳ କହୁଛି ଜାତୀୟ ରାଜନୀତିରେ ଏବେ ବି ଆଞ୍ଚଳିକ ଦଳର ଦବଦବା ରହିଛି । ଏନଡ଼ିଏ ହେଉ କି ଉପା କେହି ବିନା ଆଞ୍ଚଳିକ ଦଳର ସମର୍ଥନରେ ଚାଲି ପାରିବେ ନାହିଁ ବୋଲି ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ମିଶ୍ର କହିଛନ୍ତି । ସେହିପରି ଉପନିର୍ବାଚନ ଗୁଡ଼ିକରେ ଆଞ୍ଚଳିକ ଦଳ ମାନେ ଭଲ ପ୍ରଦର୍ଶନ କରିଛନ୍ତି । ଝାଡ଼ଖଣ୍ଡର ମତ କହୁଛି ହେମନ୍ତ ସୋରେନ ପ୍ରତି ହୋଇଥିବା ଅନ୍ୟାୟର ଜବାବ ଦେଇଛନ୍ତି ଝାଡ଼ଖଣ୍ଡ ବାସୀ। ମହାରାଷ୍ଟ୍ରରେ ବିଜେପି ଏକାକି କିଛି ସିଟ ପାଇଥିଲେ ମଧ୍ୟ ଅଜିତ ପାୱାର ଓ ଏକନାଥ ସିନ୍ଦେଙ୍କ ଭଳି ଆଞ୍ଚଳିକ ଦଳ ବହୁତ ଭଲ ପ୍ରଦର୍ଶନ କରିଛନ୍ତି ।

## ମୋଦିଙ୍କ ଉପରେ ମହାରାଷ୍ଟ୍ର ଜନତାଙ୍କ ଭରସା ବଢ଼ିଛି: କେଭି ସିଂହଦେଓ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାରାଷ୍ଟ୍ର ଏବଂ ଝାଡଖଣ୍ଡ ନିର୍ବାଚନ ଫଳାଫଳକୁ ନେଇ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ମହାରାଷ୍ଟ୍ରରେ ସ୍ଥିର ସରକାର ପାଇଁ ଜନତା ଚାହୁଁଥିଲେ । ସେଥିରୁ ଜଣାପଡୁଥିଲା ଏନଡିଏ ପାଇଁ ଜନତାଙ୍କ ସମର୍ଥନ ରହିଛି । ସେହି ନିର୍ବାଚନ ଫଳ ଏବେ ଦେଖିବାକୁ ମିଳୁଛି । ଏନଡିଏର ଯେଉଁ ନାରା ରହିଥିଲା ସେହି ଅନୁଯାୟୀ ଆଜି ମହାରାଷ୍ଟ୍ରରେ ସରକାର ହେବାକୁ ଯାଉଛି । ମୋଦିଙ୍କ ଉପରେ କେନ୍ଦ୍ରରେ ଏବଂ ମହାରାଷ୍ଟ୍ରରେ ଜନତାଙ୍କ ଭରସା ବଢୁଛି । କଥାରେ ଅଛି ୟୁ ଉଇନ ସମ, ୟୁ ଲୁଜ ସମ । ଏହି କ୍ରମରେ ଝଡ଼ଖଣ୍ଡରେ ଆମ ସରକାର ନଥିଲା । କିନ୍ତୁ ମହାରାଷ୍ଟ୍ରରେ ଆମ ସରକାର ପୂର୍ବରୁ ଥିଲା । ତେଣୁ ମହାରାଷ୍ଟ୍ରରେ ଏନଡିଏର ବମ୍ପର ବିଜୟ ହେବାକୁ ଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି ।

## ମୁନିଗୁଡ଼ା ରେଲବାଇର ଭୂତଳ ରାସ୍ତା ପାଇଁ ଦାବି ଜୋର୍ ଧରିଲା

ମୁନିଗୁଡ଼ା(ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ମୁନିଗୁଡ଼ା ବ୍ଲକ ସଦର ମହକୁମାଟି ବ୍ୟବସାୟିକ ତଥା ରାଜଧାନୀ ଏବଂ ବିଭିନ୍ନ ଜିଲ୍ଲା ଓ ରାଜ୍ୟକୁ ଟ୍ରକବସ୍ ଏବଂ ରେଳର ଗମନାଗମନର କେନ୍ଦ୍ର ବିନ୍ଦୁ ହୋଇଥିବାରୁ ଦିନକୁଦିନ ଜନଗହଳି ବୃଦ୍ଧି ପାଇ ଟ୍ରାଫିକ୍ ସମସ୍ୟାରେ ଅଣନିଶ୍ୱାସି ହୋଇପଡୁଛନ୍ତି ଜନସାଧାରଣ। ଏହାର ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରୁଛି ରେଲବାଇ ଗେଟ। ରେଳ ଯିବା ସମୟରେ ଗେଟ ବନ୍ଦ ହେବା ଦ୍ୱାରା ଘଣ୍ଟା ଘଣ୍ଟା ଧରି ଗେଟର ଏପଟେ ସେପଟେ ଶହ ଶହ ଗାଡି ଜାମ୍ ଲାଗୁଛି ଏପରିକି ବଜାରରେ ଲୋକମାନେ ଯାତାୟତ କରିବା କଷ୍ଟ ହେଉଥିବା ବେଳେ କେତେକ ଦୁର୍ଘଟଣାର ମୁହଁ ମୁହଁରେ ପଡୁଛନ୍ତି। ଯାହାକି ସବୁ ଟ୍ରକ ବନ୍ଦ ହେବା ଦ୍ୱାରା ଟ୍ରାଫିକ୍ ସମସ୍ୟା ଜଟିଳ ହୋଇପଡୁଛି। ଏହାର ପ୍ରତିକାର ପାଇଁ ଦୀର୍ଘବର୍ଷ ହେବ ସର୍ବପ୍ରଥମେ ମୁନିଗୁଡା ବଣିକ ସଂଘ ଓ ବିକାଶ ପରିଷଦ ଭୂତଳ ରାସ୍ତା ନିର୍ମାଣ ନିମନ୍ତେ ତତ୍କାଳୀନ ରେଳମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ଲିଖିତ ଜଣାଇଥିବା ସହ ଡିଆରଏମ୍‌ଙ୍କୁ ମଧ୍ୟ ଦାବି କରିଆସୁଥିଲେ। ରେଳେ ରେଳ ବିଭାଗ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଉନଥିବାରୁ ବାଧ୍ୟ ହୋଇ ଭୂତଳ ରାସ୍ତା ଦାବି ନେଇ ବିଭିନ୍ନ ସଂଗଠନମାନ ସାମିଲ ହୋଇ ରାସ୍ତାରୋକ ତଥା ଧାରଣାରତ କାର୍ଯ୍ୟକୁ ଜନସାଧାରଣ ପାଥେୟ କରିଛନ୍ତି। ଏହାକୁ ନେଇ ଗତକାଲି ମଧ ବିଭିନ୍ନ ସଂଗଠନ ପକ୍ଷରୁ ଧାରଣାରତ ଥିବା ବେଳେ ମୁନିଗୁଡା ତହସିଲଦାର ଓ ସମ୍ବଲପୁର ରେଳ ଡିଭିଜନର ପରିଚାଳକ ଏନ୍ ରବିନ ରାଜୁ ପହଞ୍ଚି ସାତଦିନ ମଧ୍ୟରେ ଜଣାଇବା ପାଇଁ ପ୍ରତିଶୃତି ଦେଇ ଧାରଣାକାରୀଙ୍କୁ ଉଠାଇଥିଲେ। ଅପର ପକ୍ଷରେ ଧାରଣାକାରୀ କହିଛନ୍ତି ଆମର ଦାବୀକୁ ଯଦି ରେଳ ବିଭାଗ ଅଣଦେଖା କରେ ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ତିବ୍ରତର ହେବ ବୋଲି ଧାରଣାକାରୀ କହିଥିଲେ।

## ଦୁଇ ଗ୍ରାମବାସୀଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାରେ ମାଓବାଦୀମାନେ ବର୍ବରକାଣ୍ଡ ଭିଆଇଛନ୍ତି। ପୁଲିସ୍ ସୂଚନାଦାତା ସନ୍ଦେହରେ ମାଓବାଦୀ ମାନେ ଭେଜେଡୁ ମଣ୍ଡଳ ପେରୁ ଗ୍ରାମର ଉଇକା ରମେଶ ଏବଂ ଅନ୍ୟ ଜଣେ ଗ୍ରାମବାସୀ ଉଇକା ଅର୍ଜୁନଙ୍କୁ ବୀଭତ୍ସ ଭାବେ ହତ୍ୟା କରିଛନ୍ତି । ନକ୍ସଲଙ୍କ ୱାଜେଡୁ ଭେଙ୍କଟାପୁରମ୍ ସଂଗଠନର ସଚିବ ଶାନ୍ତଙ୍କ ଦ୍ୱାରା ଘଟଣାସ୍ଥଳରେ ଏନେଇ ଏକ ହାତଲେଖା ଚିଠି ରଖାଯାଇଥିବା ବେଳେ ପୋଲିସକୁ ସୂଚନା ଦେଉଥିବାରୁ ଦୁଇ ଗ୍ରାମବାସୀଙ୍କୁ ହତ୍ୟା କରାଯାଇଥିବା କଥା ସାଥିରେ ଲେଖା ରହିଛି । ପୋଲିସ ଠାରୁ ମିଳିଥିବା ସୂଚନା ଅନୁସାରେ, ଏହି ଦୁଇ ଗ୍ରାମବାସୀଙ୍କୁ ମାଓବାଦୀମାନେ ଘରୁ ଉଠାଇନେଇ ଗ୍ରାମ ନିକଟରେ ନିର୍ମମ ଭାବେ ହତ୍ୟା କରି ମୃତଦେହ ଛାଡ଼ି ଚାଲିଯାଇଥିଲେ । ନକ୍ସଲ ସଂଗଠନ ଦୁର୍ବଳ ହେଉଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିବାକୁ ଏପରି ହତ୍ୟାକାଣ୍ଡ ଘଟାଉଥିବା ପୋଲିସ କହିଛି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ପୋଲିସ ୨ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି ।

## ଭତ୍ତା ଟଙ୍କା ଜମା ବହିରୁ ବ୍ୟାଙ୍କ କାଟି ନେଉଥିବା ଅଭିଯୋଗ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): ଜମା ବହିରୁ ଭତ୍ତା ଟଙ୍କା ବ୍ୟାଙ୍କ୍ କାଟି ନେଉଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମର ୭୦ବର୍ଷର ବୃଦ୍ଧ ଶ୍ରୀଧର ସ୍ୱାଇଁ ଅଭିଯୋଗ କରିଛନ୍ତି ଯେ, ସେ ଜଣେ ଦିନମଜୁରିଆ ହୋଇଥିବା ବେଳେ ଏବେ ବୟସାଧିକ ଯୋଗୁଁ ଆଉ ମୂଲପାତି ଲାଗି ପାରୁନାହାନ୍ତି। ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ଉପରେ ନିର୍ଭର କରି ଚଳୁଛନ୍ତି। ପ୍ରତିମାସରେ ତାଙ୍କ ଭତ୍ତା ବାବଦ ଅର୍ଥ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ମେହେନ୍ଦିପୁର ଶାଖାରେ ତାଙ୍କ ନାମରେ ଥିବା ସଞ୍ଚୟ ଜମା ବହି ନମ୍ବର ୪୦୬୪୩୪୦୦୬୦୦୦୪୮୭ରେ ଅନ୍‌ଲାଇନ ମାଧ୍ୟମରେ ଆସି ଜମା ହୋଇଥାଏ। ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗରୁ ପ୍ରତି ମାସରେ ଏହି ବାର୍ଦ୍ଧକ୍ୟ ଭତ୍ତା ଅର୍ଥ ଆସିଥାଏ। ଗତ ସେପ୍ଟେମ୍ବର ମାସ ୧୯ ତାରିଖରେ ତାଙ୍କ ଜମା ବହିରେ ଭତ୍ତା ବାବଦ ଅର୍ଥ ଜମା ହୋଇଥିଲା। ସେହି ଅର୍ଥକୁ ସମ୍ପୃକ୍ତ ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷ ତାଙ୍କୁ ନଜଣାଇ ଜମାବହିରୁ ଉଠାଇ ନେଇଥିବା ଶ୍ରୀଧର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହିତ ଅକ୍ଟୋବର ମାସରେ ମଧ ବ୍ୟାଙ୍କ ତାଙ୍କ ଜମାବହିରୁ ପୁନର୍ବାର ଅର୍ଥ କାଟିନେଇଥିବା ଅଭିଯୋଗ ହୋଇଛି। ସେ ବ୍ୟାଙ୍କକୁ ଯାଇ ଶାଖା ପରିଚାଳକଙ୍କୁ ଏ ସମ୍ପର୍କରେ ପଚାରିବାରେ ସେ କହିଲେ ଯେ ପୂର୍ବରୁ ଋଣ ଥିବାରୁ ସେ ବାବଦକୁ ଦୁଇଟି କିସ୍ତିରେ ଏକ ହଜାର ଟଙ୍କା କାଟି ନିଆଯାଇଛି। କିନ୍ତୁ ଋଣ ବାବଦକୁ ତାଙ୍କ ଜମା ବହିରୁ କାଟି ନେଇଥିବା ଏକହଜାର ଟଙ୍କାର କୌଣସି ରସିଦ ବ୍ୟାଙ୍କ ତାଙ୍କୁ ପ୍ରଦାନ କରିନଥିବା ସେ ଅଭିଯୋଗ କରିଛନ୍ତି। ଶ୍ରୀ ସ୍ୱାଇଁଙ୍କୁ ସରକାରଙ୍କ ପକ୍ଷରୁ ସାମାଜିକ ନିରାପତ୍ତା ବାବଦକୁ ମିଳୁଥିବା ଅର୍ଥକୁ ତାଙ୍କୁ ନଜଣାଇ ବ୍ୟାଙ୍କ ଏପରି ମନମୁଖୀ ଭାବେ କାଟିନେବା ଅତ୍ୟନ୍ତ ବେଆଇନ ଓ ନିୟମ ବିରୋଧୀ କାର୍ଯ୍ୟ ବୋଲି ସେ ଅଭିଯୋଗ କରିଛନ୍ତି। ସରକାରଙ୍କ ଠାରୁ ତାଙ୍କୁ ମିଳୁଥିବା ମାସିକ ଭତ୍ତା କେବଳ ତାଙ୍କର ଏକମାତ୍ର ସମ୍ବଳ। ସେ ଓଳିଏ ଖାଇଲେ ଆର ଓଳିକୁ ଉପାସ ରୁହନ୍ତି ବୋଲି କହିଛନ୍ତି। ଏଭଳି ପରିସ୍ଥିତିରେ ବ୍ୟାଙ୍କ ତାଙ୍କ ଜମାବହିରୁ ଭତ୍ତା ବାବଦକୁ ମିଳିଥିବା ଅର୍ଥ କାଟିନେଇ ତାଙ୍କୁ ଆହୁରି ବିପଦ ମଧ୍ୟକୁ ଟାଣି ନେଇଛି। ଯଦି ଖାଦ୍ୟ ବିନା ତାଙ୍କର ମୃତ୍ୟୁ ହୁଏ ତେବେ ସେଥିପାଇଁ ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ମେହେନ୍ଦିପୁର ଶାଖା ଦାୟୀ ରହିବ ବୋଲି ସେ ଜିଲ୍ଲାପାଳଙ୍କୁ ଲେଖିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବାକୁ ସେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

## ବବି ଦାସ ଭାଇ ଗିରଫ ହେବା ପ୍ରସଙ୍ଗ

## ସରକାରୀ ଦଳର ଚାପରେ କାମ କରୁଛି ପୋଲିସ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବବି ଦାସ ଭାଇ ଗିରଫ ହେବା ପ୍ରସଙ୍ଗରେ ବିଜେଡି ପ୍ରତିକ୍ରିୟା ରଖିଛି । ପ୍ରମିଳା ମଲ୍ଲିକ କହିଛନ୍ତି ଯେ, କାହା ଉପରେ ହିଂସା ହୋଇଛି କଣ ହୋଇଛି ପୋଲିସ ତଦନ୍ତ କରୁଛି । ତଦନ୍ତ ପରେ ଯାହା ଆଇନଗତ ଆକ୍ସନ ନେବା କଥା ନେବେ । ପୋଲିସ ତଦନ୍ତ କରୁଛି ଯେଉଁଠି ଯିଏ ସମ୍ପୃକ୍ତି ଥିବ ଆକ୍ସନ ନେଉନି କିଏ ମନା କଲା । କିନ୍ତୁ ଘଟଣାରୁ ଜଣାପଡୁଛି ସରକାରୀ ଦଳର ଚାପରେ ପୋଲିସ କାମ କରୁଛି। ପୋଲିସ ବର୍ତ୍ତମାନ ସରକାରୀ ଦଳର ବୋଲକରା ଭାବେ କାମ କରୁଛି । ପୋଲିସ ଠିକ ଭାବେ କିଛି କାମ କରୁନି । ବର୍ତ୍ତମାନ ଗୋଟେ ସରପଞ୍ଚକୁ ଦାନ ବେଳେ ବାଡେଇଲେ ତାକୁ ପୋଲିସ କେସ କଲାନି। ଅନ୍ୟ ଯେଉଁମାନେ ତାର କାଉଣ୍ଟର କେସ କଲେ ତାକୁ ଆରେଷ୍ଟ କଲେ । ବିଜେପି ଶାସନରେ ଏମିତି ହେଉଛି ପୂର୍ବରୁ ବିଜେଡି ଶାସନରେ ଏମିତି ହେଉ ନଥିଲା । ପୋଲିସ କେବେ ବିଜେଡିର ବୋଲକରା ହୋଇ କାମ କରୁନଥିଲା । ସରପଞ୍ଚଙ୍କ ସ୍ୱାମୀ କେଉଁଠି ବାଡେଇଛି ଦେଖେଇ ପାରିବେ ବୋଲି ପ୍ରଶ୍ନ କରିଛନ୍ତି ପ୍ରମିଳା।

## ରେମୁଣାରେ ବିଜେପି କୃଷକ ମୋର୍ଚ୍ଚାର ଗୁରୁତ୍ୱପୂର୍ଣ୍ଣ ବୈଠକ

କେନ୍ଦୁଝର(ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲ୍ଲାରେ ଖରିଫ୍ ଧାନ କିଣା କାରବାର ସ୍ୱଚ୍ଛତାର ସହିତ କରିବା ସହିତ କଟନୀ ଛଟନୀ ବନ୍ଦ କରିବା ଓ ମିଲର ମାନଙ୍କ ଦାଦାଗିରିକୁ ବନ୍ଦ କରିବା ପାଇଁ ଗତକାଲି ରେମୁଣା ବିଜେପି କାର୍ଯ୍ୟାଳୟ ଠାରେ ବିଜେପି କୃଷକ ମୋର୍ଚ୍ଚା ତରଫରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲା ସଭାପତି ଅନିଲ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ଓଡିଶାରେ ବିଜେପି ମୋହନ ଚରଣ ମାଝି ସରକାରଙ୍କ ୪ ମାସ ଅବଧି ଶାସନରେ କୃଷକ କଲ୍ୟାଣ ଯୋଜନାରେ ଚାଷୀମାନଙ୍କ ଆୟ




ଦୁଇ ଗୁଣା ହେବା ସହିତ ଓଡିଶାର ଚାଷୀ ସମୃଦ୍ଧ ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ ଭାଷଣରେ କହିଥିଲେ। ଆସନ୍ତା ଖରିଫ ଧାନ କିଣା କାରବାର ସ୍ୱଚ୍ଛତାର ସହିତ ହେବ। କଟନି ଛଟନି ବନ୍ଦ ହେବ। ଯେଉଁ ମାନେ ଏହାକୁ ଉଲଂଘନ କଲେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ସାହୁ କହିଥିଲେ। ଏହି ବୈଠକରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୁଲିନ୍ ପ୍ରକାଶ ପୁହାଣ, ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାପତି ସୁଶ୍ରୀ ମନୀଷା ଚିନ୍ମୟୀ ବେହେରା, ରାଜ୍ୟ ସଂଯୋଜକ କୌଶିକ ଚାନ୍ଦ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଶଙ୍କର୍ଷଣ ଜେନା, ସୁବୋଧ କୁମାର ପଣ୍ଡା, ଉପେନ୍ଦ୍ର ରାଉଳ, ବିଭୂତି ରଂଜନ ସେନାପତି, କାଳି ଚରଣ ମାଲ, ବିଶ୍ୱରଂଜନ ମହାପାତ୍ର, ଉତମ ମହାନ୍ତି, ବୈକୁଣ୍ଠ ସାମଲ, ନିଳାମ୍ବର ପଣ୍ଡା, ଶ୍ରୀଦ୍ଧାର୍ଥ ଶଂକର ବେହେରା, ରଜତ କୁମାର ମହାପାତ୍ର, ମହେଶ୍ୱର ରାଉତ, ଅରୁଣ କୁମାର ପ୍ରଧାନ, ବାମନ ନାୟକ, ଅଭୟ ବାରିକ, ସୁଧାକର ଆଚାର୍ଯ୍ୟ, ସଂଜୀବ କୁମାର ଦାସ, ରବିନାରାୟଣ ମହାପାତ୍ର, ସୃଷ୍ଟିଧର ସେନାପତି, ସୂର୍ଯ୍ୟକାନ୍ତ ସାହୁ, ଧୀରେନ ସେଠୀ, ଦିଲ୍ଲୀପ କୁମାର ପାତ୍ର, ବିଶ୍ୱଜୀତ୍ ନନ୍ଦ, ତନ୍ମୟ ଚାନ୍ଦ, ଅନୁପ କୁମାର ପ୍ରଧାନ, ପ୍ରିୟବ୍ରତ ପ୍ରଧାନ, ଗୌତମ ଜେନା ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକତା ଯୋଗଦାନ କରିଥିଲେ।

## ବିଜେପିମୁହାଁ ବେପାରୀ, ପେଟି କଣ୍ଟ୍ରାକ୍ଟର: କାମ ହାତେଇବାକୁ ନେତାଙ୍କ ସହ ମୂଳଚାଲ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ସାଧାରଣ ନିର୍ବାଚନ ରେ ବହୁମତ ହାସଲ କରି ରାଜ୍ୟରେ ବିଜେପି ସରକାର ଗଠନ କରିଛି। ଅଥଚ କାକଟପୁର ନିର୍ବାଚନ ମଣ୍ଡଳୀ ରେ ବିଜେଡି ଆସନ ଅକ୍ତିଆର କରିଛି। ଏଭଳି ସ୍ଥିତିରେ ସୁରକ୍ଷା ଦୃଷ୍ଟିରୁ କ୍ଷମତା ଯୁଆଡେ, ସେ ପଟେ ଢଳିଛନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ବିଭିନ୍ନ ପଂଚାୟତ ରେ ଥିବା ସ୍ଥାନୀୟ ବ୍ୟବସାୟୀ ଓ ପେଟି କଣ୍ଟ୍ରାକ୍ଟର। କଂଗ୍ରେସ ସରକାର ଅମଳରୁ ଏଭଳି ନୀତି ଚାଲି ଆସିଥିବା ବେଳେ ବର୍ତ୍ତମାନ ପୁଣି ସେଭଳି କିଛି ଦୃଶ୍ୟ ପରିଲିକ୍ଷିତ ହୋଇଛି। କଂଗ୍ରେସ କ୍ଷମତାରେ ଥିବା ବେଳେ ବ୍ୟବସାୟୀ ଓ କଣ୍ଟ୍ରାକ୍ଟର ଦଳୀୟ ନେତାଙ୍କ ପଛରେ ରହି ଫାଇଦା ଉଠାଇଛନ୍ତି। ବିଜେଡି କ୍ଷମତାକୁ ଆସିବା ପରେ ଦୀର୍ଘ ୨୪ବର୍ଷ ଶାସନ ସମୟରେ ଦଳର ପ୍ରମୁଖ ପଦବୀରେ ରହି ଲାଭ ପାଇଛନ୍ତି। ବିଜେପି ସରକାର ଗଠନ କରିବା ପରେ ସମ୍ପୃକ୍ତ ବ୍ୟବସାୟୀ ଓ ପେଟି କଣ୍ଟ୍ରାକ୍ଟର ମନ ବଦଳାଇଥିବା ଦେଖିବାକୁ ମିଳିଛି। ସେମାନେ ପଦ୍ମ ଆଡକୁ ଢଳୁଥିବା ଚର୍ଚ୍ଚା ଜୋରଧରିଛି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ଥିବା ଛୋଟ ବଡ଼ କଣ୍ଟ୍ରାକ୍ଟର ଏପରିକି ଅନ୍ୟଦଳର କେତେକ ନେତା ମଧ୍ୟ ବିଜେପିର ଗୁଣମାନ କରୁଥିବା ଦେଖିବାକୁ ମିଳିଛି। ଦଳରେ କିଛି ସାମିଲ ହୋଇଥିବା ବେଳେ ଆଉ କିଛି କଣ୍ଟ୍ରାକ୍ଟର ବାଟ ଖୋଜୁଛନ୍ତି। ତୃଣମୂଳସ୍ତରରେ ରାଜନେତା, ବ୍ୟବସାୟୀ ଓ କଣ୍ଟ୍ରାକ୍ଟର ନିଜ ଅଞ୍ଚଳରେ ଦବଦବା ରଖିବା ସହ ଅଞ୍ଚଳର ଛୋଟ ବଡ଼ କାମ ଧରିବାକୁ ଦଳପରିବର୍ତନ କରିବାକୁ ଲାଗିଛନ୍ତି, କେବଳ ଲକ୍ଷ୍ୟ ଠିକା ଧରି କାମ କରିବା ପାଇଁ। ଅନେକ ସମୟରେ ଅମୁକ ନେତାଙ୍କ ଲୋକ, ଶମୁକ ନେତାଙ୍କ ନିକଟତର କହି ସ୍ୱାର୍ଥ ସାଧନ କରୁଛନ୍ତି। ଏହା ସହ ଅନେକ ଛୋଟ ବଡ଼ କଣ୍ଟ୍ରାକ୍ଟର ଲୁଚି ଛପି ନୂତନ ନେତା ମାନଙ୍କୁ ଭେଟି ମୁଳଚାଲ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ଆଗାମୀ ଦିନରେ ବିଜେପି କେତେ ସଂଖ୍ୟାରେ ଅନ୍ୟଦଳର ନେତା, ବ୍ୟବସାୟୀ ଓ ପେଟି କଣ୍ଟ୍ରାକ୍ଟର ଦଳରେ ସାମିଲ କରି ପାରମ୍ପରିକ ଠିକା ରାଜନୀତିକୁ ପ୍ରୋତ୍ସାହିତ କରୁଛି ତାହା ପରେ ଜଣାପଡିବ। କିନ୍ତୁ କାକଟପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ଥିବା ବେଳେ ଜଗତସିଂହପୁର ସଂସଦୀୟ କ୍ଷେତ୍ରରେ ବିଜେପି ସାଂସଦ ଅଛନ୍ତି। କିନ୍ତୁ ବିଜୁ ଜନତା ଦଳର ସେମିତି କୌଣସି ଆଖି ଦୃଶ୍ୟୟା କାର୍ଯ୍ୟକ୍ରମ ହେଉନଥିବାରୁ ଅନେକ ଲୋକ ବିଜେପି ମୁହାଁ ହୋଇଛନ୍ତି। ଏଭଳି ପେଟି କଣ୍ଟ୍ରାକ୍ଟର ଓ ବ୍ୟବସାୟୀଙ୍କ ଠାରୁ ଦୁରେଇ ରହିବା ପାଇଁ ବିଜେପି ଓ ବିଜେଡି ନେତାଙ୍କୁ ପରାମର୍ଶ ଦେଇଛନ୍ତି ବୁଦ୍ଧିଜୀବି। ଅନ୍ୟ ପଟେ ବିଜେପି ନେତା ନିଜ ନାମ ଗୋପନ ରଖି କହିଛନ୍ତି ଦଳର ନୀତି ଓ ଆଦର୍ଶକୁ ମାନି ଯିଏ ସାମିଲ ହେବେ ତାଙ୍କୁ ଦଳକୁ ସ୍ୱାଗତ କରିବା ଲାଗି ନେତୃବୃନ୍ଦ ସବୁଜ ସଂକେତ ଦେବେ।

## ଜାତୀୟ କବି ବୀରକିଶୋରଙ୍କ ୧୨୬ତମ ଜୟନ୍ତୀ

କଟକ(ଭାସ୍କର ନ୍ୟୁଜ): ଜାତୀୟ କବି ବୀର କିଶୋର ସ୍ମୃତି ସଂସଦ ପକ୍ଷରୁ ଜାତୀୟ କବି ବୀରକିଶୋରଙ୍କ ୧୨୬ତମ ଜୟନ୍ତୀ ସାରଳା ଭବନଠାରେ ଶନିବାର ପାଳିତ ହୋଇଯାଇଛି। ସ୍ମୃତି ସଂସଦର ସଭାପତି ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସାହିତ୍ୟିକ ଡ. ମହେଶର ମହାନ୍ତି କହିଲେ, ଜାତୀୟ କବି ବୀର କିଶୋର ଦାସ ତାଙ୍କର ଜ୍ୱାଳାମୟୀ କବିତା ମାଧ୍ୟମରେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମକୁ ପ୍ରଜ୍ୱଳିତ କରିଥିଲେ। ସେ ମୋ ଦେଶ ନାମକ ଶିଶୁ ପତ୍ରିକା ପ୍ରକାଶ କରି ଶିଶୁ ସାହିତ୍ୟକୁ ସମୃଦ୍ଧ କରିଥିଲେ। ମୁଖ୍ୟବକ୍ତା କଥାଶିଳ୍ପୀ ତରୁଣ କୁମାର ସାହୁ କହିଲେ, ବୀରକିଶୋରଙ୍କ ରଚିତ ମୋହନ ବଂଶୀ, ରଣଭେରୀ, ରଣଦୁନ୍ଦୁଭି, ଅମର ଯୁଗର ସମର ସଂଗୀତ ଆଦି କବିତା ଗ୍ରନ୍ଥ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ପାଇଁ ବହୁ ତରୁଣଙ୍କୁ ପ୍ରଭାବିତ କରିଥିଲା। ଡ. ସ୍ୱାଇଁ କହିଲେ, ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବୀରକିଶୋର ସରକାରୀ ଚାକିରି ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ତାଙ୍କର ତ୍ୟାଗପୂତ ଜୀବନ ଉତ୍ତର ପିଢ଼ିଙ୍କ ଆଦର୍ଶ ହେଉ ବୋଲି ସେ ଆହ୍ୱାନ ଦେଇଥିଲେ। ପ୍ରଫେସର ସତ୍ୟନାରାୟଣ ପଣ୍ଡା, ଡ. ଭାଗବତ ଶୁକ୍ଳ, ଡା. ନିରଞ୍ଜନ ତ୍ରିପାଠୀ, ଡା. ନିମାଇଁ ଚରଣ ପରିଡା, କିଶୋର କୁମାର ମହାନ୍ତି, ପ୍ରସନ୍ନ କୁମାର ଜେନା, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପଟ୍ଟନୀ, ବ୍ରହ୍ମାନନ୍ଦ ମହାତି, ସଂଜିତ ପଟ୍ଟନାୟକ ପ୍ରମୁଖ ଜାତୀୟ କବିଙ୍କୁ ଶ୍ରଦ୍ଧାଳି ଅର୍ପଣ କରିଥିଲେ। ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାଲକାନଗିରି ଜିଲ୍ଲାରେ ନୂତନ ମତ୍ସ୍ୟ ଚାଷୀ ସଂଘ ଗଠିତ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରିରେ ମାଛ ଚାଷୀଙ୍କୁ ନେଇ ଏକ ନୂତନ ସଂଘ ଗଠନ କରାଯାଇଛି। ଯାହାର ନାମ ମାଲକାନଗିରି ମତ୍ସ୍ୟ ଚାଷୀ ସଂଘ ରଖାଯାଇଥିବା ବେଳେ ଏହାର ସଭାପତି ଭାବେ ମତ୍ସ୍ୟ ଚାଷୀ ଅଶୋକ ପରିଡା ଚୟନ ହୋଇଛନ୍ତି। ଏନେଇ ଆଜି ଜିଲ୍ଲାର କୋରୁକୋଣ୍ଡା ସ୍ଥିତ ତାରିଣୀ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ମତ୍ସ୍ୟ ଚାଷୀମାନେ ଉପସ୍ଥିତ ହୋଇଥିଲେ। ଏଥିରେ ସର୍ବସମ୍ମତି କ୍ରମେ ନୂତନ ସଂଘ ଗଠନ ପାଇଁ ନିଷ୍ପତ୍ତି ପରେ ଏହି ସଂଘର ଗଠନ କରାଯାଇ ଶ୍ରୀ ପରିଡାଙ୍କୁ ଏହାର ସଭପତି ଭାବେ ଚୟନ କରଯାଇଥିଲା। ସେହିପରି ଏହି ସଂଘର



ଉପସଭାପତି ଭାବେ ବଳରାମ ମାଢି, ସମ୍ପାଦକ ଭାବେ ସମୀର ବର୍ମନ ଓ କୋଷାଧ୍ୟକ୍ଷ ଭାବେ ଚକ୍ରଧର ପଟ୍ଟନାୟକ ସର୍ବସମ୍ମତି କ୍ରମେ ଚୟନ ହୋଇଥିଲେ। ଏହି ବୈଠକରେ ମତ୍ସ୍ୟ ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରାଯାଇଥିବା ବେଳେ ଆଗାମୀ ଦିନରେ ସଂଘ ମାଧ୍ୟମରେ ମତ୍ସ୍ୟଚାଷୀମାନେ ନିଜ ନିଜର ସମସ୍ୟାଗୁଡିକ ବିଭିନ୍ନ ବିଭାଗକୁ ଅବଗତ କରାଇ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

## ଅବକାରୀ ଚଢ଼ାଉ: ବାଇକ୍ ସହ ୧୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ଭଞ୍ଜନଗର (ଭାସ୍କର ନ୍ୟୁଜ୍): କନ୍ଧମାଳରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ ବେଳେ ଭଞ୍ଜନଗର ଅବକାରୀ ବିଭାଗ ପକ୍ଷରୁ ଭଞ୍ଜନଗର ସୋରାଦେବୀ ମନ୍ଦିର ନିକଟ ରାସ୍ତାରେ ଚଢ଼ାଉ। ଗୋଟିଏ ବାଇକ୍ ସହ ୧୦ କିଲୋ ଗଞ୍ଜେଇ ଜବତ। ଏଥିରେ ସମ୍ପୃକ୍ତ ଜଣେ ଚାଲାଣକାରୀଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ସୂଚନା ପ୍ରକାରେ, ଗଞ୍ଜେଇ ଚାଲାଣ ହେଉଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ଅବକାରୀ ବିଭାଗ। ଏନେଇ ଭଞ୍ଜନଗର-ଫୁଲବାଣୀ ମୁଖ୍ୟ ରାସ୍ତାର ଭଞ୍ଜନଗର, ସୋରାଦେବୀ ନିକଟରେ ଅବକାରୀ ବିଭାଗ କର୍ମଚାରୀମାନେ ଜଗି ରହିଥିଲେ। ପରେ ବାଇକ୍ ଯାଞ୍ଚ କରିବା ପରେ ସେଥିରୁ ୧୦ କିଲୋ ଗଞ୍ଜେଇ ଜବତ କରିଥିଲେ। ଏହି ଘଟଣାରେ ବ୍ୟବହୃତ ବାଇକ୍‌କୁ ଜବତ କରିଥିବା ବେଳେ ଏଥିରେ ସମ୍ପୃକ୍ତ ସହଦେବ ପାଲଙ୍କୁ ଗିରଫ କରାଯାଇଥିଲା। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ୬୨/୨୪-୨୫ରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାର ତଦନ୍ତକାରୀ ଅବକାରୀ ଥାନାଧିକାରୀ ଡମ୍ବରୁଧର ହରିଜନ ତଦନ୍ତ ଚଳାଇଥିବା ବେଳେ ସନାତନ ନାହାକ, ଜଗନ୍ନାଥ ମହାପାତ୍ର, ସୁବଳ ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

## ଅବସର ପରେ ତୁରନ୍ତ ପେନ୍‌ସନ୍ ନିଷ୍ପତ୍ତି ଓଡ଼ିଶାବାସୀଙ୍କ ହିତ ପାଇଁ ସରକାର କାମ କରୁଛନ୍ତି: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସରକାରୀ କର୍ମଚାରୀ ଅବସର ପରେ ସାଙ୍ଗେ ସାଙ୍ଗେ ପେନସନ ମିଳିବା ନିଷ୍ପତି ପ୍ରସଙ୍ଗରେ ଉପମୁଖ୍ୟମନ୍ତ୍ରୀ କେ ଭି ସିଂଦେଓ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ମୋହନ ସରକାର ଯାହା ନିଷ୍ପତି କରୁଛନ୍ତି ଓଡିଶା ବାସୀଙ୍କ ହିତ ପାଇଁ କରୁଛନ୍ତି । କାହା ମନ ଭିତରେ କୌଣସି ସନ୍ଦେହ ରହିବା ଉଚିତ ନୁହେଁ । ଏ ସରକାର ଓଡିଶାବାସୀଙ୍କ ସରକାର । ସରକାର ଯାହା ନିଷ୍ପତି ନେଇଛନ୍ତି ତାହା କାଯ୍ୟକାରୀ କରାଯିବ ।

## ବିଧାନସଭା ପରିସରରେ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାନ ବିପ୍ଳବୀ, ସର୍ବୋଦୟ ନେତା, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ଓ ସଫଳ ବ୍ୟକ୍ତିତ୍ୱର ଅଧିକାରୀ। ସେ ସର୍ବଦା ଦରିଦ୍ର ଅବହେଳିତ, ଦଳିତଙ୍କ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ । ଜଣେ ନିଷ୍ଠାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା । ସେ ସଂଭ୍ରାନ୍ତ ଓ ଜମିଦାର ପରିବାରର ବ୍ୟକ୍ତିଥିଲେ ମଧ୍ୟ ସମାଜର ଦଳିତ ଓ ନିଷ୍ପେସିତ ବର୍ଗର ଲୋକଙ୍କ ପାଇଁ ସାରା ଜୀବନ ସଂଗ୍ରାମ ଜାରି ରଖିଥିଲେ । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ସେ ଯୋଗଦେଇଥିଲେ । ସେତେବେଳେ ଓଡ଼ିଶାର ଛାତ୍ର ଓ ଯୁବକମାନଙ୍କ ଭିତରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଥିଲା। ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୧୨୩ତମ ଜୟନ୍ତୀ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ, ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ଓ ବିଧାନସଭାର ସଚିବ ଦାଶରଥୀ ଶତପଥୀ ବିଧାନସଭା ପରିସରରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀବୃନ୍ଦ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ ।

## ଅକ୍ଷୟ ଶକ୍ତି ରାଉଣ୍ଡ ଟେବୁଲ ବୈଠକରେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୂଆଦିଲ୍ଲୀରେ ହୋଇଥିବା ଅକ୍ଷୟ ଶକ୍ତି ରାଉଣ୍ଡ ଟେବୁଲ ବୈଠକରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଧ୍ୟକ୍ଷତା କରିଥିଲେ । ସୋସାଇଟି ଫର ଲିଗାଲ ଆଣ୍ଡ ପଲିସି ରିସର୍ଚ୍ଚ ଓ ଇଡାମ ଇନ୍‌ଫ୍ରାଷ୍ଟ୍ରକଚରର ମିଳିତ ଆନୁକୂଲ୍ୟରେ କନଫରେନ୍ସର ଆୟୋଜନ ହୋଇଥିଲା । ଶୁକ୍ରବାର ଦିନ ଏହି ସମ୍ମିଳନୀରେ ଓଡ଼ିଶାର ବିଭାଗୀୟ ଅଧିକାରୀ, ପ୍ରତିନିଧି, ଶିଳ୍ପ ଏବଂ ନିବେଶକମାନେ ଏକାଠି ଯୋଗଦେଇଥିଲେ । ୨୩ ଟି କମ୍ପାନୀର ୩୪ ଜଣ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସୌର ବିଦ୍ୟୁତ, ପବନ ଶକ୍ତି, ଗ୍ରୀନ ହାଇଡ୍ରୋଜେନ, ଗ୍ରୀନ ଆମୋନିଆ ଏବଂ ବର୍ଜ୍ୟ ବସ୍ତୁରୁ ଶକ୍ତି ଉତ୍ପାଦନ କରୁଥିବା କମ୍ପାନୀ ଗୁଡ଼ିକ ପ୍ରମୁଖ ଥିଲେ । ଓଡ଼ିଶାରେ ଥିବା ଅକ୍ଷୟ ଶକ୍ତିର ସୁଯୋଗ ତଥା ସମ୍ଭାବନାର ଅର୍ଥପୂର୍ଣ୍ଣ ବ୍ୟବହାର କରି ଘରୋଇ କମ୍ପାନୀର ଅଂଶଗ୍ରହଣକୁ ପ୍ରୋତ୍ସାହିତ ଏବଂ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମ୍ମିଳନୀର ଲକ୍ଷ୍ୟ ରହିଛି । ଓଡ଼ିଶା ଆଜିର ସମୟରେ ସ୍ୱଚ୍ଛ ଶକ୍ତିର ବ୍ୟବହାର, ଉତ୍ପାଦନ ଏବଂ ବିକାଶକୁ ପ୍ରୋତ୍ସାହିତ କରୁଛି । ଓଡ଼ିଶା ରାଜ୍ୟ ଅକ୍ଷୟ ଶକ୍ତି ନୀତି, ୨୦୨୨ ମଧ୍ୟ ଗ୍ରୀନ ହାଇଡ୍ରୋଜେନ, ଗ୍ରୀନ ଆମୋନିଆ, ଭାସମାନ ସୌରଶକ୍ତି, ପମ୍ପଡ ଷ୍ଟୋରେଜ ପାୱାର(ପିଏସପି), ପବନ ଶକ୍ତି ଭଳି ନୂତନ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରିଛି । ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଡିକାର୍ବୋନାଇଜେସନ୍ ଓ ଜଳବାୟୁ ଅନୁକୂଳ ଲକ୍ଷ୍ୟ ହାସଲରେ ଓଡ଼ିଶାର ଭୂମିକା ଉପରେ ଆଲୋକପାତ କରିଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ପୂରଣ ନିମନ୍ତେ ଓଡ଼ିଶା ୧୪୦ଗିଗାୱାଟରେ ସୌର ଏବଂ ଗ୍ରୀନ ହାଇଡ୍ରୋଜେନରୁ ପ୍ରସ୍ତୁତ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଅଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ । ଆହୁରି ମଧ କହିଥିଲେ ଯେ, ରାଜ୍ୟର ଅକ୍ଷୟ ଶକ୍ତି ନୀତିକୁ ସମୀକ୍ଷା କରି ଏହାକୁ ଆହୁରି ସୁଦୃଢ, ପୁଞ୍ଜିନିବେଶ ଅନୁକୂଳ ଓ ଗ୍ରାହକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ କରାଯାଇପାରିବ ।

## ଓମ୍ ବିର୍ଲାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓମ୍ ବିର୍ଲାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ରଘୁବର ଦାସ । ସୋସିଆଲ ମିଡିଆ ଏକ୍ସ ରାଜ୍ୟପାଳ କହିଛନ୍ତି ଯେ, ଲୋକସଭା ଅଧ୍ୟକ୍ଷ ଶ୍ରୀ ଓମ୍ ବିର୍ଲାଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା । ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆପଣଙ୍କ ସୁସ୍ଥ ଓ ସୁଦୀର୍ଘ ଜୀବନ କାମନା କରୁଛି। ସେହିପରି ଓମ୍ ବିର୍ଲାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଜନ୍ମଦିନର ଶୁଭେଚ୍ଛା । ଆପଣଙ୍କ ନେତୃତ୍ୱରେ ସଂସଦ ଗଣତନ୍ତ୍ରର ସର୍ବୋଚ୍ଚ ଆଦର୍ଶମାନେ ପାଳନ କରୁଛି । ଶ୍ରୀ ଜଗନ୍ନାଥ ଆପଣଙ୍କୁ ଦୀର୍ଘ, ସୁସ୍ଥ ଓ ସମୃଦ୍ଧ ଜୀବନ ପାଇଁ ଆଶୀର୍ବାଦ ଦିଅନ୍ତୁ । ସେହିପରି ଓମ୍ ବିର୍ଲାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ମାନନୀୟ ଲୋକସଭା ଅଧ୍ୟକ୍ଷ ଶ୍ରୀ ଓମ୍ ବିର୍ଲାଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭକାମନା । ଆପଣ ସର୍ବଦା ସଂସଦୀୟ ପରମ୍ପରାକୁ ସୁଦୃଢ କରିବା ଓ ସଂସଦକୁ ଜନକଲ୍ୟାଣକାରୀ ନୀତିର କେନ୍ଦ୍ର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି । ଆପଣଙ୍କ ଦୂରଦୃଷ୍ଟି ଓ ପ୍ରୟାସରେ ଦେଶର ଗଣତାନ୍ତ୍ରିକ ପରମ୍ପରା ଆହୁରି ମଜବୁତ ହୋଇଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ମାଆ ସମଲେଇଙ୍କ ନିକଟରେ ଆପଣଙ୍କ ଉତମ ସ୍ୱାସ୍ଥ୍ୟ ଓ ସୁଦୀର୍ଘ ଜୀବନ କାମନା କରୁଛି ।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଂଚାୟତ ହସିଣା ଗ୍ରାମରେ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର କେଉଁ ଆବାହମାନ କାଳରୁ ଅତି ଜାକଜମକ ସହ ବାର ମାସରେ ତେର ପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ପ୍ରଥମାଷ୍ଟମୀ ଅନ୍ୟତମ ରାତ୍ର ୪ଟାରୁ ମହାପ୍ରଭୁ ବଳଦେବ ହସିଣା ଗ୍ରାମର ସଂକୀର୍ତନ ମଣ୍ଡଳୀ ସହ ଗ୍ରାମ ପରିକ୍ରମା କରି ସୂର୍ଯ୍ୟ ଦର୍ଶନ ପରେ ସୂର୍ଯ୍ୟ ପୂଜା ଓ ପରେ ଯଜ୍ଞକାର୍ଯ୍ୟକ୍ରମ ଆରମ୍ଭ ହୋଇ ପ୍ରାୟ ଦିନତମାମ ଯଜ୍ଞ ଓ ପ୍ରସାଦ ସେବନ ଶ୍ରଦ୍ଧାଳୁ ଓ ଗ୍ରାମବାସୀ ମାନଙ୍କ ପାଇଁ ପ୍ରସ୍ତୁତି ହୋଇଥାଏ। ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମୁଖ୍ୟ ଟ୍ରଷ୍ଟି ଅମୁଲ୍ୟ ସାମଲ ଓ ଟ୍ରଷ୍ଟ ବୋର୍ଡର ମେମ୍ବରଙ୍କ ସହ ହସିଣା ଗ୍ରାମର ଜନସାଧାରଣ, ମୁରବି, ଯୁବଗୋଷ୍ଠି, ଭାଗବତ ଟୁଙ୍ଗିର ପ୍ରତେକ ମହିଳା ମାନେ ଠାକୁରଙ୍କ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇ ଥିଲେ। ଏବଂ ପରି ଶେଷରେ ରାତ୍ର ୮ଘଟିକା ସମୟରେ ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପଦ୍ମଶ୍ରୀ ବାବା ବଳିଆଙ୍କ ଶିଷ୍ୟ ଡ଼ ଅରୁଣ କୁମାର ପାଣି ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଗୋଶାଳା ସେବା ସମିତିର ସଂସ୍ଥାପକ ସଂଗ୍ରାମ କେଶରୀ ପଟ୍ଟନାୟକ,ଆଇନଜୀବି ଅଶୋକ ସାମନ୍ତରାୟ, ପୂଜକ ମଙ୍ଗୁଳି ମିଶ୍ର ଓ ସାଥି ମାନେ, ପୂଜାର ମୁଖ୍ୟ କର୍ତା କବି ପ୍ରସାଦ ମହାନ୍ତି, ସମାଜ ସେବି, ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ରହି ପ୍ରଭୁ ବଳଦେବଙ୍କ କୃପା ଲାଭ କରିଥିଲେ।



# ଆସନ୍ତା ୩-୪ ଦିନ ଭିତରେ ଆରମ୍ଭ ହେବ ଜମି ଚିହ୍ନଟ ପ୍ରକ୍ରିୟା



ପୁରୀ(ଭାସ୍କର ନ୍ୟୁଜ): ଶ୍ରୀଜଗନ୍ନାଥଙ୍କ ଜମି ଜାଲିଆତି ଘଟଣା । ଜମି ମାଫିଆଙ୍କୁ ପୁରୀ ଜିଲ୍ଲା ପ୍ରଶାସନର ଚେତାବନୀ । ମାଟିତୋଟାରେ ଉଚ୍ଛେଦ ହେବ ଜବରଦଖଲ । ୬୪ ଏକର ଜମିରେ ଥିବା ଘର ଉପରେ ବୁଲିବ ବୁଲଡୋଜର । ଆରମ୍ଭ ହେଲା ମାପଚୁପ । ମହାପ୍ରଭୁଙ୍କ ଜମିକୁ ଦଲାଲ ମୁକ୍ତ କରିବାକୁ ସେବାୟତଙ୍କ ଦାବି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ଜାଲିଆତି ଘଟଣାର ଆରମ୍ଭ ହୋଇଛି ଖୋଳତାଡ ।ମାଟିତୋଟା ମୌଜାରେ ଥିବା ୬୪ ଏକର ଜମିରେ ହୋଇଥିବା ୧୨୫ଟି ବେଆଇନ ନିର୍ମାଣ ଉପରେ ଗଡିବ ବୁଲଡୋଜର । ଆଉ ଭଙ୍ଗାଯିବ ବେଆଇନ ନିର୍ମାଣ । ଏଭଳି ଚେତାବନୀ ଦେଇଛନ୍ତି ପୁରୀ ଜିଲ୍ଲାପାଳ । ସେପଟେ ଜମିର ମାପଚୁପ ଆରମ୍ଭ ହୋଇଥିବା ବେଳେ ସରକାରଙ୍କ ପଲିସି ଅନୁସାରେ ଜଗନ୍ନାଥଙ୍କ ଜମିର ବ୍ୟବସ୍ଥା କରାଯିବ। ଯେତେ ଜଗନ୍ନାଥଙ୍କ ନାଁରେ ଜମି ରହିଛି ତାହାର ସଂରକ୍ଷଣ ପାଇଁ ଓରସାକ ଦ୍ୱାରା ମ୍ୟାପିଂ ହୋଇଛି । ତାର ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ବି ନିଆଯାଉଛି । ପୁରୀ ବାସେଳିସାହି ଥାନା ମାଟିତୋଟା ମୌଜାରେ ଥିବା ଜଗନ୍ନାଥଙ୍କ ଜମିରୁ ଜବରଦଖଲକାରୀଙ୍କୁ ହଟାଯିବ । ସପ୍ତାହକ ଭିତରେ ୧୨୫ ବେଆଇନ ନିର୍ମାଣକାରୀଙ୍କୁ ଜାରି ହେବ ନୋଟିସ୍ । ଆଉ ମାସକ ପରେ ଆରମ୍ଭ ହେବ ଉଚ୍ଛେଦ । ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ, ବାସେଳିସାହି ଥାନା ଅଧିକାରୀ ଓ ତହସିଲଦାର ଏବଂ ଆରଆଇ ଜମିକୁ ମାପଚୁପ କରିଛନ୍ତି । ବେଆଇନ ଭାବେ ଘରଦ୍ୱାର କରିଥିବା ଲୋକଙ୍କ ନାମ ସଂଗ୍ରହ କରି ଏକ ରିପୋର୍ଟ ଜିଲ୍ଲାପାଳଙ୍କୁ ଦିଆଯାଇଛି । ସେମାନଙ୍କୁ ନୋଟିସ ପରେ ଜବାବ ଦାଖଲ ରିପୋର୍ଟକୁ ଅନୁଧ୍ୟାନ କରାଯିବ । ତାପରେ ଉଚ୍ଛେଦ ପ୍ରକ୍ରିୟା କରାଯିବ । ତେବେ ଜମିର ମାଲିକାନା କିମ୍ବା ରେକର୍ଡରେ କୌଣସି ପରିବର୍ତ୍ତନ ହେବ ନାହିଁ । ମାଟିତୋଟା ମୌଜାର ୟୁନିଟ୧ ଖାତା ନଂ ୩୮ରେ ୧୦୯ଟି ପ୍ଲଟ ବେଆଇନ ଭାବେ ଜବରଦଖଲ ହେବା ସହ ହସ୍ତାନ୍ତର ହେବା ଜଣାପଡିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାସେଳି ସାହି ଥାନାରେ ଏତଲା କରାଯାଇଥିଲା। ଘଟଣାରେ ୭ ଜଣଙ୍କ ନାଁରେ ଜମି ଜାଲିଆତି କରିବା ନେଇ ମାମଲା ରୁଜୁ କରାଯାଇଛି । ଜଗନ୍ନାଥ ମହାପ୍ରଭୁଙ୍କ ଜମି ବେଆଇନ ଜବରଦଖଲ ଜଣାପଡିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଜମି ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଉ ଏହା ପରେ ତହସିଲଦାର ଓ ଶ୍ରୀମନ୍ଦିର ରାଜସ୍ୱ ଉପବିଭାଗ ମହାପ୍ରଭୁଙ୍କ ଜମି ସୁରକ୍ଷା ପାଇଁ ଏବେ ଅଣ୍ଟା ଭିଡିଛନ୍ତି । ତେଣୁ ଓରସାକ୍‌କୁ ମହାପ୍ରଭୁଙ୍କ ଜମିର ସୁରକ୍ଷା ଓ ରକ୍ଷଣବେକ୍ଷଣ ପାଇଁ ମ୍ୟାପିଂ କରିବା ପାଇଁ କୁହାଯାଇଛି। ପୁରୀ ସହରରେ ଜଗନ୍ନାଥ ଜମିକୁ ନେଇ ୟୁନିଫର୍ମ ପଲିସି ଉପରେ ଆଇନ ଆସିଲେ ସେ ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଜିଲାପାଳ । ସେପଟେ ମହାପ୍ରଭୁଙ୍କ ସବୁ ଜମି ଓ ଖଣି ଖାଦାନ କିଭଳି ଜବରଦଖଲ ମୁକ୍ତ ହେବ ସେନେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି ସେବାୟତ । ରାଜ୍ୟର ୭ଟି ଜିଲ୍ଲାର ୭ ତହସିଲ ଅଞ୍ଚଳରେ ମହାପ୍ରଭୁଙ୍କ ୧୬୯ ଏକରରୁ ଅଧିକ ଜମିରୁ ଜବରଦଖଲ ଉଚ୍ଛେଦ ନେଇ ୯୭୪ଟି ମାମଲା ରୁଜୁ ହୋଇଛି । ଯାହା ଭିତରେ ପୁରୀ ତହସିଲରେ ୨୨ ଏକରରୁ ଅଧିକ ଜମି ରହିଛି । ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି ପୁରୀ ସହର, ସଦର ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ମହାପ୍ରଭୁଙ୍କ ଜମିର ଡିଜିଟାଇଜେସନ ହେବ। ଓରସାକ ପକ୍ଷରୁ ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ମହାପ୍ରଭୁଙ୍କ ଜମି ଜବରଦଖଲ କରିଥିବା କୌଣସି ବ୍ୟକ୍ତିଙ୍କୁ ଛଡା ଯିବ ନାହିଁ। ଏଭଳି କଡା ଆଭିମୁଖ୍ୟ ରଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ପୁରୀ ବାସେଳୀ ସାହି ଥାନା ଅନ୍ତର୍ଗତ ମାଟିତୋଟାରେ ମହାପ୍ରଭୁଙ୍କ ଜମି ବେଆଇନ ଭାବେ ଜବରଦଖଲ ଓ ବିକ୍ରୀ ଉଦ୍ୟମ ଘଟଣାରେ କାହାରିକୁ ଛଡାଯିବ ନାହିଁ। ଜିଲ୍ଲାପାଳ ନିଜେ ଘଟଣାର ସମୀକ୍ଷା କରୁଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି ।ଖାଲି ପଡିଥିବା ଜମିରେ ବାଉଣ୍ଡରୀ ସହ ଜବରଦଖଲ ସ୍ଥାନ ଉଚ୍ଛେଦ ହେବ ।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଏହି ସୂଚନା ଦେଇଛନ୍ତି। ପୂର୍ବରୁ ଜିଲ୍ଲାପାଳ କହିଥିଲେ ଜମିର ମାଲିକାନା କିମ୍ବା ରେକର୍ଡ଼ରେ କୌଣସି ପରିବର୍ତ୍ତନ ହେବ ନାହିଁ। ତହସିଲ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଇଛି। ଆସନ୍ତା ୩- ୪ ଦିନ ଭିତରେ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ ।ଘରୋଇ ପ୍ଲଟକୁ ବାଦ ଦେଇ ଜବରଦଖଲ ଓ ବିକ୍ରୀ ହୋଇଥିବା ପ୍ଲଟ ଉଚ୍ଛେଦ ହେବ ।

# ଖବର ପ୍ରସାରଣ ପରେ ବିଦ୍ୟାଳୟକୁ ତିଆରି ହେଲା ରାସ୍ତା



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଞ୍ଚାୟତ କେନ୍ଦିଲୋସ୍ଥିତ ବାବା ତାରକ ଚନ୍ଦ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଅବଶେଷରେ ପ୍ରଶାସନ ତରଫରୁ ଏକ ନିତିଦିନିଆ ରାସ୍ତା ନିର୍ମାଣ କରାଯାଇଥିବାରୁ ଛାତ୍ରଛାତ୍ରୀ ତଥା ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏହି ବିଦ୍ୟାଳୟର ୫ଟି ଶ୍ରେଣୀରେ ୫୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ତେବେ ବିଦ୍ୟାଳୟକୁ ଯିବା ନିମନ୍ତେ କୌଣସି ସ୍ଥାୟୀ ରାସ୍ତା ନଥିଲା। ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକମାନେ ବର୍ଷା ଋତୁରେ ଆଣ୍ଠୁଏ ଲେଖାଏଁ ପାଣି ଓ କାଦୁଅରେ ପଶି ବିଦ୍ୟାଳୟକୁ ଯିବା ଆସିବା କରୁଥିଲେ। ଫଳରେ ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ନାହିଁନଥିବା ସମସ୍ୟାର ସମ୍ମୁଖିନ ହେଉଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲା। ପ୍ରଶାସନ ତରଫରୁ ଏହି ବିଦ୍ୟାଳୟର ରାସ୍ତା ନିର୍ମାଣ ନିମନ୍ତେ ତତ୍ପରତା ପ୍ରକାଶ ପାଇଥିଲା। ସରକାରଙ୍କ ତରଫରୁ ରାସ୍ତା ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର କରାଯାଇଥିଲା। ଏହି ଅର୍ଥରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗତିକୃଷ୍ଣ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଥିବା ଜଣାଯାଇଛି। ତେବେ ଏହି ବିଦ୍ୟାଳୟ ପରିସରକୁ ଯିବାଆସିବା କରିବା ନିମନ୍ତେ ଏକ ସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଥିବା କାରଣରୁ ଛାତ୍ରଛାତ୍ରୀ ତଥା ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି।

## ଭୁବନ ଅଧ୍ୟକ୍ଷ ଅନାସ୍ଥା ତାରିଖ ଡିସେମ୍ବର ୧୩କୁ ଘୁଞ୍ଚିଲା

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ପାଇଁ ଆଗତ ଅନାସ୍ଥା ପ୍ରସ୍ତାବକୁ ଉଚ୍ଚ ନ୍ୟାୟାଳୟ ସ୍ଥଗିତ ରଖିଥିଲେ। ଏହାର ଶୁଣାଣି ପାଇଁ ଉଚ୍ଚ ନ୍ୟାୟାଳୟ ନଭେମ୍ବର ୨୨ ତାରିଖକୁ ଦିନ ଧାର୍ଯ୍ୟ କରିଥିବା ବେଳେ ପୁନରାୟ ତାରିଖକୁ ଡିସେମ୍ବର ମାସ ୧୩ ତାରିଖକୁ ଘୁଞ୍ଚାଇ ଦିଆଯାଇଥିବା ସୂଚନା ଦିଆଯାଇଛି। ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୫ କାଉନସିଲରଙ୍କ ମଧ୍ୟରୁ ୧୧ ଜଣ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଅଧ୍ୟକ୍ଷ ଶୁଭେନ୍ଦୁ ସାହୁଙ୍କ ବିରୋଧରେ ଅନାସ୍ଥା ଭୋଟ ଆଗତ କରିଥିଲେ। ସେମାନେ ହେଲେ ବିଜେପିର ୱାର୍ଡ ୨ କୃପାସିନ୍ଧୁ ବେହେରା, ୱାର୍ଡ ୪ ସୁଚିତ୍ରା ସାହୁ, ୱାର୍ଡ ୫ ରିତା ସାହୁ, ୱାର୍ଡ ୬ ସୁଶାନ୍ତ ଦାସ, ୱାର୍ଡ ୮ ସସ୍ମିତା ଦାସ, ୱାର୍ଡ ୧୦ ମୁଲତା ସେଠୀ, ୱାର୍ଡ ୧୩ ମନୋରନ ସାହୁ, ବିଜେଡି କାଉନସିଲର ୱାର୍ଡ ୧୧ ସ୍ୱର୍ଣ୍ଣ ମରୀ ସାହୁ, ୱାର୍ଡ ୭ ନରେନ୍ଦ୍ର ବେହେରା, ୱାର୍ଡ ୧୫ ଝୁନୁ ନାୟକ, ୱାର୍ଡ ୧ ର ଗିରିଧାରୀ ସାହୁ ଉପସ୍ଥିତ ହୋଇ ଭୋଟ ଦେଇଥିବା ଜଣାପଡିଛି। ନଭେମ୍ବର ୪ ତାରିଖରେ ଜିଲ୍ଲାପାଳଙ୍କୁ ଭୁବନ ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ । ଢେଙ୍କାନାଳ ଜିଲ୍ଲାପାଳଙ୍କ ଚିଠି ୧୩୫୪୨/୭.୧୧.୨୪ ନମ୍ବର ଅନୁଯାୟୀ କାମାକ୍ଷାନଗର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟଳୟରେ ଭୋଟ ହୋଇଥିଲା। ନଗରପାଳ ଶୁଭେନ୍ଦୁ ସାହୁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ।ମଧ୍ୟବର୍ତ୍ତି କାଳୀନ ଆଦେଶରେ ଦର୍ଶାଯାଇଥିଲା ଯେ ପରିଷଦ ଗଣ ନିର୍ଦ୍ଧାରିତ ସମୟରେ ଭୋଟ ଦେବେ କିନ୍ତୁ ନିର୍ବାଚନ ଅଧିକାରୀ ଉପ ଜିଲ୍ଲାପାଳ ନାରାୟଣ ନାୟକ ଗଣତି କରିଛନ୍ତି କିନ୍ତୁ ଉଚ୍ଚ ନ୍ୟାୟାଳୟର ଆଦେଶ ୨୭୩୪୫/୨୪ ଅନୁଯାୟୀ ଫଳାଫଳ ଘୋଷଣା କରିପାରିନଥିଲେ । ବିଚାର ପାଇଁ ନଭେମ୍ବର ୨୨ ତାରିଖ ସ୍ଥିର ଥିଲା। ବିଚାର ପରେ ଏହା ଡିମେମ୍ବର୍ ୧୩ ତାରିଖକୁ ଉଚ୍ଚ ନ୍ୟାୟାଳୟ ସ୍ଥିର କରିଛନ୍ତି।

# ୧୬ କିଲୋ ଗଞ୍ଜେଇ ଜବତ: ଅଭିଯୁକ୍ତ କୋର୍ଟଚାଲାଣ



ନବରଙ୍ଗପୁର(ଭାସ୍କର ନ୍ୟୁଜ): ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ୧୬ କିଲୋ ଗଞ୍ଜେଇ ସହ ଜଣେ ଚଲାଣକାରୀ ଗିରଫ । ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ଥାନା ଅନ୍ତର୍ଗତ ପଥରଲସା ଗ୍ରାମଠାରେ ଜଣେ ବ୍ୟକ୍ତି ସକାଳୁ ଅବକାରୀ ବିଭାଗର କର୍ମଚାରୀ ମାନଙ୍କୁ ଦେଖି ଦୌଡିବା ସମୟରେ ସନ୍ଦେହରେ ତାକୁ କାବୁ କରିଥିଲେ। ବ୍ୟକ୍ତିଙ୍କୁ ତଲାସୀ କରିବା ବେଳେ ତାଙ୍କଠାରେ ଥିବା ଜରି ଅଖାରେ ୧୬ କିଲୋ ଗଞ୍ଜେଇ ଜବତ ହୋଇଥିଲା । ବ୍ୟକ୍ତି ଜଣକ ହେଲେ ନନ୍ଦାହାଣ୍ଡି ବ୍ଲକ ପଥରଲସା ଗ୍ରାମର ଡମ୍ବରୁଧର ନାୟକ। ଏ ବାବଦରେ ଅବକାରୀ ବିଭାଗ ୧୭୮/୨୪/୨୫ରେ ଏକ କେସ ରୁଜୁ କରି କୋର୍ଟଚାଲାଣ କରିଥିବା ଅବକାରୀ ବିଭାଗ ସୂଚନା ଦେଇଛି । ହେଲେ କେଉଁ ସ୍ଥାନରୁ କେଉଁ ସ୍ଥାନକୁ ଏହି ଗଞ୍ଜେଇ ଚଲାନ ଉଠାରୁ ଏହି ଗଞ୍ଜେଇ ଚଲାନ ହେଉଛି ବର୍ତ୍ତମାନ ସୁଦ୍ଧା କୌଣସି ଖବର ମିଳିପାରି ନାହିଁ । ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏହି ଚଢାଉ କରାଯାଇଥିବା ବେଳେ ଇନ୍ସପେକ୍ଟର ବୃନ୍ଦାବନ ମଣ୍ଡଳ, ସବ୍‌ଇନ୍ସପେକ୍ଟର କେ ଭାସ୍କର, ରଞ୍ଜିତ ସିଂ, ଦେବେନ୍ଦ୍ର ସମରଥ, ରିନା ବଡ଼ ନାୟକ, ଉମେଶ ହରିଜନ ସାମିଲ ଥିଲେ ।

# ଜିଲ୍ଲାସ୍ତରୀୟ ଇଂରାଜୀ ଭାଷା ଶିକ୍ଷଣର ଅଭିନବ ପ୍ରଶିକ୍ଷଣ




ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ଶରତ ଚନ୍ଦ୍ର ବିଦ୍ୟାପୀଠରେ ରାଜ୍ୟ ଭାଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱର ଆନୁକୂଲ୍ୟରେ ଆଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ପାଠ୍ୟକ୍ରମ ଆଧାରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତଥା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ଦିନ ଧରି ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳିତ ହୋଇଯାଇଛି । ଏଥିରେ ଜିଲ୍ଲାର ମୋଟ ୨୦ଟି ବ୍ଲକରୁ ମନୋନୀତ ୪୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ନେଇ ଶିବିରଟି ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ରବିକାନ୍ତ ମହାପାତ୍ର, ରଞ୍ଜନ କୁମାର ସ, ମଙ୍ଗୁଳଚରଣ ପାତ୍ର ଓ ତୁଳସୀ ପ୍ରସାଦ ଦାସ ଯୋଗ ଦେଇଥିଲେ । ପ୍ରଶିକ୍ଷଣ କାର୍ଯ୍ୟର ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଇଂରାଜୀ ଭାଷା ପ୍ରଶିକ୍ଷକ ଜୟଚନ୍ଦ୍ର ବେହେରା ସମସ୍ତ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରିଥିଲେ । ତାଲିମ ଶିବିରକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ ଉଦଘାଟନ କରିଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି ପରିଦର୍ଶନ କରିଥିଲେ । ତାଲିମ ଶିବିର ଦାୟିତ୍ୱରେ ଥିବା ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଶିକ୍ଷା ସଂଯୋଜିକା ଶୈଳବାଳା ବେହେରା ଓ ଶିକ୍ଷକ ଦିଲ୍ଲୀପ କୁମାର ଘୋଷ ଉପସ୍ଥିତ ରହି ପ୍ରଶିକ୍ଷଣର ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନାରେ ସହଯୋଗ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମଟି ପର୍ଯ୍ୟାୟକ୍ରମେ ଉଭୟ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ୯ ସପ୍ତାହ ଧରି ଅନୁଷ୍ଠିତ ହେବ ଓ ଇଂରାଜୀ ଭାଷା ଶିକ୍ଷାକ୍ଷେତ୍ରରେ ଏହା ଏକ ସମୟୋପଯୋଗୀ ପଦକ୍ଷେପ ବୋଲି ପ୍ରଶିକ୍ଷାର୍ଥୀମାନେ ମତ ଦେଇଥିଲେ ।

## ଦୁର୍ଘଟଣାରେ ୨ ଗୁରୁତର

ବାରଙ୍ଗ(ଭାସ୍କର ନ୍ୟୁଜ): ଶନିବାର ପୂର୍ବାହ୍ନ ୧୧ଟା ସୁଦ୍ଧା ମଞ୍ଚେଶ୍ୱର ଏସ୍‌କେପ୍ ନିକଟ କୁଆଖାଇ ପଟିଆ ବନ୍ଧ ରାସ୍ତାରେ ଏକ କାର ସହ ବାଇକ ଧକ୍କା ହେବା ଫଳରେ ଦୁଇଜଣ ଗୁରତର ହୋଇଛନ୍ତି। ଉଭୟଙ୍କୁ ଆମ୍ବୁଲାନ୍ସ ସହାୟତାରେ ହସ୍ପିଟାଲ ନିଆଯାଇଛି। ଦେଖଣାହାରୀଙ୍କ ସୂଚନା ଅନୁସାରେ ଦୁଇଜଣ ଯୁବକ ଏକ ବାଇକରେ ଜରିପାଟଣା ଆଡୁ ମଞ୍ଚେଶ୍ୱର ଆଡେ ଯାଉଥିଲେ। ମଞ୍ଚେଶ୍ୱର ପଟୁ ଏକ କାର ଆସୁଥିଲା। ଜରିପାଟଣା ପଟୁ ଏସକେପ ଉଠାଣିଠାରୁ କିଛି ଦୂରରେ ବାଇକ ଆରୋହୀ ନିଶାସକ୍ତ ଭାବେ ଗାଡି ଚଳାଇ କାର ସହ ଧକ୍କା ଦେଇଥିଲା। ଫଳରେ ବାଇକରେ ଥିବା ଦୁଇଜଣ ଯୁବକ ଛିଟିକି ପଡ଼ିଥିଲେ। ଉଭୟଙ୍କ ଚେତା ଫେରି ନଥିଲା। ଆମ୍ବୁଲାନ୍ସକୁ ଖବର ଦେବା ପରେ ଆମ୍ବୁଲାନ୍ସ ଆସି ଉଭୟଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେଇଥିଲେ। ତେବେ ଯୁବକଙ୍କ ପରିଚୟ ମିଳି ପାରିନଥିବା ବେଳେ ଉଭୟ ହରିଦାସପୁରର ବୋଲି ଅନୁମାନ କରାଯାଇଛି।

## ଭୁବନରେ ମାତିଛନ୍ତି ଗାଡ଼ି ଚୋର, ସିସିଟିଭିରେ ଚୋରର ଫୁଟେଜ୍

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଭୁବନରେ ଏବେ ମାତିଛନ୍ତି ଗାଡି ଲୁଟେରା । ଗତକାଲି ଭୁବନ ଏନ୍‌ଏସି ୧ ନମ୍ବର ୱାର୍ଡ ଚାନ୍ଦିନୀ ଛକ ନିକଟରୁ ଏକ ମୋଟରସାଇକେଲ ଚୋରି ହୋଇଥିଲା । ଯାହାକି ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଛି । ସେହି ଚୋର ହେଲମେଟ ପିନ୍ଧି କିଭଳି ଚୋରି କରିବାକୁ ଯାଉଛି ତାହା ସିସିଟିଭିରୁ ଧରାପଡିଛି । ଭୁବନ ଅଞ୍ଚଳରେ ହେଲମେଟ ଓ ମାସ୍କ ବ୍ୟବହାର କରି ଯାଉଥିବା ବ୍ୟକ୍ତି ଉପରେ ଦୋକାନୀ ଓ ଅଞ୍ଚଳବାସୀ ନଜର ରଖିବାକୁ ସାଧାରଣରେ ଚର୍ଚ୍ଚା ହେଉଛି । ସିସିଟିଭିରୁ ବର୍ତ୍ତିବା ପାଇଁ ଗାଡି ଲୁଟେରାମାନେ ମାସ୍କ ଦ୍ୱାରା ମୁହଁ ଲୁଚାଇ ଗାଡ଼ି ଚୋରି କରି ପଳାଉଛନ୍ତି ।

# ପୂର୍ବତନ ସାଂସଦ, ବରିଷ୍ଠ ଶ୍ରମିକ ନେତା ସ୍ୱର୍ଗତ ପ୍ରଭାତ ସାମନ୍ତରାୟ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା



ପାରାଦୀପ(ଭାସ୍କର ନ୍ୟୁଜ): ପୂର୍ବତନ ସାଂସଦ, ବରିଷ୍ଠ ଶ୍ରମିକ ନେତା ତଥା ଉତ୍କଳ ପୋର୍ଟ ଆଣ୍ଡ ଡକ ୱାର୍କର୍ସ- ୟୁନିୟନ, ପାରାଦୀପ ପୋର୍ଟ ଆଣ୍ଡ ଡକ୍ ଲେବର ୟୁନିୟନ ଓ ଇଣ୍ଡିଆନ ନ୍ୟାସନାଲ ପୋର୍ଟ ଆଣ୍ଡ ଡକ୍ ୱାର୍କର୍ସ ଫେଡେରେସନର ସଭାପତି ସ୍ୱର୍ଗତ ପ୍ରଭାତ କୁମାର ସାମନ୍ତରାୟ ଗତ ଅକ୍ଟୋବର ୧୦ ତାରିଖ (ବୁଧବାର) ରାତି ସାଢେ ୧୦ଟାରେ ଇହଲିଳା ସମ୍ବରଣ କରିଥିଲେ । ଏହି ପରିପ୍ରେକ୍ଷୀରେ ପାରାଦୀପସ୍ଥିତ ଜୟଦେବ ସଦନ ପ୍ରାଙ୍ଗଣରେ ପାରାଦୀପ ପୂଜ୍ୟପୂଜା ସଂସଦ ଓ ପାରାଦୀପ ପୋର୍ଟ ଆଣ୍ଡ ଡକ୍ ୱାର୍କର୍ସ ୟୁନିୟନ ମିଳିତ ଆନୁକୂଲ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ବରିଷ୍ଠ ଶ୍ରମିକ ଓ ରାଜନେତା ତଥା ପୂର୍ବତନ ରାଜ୍ୟ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ଶ୍ରମିକ ନେତା ଅନନ୍ତ କୁମାର ଦାସ୍, ପୂର୍ବତନ ବିଧାୟିକା ଡ଼ଃ.ସିପ୍ରା ମଲ୍ଲିକ, ରବୀନ୍ଦ୍ର କୁମାର ସାମଲଙ୍କ ସମେତ ସବିତା ମହାପାତ୍ର, କୁଶ ଚରଣ ସୁତାର, ମନୋରମା ଖଟୁଆ, ରଞ୍ଜନ କୁମାର ସାହୁ ପ୍ରମୁଖ ସ୍ୱର୍ଗତ ସାମନ୍ତରାୟଙ୍କ ସ୍ମୃତିଚାରଣ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ । ସ୍ୱର୍ଗତ ସାମନ୍ତରାୟ ଥରେ ରାଜ୍ୟସଭା ଓ ଦୁଇ ଥର କେନ୍ଦ୍ରାପଡା ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ରାୟଗଡାସ୍ଥିତ ଜେ.କେ.ପେପର ମିଲ ସଂଗଠନ ଓ ପାରାଦୀପସ୍ଥିତ ପିପିଏଲ ୟୁନିୟନର ସଭାପତି ଭାବେ କାର୍ଯ୍ୟ ନିର୍ବାହ କରିଥିବା ବେଳେ ୧୯୭୭ ମସିହାରୁ ଇହଲୀଳା ସମ୍ବରଣ କରିବା ପର୍ଯ୍ୟନ୍ତ ଲମ୍ବା ସମୟଧରି ସ୍ୱର୍ଗତ ସାମନ୍ତରାୟ ଉତ୍କଳ ପୋର୍ଟ ଆଣ୍ଡ ଡକ୍ ୱାର୍କର୍ସ ୟୁନିୟନ ଓ ପାରାଦୀପ ପୋର୍ଟ ଆଣ୍ଡ ଡକ୍ ଲେବର ୟୁନିୟନ୍‌ର ସଭାପତି ଓ ୨୦୦୫ ମସିହାରୁ ନ୍ୟାସନାଲ ପୋର୍ଟ ଆଣ୍ଡ ୱାର୍କର୍ସ ଫେଡେରେସନ୍‌ର ସଭାପତି ଦାୟିତ୍ୱ ନିର୍ବାହ କରିଆସୁଥିଲେ ।

# ପାରାଦ୍ୱୀପଗଡ ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ସହାୟତା



କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଭିନ୍ନ କାରଣରୁ ମୃତ୍ୟୁ ବରଣ କରିଥିବା ୨୫ ଜଣ ଗରିବ ଶ୍ରେଣୀର ବ୍ୟକ୍ତିଙ୍କ ନିକଟତମ ପ୍ରତ୍ୟେକ ପରିବାର ସଦସ୍ୟ/ସଦସ୍ୟାଙ୍କୁ ତିନିହଜାର ଟଙ୍କା ଲେଖାଏଁ ହରିଶ୍ଚନ୍ଦ୍ର ଯୋଜନାରେ ସ୍ଥାନୀୟ ସରପଞ୍ଚ ସସ୍ମିତା ବେହେରା ପ୍ରଦାନ କରିଥିଲେ। ମାତ୍ର ହିତାଧିକାରୀଙ୍କୁ ହରିଶ୍ଚନ୍ଦ୍ର ସହାୟତା ପ୍ରମାଣ ପତ୍ର ପ୍ରଦାନ କରାଯାଇ ପାରିନଥିଲା, ଆଜି ଏକ ସ୍ୱତନ୍ତ୍ର ବୈଠକରେ ସରପଞ୍ଚ ସସ୍ମିତା ବେହେରା ୨୫ ଜଣ ହରିଶ୍ଚନ୍ଦ୍ର ହିତାଧୀକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ସରପଞ୍ଚଙ୍କ ପ୍ରାୟ ୩ ବର୍ଷ କାର୍ଯ୍ୟକାଳ ମଧ୍ୟରେ ୭୮ ଜଣଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ପଞ୍ଚାୟତରେ ସମସ୍ତ ଗରିବ ଶ୍ରେଣୀର ମୃତ୍ୟୁ ବ୍ୟକ୍ତିଙ୍କ ପରିବାର ସଦସ୍ୟ/ସଦସ୍ୟାଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରାଯିବ ବୋଲି ସରପଞ୍ଚ ଶ୍ରୀମତୀ ବେହେରା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଚନ୍ଦ୍ର ଶେଖର ଚୌଧୁରୀ ବିଷ୍ଣୁ ଚରଣ ସାହୁ, ନିରଞ୍ଜନ ପରିଡ଼ା, ଅଲେଖ ମହାରଥା ଓ ପ୍ରଭାତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସରପଞ୍ଚ ଶ୍ରୀମତୀ ବେହେରାଙ୍କ ଏପରି ଜନ ହିତକର କାର୍ଯ୍ୟଙ୍କୁ ସବୁ ମହଲରୁ ପ୍ରଶଂସା କରାଯାଇଛି।

# ବୋଲଗଡ ମହୋତ୍ସବ ଦ୍ୱିତୀୟ ପ୍ରସ୍ତୁତି ବୈଠକ



ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ବୀର ଦାସଙ୍କ ଆବାହକତ୍ୱରେ ଓ ପରିଚାଳନା କମିଟି ଆନୁକୂଲ୍ୟରେ ଶନିବାର ଦିନ ବୋଲଗଡ ମହୋତ୍ସବ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଟାଉନକ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ ଐତିହାସିକ ରବୀନ୍ଦ୍ର କୁମାର ପରିଡା, ପ୍ୟାରୀମୋହନ ଦାସ, ଲଲାଟେନ୍ଦୁ କେଶରୀ ସିଂ, ଗୋପୀନାଥ ଖାଡ଼ଙ୍ଗା, ପାର୍ବତୀକାନ୍ତ ଚମ୍ପତିରାୟ, ବଜେନ୍ଦ୍ର କୁମାର ପାଲଟାସିଂହ, ମନୋଜ କୁମାର ପଣ୍ଡାଙ୍କ ସମେତ ବହୁ ସଦସ୍ୟ ଓ ଜନସାଧାରଣ ଯୋଗ ଦେଇଥିଲେ । ପ୍ରାରମ୍ଭରେ ରବୀନ୍ଦ୍ର କୁମାର ପରିଡା ସ୍ୱାଗତ ଭାଷଣ ଦେଇଥିବାବେଳେ ସାଧାରଣ ସମ୍ପାଦକ ବୀର ଦାସ ଅତିଥି ପରିଚୟ ପ୍ରଦାନ କରି ଗତ ବର୍ଷ ମହୋତ୍ସବର ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ । ଏବଂ ଚଳିତ ବର୍ଷ ବୋଲଗଡ ମହୋତ୍ସବ ପାଳନ ପାଇଁ ବଜେଟ ଉପସ୍ଥାପନା କରିଥିଲେ । ଚଳିତ ବର୍ଷ ବୋଲଗଡ ମହୋତ୍ସବ ପରିଚାଳନା ପାଇଁ ସ୍ଥାୟୀ ସଭାପତି ଭାବେ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ସର୍ବ ସଂମ୍ମତି କ୍ରମେ ମନୋନୀତ କରାଗଲା । ଏହି ପ୍ରସ୍ତାବକୁ ମହୋତ୍ସବ ପରିଚାଳନା କମିଟିର କୋଷାଧକ୍ଷ ସନାତନ ପାଟଶାଣି ସମର୍ଥନ ଜଣାଇଥିଲେ । ଚଳିତ ବର୍ଷ ୨୧ ତମ ବୋଲଗଡ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ନୂତନ ସଭାପତି ପ୍ରଦୀପ କୁମାର ସାହୁ ଆଲୋଚନା କରି ନୂତନ ପ୍ରସ୍ତାବମାନ ଦେଇଥିଲେ । ଦର୍ଶକ ମାନଙ୍କର ମନ ମୋହିବା ପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ନୃତ୍ୟ, ସଙ୍ଗୀତ ଦଳମାନଙ୍କୁ ଯୋଗାଇଦେବାକୁ କହିଥିଲେ । ମହୋତ୍ସବରେ ବହୁ ସଂଖ୍ୟାରେ ଷ୍ଟଲ ନିର୍ମାଣ କରାଯାଇ ବ୍ୟବସାୟୀମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦିଆଯିବ ବୋଲି ନିଷ୍ପତି ନିଆଗଲା । ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗ ଆଲୋକରେ ମହୋତ୍ସବକୁ ରଙ୍ଗାୟତ କରାଯିବ । ପରିଶେଷରେ ସଂସ୍କୃତିକ ସମ୍ପାଦକ ପ୍ରଫୁଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରହ୍ମପୁର ମହାନଗର ନିଗମ ସାଧାରଣ ପରିଷଦ ବୈଠକ

# ଅଧିକାରୀଙ୍କ ଅଶୋଭନୀୟ ଆଚରଣକୁ ନିର୍ବାଚିତ ପ୍ରତିନିଧିଙ୍କ ନାପସନ୍ଦ




ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ବ୍ରହ୍ମପୁର ମହାନଗର ନିଗମର କର୍ପୋରେଟରଙ୍କୁ ଅଧିକାରୀ ଏବଂ କର୍ମଚାରୀମାନେ ଅଶୋଭନୀୟ ବ୍ୟବହାର ଦେଖାଉଛନ୍ତି । ଗୁରୁତ୍ୱ ଦେଉନାହାନ୍ତି । ଏପରିକି ମେୟରଙ୍କ କଥା ମଧ୍ୟ ଶୁଣୁନାହାନ୍ତି। ଏହାକୁ ନେଇ ବିଏମସିର କର୍ପୋରେସନ ବୈଠକରେ ଶୁକ୍ରବାର ତୀବ୍ର ଉତ୍ତେଜନା ଦେଖାଦେଇଛି। ମହିଳା କର୍ପୋରେଟରମାନେ ତୀବ୍ର ବିରୋଧ ସହିତ ହୋହାଲ୍ଲା କରିଥିଲେ। ପରିସ୍ଥିତି ଉତ୍ତେଜନାମୂଳକ ହେବାରୁ ମେୟର ସଂଘମିତ୍ରା ଦଳେଇ ହସ୍ତକ୍ଷେପ କରିଥିଲେ। କର୍ପୋରେଟରଙ୍କୁ ବୁଝାଇବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବୈଠକରେ ସହରର ବିଭିନ୍ନ ସମସ୍ୟା ନେଇ ମଧ୍ୟ ଆଲୋଚନା କରାଯାଇଥିଲା । ଦିନକୁ ଦିନ ସହରରେ ମଶାଙ୍କ ପ୍ରାର୍ଦୁଭାବ ବଢ଼ିବାରେ ଲାଗିଛି। ବିପର୍ଯ୍ୟସ୍ତ ପରିମଳ ଯୋଗୁଁ ଏଭଳି ସମସ୍ୟା ଦେଖାଦେଉଥିବା ବେଳେ ବିଏମ୍‌ସି ପକ୍ଷରୁ ଯେଭଳି ଗୁରୁତ୍ୱ ଦେବା କଥା ଦିଆଯାଉନଥିବା ନେଇ କର୍ପୋରେଟର କ୍ଷୋଭ ପ୍ରକାଶ କରିବା ସହ ହାତଯୋଡି କହିଲେ କମିସନର ସାର ମଶା ଦାଉରୁ ରକ୍ଷାକର। ଏଭଳି ମନ୍ତବ୍ୟକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇବା ସହ ତୁରନ୍ତ ଏଭଳି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱଦେଇ ମଶା ଧୂଆଁକୁ ପ୍ରାୟ ସମୟରେ ବ୍ୟବହାର କରାଯିବ ଏବଂ ମଶାର ଉତ୍ପତ୍ତିସ୍ଥଳଗୁଡିକରେ ରାସାୟନିକ ପ୍ରକ୍ରିୟରେ ବିଶୋଧନ କରାଯିବ ବୋଲି କମିସନର ଭବନୀପ୍ରସାଦ ମିଶ୍ର ମତବ୍ୟକ୍ତ କରିଥିଲେ। ଶୁକ୍ରବାର ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କର୍ପୋରେଟର ପ୍ରଦୀପ କୁମାର ଶତପଥୀ କହିଥିଲେ ସହରର ପ୍ରଥମ ନାଗରିକ ମେୟର ଏବଂ ଜଣେ ମହିଳାଙ୍କୁ ବିଏମ୍ ସିର ପୂର୍ବତନ ନିର୍ବାହୀଯନ୍ତ୍ରୀ ଲଳିତ ମୋହନ ଦାସ ଯେଭଳି ଅଶାଳୀନ ମନ୍ତବ୍ୟ ଦେବା ସହ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି ତାହା ଅତ୍ୟନ୍ତ ଉଦବେଗର ବିଷୟ। ଏଭଳି ଘଟଣା ନେଇ ମେୟର ଟାଉନ ଥାନାରେ ଏତଲା ଦେଇଥିଲେ ସୁଧା ପୁଲିସ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ। ଯଦି ମେୟରଙ୍କୁ ପୁଲିସ ସୁରକ୍ଷା ଦେଇପାରୁନି ତେବେ ସାଧାରଣ ନାଗରିକଙ୍କୁ କିପରି ସୁରକ୍ଷା ଦେବ ବୋଲି ପ୍ରଶ୍ନ କରିବା ସହ ତୁରନ୍ତ ଏଭଳି ସମସ୍ୟା ନେଇ ରାଜ୍ୟ ସରକାରଙ୍କୁ ଏ ଦିଗରେ ଅବଗତ କରାଇବା ସହ ଧମକକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ଏଭଳି ଘଟଣାକୁ ସମସ୍ତ ସଦସ୍ୟ ସମ ର୍ଥନ କରିଥିବା ଦେଖିବାକୁ ମିଳି ଥିଲା। ସେହିପରି ଅନ୍ୟତମ କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ ସହରରେ ଥିବା ସମସ୍ତ ଶୌଚାଳୟ ଗୁଡିକ ବିପର୍ଯ୍ୟସ୍ତ ଅବସ୍ଥାରେ ପଡି ରହିଛି । ଯାହାକୁ ନେଇ ଗତ କିଛିଦିନ ହେଲା ଗଣମାଧ୍ୟମରେ ଶିରୋମଣ୍ଡନ କରୁଥିବା ବେଳେ ଏ ଦିଗରେ ଶ୍ରୀ ବିଏମସିର କ'ଣ ପଦକ୍ଷେପ ରହିଛି ବୋଲି ପ୍ରଶ୍ନ କରିଥିଲେ। ତେବେ କର୍ପୋରେଟର ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତରରେ ମେୟର ଶ୍ରୀମତି ଦଳେଇ କହିଥିଲେ ତୁରନ୍ତ ଏକ କମିଟି ଜରିଆରେ ସହରରେ ଥିବା ସମସ୍ତ ଶୌଚାଳୟଗୁଡିକୁ ଅଚାନକ ପରିଦର୍ଶନ କରି ଦାୟିତ୍ୱରେ ଥିବା ସଂପୃକ୍ତ ଅଧିକାରୀ ଓ ପରିଚାଳନା କରୁଥିବା ଏସ୍‌ଏଜିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ସହ ଅସନ୍ତା ଦିନରେ ସାହରର ବିଭିନ୍ନ ସ୍ଥାନରେ ଶୌଚାଳୟ ନିର୍ମାଣ କରିବା ନେଇ ସ୍ଥାନ ଚିହ୍ନଟ ହୋଇଛି ତାହା ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ଦେଇଥିଲେ। ଏହାଛଡା ବିଏମସିରେ ଅବ୍ୟବହୃତ ହୋଇ ରହିଥିବା ୧୪ଟି ପୁରାତନ ଯାନା ବହାନକୁ କିପରି କାଉନସିଲର ବିନା ଅଗୋଚରରେ ନିଲାମ ମାଧ୍ୟମରେ ବିକ୍ରୟ କରାଯାଇଛି ବୋଲି ବହୁ କର୍ପୋରେଟର ମାନେ ମତବ୍ୟକ୍ତ କରିବା ସହ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କର୍ପୋରେଟର ଶ୍ରୀ ଶତପଥୀ କ୍ଷୋଭ ପ୍ରକାଶ କରିଥିଲେ । ଏହାଛଡା ସହରର ବିକାଶ ନେଇ ଯେଉଁ ସବୁ କାର୍ଯ୍ୟ ହେଉଛି ସେଗୁଡିକ କରିବା ପୂର୍ବରୁ ପ୍ରଥମେ ନାଳନର୍ଦ୍ଦମା ପ୍ରତି ଗୁରୁତ୍ୱ ଦେବାକୁ ମେୟର ଶ୍ରୀମତି ଦଳେଇ କହିବା ସହ ପ୍ରଥମେ ଡ୍ରେନ୍ ନିର୍ମାଣ କରି ପରେ ରାସ୍ତା କାମ କରିବା ସହିତ ଘରର ପଛଭାଗରେ ଥିବା ଡ୍ରେନକୁ ବନ୍ଦ କରିବା ସହ ଘରର ଆଗ ପଟେ ଡ୍ରେନ କରିବା ଦିଗରେ ବିଏମ୍ ?ସି ଧ୍ୟାନ ଦେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ସହରରର ସ୍ୱଚ୍ଛତା ନେଇ ଏକ ଡିଜିଟାଲ ଆପ୍ କରିବା ନେଇ ସରକାର ଗୁରୁତ୍ୱ ଦେଇଛନ୍ତି ତାହାକୁ ଆଗାମୀ ଦିନରେ କିପରି କାର୍ଯ୍ୟକାରୀ କରାଯିବ ସେ ଦିଗରେ ଆପକୁ ପରିଚାଳନା କରୁଥିବା ସଂସ୍ଥା ପକ୍ଷରୁ ବିସ୍ତୃତ ଭାବେ ଆଲୋଚନା କରିବା ପରେ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଡେପୁଟି ମେୟର ଇ.ବିବେକ ରେଡ଼ି, ସମସ୍ତ କର୍ପୋରେଟର, ଡେପୁଟି କମିସନର ଅର୍ଶିବାଦ ପରିଡାଙ୍କ ସମେତ ସମସ୍ତ ସହକାରୀ କମିସନର, ସମସ୍ତ ନିର୍ବାହୀଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବ୍ରହ୍ମପୁର(ଭାସ୍କର ନ୍ୟୁଜ): ବ୍ରହ୍ମପୁର ଓଡ଼ିଆ ଭାଷା ଆନ୍ଦୋଳନ ତରଫରୁ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମୁଖ୍ୟ ମନ୍ତ୍ରୀ ତଥା ଓଡ଼ିଆ ଭାଷା ଆଇନର ପ୍ରଣେତା ନବକୃଷ୍ଣ ଚୌଧୁରୀଙ୍କ ୧୨୪ ତମ ଜୟନ୍ତୀ ସ୍ଥାନୀୟ ଶଶି ଭୂଷଣ ରଥ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭାଷା ତପସ୍ୱୀ ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ ଯୋଗଦେବା ସହିତ ଅନେକ ଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶ୍ରୀମତୀ ପଦ୍ମିନୀ ମିଶ୍ର ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଓ ନବକୃଷ୍ଣଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଛାତ୍ରୀମାନଙ୍କ ସହିତ ଅତିଥି ବୃନ୍ଦ ଓ ଶ୍ରୋତାମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ପ୍ରାଧ୍ୟାପକ ଶାନ୍ତନୁ କୁମାର ସୁନା ମୁଖ୍ୟ ଅତିଥି ପ୍ରଭାତ କୁମାର ମିଶ୍ର ମୁଖ୍ୟବକ୍ତା ଓ ପ୍ରମୋଦ କୁମାର ସାହୁ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ହୋଇଥିଲେ । ସମ୍ପାଦକ ତଥା ଶିକ୍ଷାବିତ୍ ହରେକୃଷ୍ଣ ପଣ୍ଡା ଓଡ଼ିଆ ଭାଷା ଆନ୍ଦୋଳନ ୧୯୮୩ରେ ବ୍ରହ୍ମପୁରର ଐତିହ୍ୟସ୍ଥଳ ବାଲାଜୀ ପେଣ୍ଠ ସାହିରୁ ଆମେ ଓଡ଼ିଆ ନାମରେ କାର୍ଯ୍ୟ କରି ଏମଧ୍ୟରେ କରିଆସିଥିବା ଉଲ୍ଲେଖନୀୟ କାର୍ଯ୍ୟଗୁଡ଼ିକର ସ୍ମୃତିଚାରଣ କରିବା ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ କାର୍ଯ୍ୟାବଳୀ ତଥା ଭାଷା ଆଇନ ପ୍ରଣୟନ ସହିତ କାର୍ଯ୍ୟକାରୀ କରିବା ପ୍ରୟାସ ସମ୍ବନ୍ଧରେ ଆଲୋଚନା କରି ଛାତ୍ରୀମାନଙ୍କୁ ଶୁଦ୍ଧ ଓଡ଼ିଆ କହିବା, ଓଡ଼ିଆ ବାକ୍ୟରେ ଅନାବଶ୍ୟକ ଇଂରାଜୀ ଶବ୍ଦ ବ୍ୟବହାର ନକରିବା ପାଇଁ ଅନୁରୋଧ କରିଥିଲେ। ମୁଖ୍ୟ ଅତିଥି ପ୍ରାଧ୍ୟାପକ ସୁନା ଓଡ଼ିଆ ଭାଷାର ଦୁର୍ଦ୍ଦଶାର କାରଣ କହିବା ସହିତ ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ମାନଙ୍କରେ ଓଡ଼ିଆ ସାହିତ୍ୟ ଶିକ୍ଷାଦାନ ନିମନ୍ତେ ଓଡ଼ିଆ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷକ ନିଯୁକ୍ତି ଦିଆନଯାଇ ଅନ୍ୟ ମାନଙ୍କ ଦ୍ୱାରା ଶିକ୍ଷାଦାନ କରାଯାଉଥିବା କହି କ୍ଷୋଭ ପ୍ରକାଶ କରିଥିଲେ।

## ଓ୍ୱାରୀ ଏନର୍ଜୀ ଲିମିଟେଡ୍ ସ୍ଥାପନ ପାଇଁ ଉନ୍ନୟନ ଉପଦେଷ୍ଟା କମିଟି ବୈଠକ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହ ଠାରେ ଓ୍ୱାରୀ ଏନର୍ଜୀ ଲିମିଟେଡ ସ୍ଥାପନ ନିମନ୍ତେ ପ୍ରଥମ ପୁନର୍ନିବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉତରାଂଚଳ ରାଜସ୍ୱ ଆୟୋଗ ସଚିନ ରାମଚନ୍ଦ୍ର ଯାଦବ ଅଧ୍ୟକ୍ଷତା କରି, ଗଁଦିଆ ଠାରେ ପ୍ରଦୂଷଣ ମୁକ୍ତ ଓ୍ୱାରୀ ଏନର୍ଜୀ ଲିମିଟେଡ ସ୍ଥାପନ ନିମନ୍ତେ ଯେପରି ଜମି ହରାଇ ଥିବା କୌଣସି ବ୍ୟକ୍ତିଙ୍କର ସ୍ୱାର୍ଥ ବ୍ୟାଘାତ ନ ହୁଏ, ସେଥିପ୍ରତି ସର୍ବାଧିକ ଯତ୍ନବାନ ହେବାକୁ କହିଛନ୍ତି। ଏହି କମ୍ପାନୀ ସ୍ଥାପନ ହେଲେ ଗଁଦିଆ ଅଂଚଳର ସାମଗ୍ରିକ ଉନ୍ନତି ଘଟିବ ବୋଲି ସେ ମତବ୍ୟକ୍ତ କରିଥିଲେ । କମ୍ପାନୀ ସ୍ଥାପନ ହେଲେ ରାସ୍ତାଘାଟ, ଯୋଗାଯୋଗ, କର୍ମ ସଂସ୍ଥାନ, ବ୍ୟବସାୟ ଆଦିରେ ବୃଦ୍ଧି ଘଟିବା ସହିତ ଲୋକମାନଙ୍କର ଆର୍ଥିକ ଉନ୍ନତି ଘଟିବ ବୋଲି ସେ ପ୍ରକାଶ କରିଛନ୍ତି । ସେଥିପାଇଁ ଅଂଚଳବାସୀ ପୂର୍ଣ୍ଣ ସହଯୋଗ କରିବାକୁ ସେ ଉପସ୍ଥିତ ଜମିହରା ପ୍ରଜାଙ୍କୁ ପରାମର୍ଶ ଦେଇଛନ୍ତି। ୧୬୧ ଏକର ଜମିରେ ସ୍ଥାପିତ ହେବାକୁ ଥିବା ଏହି କମ୍ପାନୀ ମାନବିକତାକୁ ପାଥେୟ କରି ଅଂଚଳବାସୀଙ୍କର ବିଶ୍ୱାସଭାଜନ ହେବାକୁ ଏବଂ ଯୁବକଯୁବତୀମାନଙ୍କୁ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ କର୍ମ ସଂସ୍ଥାନ ଯୋଗାଇ ଦେବା ସହିତ ସମ୍ପୃକ୍ତ ଅଂଚଳର ପିଲାମାନଙ୍କୁ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ । ଏହି ବୈଠକରେ ମାନ୍ୟବର ସାଂସଦ ରୁଦ୍ର ନାରାୟଣ ପାଣି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା (ରାଜସ୍ୱ), ଗଁଦିଆ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ରୀନାରାଣୀ ଖଟୁଆ, ଓ୍ୱାରୀ ଏନର୍ଜୀ ଲିମିଟେଡ୍ର କର୍ମକର୍ତ୍ତା, ଜମି ହରାଇଥିବା ବ୍ୟକ୍ତି ବିଶେଷ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସୁରୁଖୁରୁରେ କିପରି କମ୍ପାନୀ ପ୍ରତିଷ୍ଠା ହୋଇପାରିବ ସେ ସଂପର୍କରେ ବିଷଦ ଆଲୋଚନା କରିଥିଲେ ।

## ସବର୍ଣ୍ଣ-ଅସବର୍ଣ୍ଣ ଜଗନ୍ନାଥ ମନ୍ଦିରକୁ ପ୍ରବେଶ ବିବାଦର ସମାଧାନ କରିବେ ଉପଜିଲ୍ଲାପାଳ



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ କେରଡାଗଡର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ମନ୍ଦିର ଭିତରକୁ ପ୍ରବେଶ କରି ଭୋଗ କରିବାକୁ ସବର୍ଣ୍ଣ ଅସବର୍ଣ୍ଣ ମଧ୍ୟରେ ୧୮ ବର୍ଷ ହେବ ଲାଗି ରହିଥିବା ବିବାଦକୁ ଉପଜିଲ୍ଲାପାଳ ଦୂର କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ। ବିବରଣୀରୁ ପ୍ରକାଶ କେରଡାଗଡ ଠାରେ ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ମଧ୍ୟରେ ପ୍ରବେଶ କରି ଅସବର୍ଣ୍ଣ ଲୋକଙ୍କୁ ଦର୍ଶନ କରି ଭୋଗ କରିବାକୁ ଛୁଆଁ ଅଛୁଆଁ ମନୋଭାବ ନେଇ ପୁରୀ ଜଗନ୍ନାଥ ମନ୍ଦିର ଓ ସରକାରଙ୍କ ନିୟମକୁ ସ୍ୱର୍ଣ୍ଣ ବ୍ୟକ୍ତିମାନେ ଫୁ କରି ଅସବର୍ଣ୍ଣମାନଙ୍କୁ ମନ୍ଦିର ମନା କରିଥିଲେ। ଯାହାକୁ ନେଇ ତୁମୁଳକାଣ୍ଡ ଘଟି ସବର୍ଣ୍ଣ ଅସବର୍ଣ୍ଣ ମଧ୍ୟରେ ୧୮ ବର୍ଷ ହେବ ବିବାଦ ଲାଗି ରହି ମନ୍ଦିର ଆଗରେ ଲୁହା ବାଡ ପକାଯାଇଛି। ଏଠାରେ ଛୁଆଁଅଛୁଆଁକୁ ନେଇ ଭକ୍ତ ଓ ଭଗବାନଙ୍କ ମଧୁର ମିଳନକୁ ସ୍ୱର୍ଣ୍ଣ ଲୋକେ ବନ୍ଦ କରିଥିଲେ ମଧ୍ୟ ୨୪ ବର୍ଷର ବିଜେଡି ସରକାର ସମୟ ମଧ୍ୟରେରେ ଐପରି କୁତ୍ସିତ କାର୍ଯ୍ୟ ହୋଇଥିଲେ ମଧ୍ୟ ଭୋଟ ଲାଳସାରେ ସମାଧାନର ବ୍ୟବସ୍ଥା ନକରି ଅସବର୍ଣ୍ଣଙ୍କୁ ହେୟ ମଣି ରହିଯାଇଥିଲେ। ବିଜେପି ସରକାର ଆସିବା ପରେ ଏପରି ଘୃଣ୍ୟ କାର୍ଯ୍ୟକୁ ଦେବାଦେବୀ କ୍ଷେତ୍ରରେ ପ୍ରଶ୍ୟ ଦେବା ଠିକ୍ ନୁହେଁ ବୋଲି ବିବେଚନା କରି ସମାଧାନର ବାଟ କାଢିବାକୁ ନିଷ୍ପତି ନେଇଛନ୍ତି। ସେହି ଅନୁଯାୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିର୍ଦ୍ଦେଶରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଆଦେଶ ହୋଇଛି ଏହି ସବର୍ଣ୍ଣ ଅସବର୍ଣ୍ଣର ସମସ୍ୟାର ସମାଧାନ କରିବାକୁ। ତେଣୁ ଏହାର ଯଥା ସମ୍ଭବ ସମାଧାନ କରିବାକୁ ଉପଜିଲ୍ଲାପାଳ କେରଡାଗଡରେ ପହଞ୍ଚିବେ।

## ବିଭିନ୍ନ ସମସ୍ୟା ନେଇ ଡିସେମ୍ବରରୁ ହେବ ଆନ୍ଦୋଳନ: ମହେଶ ସାହୁ



ତାଳଚେର(ଭାସ୍କର ନ୍ୟୁଜ): ତାଳଚେର ଶିଳ୍ପାଞ୍ଚଳରେ ବଢି ଚାଲିଛି ବିସ୍ଥାପିତଙ୍କ ସମସ୍ୟା । ପ୍ରଦୂଷିତ ହେଉଛି ଜଳବାୟୁ, ଶିକ୍ଷା, ଗମନାଗମନ ପରି ମୌଳିକ ଅଧିକାରକୁ ଛଡାଇ ନେଇଛନ୍ତି କୋଇଲା ଖଣି କମ୍ପାନୀ ଓ ଏଠାରେ ଥିବା ରାଷ୍ଟ୍ରାୟତ ଉଦ୍ୟୋଗ । ସେଥିପାଇଁ ଏଠାକାର ଅଞ୍ଚଳବାସୀ ବଞ୍ଚିବା କଷ୍ଟକର ବ୍ୟାପାର ହୋଇପଡିଛି । ତେଣୁ ଏହି ଅଞ୍ଚଳର ସ୍ୱାର୍ଥ ନିହିତ ଦୃଷ୍ଟିରୁ କେନ୍ଦ୍ର ସରକାର ଅବିଳମ୍ବେ କୋଇଲା ରୟଲୀଟି ବୃଦ୍ଧି ସହିତ ବିନା ପାଲ ଘୋଡାରେ ଟ୍ରକ ଓ ରେଳରେ କୋଇଲା ପରିବହନ ଉପରେ ରୋକ ଲାଗିବା ସହିତ ପରିବେଶ ସନ୍ତୁଳନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ନେଇ ଖୁବ ଶୀଘ୍ର ଅର୍ଥାତ ଆଗାମୀ ଡିସେମ୍ବର ମାସରେ ଯେକୌଣସି ସମୟରେ ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ଢେଙ୍କାନାଳର ପୂର୍ବତନ ସାଂସଦ ତଥା ବିଜେଡିର ବରିଷ୍ଠ ନେତା ମହେଶ ସାହୁ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଏହିସବୁ ସମସ୍ୟା ନେଇ ଆଗରୁ ଶ୍ରୀ ସାହୁ କଂପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନଙ୍କୁ ଲିଖିତ ଭାବେ ଆପତ୍ତି ଅଭିଯୋଗ କରିଥିଲେ ସୁଦ୍ଧା ଏହାର କୌଣସି ପ୍ରକାର ସମାଧାନ କରିବାରେ ଉଭୟେ ବିଫଳ । ତେଣୁ ଏହାର ସମାଧାନ ପାଇଁ ଆନ୍ଦୋଳନ ଏକମାତ୍ର ବିକଳ୍ପ ପନ୍ଥା ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି ।

## ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇପ୍ରୁ ପାଣି ଝରି ଫସଲ ନଷ୍ଟ ଅଭିଯୋଗ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ଭରତପୁର ଗ୍ରାମର ଫୋରପୋଲ ଛକ ନିକଟରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପାଇପ୍ ଫାଟି ଯାଇଥିବାରୁ ଜଳ ଯୋଗାଣ ସମୟରେ ସେଥିରୁ ପାଣି ଲିକ ହୋଇ ଚାଷ ଜମିରେ ପାଣି ଜମି ରହି ଫସଲ ନଷ୍ଟ ହୋଇଯାଉଛି। ଫଳରେ ସେହି ଜମିରେ ଚାଷ କରାଯାଇଥିବା ଧାନ ଫସଲକୁ ଅମଳ କରିବାରେ ଗୁରୁତର ବାଧା ସୃଷ୍ଟି ହେବା ସହିତ ଅନାବଶ୍ୟକ ଭାବେ ଅଧିକ ପାଣି ବିଲରେ ଜମି ରହୁଥିବାରୁ ଆବଶ୍ୟକ ପରିମାଣରେ ଧାନ ଫସଲ ଫଳୁ ନାହିଁ। ଫଳରେ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଚାଷୀମାନଙ୍କ ଫସଲ ସଂପୂର୍ଣ୍ଣ ଉଜୁଡି ଯାଉଥିବା ବେଳେ ସେମାନେ ସେମାନଙ୍କ ପରିବାର ଚଳାଇବାକୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ଚାଷୀମାନେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇଥିଲେବି ଅଦ୍ୟାବଧି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ସେମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେଣୁ ଏହି ସମସ୍ୟାର ଯଥାଶୀଘ୍ର ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀଙ୍କ ପକ୍ଷରୁ ନକୁଳାନନ୍ଦ ବେହେରା, ପ୍ରବୋଧ କୁମାର ଦାସ, ଦେବେନ୍ଦ୍ର କୁମାର ମହାନ୍ତି, ରସାନନ୍ଦ ଦାଶ, ପ୍ରକାଶ ଚନ୍ଦ୍ର ଦାସ, ସୁଧିର ମଳିକ, ଅଲେଖ ପ୍ରସାଦ ଦାସ, ସରୋଜକାନ୍ତ ପତି, ଶିବ ପ୍ରସାଦ ଦାସ, ମନୋଜ କୁମାର ମହାନ୍ତି, ବିମଳାକାନ୍ତ ଚୌଧୁରୀ, ସମିର ରାଉତ, ପ୍ରଭାକର ରାଉତ, ନିଖିଳରଞ୍ଜନ ଦାଶ, ଶ୍ରୀଧର ମହାନ୍ତି, ବିଜୟ ବେହେରା, ଶତ୍ରୁଘ୍ନ ଦାସ, ନିରୋଦ ଦାସ, ଭରତ ଚନ୍ଦ୍ର ସାହୁ, ଆକୁଳାନନ୍ଦ ବେହେରା, ପ୍ରଭାକର ସେଠୀ ପ୍ରମୁଖ ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି।

## ବାରଙ୍ଗ ବ୍ଲକ୍ରେ ବିଶ୍ୱ ଶୌଚାଳୟ ଦିବସ ପାଳିତ

ଫୁଲନଖରା(ଭାସ୍କର ନ୍ୟୁଜ): ବାରଙ୍ଗ ବିଡିଓଧର୍ମରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ବାରଙ୍ଗ ବ୍ଲକ ମଧୁପୁର ଓ ଦାଢାପାଟଣା ଗ୍ରାମପଞ୍ଚାୟତରେ ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଇଛି । ସରକାରଙ୍କ ଆଦେଶ କ୍ରମେ ଏହା ନଭେମ୍ବର ୧୯ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମପଞ୍ଚାୟତ, ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ରେ ପାଳନ କରାଯିବ । ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କୁ ପାଇଖାନା ବ୍ୟବହାର କରିବା ଉପରେ ସଚେତନତା କରିବା ଓ ପାଇଖାନାରୁ ବାଦ ପଡିଥିବା ପରିବାରକୁ ଚିହ୍ନଟ କରି ସେମାନଙ୍କୁ ଏଲଓପି ଦେବା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ମଧୁପୁର ଓ ଦାଢପାଟଣା କାର୍ଯ୍ୟକ୍ରମରେ ସରକାରୀ ନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର, କନିଷ୍ଠ ଯନ୍ତ୍ରୀ ବୁଦ୍ଧଦେବ ଜେନା, ଅଭିଜିତା ପଟ୍ଟନାୟକ, ସରପଞ୍ଚ ସସ୍ମିତା ଭୋଇ, ଦିଲ୍ଲୀପ ବେହେରା, ସମିତି ସଭ୍ୟ କିଷନ କୁମାର ଜେନା, ପିଇଓ ଗୋବିନ୍ଦ ଚନ୍ଦ୍ର ସାହୁ, ଭବାନି ଶଙ୍କର ସାହୁ, ଏଡ଼ିଇ ଓ ଅନୁରାଧା ମହାରଣା, ଓ୍ୱାର୍ଡସଭ୍ୟ, ସ୍ୱୟଂ ସହାୟିକା ଗୋଷ୍ଠୀ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା ପରିଚାଳନା କରିଥିଲେ।

## ଠକେଇ ଅଭିଯୁକ୍ତକୁ ଘଣ୍ଟ ଘୋଡାଉଛି ପୋଲିସ୍

ପୁରୀ (ଭାସ୍କର ନ୍ୟୁଜ) : ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ପବିତ୍ର କୁମାର ରାଉତରାୟ ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗ କ୍ରମେ ନୟାପଲ୍ଲୀ ଥାନାରେ ୨୦୧୯ ମସିହାରେ ଚାଳିଶ ଲକ୍ଷ ଟଙ୍କା ଠକେଇ ନେଇ ରୁଜୁ ହୋଇ ଥିବା ଏକ ମାମଲା ଆଜକୁ ପାଞ୍ଚ ବର୍ଷ ଧରି ଚାଲିଛି ତଦନ୍ତ। ଅଭିଯୁକ୍ତ ବିରୋଧରେ ଠକେଇ ସମ୍ପର୍କିତ ସ୍ପଷ୍ଟ ପ୍ରମାଣ ଥିଲେ ମଧ୍ୟ ତାକୁ ଗିରଫ କରିବା ପରିବର୍ତ୍ତେ ସୁରକ୍ଷା ଦେଉଛି ପୋଲିସ । ଅଭିଯୁକ୍ତ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଘଣ୍ଟ ଘୋଡାଉଛି ପୋଲିସ। ତଦନ୍ତ ବାହାରେ ପୋଲିସ ଗଡ଼େଇ ଚାଲିଛି ଦିନ ପରେ ଦିନ। ପଞ୍ଚ ବର୍ଷ ବିତି ଗଲେ ମଧ୍ୟ ସରୁନି ପୋଲିସର ତଦନ୍ତ। ତଦନ୍ତରେ ବିଳମ୍ବ ଯୋଗୁଁ ନ୍ୟାୟ ପାଇ ପାରୁ ନାହାଁନ୍ତି ଅଭିଯୋଗକାରୀ। ଯାହାକୁ ନେଇ ପୋଲିସର ସ୍ୱଚ୍ଛତା ପ୍ରତି ସୃଷ୍ଟି ହୋଇଛି ପ୍ରଶ୍ନ। ଖବରରୁ ପ୍ରକାଶ ଯେ ୨୦୧୯ ମସିହା ଅକ୍ଟୋବର ମାସ ୧୦ ତାରିଖରେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳ ପବିତ୍ର କୁମାର ରାଉତରାୟଙ୍କ ଅଭିଯୋଗ କ୍ରମେ ନୟାପଲ୍ଲୀ ଥାନାରେ କେଶ ନମ୍ବର ୪୯୫/ ୧୯ କ୍ରମେ ଦଫା ୪୨୦/୨୯୪/୫୦୬/ ୩୪ ଆଇପିସି ବଳରେ ପୁରୀ ବଡ଼ଦାଣ୍ଡ ଆସିଆନ ଅପାର୍ଟମେଣ୍ଟରେ ଥିବା ପିଜିଏସ କନଷ୍ଟସନର ମାଲିକ ଅଜୟ କୁମାର ଅଗ୍ରୱାଲ ଓ ତାଙ୍କ ମ୍ୟାନେଜର ବୁଦ୍ଧଦେବ ଦାସଙ୍କ ନାମରେ ପୁରୀରେ ଫ୍ଲାଟ୍ ବିକ୍ରି କରିବା ପାଇଁ ପ୍ରଲୋଭନ ଦେଖାଇ ୪୦ ଲକ୍ଷ ଟଙ୍କା ଠକେଇ କରିବା ନେଇ ଏକ ମାମଲା ରୁଜୁ ହୋଇ ଥିଲା। ମାମଲା ରୁଜୁ ହେବାର ଇତି ମଧ୍ୟରେ ୫ ବର୍ଷ ଅତିକ୍ରାନ୍ତ ହେଲାଣି ହେଲେ ତଦନ୍ତ ସରୁନି ପୋଲିସର। ଥାନାରେ ପଡ଼ି ରହିଛି ମାମଲା। ଅଭିଯୁକ୍ତକୁ ଗିରଫ କରିବା ପାଇଁ ପବିତ୍ର ବାରମ୍ବାର ନୟାପଲ୍ଲୀ ଥାନା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଭୁବନେଶ୍ୱର ଡିସିପି ଓ ସିପିଙ୍କ ପର୍ଯ୍ୟନ୍ତ ପତ୍ର ଲେଖି ଥିଲେ ମଧ୍ୟ କର୍ଣ୍ଣପାତ କରୁନି ପୋଲିସ। ପୋଲିସ ଠାରୁ ନିରାଶ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଥିଲେ ମଧ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଭୃକ୍ଷେପ କରୁନି ପୋଲିସ। ଅପରପକ୍ଷରେ ପୋଲିସ ଗିରଫ ଦାରିକୁ ଏଡାଇବା ପାଇଁ କୋର୍ଟରୁ ଆଗୁଆ ଜାମିନ ପାଇବା ପାଇଁ ଅଭିଯୁକ୍ତକୁ ସୁଯୋଗ ଦେଉଛି ପୋଲିସ। ଯାହା ନୟାପଲ୍ଲୀ ଥାନା ପୋଲିସର ଅଭିଯୁକ୍ତ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଅଭିଯୁକ୍ତ ଅଜୟ ନାମରେ କେବଳ ଭୁବନେଶ୍ୱର ନୟାପଲ୍ଲୀ ଥାନା ନୁହେଁ ପୁରୀ ବଳିଆ ପଣ୍ଡା ଥାନାରେ ମଧ୍ୟ ଅଜୟ ଓ ତାର ପତ୍ନୀ ମନୀଷା ଅଗ୍ରୱାଲଙ୍କ ନାମରେ ଫ୍ଲାଟ୍ ବିକ୍ରି କରିବା ନେଇ ଅର୍ଥ ଠକେଇ କରିବା ସମ୍ପର୍କିତ ଠକେଇ ଓ ଜାଲିଆତି ମାମଲା ରହିଛି । ଗତ ୬ ତାରିଖରେ ପୁରୀ ବଳିଆପଣ୍ଡା ଥାନା ଅଭିଯୁକ୍ତ ଅଜୟକୁ କିରଣ କୁମାର ପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗ କ୍ରମେ କେଶ ନମ୍ବର ୨୨/ ୨୦୨୧ ଗିରଫ କରି କୋର୍ଟ ଚାଲାଣ କରିଛି । ହେଲେ ଭୁବନେଶ୍ୱର ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଦେଉଛି ସୁରକ୍ଷା। ଅନ୍ୟପକ୍ଷରେ ମାମଲାର ବର୍ତ୍ତମାନ ସ୍ଥିତି ଓ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜାଣିବା ପାଇଁ ନୟାପଲ୍ଲୀ ଥାନା ଅଧିକାରୀ ସତ୍ୟ ରଂଜନ ପ୍ରଧାନଙ୍କ ସହିତ ଯୋଗା ଯୋଗ କରାଯାଇ ଥିଲେ ମଧ୍ୟ ସେ କୌଣସି ସୂଚନା ଦେଇ ନ ଥିଲେ। ଯାହାକୁ ନେଇ ସାଧାରଣରେ ପୋଲିସର ସ୍ୱଚ୍ଛତା ପ୍ରତି ସୃଷ୍ଟି ହୋଇଛି ପ୍ରଶ୍ନବାଚୀ।

## ଚିଲିକା କୂଳରୁ ମିଳିଲା ୨ ମୃତ ବିଦେଶୀ ପକ୍ଷୀ



ଟାଙ୍ଗୀ(ଭାସ୍କର ନ୍ୟୁଜ): ଚିଲିକାରେ ଏବେ ଦେଶୀ-ବିଦେଶୀ ପକ୍ଷୀଙ୍କ ସମାଗମ । ଏହାକୁ ଦୃଷ୍ଟିରେ ରଖି ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କଡ଼ା ପାଟ୍ରୋଲିଂ କରାଯାଇଛି । ଏସବୁ ସତ୍ତ୍ୱେ ଶନିବାର ସନ୍ଧ୍ୟାରେ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ରେଞ୍ଜ ଅଧିନସ୍ଥ ବାଲିନାଶି ଚିଲିକା କୂଳରୁ ୨ଟି ମୃତ ବିଦେଶୀ ପକ୍ଷୀକୁ ଉଦ୍ଧାର କରିଛି ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ । ଏଥିରୁ ସ୍ପଷ୍ଟ ହୋଇଛି ଚିଲିକାରେ ବିଦେଶୀ ପକ୍ଷୀ ଅସୁରକ୍ଷିତ ଅଛନ୍ତି । ମୃତ ବିଦେଶୀ ପକ୍ଷୀଙ୍କୁ କିଏ ଶିକାର କରିଛି । ଏହି ୨ଟି ବିଦେଶୀ ପକ୍ଷୀଙ୍କ ଶିକାର ହୋଇଛି ନା ଅଧିକ ପକ୍ଷୀଙ୍କ ଶିକାର କରାଯାଇଛି ସେନେଇ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଗାଁରେ ପାଟ୍ରୋଲିଂ କରୁଛନ୍ତି ।

## ଯୁବ ବ୍ୟବସାୟୀଙ୍କ ପରଲୋକ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବଜାରର ବିଶିଷ୍ଟ ଔଷଧ ବ୍ୟବସାୟୀ ସୁବାଷ ଚନ୍ଦ୍ର ସାହୁଙ୍କର ଶନିବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୩ ବର୍ଷ ହୋଇଥିଲା। ଦୀର୍ଘ ବର୍ଷ ହେଲା ଶ୍ରୀ ସାହୁ ନିଶ୍ଚିନ୍ତକୋଇଲି ବଜାରରେ ରାଣୀ ଏଣ୍ଟରପ୍ରାଇଜେସ ଖୋଲି ରାଜ୍ୟର ବିଭିନ୍ନ ସ୍ଥାନକୁ ଔଷଧ ପଠାଇ ଆସୁଥିଲେ। ଗତ କିଛିଦିନ ହେଲା ଶ୍ରୀ ସାହୁ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ମରଶରୀରକୁ ପୈତୃକ ଗ୍ରାମ ବଡଖିର ଗ୍ରାମପଞ୍ଚାୟତ ଗୋପପୁର ଅଣାଯାଇଥିଲା। ତାଙ୍କର ଶବକୁ ଏକ ବିରାଟ ଶୋଭାଯାତ୍ରାରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଶୋକାକୂଳ ପରିବେଶରେ ଦାହ କରାଯାଇଥିଲା। ତାଙ୍କର ପୁତ୍ର ରାଜା ମୁଖାଗ୍ନି ଦେଇଥିଲେ। ତାଙ୍କର ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ସାମଲ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମିତି ସଭ୍ୟ ପ୍ରଦୋଷ କୁମାର ସାହୁ, ପଞ୍ଚାୟତ ବିଜେଡି ସଭାପତି ରାମଚନ୍ଦ୍ର ସାହୁ, ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଙ୍ଘର ପ୍ରାକ୍ତନ ସଭାପତି ପ୍ରମୋଦ କୁମାର ପଣ୍ଡା, ସମ୍ପାଦକ ଜୀବନାନନ୍ଦ ଦାଶ, ଅବସରପ୍ରାପ୍ତ ଶିକ୍ଷକ ଜୟଦେବ ସାହୁ, ଅନିରୁଦ୍ଧ ସାହୁ, ଦେବ ପ୍ରସାଦ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

### ବନ୍ଧୁକ ମୁନରେ ୮ ଲକ୍ଷ ୩୦ ହଜାର ଟଙ୍କା ଲୁଟ୍ ଘଟଣା

## ଚାରି ଅଭିଯୁକ୍ତ କୋର୍ଟଚାଲାଣ



ବାଣପୁର(ଭାସ୍କର ନ୍ୟୁଜ): ଗତ ୧୯ତାରିଖ ସନ୍ଧ୍ୟାରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅଞ୍ଚଳର ୧୬ ନମ୍ବର ଜାତୀୟ ରାଜପଥରୁ ବନ୍ଧୁକ ମୁନରେ ଝମ୍ପି ନେଇଥିଲେ ଲୁଟେରା ୮,୩୦,୦୦୦୦ ହଜାର ଟଙ୍କା । ଏହାକୁ ନେଇ ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଥିଲା । ଲୁଟେରାମାନଙ୍କୁ ଧରିବା ନିମନ୍ତେ ଖୋର୍ଦ୍ଧା ଏସପିଙ୍କ ନିର୍ଦ୍ଦେଶକ୍ରମେ ବାଣପୁର ପୋଲିସ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଥିଲା । ଉକ୍ତ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଧରିବା ନିମାନ୍ତେ ବିଭିନ୍ନ ସ୍ଥାନରେ ଜାଲ ବିଛାଇଥିଲା ପୋଲିସ । ଶନିବାର ୪ଜଣ ଡକାୟତକୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ । ସେମାନଙ୍କଠାରୁ ୫ଟି ଦେଶୀ ବନ୍ଧୁକ, ୧,୧୭୦୦୦ ହଜାର ଟଙ୍କା, ମହିନ୍ଦ୍ରା ପିକଅପ, ଟିଭିଏସ କମ୍ପାନୀର ଏକ ମଟର ସାଇକେଲ, ୬ଲକ୍ଷ ଟଙ୍କାର ବ୍ଲାଙ୍କଚେକ୍ ସମେତ ବିଭିନ୍ନ ମାରଣାସ୍ତ୍ର ଜବତ କରିଛି । ଏନେଇ ଶନିବାର ଅପରାହ୍ନରେ ବାଣପୁର ଥାନାଠାରେ ଜିଲ୍ଲା ପୋଲିସ ପକ୍ଷରୁ ଏକ ପ୍ରେସ୍ ମିଟ୍ କରାଯାଇଥିଲା । ଉକ୍ତ ପ୍ରେସମିଟ୍ରେ ଆଡିଶନାଲ ଏସପି ସୁରେନ୍ଦ୍ର ନାଥ ମୁର୍ମୁ, ଏସଡିପିଓ ଯୁଗଳ କୁମାର ମଳିକ, ଆଇଆଇସି ରମେଶ ଚନ୍ଦ୍ର ଦେବତା ଡକାୟତି ସମ୍ପର୍କରେ ପର୍ଦ୍ଦାଫାସ୍ କରିବା ସହ ୪ଜଣ ଅଭିଯୁକ୍ତଙ୍କୁ କୋର୍ଟ ଫରଓ୍ୱାର୍ଡ କରିଛନ୍ତି । ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍ଶୀଘ୍ର ଧରାଯିବ ବୋଲି ପ୍ରକାଶ କରିଥିଲେ ।

## ରାଜପୁରରେ ଗୋକୁଲାଷ୍ଟମୀ ଯାତ୍ରା



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ରାଜପୁରଠାରେ ଗୋକୁଳାଷ୍ଟମୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶନିବାର ସକାଳୁ ରାଜ ପୁରୋହିତ ପ୍ରଦୀପ ପାଟଯୋଶୀ ରାଜପୁର ଜଗନ୍ନାଥ ମନ୍ଦିରରେ ଥିବା ରାଧାକୃଷ୍ଣ ବିଗ୍ରହଙ୍କୁ ଶୃଙ୍ଗାର ବେଶ କରିବା ପରେ ଅଖଣ୍ଡ ଦୀପ ସ୍ଥାପନ, ହୋମ, ଆଳତି ଏବଂ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା । ଏହି ପୂଜା କାର୍ଯ୍ୟରେ ଗ୍ରୀସ କୁମାର ସାଏ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ସଞ୍ଜୀବ ମିଶ୍ର, ରାମ ପ୍ରସାଦ ମିଶ୍ର, ମୋତିଲାଲ ମିଶ୍ର, ବାସୁଦେବ ଦାସ ସମସ୍ତ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ । ପୂଜା ପରେ ଅପରାହ୍ନରେ ଶ୍ରଦ୍ଧାଳୁ ରାଧାକୃଷ୍ଣ ବିଗ୍ରହଙ୍କୁ ମନ୍ଦିରରୁ ବାହର କରି ହେମସାଗର ଡ଼ିଲା, ରାମ ଚନ୍ଦ୍ର ଖରସେଲ ,ମଣ୍ଟୁ ଡିଲା, ମୁନୁ ଖରସେଲ ଏକ ସୁସଜ୍ଜିତ ପାଲିଙ୍କିରେ ଭବ୍ୟ ଶୋଭାଯାତ୍ରାରେ ନଗର ଭ୍ରମଣ କରିଥିଲେ । ସେଠାରେ ଗ୍ରାମବାସୀମାନେ ପ୍ରତି ଘରେ ଭଗବାନ ଶ୍ରୀକୃଷ୍ଣଙ୍କୁ ପୂଜା କରିଥିଲେ । ଏହି ନଗର ପରିକ୍ରମା ସମୟରେ ଗୁଡଡ଼ ବାଡ଼ି, ସୁନ୍ଦରଗଡ଼ ଜିଲ୍ଲା ହେମଗିର ଝୁମେର ଦଳ, ଘଣ୍ଟ ବାଦ୍ୟ, ସଞ୍ଚାର, ସମ୍ପ୍ରଦା ମଣ୍ଡଳୀ ଓ ସଙ୍କୀର୍ତ୍ତନ ଦଳ ସାମିଲ ହୋଇଥିଲେ । ନଗର ଭ୍ରମଣ ପରେ ରାଧାକୃଷ୍ଣ ଗ୍ରାମ ବାହାରେ ଥିବା ଗୋଧନ ପଡ଼ିଆକୁ ଯାଇଥିଲା । ସେଠାରେ ଗୋଷ୍ଠ ବାହୁଡ଼ା ଗୋରୁପଲଙ୍କୁ ଖେଚୁଡ଼ି ଭୋଗ ଦିଆଯାଇଥିଲା । ଏହି ଦୃଶ୍ୟ ଦେଖିବା ପାଇଁ ଗୋଧନ ପଡ଼ିଆରେ ରାଜପୁର, ଲୋଇସିଂ, ଚାନ୍ଦିନୀମାଲ, ଗୌଡ଼ମାଲ ପଞ୍ଚାୟତ, ବ୍ରଜରାଜନଗର ତଥା ନିକଟବର୍ତ୍ତୀ ସୁନ୍ଦରଗଡ଼ରୁ ୧୮ ହଜାରରୁ ଅଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ଗୋରୁପଲ ଖାଇଥିବା ଖେଚୁଡ଼ିକୁ ଉପସ୍ଥିତ ଶ୍ରଦ୍ଧାଳୁମାନେ ପ୍ରସାଦ ରୂପେ ଖାଉଥିବା ଓ ମୁଣ୍ଡରେ ମାରୁଥିବା ଦେଖିବାକୁ ମିଳିଥିଲା । ସେଠାରୁ ପୁଣି ରାଧାକୃଷ୍ଣ ବିଗ୍ରହ ଦେଓଗାଁ, ମଝିଆପଡ଼ା, ସମଲେଇ ମନ୍ଦିରପଡ଼ା ପରିକ୍ରମା କରିବା ପରେ ଜଗନ୍ନାଥ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ମୀନାବଜାର ସାଙ୍ଗକୁ ରାତିରେ ବରଗଡ଼ର ବିଶ୍ୱ ଭାରତୀ ଗଣନାଟ୍ୟ, ଦଣ୍ଡ ନୃତ୍ୟ ପରିବେଷଣ ହୋଇଥିଲା ।

## ପୁରୀରେ ନାଭାଲ କନସର୍ଟ ମନ ମୋହିଲା



ପୁରୀ (ଭାସ୍କର ନ୍ୟୁଜ) : ଆସନ୍ତା ଡିସେମ୍ବର ୪ ତାରିଖରେ ପୁରୀ ବ୍ଲୁ ଫ୍ଲାଗ ବିଚ ଠାରେ ଅନୁଷ୍ଠିତ ହେବ ନୌସେନା ଦିବସ ବା ନାଭି ଡେ । ଏହାର ଅବ୍ୟବହିତ ପୂର୍ବରୁ ଆଜି ସଂଧ୍ୟାରେ ଟାଉନ ହଲ ଠାରେ ନାଭାଲ ବ୍ୟାଣ୍ଡ ଆଇଏନଏସ ଚିଲିକା ପକ୍ଷରୁ ପକ୍ଷରୁ ଏକ ଚିତ୍ତାକର୍ଷକ କନସର୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କନସର୍ଟ କାର୍ଯ୍ୟକ୍ରମକୁ ନୌସେନା ର ଅବସରପ୍ରାପ୍ତ ସର୍ଜନ ରିଅର ଆଡମିରାଲ ସଲୀଲ କୁମାର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ।ପରେ ପରେ ନାଭାଲ ବ୍ୟାଣ୍ଡର ଚିଫ କଣ୍ଡକ୍ଟର ହନୁମାନ ଥାପାଙ୍କ ନେତୃତ୍ୱରେ ସମସ୍ତ କଳାକାର ଚମତ୍କାର କନସର୍ଟ ପରିବେଷଣ କରିଥିଲେ। କଳାକାର ପ୍ରସନୋଜିତ ମହନ୍ତୋ, ଗୌତମ ସିଂ, ପବିତ୍ର ଘୋଷ, ଷ୍ଟିଫେନ ଜୋ, ଗୌରବ ପ୍ରଶାନ୍ତ ଜି, ଡାନିଏଲ ଲାଲନୁଥାରା, ମଦନ ଛେତ୍ରୀ, ପି, ଭୈଭବ ମୋହନ ରାଓ, ଆଜିଙ୍କ୍ୟ ଶିବାଜୀ ଯାଦବ, ନମଦାସ ଭି ଚନ୍ଦ୍ରକାନ୍ତ, ଅଜୟ ଭଟ୍ଟ, ସୌମ୍ୟ ଦୀପ ମଣ୍ଡଳ, ରୋଶନ ଆର, ପଙ୍କଜ ବିଶ୍ୱକର୍ମା, ରାହୁଲ କୁମାର, ରେଜିନ ସି ଏସ, ଶୁଭମ ପାଠକ, ଅଭିଜିତ କୁମାର ଓ ରାହୁଲ ବିଶ୍ୱକର୍ମା ବାଦ୍ୟଯନ୍ତ୍ରର ଚମତ୍କାର ଉପଯୋଗ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଜୟ ହୋ ଗୀତରୁ ଆରମ୍ଭ ହୋଇ ଥିବା ଏହି କନସର୍ଟ ୧୪ ଲୋକପ୍ରିୟ ଗୀତର କନସର୍ଟ ଓ ସଂଗୀତ ପରିବେଷଣ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ଶିକ୍ଷାବିତ, ବୁଦ୍ଧିଜୀବୀ, ଏନସିସି କ୍ୟାଡେଟ୍ ଓ ସାଧାରଣ ଲୋକମାନେ ଉପସ୍ଥିତ ରହି କନସର୍ଟ କାର୍ଯ୍ୟକ୍ରମକୁ ମନ ଭରି ଉପଭୋଗ କରିବା ସହ ବିପୁଳ କରତାଳିରେ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ।

## ପୋଲିସ୍-ଅବକାରୀ ବିଭାଗ ମଧୁଚନ୍ଦ୍ରିକା: ବିଗୁଡୁଛି ଆଇନଶୃଙ୍ଖଳା ପରିସ୍ଥିତି

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଅଞ୍ଚଳ ଦିନକୁ ଦିନ ଚୋରା ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିବାରେ ଲାଗିଛି । ଏପରିସ୍ଥଳେ ସ୍ଥାନୀୟ ପୋଲିସ, ଅବକାରୀ ବିଭାଗର କର୍ମଚାରୀମାନେ ଚୋରା ନିଶା ବ୍ୟବସାୟୀଙ୍କ ଠାରୁ ମୋଟା ଅଙ୍କର ମାସିକିଆ ବଟିନେଇ ସୁରକ୍ଷା ଦେଇ ଆସୁଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ଅହେତୁକ ଭାବେ ବୃଦ୍ଧି ପାଉଥିବା କାରଣରୁ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି । ଯାହାକୁ ନେଇ ସାଧାରଣ ଲୋକେ ନିଜ ଧନ ଜୀବନକୁ ସୁରକ୍ଷିତ ମଣୁନଥିବା ଜଣାଯାଇଛି। ଗତ କିଛିଦିନ ହେଲା ସମଗ୍ର ଅସୁରେଶ୍ୱରର ବିଭିନ୍ନ ସ୍ଥାନରେ ଚୋରାରେ ଦେଶୀ ବିଦେଶୀ ଅପମିଶ୍ରିତ ମଦ, ଗଞ୍ଜା, ବ୍ରାଉନସୁଗାର ଅବାଧରେ ବିକ୍ରୟ କରାଯାଉଥିବାର ଜଣାଯାଇଛି । ଏପରିକି ସ୍ଥାନୀୟ ଅଞ୍ଚଳରେ ଥିବା କେତେକ ପାନଦୋକାନ ମାନଙ୍କରେ ଏହି ମଦକ ଦ୍ରବ୍ୟ ଖୁଲମ ଖୁଲାଭାବେ ବିକ୍ରୟ କରାଯାଉଥିବାର ଅଭିଯୋଗ ହୋଇଛି। ଅସୁରେଶ୍ୱର ଠାରେ ସୁଭଦ୍ରା ମହତାବ ମହାବିଦ୍ୟାଳୟ, ଅସୁରେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟ ରହିଥିଲା ବେଳେ ପ୍ରସିଦ୍ଧ ଅସୁରେଶ୍ୱର କୋଇଲୋ ଦଧିବାମନ ମନ୍ଦିର ଓ କେଂଟାଳୋ ମଲ୍ଲିପରୁସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜିୟୁଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଆସିଥାନ୍ତି। ସେହିପରି ଭାବେ ଏଠାରେ ଥିବା ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟ ଚିକିତ୍ସା ନିମନ୍ତେ ଶହ ଶହ ରୋଗୀ ଆସିଥାନ୍ତି। ଦୈନନ୍ଦିନ ଶହ ଶହ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଲୋକେ ବିଭିନ୍ନ କାର୍ଯ୍ୟ ନିମନ୍ତେ ଆସିଥାନ୍ତି। ତେବେ ଅବାଧରେ ମାଦକ ଦ୍ରବ୍ୟ ବିକ୍ରୟ କରାଯଉଥିବା କାରଣରୁ ନିଶାଡିମାନେ ସ୍ପଷ୍ଟ ଦିବାଲୋକରେ ରାସ୍ତାଘାଟରେ ମାତାଲ ହୋଇ ଉଲଗ୍ନ ଅବସ୍ଥାରେ ପଡିରହୁଥିବା ଦେଖିବାକୁ ମିଳିଛି। ଏପରିକି ଏହି ନିଶାଡିମାନେ ରାସ୍ତାରେ ଯାଉଥିବା ସ୍କୁଲକଲେଜ ଛାତ୍ରଛାତ୍ରୀ ତଥା ଯୁବତୀ, ମହିଳାଙ୍କୁ ଅଶୀଳ ଇଙ୍ଗିତ ପ୍ରଦର୍ଶନ କରିବାକୁ ପଛାଉନାହାନ୍ତି । ନିଶାଡି ମାନଙ୍କ ଉତ୍ପାତ ଚରମ ସୀମାରେ ପହଞ୍ଚିଥିବାରୁ ଝିଅବୋହୂ ମୁଣ୍ଡଟେକି ସ୍ପଷ୍ଟ ଦିବାଲୋକରେ ଯାଇଆସି ପାରୁନାହାନ୍ତି। ନିଶାଡିମାନେ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳିଛି। ଏପରିକି ନିଶାଡିମାନେ ବିଭିନ୍ନ ଦୋକାନ ବଜାରରୁ ଚୋରି କରିବା ସହ ଅପରାଧ ଘଟାଇବାକୁ ପଛାଉ ନାହାନ୍ତି। ଏସମ୍ପର୍କରେ ଲୋକେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଓ ଅବକାରୀ ବିଭାଗକୁ ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପୋଲିସ ସର୍ବୋପରି ଅବକାରୀ ବିଭାଗର କର୍ମଚାରୀ ଚୋରା ନିଶା ବ୍ୟବସାୟୀଙ୍କଠାରୁ ମାସିକିଆ ମୋଟା ଅଙ୍କର ବଟି ନେଇ ସେମାନଙ୍କୁ ସୁରକ୍ଷା ଦେଇ ଆସୁଥିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ସର୍ବୋପରି ଅବକାରୀ ବିଭାଗର ଠାକୁର ଖାଇ ଖଟୁଲି ଖାଇବା ନୀତି ଯୋଗୁ ଏଠାରେ ଦିନକୁ ଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡୁଥିବା ଅଭିଯୋଗ ହୋଇଛି । ପୋଲିସ ଉଚ୍ଚ ପଦାଧିକାରୀ ସର୍ବୋପରି ରାଜ୍ୟ ଅବକାରୀ ବିଭାଗର ସ୍ୱତନ୍ତ୍ର ଫ୍ଲାଇଂ ସ୍କ୍ୱାଡ ତରଫରୁ ଏହି ଅଞ୍ଚଳ ଉପରେ ଚଢାଉ କରାଗଲେ ବହୁ ଗୁପ୍ତ ରହସ୍ୟର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି । ସେହିପରି ଭାବେ ଅବାଧରେ ନିଶା କାରବାର ହେତୁ ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ମଧ୍ୟ ଏହି ନିଶାକାରବାର ବ୍ୟବହାର ଯୋଗୁ ବିପଥଗାମୀ ହେଉଥିବା ଅଭିଯୋଗ ହୋଇଛି।



ତାଳଚେର(ଭାସ୍କର ନ୍ୟୁଜ୍): ତାଳଚେର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳପଡିଆ ଠାରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୪ ଉଦ୍‌ଯାପିତ ହୋଇଯାଇଛି । ଗତ ନଭେମ୍ବର ୧୯ ରିଖ ଠାରୁ ଆରମ୍ଭ ହୋଇଥିବା ଏହି ମେଳା ୨୧ ତାରିଖ ଗୁରୁବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା (ଆଇଏଏସ୍) ଯୋଗଦେଇଥିଲେ । ତାଳଚେର କୃଷି ଜିଲ୍ଲା ଅଧିକାରୀ ଦିଲ୍ଲୀପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତା କରିବା ସହ ମେଳାର ଆଭିମୁଖ୍ୟ ଏବଂ ପ୍ରାସଙ୍ଗିକତା ଉପରେ ଆଲୋଚନା କରି ସମସ୍ତଙ୍କର ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ । ନିର୍ବାହୀ ଯନ୍ତ୍ରୀ (କୃଷି) ଢେଙ୍କାନାଳ ପ୍ରଦ୍ୟୁତ୍ କୁମାର ପଟ୍ଟନାୟକ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ସରୋଜ କୁମାର ସାହୁ, ସହକାରୀ କୃଷି ନିର୍ବାହୀ ଅଧିକାରୀ ବ୍ରଜବନ୍ଧୁ ସ୍ୱାଇଁ, ପ୍ରମୋଦ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ମେଳାରେ ୩୬ଟି କୃଷି ଯନ୍ତ୍ରପାତି ପ୍ରଦର୍ଶନ ଷ୍ଟଲ ସହିତ ବିଭାଗୀୟ ପ୍ରଦର୍ଶନ ଷ୍ଟଲ୍ ଗୁଡିକ ଚାଷୀଙ୍କ ମଧ୍ୟରେ ବେଶ୍ ଆଦୃତ ଲାଭ କରିପାରିଥିଲା । ଏହି ମେଳାକୁ ତାଳଚେର ଉପଖଣ୍ଡ କୃଷି ବିଭାଗ ଅଧିକାରୀ ଓ କର୍ମଚାରୀ ଏବଂ ବ୍ଲକ କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ସାହୁ, ସହକାରୀ କୃଷି ଅଧିକାରୀ ଅବିନାଶ ନାହାକ, କୃଷି ଅଧିଦର୍ଶକ ସୁନିଲ୍ କୁମାର ଶତପଥି, ଆଶୋକ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ । ଏହି ମେଳାରେ ବହୁ ଚାଷୀ ଯୋଗଦେଇ ସରକାରଙ୍କ ଦ୍ୱାରା ସବ୍‌ସିଡି ଜରିଆରେ କୃଷି ଯନ୍ତ୍ରପାତି କ୍ରୟ କରି ଲାଭ ଉଠାଇଥିଲେ ।

# ଅବ୍ୟବସ୍ଥା ଘେରରେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ନାହିଁ ନାହିଁରେ ଚାଲିଛି ରୋଗୀସେବା




ଚିକିଟି(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ମେଡିକାଲରେ ସବୁ ଚାଲିଛି ନାହିଁ ନାହିଁରେ। ଏହି ମେଡିକାଲ ସ୍ଥାନୀୟ ପୂର୍ବତନ ରାଜା ସଚ୍ଚିଦାନନ୍ଦ ଦେଓଙ୍କ ନାମରେ ନାମିତ କରାଯାଇ କେଉଁ ଅନାଦିକାଳରୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିଆସୁଥିଲା। ମେଡିକାଲ ଉପରେ ପ୍ରାୟ ଏକଶହରୁ ଅଧିକ ଗ୍ରାମ ନିର୍ଭର କରି ଆସୁଥିବା ବେଳେ ତିନି ଜଣ ଡାକ୍ତର, ଦୁଇ ଜଣ ନର୍ସ, ଜଣେ ଫର୍ମାସିଷ୍ଟ, କାମ କରୁଥିବା ଦେଖିବାକୁ ମିଳୁଛି । କହିବାକୁ ଗଲେ ଦୁଇ ଜଣ ନର୍ସ ମଧ୍ୟରୁ ଜଣେ ନାଇଟ ଡିଉଟି କରିବା ପରେ ଆଉଜଣେ ଡେ ଡିଉଟି । ଯଦିଓ ଜଣକ ସ୍ୱାସ୍ଥ୍ୟ ଗତ ସମସ୍ୟା ଦେଖାଯାଏ ତେବେ ଏଠି ଆଉ ଜଣକ ଉପରେ ଚାପ ପଡିଥାଏ । ସେହିପରି ନିୟମ ଅନୁଯାଇୟୀ ଏଠି ୬ଜଣ ନର୍ସ, ଦୁଇଟି ଫାର୍ମାସିଷ୍ଟ, ୨୭ଜଣ ଡାକ୍ତର କାମ କରିବା କଥା । ଏସବୁ ପ୍ରକରଣ ମଧ୍ୟରେ ତିନୋଟି ଡାକ୍ତର, ଜଣେ ଫାର୍ମାସିଷ୍ଟ, ଦୁଇଜଣ ନର୍ସଙ୍କ ଭରସା ରେ ଚାଲିଛି ଚିକିଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର । ସେଭଳି ଏଠି ମାଳ ମାଳ ବିଭାଗ, କିନ୍ତୁ ଡାକ୍ତର ଓ ଷ୍ଟାଫ ଅଭାବ ରହିଥିବାବେଳେ କିଭଳି ସ୍ୱାସ୍ଥ୍ୟ ସେବା ଚାଲିଛି ତାହା ଦେଖିଲେ ଜଣାପଡିବ । ଆହୁରି ମଧ୍ୟ ଏହି ମେଡିକାଲରେ ମାଳ ମାଳ କୋଠା, ଆଉ ଯନ୍ତ୍ରପାତି ଥିବାବେଳେ କୌଣସି ହେଲେ କାମରେ ଲାଗୁନଥିବା ଦେଖିବାକୁ ମିଳୁଛି । ଗତ ଚବିଶି ବର୍ଷ ହେଲା ଏଠି ନେତୃତ୍ୱ ନେଉଥିବା ବିଧାୟିକା ବାରମ୍ବାର ମନ୍ତ୍ରୀ ପଦରେ ଥାଇ ମଧ୍ୟ ଏହି ନିଜର ବଂଶ ଦାୟାଦ ମେଡିକାଲକୁ କୌଣସି ଉନ୍ନତି କରିପାରିନଥିବା ଅତ୍ୟନ୍ତ ଦୁଃଖଦ ଅଟେ । ବର୍ତ୍ତମାନ ର ବିଧାୟକ ବାରମ୍ବାର ମେଡିକାଲ ପରିଦର୍ଶନ କରି ଆସୁଥିବାବେଳେ ମଧ୍ୟ ଏହି ମେଡ଼ିକାଲର ସ୍ଥିତି ସୁଧୁରୁନଥିବା ଦେଖିବାକୁ ମିଳୁଛି । ଦେଖାଯାଉ କିଭଳି ଆଗାମୀ ଦିନରେ ଏଠି କିଭଳି ସ୍ୱାସ୍ଥ୍ୟ ସେବା ଚାଲିବ ନା ମେଡ଼ିକାଲରେ ଚାବି ପଡିବ ଦେଖିବାକୁ ବାକି ରହିଲା ।

## ଅଗ୍ନିକାଣ୍ଡରେ ଜଳିଗଲା ଦୁଇଘର

ଭଂଜନଗର(ଭାସ୍କର ନ୍ୟୁଜ୍): ଭଂଜନଗର ଥାନା ଅନ୍ତର୍ଗତ ଡୁମାକୁମ୍ପା ପଞ୍ଚାୟତର ନୂଆଁ ହାତୀଗୁଡା ଗାଁରେ ଅଗ୍ନିକାଣ୍ଡ ଘଟି ଦୁଇଟି ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଭଂଜନଗର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ଘରକରଣା ସାଙ୍ଗକୁ ଆସବାବପତ୍ର, ଏବଂ କିଛି ମୂଲ୍ୟବାନ ଜିନିଷ ପୋଡି ନଷ୍ଟ ହୋଇଯାଇଛି । ତେବେ ବିଦ୍ୟୁତ୍ ସଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା, ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କ୍ଷତିଗ୍ରସ୍ତ ପରିବାର ନର୍ମଦା ସ୍ୱାଇଁ ଏବଂ ରଶ୍ମିତା ସାହୁ ପ୍ରମୁଖ ଗରିବ ପରିବାରର ହୋଇଥିବା ବେଳେ, ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ଜରୁରୀ ହୋଇଛି ବୋଲି ଗ୍ରାମବାସୀ ନିବେଦନ କରିଛନ୍ତି ।

## ଜେଲରୁ ମୁକୁଳିଲେ ହେଁସମୂଳ ଗ୍ରାମର ଶତାଧିକ ଆନ୍ଦୋଳନକାରୀ



ତାଳଚେର(ଭାସ୍କର ନ୍ୟୁଜ୍): ଗତ କିଛିଦିନ ତଳେ ତାଳଚେର ବ୍ଲକ ଅନ୍ତର୍ଗତ ହେଁସମୂଳ ଗ୍ରାମର ଶତାଧିକ ଲୋକ ସାଇଲୋରେ ନିଯୁକ୍ତି ଦାବିକୁ ନେଇ ଆନ୍ଦୋଳନ କରୁଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ତେବେ ଜାମିନ ନମିଳିବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା । ଦୀର୍ଘ ୭ଦିନ ଜେଲ ରହଣି ପରେ ଆଜି ସେମାନେ ଜାମିନ ମିଳିବା ପରେ ତାଳଚେର ସବ୍‌ଜେଲରୁ ମୁକୁଳିଛନ୍ତି । ଅପରପକ୍ଷେ ଆନ୍ଦୋଳନକାରୀଙ୍କ କହିବା ଅନୁସାରେ ତାଳଚେର ଶିଳ୍ପାଂଚଳରେ ଭିଟା ମାଟି ହରାଇବା କୋଇଲା ଖଣିରେ କାର୍ଯ୍ୟରତ କମ୍ପାନୀରେ ନିଯୁକ୍ତି ଟିଏ ମିଳବା ନେଇ କମ୍ପାନୀ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଆଉ ହକ୍ ମାଗି ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ କଲେ ନିଯୁକ୍ତି ବଦଳରେ ମିଳୁଛି ଜେଲ, ଏହା ନିନ୍ଦନୀୟ ଘଟଣା ବୋଲି ସେମାନେ ପ୍ରକାଶ କରିଛନ୍ତି । ସେମାନେ ଆହୁରି କହିଛନ୍ତି ଯେ, ତାଳଚେର ଅଞ୍ଚଳରେ ଏପରି ଘଟଣା କେବେ ଘଟି ନଥିଲା ଯେପରି ଭାବେ ୧୦୨ ଜଣଙ୍କୁ ଏକକାଳୀନ ଜେଲକୁ ପଠାଇ ଲୋକଙ୍କ ହକ ମାଗିବାରୁ ବଂଚିତ କରାଗଲା । ପ୍ରଶାସନ ଚାହିଁଥିଲେ ସମାଧାନ କରି ପାରିଥାନ୍ତେ କିନ୍ତୁ ସରକାରଙ୍କ ନିର୍ଦ୍ଦେଶରେ ପୋଲିସ ପ୍ରଶାସନ କଂପାନୀର ହାତବାରିସି ସାଜି ବଳ ପ୍ରୟୋଗ କରି ସମସ୍ତଙ୍କୁ ଜେଲ ପଠାଇଦେଲେ । ସରକାର ଭୟଭୀତ ହୋଇ ଖଣି ଅଂଚଳରେ ଏସମା ଲଗାଇ ଲୋକଙ୍କ ମୌଳିକ ସ୍ୱାର୍ଥରେ ବାଧା ସୃଷ୍ଟି କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ତେବେ ଆଜି ଜେଲରୁ ମୁକୁଳିଥିବା ଆନ୍ଦୋଳନକାରୀଙ୍କୁ ଗ୍ରାମବାସୀ, ନିର୍ବାଚିତ ପ୍ରତିନିଧିମାନେ ସ୍ୱାଗତ କରିଥିଲେ । ଏହାପରେ ଏକ ବିରାଟ ପଟୁଆରରେ ହେଁସମୂଳ ଗ୍ରାମ ଅଭିମୁଖେ ଯାଇ ମାଆ ହିଙ୍ଗୁଳାଙ୍କ ଦର୍ଶନ କରିଥିଲେ ।

## ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ମେଳା




ଆଳି(ଭାସ୍କର ନ୍ୟୁଜ୍) ଜାଭିୟର ଇଣ୍ଟରନେସନାଲ ସ୍କୁଲ ପରିସରରେ ଏକ ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଳି କନିକାରୁ ତେରଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉଦ୍ଘାଟନୀ ସଭାର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଆଳିର ବ୍ଲକ୍ ର ଶିକ୍ଷା ଅଧିକାରୀ ନଳିନୀ ରଞ୍ଜନ ରାଉତରାୟ , ମୁଖ୍ୟବକ୍ତା ଡକ୍ଟର ଗାୟତ୍ରୀ ସାହୁ, ସମ୍ମାନୀତ ଅତିଥି ବିରଞ୍ଚି ନାରାୟଣ ମହାପାତ୍ର, ଅଧ୍ୟାପକ ଅର୍ଜ୍ଜୁନ ବିଶ୍ୱାଳ , ବିଦ୍ୟାଳୟ ନିର୍ଦ୍ଦେଶିକା ଜୟଶ୍ରୀ ପଣ୍ଡା, ଉପାଧ୍ୟକ୍ଷ ଅକ୍ଷୟ କୁମାର ପଣ୍ଡା ଯୋଗ ଦେଇଥିଲେ। ବିଚାରକ ଭାବେ ଅଧ୍ୟାପକ ଅଭୟ କୁମାର ସ୍ୱାଇଁ ଓ ନିର୍ଭୟ ସାହୁ ମଞ୍ଚାସୀନ ଥିଲେ । ସଭାରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ଅଧ୍ୟକ୍ଷା ମାନସୀ ସାହୁ। କାର୍ଯ୍ୟକ୍ରମର ଆରମ୍ଭରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟପ୍ରଦର୍ଶନ କରାଯାଉଥିଲା । ବିଜ୍ଞାନର ମେଳା ଓ ଉପକାରୀତା ବିଷୟରେ ଅତିଥି ଓ ବିଚାରକମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସ୍ୱାଧୀନ ଦାସ ଓଓ ସଂଯୋଜନା କରିଥିଲେ ଯଶୋବନ୍ତୀ ଦାସ । ତେରଟି ଆନ୍ତଃ ବିଦ୍ୟାଳୟରୁ ୭୯ ପ୍ରକଳ୍ପ ଏହି ବିଜ୍ଞାନ ମେଳାରେ ଭାଗ ନେଇଥିଲେ । ପଞ୍ଚମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀଯାଏ ଛାତ୍ର ଛାତ୍ରୀମାନେ ଦୁଇଟି ଗ୍ରୁପରେ ଭାଗ ନେଇଥିଲେ । ସକାଳ ୯:୩୦ ଆରମ୍ଭ ହୋଇ ୧:୩୦ ରେ ସମାପ୍ତ ହୋଇଥିଲା। ବାହାରୁ ଆସିଥିବା ଛାତ୍ରଛାତ୍ରୀ, ଅଭିଭାବକ, ଜିଜ୍ଞାସୁ ବିଜ୍ଞାନପ୍ରେମୀମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସର ଭରିଯାଇଥିଲା ।

# ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ




ଜଗତସିଂହପୁର(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାରେ ଖରିଫ ବର୍ଷ ୨୦୨୪ -୨୫ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ,ବିଧାୟକ, ଜଗତସିଂହପୁର, ଅମରେନ୍ଦ୍ର ଦାସ, ବିଧାୟକ ବାଲିକୁଦା ଏରସମା ସାରଦା ପ୍ରସନ୍ନ ଜେନା , ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଆସନ୍ତା ୮.୦୧.୨୫ ତାରିଖ ରେ ରଘୁନାଥପୁର , ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକ୍ ରେ ଏବଂ ୧୫.୦୧.୨୫ ତାରିଖ ଦିନ ଜଗତସିଂହପୁର , ବାଲିକୁଦା, ବିରିଡ଼ି, ଏରସମା ଓ ନାଉଗାଁ ବ୍ଲକ ରେ ପର୍ଯ୍ୟାୟକ୍ରମେ ୪୭୭୩୬ ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ୧୧୪ ଗୋଟି ମଣ୍ଡି ମାଧ୍ୟମରେ (୧୦୫ ପ୍ୟାକ୍ସ ଏବଂ ୯ ଏସଏଚଜି ) ୧୩,୯୩,୨୭୯.୪୧ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତବର୍ଷ msp ବୃଦ୍ଧି କରାଯାଇଥିବାରୁ ଧାନ ସଂଗ୍ରହ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ଆଶାପୋଷଣ କରିବା ସହ ମଣ୍ଡିରେ ଉପୁଜୁଥିବା ସମସ୍ୟା ନିମନ୍ତେ ଏକ ସ୍କ୍ୱାର୍ଡ ଗଠନ କରି ସମସ୍ୟା ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ କଳାବଜାରୀକୁ ପ୍ରଶ୍ରୟ ନ ଦେଇ ସୁବ୍ୟବସ୍ଥିତ ଭାବେ ଧାନ ସଂଗ୍ରହ କରିବାପାଇଁ ପ୍ରଶାସନିକ ଅଧିକାରୀ ମାନେ ଧାନ ଦେବାପାଇଁ ମନ୍ତ୍ରୀ କହିଥିଲେ। ସଭାରେ ଉପସ୍ଥିତ ରହି ଜଗତସିଂହପୁର ବିଧାୟକ ଶ୍ରୀ ଦାସ ଚାଷୀ କେତେବସ୍ତା ଧାନ ଆଣୁଛି ତାହାର ଏକ ସାର୍ଟିଫିକେଟ ଦେବାପାଇଁ ପରାମର୍ଶ ଦେଇଥିଲେ। ମିଲରମାନେ ଉପଯୁକ୍ତ ତାଲିମ୍ ପ୍ରାପ୍ତ ଲୋକଙ୍କୁ ମଣ୍ଡି କୁ ପଠାଇବା, ମଣ୍ଡି ରେ ଚାଷୀଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇବା, ଧାନର FAQ ମାନ ଆରଏମସି ଦ୍ୱାରା ନିର୍ଦ୍ଧାରିତ କରିବା ଆଦି ଉପରେ ବିଧାୟକ ଶ୍ରୀ ଦାସ ଗୁରୁତ୍ୱାରୋପ କରିଥିଲେ। ଏହାସହ କୁଲମୁଣ୍ଡିଲୋ ଠାରେ ଏକ ସବମଣ୍ଡି ଖୋଲିବାର ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଧାନ ମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା କରାଯିବ । ଏଥିନିମନ୍ତେ ରେଜିଷ୍ଟର ରଖାଯାଇ ମାନଯାଞ୍ଚ ତଥ୍ୟ ଓ କୃଷକ ମାନଙ୍କ ନାମ ଉଲ୍ଲେଖ ରହିବ। ଏଥିନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ । ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଯନ୍ତ୍ରର ବ୍ୟବହାର କରାଯିବ (ଗ୍ରେନ ଆନାଲାଇଜର ) ଏବଂ ଡିଜିଟାଲ ଆର୍ଦ୍ରତା ମାପ ଯନ୍ତ୍ର ଲଗାଯିବ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ । ଧାନର ଏଫଏକ୍ୟୁ ମାନ ବିଷୟରେ ଚାଷୀଙ୍କୁ ପୂର୍ବରୁ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀ ମାନଙ୍କୁ ଟୋକୋନ୍ ଦେବା ବ୍ୟବସ୍ଥା କରିବା, କଳାବଜାରୀ ଭଳି ବେଆଇନ କାର୍ଯ୍ୟଗୁଡିକୁ ରୋକିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା ଓ କୌଣସି ଟୋକନ ଯେପରି କ୍ଷତି ନ ହୁଏ ସେଥିପ୍ରତି ଜିଲ୍ଲାପାଳଙ୍କୁ ୭ ଦିନ ଅବଧି ବଢାଇବାକୁ ମଧ୍ୟ କ୍ଷମତା ଦିଆଯାଇଛି । ବାହାର ଜିଲାରୁ କିମ୍ବା ଆନ୍ତଃରାଜ୍ୟ ଧାନ ବିକ୍ରି ରୋକ ପାଇଁ ଆରକ୍ଷୀ ଅଧିକ୍ଷକ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରିବା ତଥା ସିସିଟିଭି ଦ୍ୱାରା ପୋଲିସ ବିଭିନ୍ନ ସ୍ଥାନରେ ଜଗିବ ବୋଲି ସୂଚନା ଦେଇଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ଏହି ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ମିଲର ଚାଷୀଭାଇ ତଥା ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବିଧାୟକଙ୍କୁ ସମ୍ବର୍ଦ୍ଧନା




ବ୍ରହ୍ମପୁର (ଭାସ୍କର ନ୍ୟୁଜ) : ଗଞ୍ଜାମ ଜିଲ୍ଲା ବିଜୁ ପଟ୍ଟନାୟକ ସିନିଅର ସିଟିଜେନ ଫୋରମ ପକ୍ଷରୁ ଆଜି ପୂର୍ବାହ୍ନ ରେ ମାନ୍ୟବର ବିଧାୟକ ବ୍ରହ୍ମପୁର ଶ୍ରୀଯୁକ୍ତ କେ ଅନିଲ କୁମାର ଙ୍କୁ ତାଙ୍କ କାର୍ଯ୍ୟାଳୟ ଠାରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ଶ୍ରୀ ସୂର୍ଯ୍ୟକାନ୍ତ ପାତ୍ର ଓ ସାଧାରଣ ସମ୍ପାଦକ ଶ୍ରୀ ସିମାଞ୍ଚଳ ପ୍ରସାଦ ବିଷୋୟୀ ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ସାକ୍ଷାତ ଆଲୋଚନା ରେ ଫୋରମର ବିଭିନ୍ନ ଦାବୀ ଓ ସମସ୍ୟା ଉପରେ ମାନ୍ୟବର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ମୁଖ୍ୟତଃ ବରିଷ୍ଠ ନାଗରିକ ମାନଙ୍କୁ ତୁରନ୍ତ ପୋଲିସ ସୁରକ୍ଷା ପରିଚୟ ପତ୍ର ପ୍ରଦାନ, ଫୋରମର ନିଜସ୍ୱ କାର୍ଯ୍ୟାଳୟ ତଥା ବୈଠକ ନିମନ୍ତେ ସରକାରୀ ଜମି କିମ୍ବା ଗୃହ ମଞ୍ଜୁରୀ, ରେଳ ଯାତ୍ରା ଓ ବସ୍ ଯାତ୍ରା ରେ ରିହାତି ଏବଂ ବିଭିନ୍ନ ଦାବୀ ଉପରେ ମାନ୍ୟବର ବିଧାୟକ କେ ଅନିଲ କୁମାରଙ୍କ ସହିତ ଆଲୋଚନା ହୋଇଥିଲା ଏବଂ ଓଡିଶାର ସାମାଜିକ ସୁରକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉଦ୍ଦେଶ୍ୟ ରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ୮ ଦଫା ସମ୍ବଳିତ ଏକ ସ୍ମାରକ ପତ୍ର ବିଧାୟକ ଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମହେଶ୍ୱର ପୃଷ୍ଟି, କୋଷାଧ୍ୟକ୍ଷ ମନମୋହନ ପରିଚ୍ଛା, ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ମହାପାତ୍ର, ବିରୁପାକ୍ଷ ଦାସ, ବି ପ୍ରସନ କୁମାର ପୃଷ୍ଟି,ସୁରେଶ ଜେନା,କେ ଶିବାଜୀ ରାଓ, ସଦାନନ୍ଦ ଦାସ,ଭୀଷ୍ମାଚାର୍ଯ୍ୟ ଚୌଧୁରୀ ପ୍ରମୁଖ ବହୁ ସଦସ୍ୟ ଏହି ସାକ୍ଷାତ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

## ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ



ବ୍ୟାସନଗର(ଭାସ୍କର ନ୍ୟୁଜ୍): ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଦଳା ସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା(ଜୁନିୟର) ମହାବିଦ୍ୟାଳୟରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଶ୍ରେଣୀ ଗୃହ କୋରାଇ ବିଧାୟକ ଆକାଶ ଦାସନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଏକ ସଭା ଅନୁଷ୍ଠାନର ଅଧ୍ୟକ୍ଷା ପଙ୍କଜିନୀ ପାଣି ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ବିଧାୟକ ଶ୍ରୀ ଦାସନାୟକ ଯୋଗଦେଇ ମହାବିଦ୍ୟାଳୟ ଉନ୍ନତିମୂଳକ କାର୍ଯ୍ୟକରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥିଭାବେ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନା, ଅନ୍ୟତମ ଅତିଥିଭାବେ ପ୍ରାଧ୍ୟାପିକା ଲଳିତା ସାହୁ ଓ ଅଧ୍ୟାପକ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା ବେଳେ ଅନ୍ତିମ ପର୍ଯ୍ୟାୟରେ ମୁଖ୍ୟଅତିଥି ବିଧାୟକ ଶ୍ରୀ ଦାସନାୟକ ଓ ଛାତ୍ରୀମାନଙ୍କ ମଧ୍ୟରେ ପ୍ରଶ୍ନଉତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପିକା ଦୀପ୍ତିମୟୀ ରାଉତ, ଅନିମା ପ୍ରଧାନ, ଡକ୍ଟର ମମତାମୟୀ ଦାଶ, ଆୟେଶା ପରିଡା, ସୁଚିଶ୍ରୀ ଚେହେରା, ଅଧ୍ୟାପକ ଚିତରଞ୍ଜନ ବଳ, ଗୋବର୍ଦ୍ଧନ ନାୟକ, ଜ୍ୟୋତିପ୍ରକାଶ ରାଉତ, ହୃଷିକେଷ ତ୍ରିପାଠୀ, ସୁରେନ୍ଦ୍ର ମଲ୍ଲିକ୍, ସରୋଜ କୁମାର ଜେନା, ଅଶୋଜ ଦାସ, କ୍ଷୀରୋଦ ରାଉତ, ଶିବପ୍ରସାଦ ଦାସ, ବସନ୍ତ ସେଠୀ, ମହେନ୍ଦ୍ର କୁମାର ପରିଡା, ବିନାୟକ ପାଢ଼ୀ, ଅଶୋକ କୁମାର ଭଞ୍ଜ, ହେମନ୍ତ କୁମାର ବେହେରା, ସତ୍ୟଭାମା ସ୍ୱାଇଁ, ସୁକାନ୍ତୀ ଦାସ, ଜୟପ୍ରକାଶ ଦାସ, ପ୍ରଦୀପ ଦାସ, ରମେଶ ସ୍ୱାଇଁ, ଅଚ୍ୟୁତ ମଳିକ ପ୍ରମୁଖ ସମସ୍ତ ଅଧ୍ୟାପିକା/ଅଧ୍ୟାପକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଶ୍ରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସତ୍ୟସାଇ ବାବାଙ୍କ ଜୟନ୍ତୀ ପାଳିତ

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ଶ୍ରୀ ସତ୍ୟସାଇ ସେବା ସମିତି ତରଫରୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୯୯ ତମ ଜନ୍ମ ଜୟନ୍ତୀ ଆଡମ୍ବର ସହକାରେ ପାଳନ କରାଯାଇଛି। । ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଜୟନ୍ତୀ ଉତ୍ସବ ଅବସର ରେ ରାଇଘର ସମିତି ପକ୍ଷରୁ ପ୍ରାତଃ ସମୟରେ ଓଁ କାର, ସୁପ୍ରଭାତମ, ସାଇଗାୟତ୍ରୀ ଜପ, ଜ୍ୟୋତି ଧ୍ୟାନ, ନଗର ସଂକୀର୍ତନ, ଷୋଡ଼ଶ ଉପଚାର ପୂଜା, ନାରାୟଣ ସେବା ସହ ରାଇଘର ସଦର ମହକୁମା ସ୍ଥିତ ପଂଚାୟତ ସମିତି ଉଚ୍ଚ ବିଦ୍ୟାଳୟ ଠାରେ ଅଧମ୍ବିକ ସେମିନାର ଆଦି କରାଯାଇଥିଲା । ସନ୍ଧ୍ୟା ସମୟରେ ବାବା ଙ୍କ ୯୯ ଗୋଟି ଦୀପ ପ୍ରଜ୍ୱଳନ ସମିତି ତରଫରୁ କରାଯାଇଥିଲା। ଏହାପରେ ବେଦ ପାଠ, ଭଜନ, ରାଜ୍ୟ ସଭାପତିଙ୍କ ବାର୍ତ୍ତା ଶ୍ରବଣ,ସତସଙ୍ଗ, ଭିଡ଼ିଓ ପ୍ରଦର୍ଶନ,ଝୁଲଣ କାର୍ଯ୍ୟକ୍ରମ, ଜନ୍ମଦିନ ଅବସରରେ ବାବାଙ୍କୁ କେକ ସମର୍ପଣ ଓ଼ ଶେଷରେ ମଙ୍ଗଳ ଆରତୀ ହୋଇ ଭଗବାନଙ୍କ ବିଭୁତି ସେବନ କରାଯାଇଥିଲା। ଏଥିରେ ସତ୍ୟସାଇ ବାବାଙ୍କ ଆବାହକଙ୍କ ସହ ସମସ୍ତ ସାଇ ଆଶ୍ରିତ ଭାଇ ଓ ଭଉଣୀ ପ୍ରମୁଖ ଯୋଗ ଦେଇଥିଲେ ।



## ଲୋକକଳା ସଂସ୍କୃତି କ୍ଷେତ୍ରରେ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ଡକ୍ଟର ସମ୍ମାନ

ବୋଲଗଡ(ଭାସ୍କର ନ୍ୟୁଜ୍): ବିଶ୍ୱ ସଂସ୍କୃତି ଆୟୋଗ, ନୂଆଦିଲ୍ଲୀ ଦ୍ୱାରା ପ୍ରଧାନମନ୍ତ୍ରୀ ସଂଗ୍ରହାଳୟଠାରେ ଦୀର୍ଘ ୪୦ ବର୍ଷ ଧରି ଲୋକକଳା ସଂସ୍କୃତି ପ୍ରଚାର ଓ ପ୍ରସାର,ଓଡ଼ିଆ ଜଗଡମାଳିକୁ ଓଡ଼ିଶାରେ ପ୍ରଥମଥର ପାଇଁ ଅଡିଓ ଓ ଭିଡ଼ିଓ ମାଧ୍ୟମରେ ପ୍ରଚାର, ଦୁଇ ଶହରୁ ଉର୍ଦ୍ଧ୍ୱ ଆଧାତ୍ମିକ ଭଜନ କ୍ୟାସେଟରେ ସଙ୍ଗୀତ ପରିବେଷଣ ଓ ଦୂରଦର୍ଶନରେ ଲଳିତା ବିଦ୍ୟାପତି ନାଟକର ନିର୍ଦ୍ଦେଶନା ଦେବା, ଆକାଶବାଣୀ ଯୁବବାଣୀର ସ୍ୱୀକୃତିପ୍ରାପ୍ତ



କବି,କୋଡିଏ ଖଣ୍ଡ ପୁସ୍ତକର ରଚୟିତା, ଗ୍ରାମାଞ୍ଚଳରେ ଦଶ ହଜାରରୁ ଉର୍ଦ୍ଧ୍ୱ ଜନସଚେତନତା କାର୍ଯ୍ୟକ୍ରମ ଓ ବିଭିନ୍ନମଞ୍ଚରେ ମେଘ ମହ୍ଲାର ଅନୁଷ୍ଠାନ ମାଧ୍ୟମରେ ଢୋଲ ମହୁରୀ ଲୋକ ନୃତ୍ୟ ପରିବେଷଣ, ୪୦ଖଣ୍ଡ ପୁସ୍ତକର ପ୍ରକାଶକ ପୂର୍ଣ୍ଣଚନ୍ଦ୍ର ବେହେରା ଲୋକସଂସ୍କୃତିକୁ ବଞ୍ଚାଇ ରଖିବା କ୍ଷେତ୍ରରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିବା ଯୋଗୁଁ ଡକ୍ଟରେଟ୍ ସମ୍ମାନ ଲାଭ କରିଛନ୍ତି ।ଏହି ସମ୍ମାନ ସମାରୋହ ରେ ଏନ.ଡ଼ି.ଏମ.ସି ମେମ୍ବର ବିଶାଖା ଶୈଲାନି, ଆଚାର୍ଯ୍ୟ ୟେଶୀ ଫୁନ୍ତୋଷକ, ବଲିଉଡ ଅଭିନେତା ବିନ୍ଦୁ ଦାରା ସିଂ,ସୁପ୍ରିମକୋର୍ଟ ବିଚାରପତି ରୋନିତ ପାଣ୍ଡେ, ଲଲନ କୁମାର ପ୍ରମୁଖ ଅତିଥିଗଣଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି ।ଡକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା ଜଣେ ସାଧାରଣ, ଅମାୟିକ ବ୍ୟକ୍ତି ଭାବେ ଖୋର୍ଦ୍ଧା ଜିଲ୍ଲା ତଥା ସମଗ୍ର ଓଡ଼ିଶାରେ ପରିଚିତ। ପିଲାଟି ଦିନରୁ କଳା ସଂସ୍କୃତି ପ୍ରତି ଆକୃଷ୍ଟ ହୋଇ ସମାଜ ପାଇଁ କିଛି କରିବା ପାଇଁ ଶପଥ ନେଇଥିଲେ ।ଡକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା କେନ୍ଦ୍ର ସରକାରଙ୍କ ଦ୍ୱାରା ଡ଼କ୍ଟରେଟ୍ ସମ୍ମାନିତ ହେବା ପ୍ରଥମ ।ତେଣୁ ଡକ୍ଟର ବେହେରା ଚମ୍ପାଇଲୋ ଗାଁ ପାଇଁ ମଧ୍ୟ ଗୌରବ ଆଣିଛନ୍ତି ।

## ଭଞ୍ଜପୁର ଜଗଦ୍ଧାତ୍ରୀମେଳାର ନବମ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ବାରିପଦା(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଅନୁଷ୍ଠିତ ଜଗଦ୍ଧାତ୍ରୀ ମେଳାର ଦଶମ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ମୟୁରଭଞ୍ଜ ଆର୍ଟ ଫାଉଣ୍ଡେସନ, ପରେ ପରେ ନଂ - ୧ ଡ୍ୟାନ୍ସ ଗ୍ରୁପ ଓ ଶେଷରେ ଇନସ୍ପାୟାର ଡ୍ୟାନ୍ସ ଗ୍ରୁପର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା ଓ ସମସ୍ତ ସାଂସ୍କୃତିକ ଦଳକୁ ସାଂସ୍କୃତିକ ସମ୍ପାଦକ ପ୍ରିତମ ପଣ୍ଡା ଓ ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଅଂଶ ଗ୍ରହଣ ପ୍ରମାଣ ପତ୍ର ଦେଇ ଉତ୍ସାହିତ କରିଥିଲେ ଓ ଏହି ଅବସରରେ ଚିତ୍ରାଙ୍କନ, କୁଇଜ ଓ ନୃତ୍ୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ହାତରେ ପୁରସ୍କୃତ କରାଯାଇଥିଲା ଓ କମିଟିର କାର୍ଯ୍ୟକାରୀ ସଭାପତି କୃଷ୍ଣଓନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ ଓ ସମ୍ମାନିତ ଅତିଥି ଭାବେ ସମସ୍ତ କାଉନସିଲର ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ ଓ ବାରିପଦା ମ୍ୟୁନିସିପାଲିଟି ତରଫରୁ ମେଳାର ବିକାଶ ପାଇଁ ୫୦ ହଜାର ଟଙ୍କାର ପ୍ରତ୍ସାହନ ରାଶି ପ୍ରଦାନ କରାଯାଇଥିଲା ଓ କମିଟି ତରଫରୁ ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ଧନ୍ୟବାଦ ଅର୍ପଣ କରିଥିଲେ ଓ ଦ୍ୱିତୀୟ ପର୍ଯ୍ୟାୟରେ ପୂଜା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ମେଳା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି ମଧ୍ୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ ଓ ସୋମନାଥ ସିଂହ ଓ ଆଲୋକ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଓ ଆସନ୍ତା କାଲି ମୁମ୍ବାଇ ନାଇଟ୍ସର କାର୍ଯ୍ୟକ୍ରମରେ ସୁନାମଧନ୍ୟ ମ୍ୟୁଜିକ ଏରେଞ୍ଜର ଗିରିଶ ବିଶ୍ୱାଙ୍କ ସମେତ ଇଣ୍ଡିଆନ ଆଇଡଲ ବିଜେତା ଇଶିତା ଓ ପିୟୁଷଙ୍କ କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଜଣାଇଛନ୍ତି ।

# ଜନଶୁଣାଣି ପୋର୍ଟାଲରେ କନ୍ଧମାଳର ୧୫୩ଟି ଅଭିଯୋଗ

କନ୍ଧମାଳ(ଭାସ୍କର ନ୍ୟୁଜ୍): ଜନ ଶୁଣାଣି ପୋର୍ଟାଲ ମାଧ୍ୟମରେ ହେଉଥିବା ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି ରାଜ୍ୟ ସରକାର। ଏହି କ୍ରମରେ କନ୍ଧମାଳ ଜିଲ୍ଲାର ଆଜି ସୁଦ୍ଧା ମୋଟ ୧୫୩ ଟି ଅଭିଯୋଗର ସମାଧାନ ନହୋଇ ପଡିରହିଥିବା ଦେଖିବାକୁ ମିଳିଛି। ଯାହାକି କେବଳ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରାଯାଇଥିବା ଅଭିଯୋଗ ଗୁଡ଼ିକର ତାଲିକା। ଏଭଳି ବିଭିନ୍ନ ଅଧିକାରୀ ଓ ବିଭାଗୀୟ ମୁଖ୍ୟଙ୍କ ନିକଟରେ ଯେଉଁସବୁ ଅଭିଯୋଗ ଲୋକେ କରିଛନ୍ତି ତାହାର ସମ୍ପୂର୍ଣ୍ଣ ତାଲିକା ମିଳିପାରିନଥିବା ବେଳେ ଆନୁମାନିକ ଭାବେ ୩୦୦ ପରେ ହେବ ବୋଲି କୁହାଯାଉଛି। ତେବେ ଏହା କେବଳ କନ୍ଧମାଳ ଜିଲ୍ଲାର ତାଲିକା। ଏହିଭଳି ରାଜ୍ୟର ଅନ୍ୟ ଜିଲ୍ଲା ମାନଙ୍କରେ ମଧ୍ୟ ଗଣ୍ଡା ଗଣ୍ଡା ଅଭିଯୋଗ ଜନ ଶୁଣାଣୀ ପୋର୍ଟାଲ ମାଧ୍ୟମରେ ହୋଇଥିବା, ପଡ଼ିରହିଛି। ତେବେ ଏଥି ପାଇଁ ଲୋକେ ନୂତନ ସରକାରଙ୍କୁ ଦାୟୀ କରିଆସୁଥିବା ବେଳେ ଅଧିକାରୀମାନେ ଏସବୁର ପ୍ରକୃତ କାରଣ ସାଜିଛନ୍ତି। ପୂର୍ବ ସରକାରରେ ଜନ ଶୁଣାଣି ପୋର୍ଟାଲ ବିଭିନ୍ନ ଅଭିଯୋଗର ସମାଧାନ କରି ବାହା ବାହା ନେଉଥିବା ବେଳେ ନୂତନ ସରକାରଙ୍କ ୪ଟା ମାସରେ ଜନ ଶୁଣାଣି ପୋର୍ଟାଲକୁ ଅଧିକାରୀମାନେ ଅକାମି କରି ରଖିଛନ୍ତି। ଏଇ ଯେମିତି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଅଞ୍ଚଳର ଏକ ଅଭିଯୋଗକାରୀ ସରକାରୀ ଜମିରେ ଜବରଦଖଲକୁ ନେଇଁ ଗତ ୭.୯.୨୦୨୪ ରେ ଜନ ଶୁଣାଣୀ ପୋର୍ଟାଲରେ ମୁଖ୍ୟମନ୍ତ୍ରୀ,ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ଓ କନ୍ଧମାଳ ଜିଲ୍ଲାପାଳଙ୍କୁ ୩ ଟି ଅଭିଯୋଗ କରିଛନ୍ତି। ଅଭିଯୋଗ ନମ୍ବର CMO୨୦୨୪୭୩୫୨୧୮, DEPT୨୦୨୪୭୩୫୧୮୭ ଏବଂ ଉଗ୨୦୨୪୭୩୫୨୧୦ । ହେଲେ ଏନେଇଁ ଆଜି ପର୍ଯ୍ୟନ୍ତ କୌଣସି ଉତ୍ତର ବିଭାଗ ପକ୍ଷରୁ ରଖାଯାଉନଥିବା ବେଳେ ଅଭିଯୋଗ ଗୁଡ଼ିକ ସ୍ଥାନାନ୍ତରୀତ ହୋଇ ଦାରିଙ୍ଗବାଡ଼ି ତହସିଲଦାରଙ୍କ ନିକଟରେ ଅଟକି ରହିଛି। ମାସ ପରେ ମାସ ବିତୁଥିଲେ ସୁଦ୍ଧା ଅଭିଯୋଗର ସମାଧାନ ହୋଇପାରୁନାହିଁ। ଯାହାକି ସ୍ଥାନୀୟ ଅଧିକାରୀଙ୍କ ଅଣଦେଖା ବା ଦୁର୍ନୀତିକୁ ପ୍ରୋତ୍ସାହ ଦେବା କଥା ହୋଇଥିବା ବେଳେ ବିରୋଧୀ ଓ ସାଧାରଣ ଲୋକ ଏହାକୁ କିନ୍ତୁ ନୂତନ ସରକାରଙ୍କ ଦୁର୍ନୀତିମୁହାଁ କାର୍ଯ୍ୟ ବୋଲି ଅଙ୍ଗୁଳି ଉଠାଉଛନ୍ତି।

## ଧାନର ଗୁଣାତ୍ମକମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର



ରଘୁନାଥପୁର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଧାନର ମୂଲ୍ୟ କ୍ରୟମୂଲ୍ୟ ୨୧୮୦ରୁ ୩୧ଟଙ୍କାକୁ ବୃଦ୍ଧି କରିବା ଏବଂ ଚାଷୀମାନଙ୍କ ଠାରୁ କରାଯାଉଥିବା ଧାନ କଟିନୀ ଛଟିନୀରେ ରୋକ ଲଗାଇବା ସହ ପ୍ରତ୍ୟେକ ପଞ୍ଚାୟତରେ ଚାଷୀ ମାନଙ୍କୁ ଧାନର ଗୁଣାତ୍ମକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।ଏହି ପରିପେକ୍ଷୀରେ ଜଗତସିଂହପୁର ଜିଲ୍ଲା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ ପୌରାହିତ୍ୟରେ ରଘୁନାଥପୁର ବ୍ଲକ ସ୍ଥାନୀୟ ଜଗନ୍ନାଥପୁର ପଞ୍ଚାୟତ ମଦନମୋହନ ମଠ ପ୍ରାଙ୍ଗଣରେ ପଞ୍ଚାୟତର କିଛି ହାତଗଣତି ଚାଷୀ ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଜଗନ୍ନାଥପୁର ସମବାୟ ସମିତିର ସଭାପତି ଅଜୟ ଦାଶ, ସରପଞ୍ଚ ଜଗବନ୍ଧୁ ମଲ୍ଲିକ, ସମିସଭ୍ୟା ପ୍ରତିନିଧି ଅଶୋକ ବେହେରା, ସୌମ୍ୟ ରଂଜନ ମହାନ୍ତି, ସଂଗ୍ରାମ କେଶରୀ ପରିଜା ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିବା କିଛି ଚାଷୀଙ୍କୁ ଧାନର ଗୁଣାତ୍ମକ ମାନ ବିଷୟରେ ଆଲୋଚନା କରିଥିଲେ। ଏଥିରେ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଶ୍ରୀ ଦାସ ଚାଷୀଙ୍କୁ ଧାନର ମାନ ସମ୍ପର୍କରେ ଆଲୋଚନା କରିବା ମାତ୍ରେ କନ୍ଦରା ପଟି ଗ୍ରାମର ଚାଷୀ ବାବାଜୀ ରାଉତ ଓ ଗୋଠିଣା ଗ୍ରାମର ଚାଷୀ ଶରତ ବାରିକଙ୍କ ସଠିକ ତଥ୍ୟର ପ୍ରଶ୍ନ ବାଣରେ ଅସ୍ତବ୍ୟସ୍ତ ହୋଇ ପଡିଥିଲେ। ଫଳରେ ସମ୍ପାଦକ ପ୍ରଶିକ୍ଷଣ ଶିବିରକୁ ଅଧାରୁ ବନ୍ଦକରି ପଳାଇ ଥିବାବେଳେ ଚାଷୀମାନେ ଟିଫିନ ଖାଇ ଘରକୁ ଫେରୁଥିବାର ଦେଖିବାକୁ ମିଳିଥିଲା। ତେବେ ପ୍ରଶିକ୍ଷଣ ନାମରେ ଅଯଥାରେ ସରକାରଙ୍କ ଅର୍ଥକୁ ବରାବାଦ କରାଯାଉଛି ବୋଲି କିଛିଚାଷୀ କହିବୁଲୁଥିବାର ଶୁଣିବାକୁ ମିଳିଛି ।ଅନ୍ୟପକ୍ଷରେ ଏହି ଜଗନ୍ନାଥପୁର ସମବାୟ ସମିତିର ସମ୍ପାଦକ ଏଠାରେ ଦୀର୍ଘ ବର୍ଷଧରି ରହି ଅନେକ ଦୁର୍ନୀତିରେ ବୁଡି ରହିଥିବା ଅଭିଯୋଗ ହେଉଛି। ତାଙ୍କ ବିରୁଦ୍ଧରେ ପୂର୍ବରୁ ଅନେକ ଥର ଖବର ପ୍ରସାରଣ ହେଇଥିଲେ ମଧ୍ୟ ତାଙ୍କର ବଦଳି ନହେବା ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି ।ଏଥି ପ୍ରତି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ମନ୍ତ୍ରୀ ହସ୍ତକ୍ଷେପ କରିବା ପାଇଁ ଚାଷୀ ମହଲରୁ ଦାବୀ ହେଉଛି।



# ଆମ କଳାହାଣ୍ଡି





## କପା ଚାଷୀ ଅଭାବୀ ବିକ୍ରିର ଶିକାର



ନର୍ଲା, (ଭାସ୍କର ନ୍ୟୁଜ): କଥାରେ ଅଛି ଚାଷ କାମ ଯାହାର କେଡ଼େ ସୁଖ ତାହାର କିନ୍ତୁ ତାର ଓଲଟା ଚିତ୍ର ଦେଖି ବାକୁ ମିଳିଛି କଳାହାଣ୍ଡିର କପା ଚାଷୀଙ୍କ ଠାରେ । କପା ଏକ ଅର୍ଥକାରୀ ଫସଲ ହୋଇଥିବାରୁ ଜିଲ୍ଲାର ୧୩ଟି ଯାକ ବ୍ଲକ୍‌ରେ ଚାଷୀ କପା ଚାଷ କରି ବେଶ୍ ଲାଭବାନ୍ ହୋଇଥାନ୍ତି । ଅନ୍ୟପକ୍ଷରେ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁଁ ଅଭାବୀ ବିକ୍ରିର ଶିକାର ହେଉଥିବା ଚାଷୀ ପ୍ରକାଶ କରିଛନ୍ତି । ଚାଷୀ ଧାର କରଜ କରି ବିହନ, ସାର, କୀଟନାଶକ ଔଷଧରେ ଏକର ପିଛା ଚାରିରୁ ପାଞ୍ଚ ହଜାର ଟଙ୍କା ଖର୍ଚ୍ଚ କରି ଛଅ ମାସର ଅକ୍ଳାନ୍ତ ପରିଶ୍ରମ ପରେ କପା ଅମଳ କରିଥାଏ । ସେହି କପାକୁ ବିକିବା ପାଇଁ ସରକାରୀ ମଣ୍ଡି ଖୋଲିବାକୁ ଅପେକ୍ଷା କରିଥାଏ ହେଲେ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁଁ ବାଧ ହୋଇ ନିଜ କଷ୍ଟ ଉପାର୍ଜିତ କପାକୁ ଶାଗ, ମାଛ ଦରରେ ଦଲାଲ୍ ହାତରେ ଟେକି ଦେଉଥିବା ଦେଖିବାକୁ ମିଳିଛି । ଚଳିତ ବର୍ଷ ଆନ୍ତର୍ଜାତୀୟ ବଜାରରେ କପାର ମୂଲ୍ୟ ହ୍ରାସ ଯୋଗୁଁ ଚିନ୍ତାରେ ଅଛନ୍ତି କଳାହାଣ୍ଡିର କପା ଚାଷୀ । ରାଜ୍ୟ ସରକାର କପାର ସହାୟକ ମୂଲ୍ୟ ୭ ହଜାର ୫ ଶହ ୮୦ ଟଙ୍କା ଧାର୍ଯ୍ୟ କରିଛନ୍ତି, ନଭେମ୍ବର ୨୬ ତାରିଖରୁ କର୍ଲାପଡ଼ା ମଣ୍ଡିରୁ କପା କିଣା ଆରମ୍ଭ ହେବ । କପା ନିଗମ ଓ ଜିଲ୍ଲାରେ ଥିବା ୮ଟି ଜିନିଙ୍ଗ ମିଲର ଭରସାରେ ଚାଷ କରୁଥିବା କପା ଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବାରୁ ଜିଲ୍ଲାରେ ସୂତା କଳ ପ୍ରତିଷ୍ଠା ପାଇଁ ଦାବି କରିଛନ୍ତି । ୨୪ ବର୍ଷର ବିଜେଡି ସରକାର ଜିଲ୍ଲାର କପା ଚାଷୀଙ୍କୁ ନିରାଶ କରିଛି, କାମ ଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଜିଲ୍ଲାକୁ ପ୍ରତି ସପ୍ତାହରେ ଜଣେ ଦୁଇ ଜଣ ଦାଦନ ଶ୍ରମିକଙ୍କ ମୃତଦେହ ଫେରୁଛି । ସେଥିପାଇଁ କଳାହାଣ୍ଡିର କପା ଚାଷୀ ନୂତନ ଡବଲ୍ ଇଞ୍ଜିନର ସରକାର ଉପରେ ଭରସା କରି ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା ପାଇଁ ଦାବି କରିଛନ୍ତି । ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା ହେଲେ ଜିଲ୍ଲା ଦାଦନ ସମସ୍ୟାର ସମାଧାନ ହେବା ସହିତ କପା ଚାଷୀ କପାର ଉଚିତ୍ ମୂଲ୍ୟ ପାଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ଜୁନାଗଡ଼ ବିଧାନସଭା ମଣ୍ଡଳୀ ବିକାଶ କମିଟି ବୈଠକ



ଭବାନୀପାଟଣା, (ଭାସ୍କର ନ୍ୟୁଜ): ଜୁନାଗଡ଼ ବିଧାନସଭା ମଣ୍ଡଳୀ ବିକାଶ କମିଟି ବୈଠକ ସ୍ଥାନୀୟ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖାର ସଭାଗୃହ ଠାରେ ବିଧାୟକ ଜୁନାଗଡ଼ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ହଷ୍ଟେଲ ସୁବ୍ୟବସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀକୁ ଆର୍ଥିକ ସହାୟତା ପ୍ରଦାନ, ଖାଦ୍ୟ ସୁରକ୍ଷା, ସହର ଏବଂ ଗ୍ରାମ୍ୟ ସ୍ୱଚ୍ଛତା ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ, ଖଣି ସମସ୍ୟା ଓ ଶ୍ରମିକ ସମସ୍ୟା, ଗମନା ଗମନ, ସାମାଜିକ ସୁରକ୍ଷା, ପଶୁପାଳନ, କୃଷି, ମତ୍ସ୍ୟ, ଜଳସେଚନ, ଧାନ କ୍ରୟ ବିକ୍ରୟର ସୁବ୍ୟସ୍ଥା ଉପରେ ଆଲୋଚନା କରାଯାଇଥିଲା । ଜୁନାଗଡ଼ ବିଧାନସଭା ମଣ୍ଡଳୀରେ ଅନେକ କ୍ଷେତ୍ରରେ ଉନ୍ନତି ଓ ବିକାଶ ହୋଇପାରିଛି ଓ ଏହା ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହଯୋଗ ଓ କର୍ତ୍ତବ୍ୟ ନିଷ୍ଠା ପାଇଁ ସମ୍ଭବ ହୋଇପାରିଛି ବୋଲି ବିଧାୟକ ଉଲ୍ଲେଖ କରିଥିଲେ । ଜୁନାଗଡ଼ ବିଧାନସଭା ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ଆହୁରି ଅଧିକ ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ସହିତ ବିଶେଷକରି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଉନ୍ନତି ଓ ବିକାଶ ପାଇଁ ରହିଥିବା ତାଙ୍କର ସମସ୍ୟାର ସମାଧାନ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ବିଧାୟକ ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ । ବିଶେଷ କରି ବିକାଶମୂଳକ କାର୍ଯ୍ୟରେ ବିଭାଗୀୟ ଅଧିକାରୀମାନେ ବିଶେଷ ଗୁରୁତ୍ୱ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ପାୱାର ସଚିନ ପ୍ରକାଶ, ଜିଲ୍ଲାପାଳ, କଳାହାଣ୍ଡି, ଦୟାମୟ ପାଢ଼ୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀକାନ୍ତ ଦଳେଇ, ଉପନିର୍ଦ୍ଦେଶକ, ଜିଲ୍ଲା ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ପଦାଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର, ଜୁନାଗଡ଼ ଏବଂ ଗୋଲାମୁଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଏନ୍‌ଏସି, ଜୁନାଗଡ଼ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ସମନ୍ୱୟ ବିଭାଗ ଶ୍ରୀ ଦଳେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୋକସରା, (ଭାସ୍କର ନ୍ୟୁଜ) : କୋକସରା ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ବାରିକ, ଜିଲ୍ଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, କନ୍ଦାବୁଟୁରା ସରପଞ୍ଚ କୁରୁକ୍ଷେତ୍ର ବେହେରା, ସମିତିସଭ୍ୟ ଘନଶ୍ୟାମ ନାଏକ, ମୁକ୍ତେଶ୍ୱର ନାଏକ, ଗୁପ୍ତେଶ୍ୱର ବାଗ, ବିଜେପି ନେତା ତ୍ରିନାଥ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ବ୍ଲକର ୨୨ ଗୋଟି ପଞ୍ଚାୟତରୁ ମୋଟ ୩୮୬ଜଣ ଭିନ୍ନକ୍ଷମ ଯୋଗଦେଇ ପଞ୍ଜିକରଣ କରିଥିଲେ । ଏମାନଙ୍କ ମଧ୍ୟରୁ ୨ ଜଣକୁ ଟ୍ରାଇସାଇକେଲ, ଜଣକୁ ହ୍ୱିଇଲ ଚେୟାର, ୯ଟି ଡ୍ରାଇ ଲୋନ, ୨ଜଣ ଭତ୍ତା ଆବେଦନ, ୧୪୨ଜଣ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଭବାନୀପାଟଣାରୁ ଅସ୍ଥି ଶଲ୍ୟ ବିଶେଷଜ୍ଞ ଡାକ୍ତର ସୁନୀଲ ପାଢ଼ୀ, ମାନସିକ ବିଶେଷଜ୍ଞ ଡାକ୍ତର ପ୍ରବିଣ କୁମାର ସାହୁ, ଚକ୍ଷୁ ବିଶେଷଜ୍ଞ ଡାକ୍ତର ନିବେଦିତା ମହାରଣା, କର୍ଣ୍ଣ, ଗଳା ନାଶା ବିଶେଷଜ୍ଞ ଡାକ୍ତର ପ୍ରଦ୍ୟୁମ୍ନ କିଶୋର ପଣ୍ଡା, ଚଳନି ପ୍ରଶିକ୍ଷକ ଶ୍ରୀନିବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଚାଷୀଙ୍କ ନିଦ ହଜାଇଛନ୍ତି ହାତୀପଲ



ନର୍ଲା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ କମେଡଙ୍ଗରରୁ ପ୍ରାୟ ଦୁଇମାସ ହେଲା ୪୭ ଟିକିଆ ଜଙ୍ଗଲୀ ହାତୀପଲ ଭାନପୁର ପଞ୍ଚାୟତ ଅଧିନ ଗୁଡାଙ୍ଗଗୁଛା ଦେଇ ଗିଗିନା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭଟାଖମାର, ଶ୍ରୀପୁର, ଡମପଦର, ଗିଗିନା ଦେଇ ଯୋଡାବନ୍ଧ ଓ ଟାପରାଙ୍ଗ ଅଞ୍ଚଳରେ ଅନେକ ଚାଷ ନଷ୍ଟ କରିଥିଲେ । ସେହି ଅଞ୍ଚଳରୁ କୁନ୍ଦେଇଝରନ୍ ଜଙ୍ଗଲକୁ ଚାଲିଯାଇ ସେଠାରେ ଉକ୍ତ ହାତୀପଲ ରହି ଆସୁଥିଲେ । ତେବେ ମାସକ ତଳେ ସେହି ଅଞ୍ଚଳରୁ କମେ ଡଙ୍ଗରକୁ ଫେରି ଯାଇଥିଲେ । ପରେ ଉକ୍ତ ହାତୀପଲ ଦିଗ ପରିବର୍ତ୍ତନ କରି ବାଗପୁର ପଞ୍ଚାୟତ ଅଧୀନ ବଫଲାରେ ରାଜ୍ୟ ରାଜପଥ ଅତିକ୍ରମ କରି ଭୀମକେଲା ପଞ୍ଚାୟତ ଅନ୍ତର୍ଗତ ବୁର୍ଡିପଡ଼ା ଓ ପଲସାପଡା ତଥା ରୁପ୍ରା ପଞ୍ଚାୟତ ଅଧୀନ ତିତକେଲା (ନିଘୁପଡା) ଅଞ୍ଚଳରେ ନିଜର କାୟା ବିସ୍ତାର କରି ଚାଷ କ୍ଷତି କରୁଛନ୍ତି । ଏଥିପାଇଁ ବନ କର୍ମଚାରୀ ତଥା ଚାଷୀମାନେ ପ୍ରବଳ ଶୀତରାତିରେ ଉଜାଗର ରହି ଭୟ ଲାଗୁଥିଲେ ମଧ ଫସଲକୁ ଜଗି ରହୁଥିବା ଜଣାପଡିଛି । ନର୍ଲା ବନପାଳ ଭବାନୀ ଶଙ୍କର ନାଏକଙ୍କ ସୂଚନା ମୁତାବକ ଏହି ୪୭ ଟିକିଆ ହାତୀପଲ ଦିନବେଳା ନର୍ଲା ରେଞ୍ଜ୍ ଅଧୀନ କମେଡଙ୍ଗରରେ ରହୁଥିବା ବେଳେ ରାତି ହେଲେ କେସିଙ୍ଗା ରେଞ୍ଜ୍ ରୁପ୍ରାରୋଡ୍ ସେକ୍ସନ୍ ଭୀମକେଲା ପଞ୍ଚାୟତ ଅଧୀନ ବୁର୍ଡିପଡା ଓ ପଲସାପଡା ତଥା ରୁପ୍ରା ପଞ୍ଚାୟତ ଅଧୀନ ତିତକେଲା (ନିଘୁପଡା) ଅଞ୍ଚଳକୁ ଚାଲିଆସି ଅମଳକ୍ଷମ ଧାନ ଫସଲ ଖାଉଥିବା ସହ ଦଳି ମକଚି ନଷ୍ଟ କରୁଥିବା ଚାଷୀମାନେ ପ୍ରକାଶ କରିଛନ୍ତି । ଏହିସବୁ ଅଞ୍ଚଳରେ ହାତୀଙ୍କ ଚଲାପଥ ହେଉଥିବାରୁ ସନ୍ଧ୍ୟା ହେଲା ମାତ୍ରେ କିଛି କିଛି ଅଞ୍ଚଳରେ ବିଦ୍ୟୁତ୍ କାଟ୍ କରାଯାଉଛି । ଫଳରେ ଉକ୍ତ ବିଦ୍ୟୁତ୍ କାଟ୍‌କୁ ନେଇ ଜନଅସନ୍ତୋଷ ଦେଖାଦେଉଛି । ସେହିପରି ଉକ୍ତ ହାତୀପଲକୁ ବିଭାଗୀୟ ଅଧିକାରୀ ସୁରକ୍ଷା ଦେବା ପାଇଁ ପ୍ରାୟ ଦୁଇମାସ ହୋଇଗଲା ନୟାନ୍ତ ହେଉଥିବା ଜଣାପଡିଛି । ରୁପ୍ରାରୋଡ୍ ଫରେଷ୍ଟର୍ ଯଶୋବନ୍ତ ପାତ୍ର, ଗଜସାଥି ତଥା ସ୍କ୍ୱାର୍ଡ ହାତୀପଲ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ସେହିପରି ବନ ବିଭାଗ କର୍ମଚାରୀମାନଙ୍କ ସହିତ ସ୍ଥାନୀୟ ଚାଷୀମାନେ ଉପସ୍ଥିତ ରହି ନିଜର ଫସଲକୁ ଜଗି ରହୁଛନ୍ତି । ତେବେ ଆଗରୁ ହାତୀପଲ ଗାଁ ତଥା ଚାଷଜମି ମୁହାଁ ହେଉନଥିବା ବେଳେ ପ୍ରାୟ ୭/୮ ବର୍ଷ ହେଲା ଲଗାତର ହାତୀପଲଙ୍କ ଆଗମନ ରହୁଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହେଉଛି, ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରିଛନ୍ତି ।

## ସରିଲା ବାର୍ଷିକ କ୍ରୀଡ଼ା ଉତ୍ସବ ‘ଆହ୍ୱାନ’





ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ ଯାନ୍ତ୍ରିକ ମହାବିଦ୍ୟାଳୟ, କଳାହାଣ୍ଡିର ଖେଳପଡିଆ ଠାରେ ସାତଦିନ ବ୍ୟାପୀ ଅନୁଷ୍ଠିତ ହୋଇ ଆସୁଥିବା ମହାବିଦ୍ୟାଳୟର ୧୪ଶ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ‘ଆହ୍ୱାନ-୨୦୨୪’ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି । ଗତ ୧୪ ତାରିଖ ଦିନ ମହାବିଦ୍ୟାଳୟର ଅଧକ୍ଷ ଡ.ଶୁଭ୍ରାଂଶୁ ଶେଖର ଦାସ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ କ୍ରୀଡ଼ା ମଶାଲ ପ୍ରଜ୍ୱଳିତ କରି ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କବାଡି, ଖୋଖୋ, କ୍ରିକେଟ, ଫୁଟବଲ୍, ଭଲିବଲ୍ ଠାରୁ ଆରମ୍ଭ କରି ଦୌଡ, ସଟ୍ ପୁଟ୍, ବ୍ୟାଡମିଣ୍ଟନ, ଚେସ୍, ଟେବୁଲ ଟେନିସ୍ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଖେଳ ଏହି ପ୍ରତିଯୋଗିତାରେ ଖେଳା ଯାଇଥିଲା ବେଳେ ଶତାଧିକ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ । କ୍ରୀଡ଼ା ଉତ୍ସବର ସଭାପତି ପ୍ରିନ୍ସପାଲ ଡ.ଏସ୍‌ଏସ୍. ଦାସ, ଉପସଭାପତି ଡ.ଗୋପାଳ ବେହେରା, ଡିନ୍ ଷ୍ଟୁଡେଣ୍ଟ ୱେଲ୍‌ଫେୟାର ପ୍ରଫେସର କିଶୋର ପଣ୍ଡା, ଫେକଲଟି କୋଅର୍ଡିନେଟର ମିହିର ନାଥ, ସସ୍ମିତା ସାହୁ, ଯଯାତି କେଶରୀ ନାଏକ, ଦିଲ୍ଲୀପ ବାଗଲ,ଲକ୍ଷ୍ମୀ ନାରାୟଣ ରାଉତ, ସୌମ୍ୟା ଦାସ, ଡ.ବି.କେ.ସ୍ୱାଇଁ, ଡ.ଏଲ୍.ପି.ପଣ୍ଡା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆନନ୍ଦ ଉଲ୍ଲାସ ମଧ୍ୟରେ ଆୟୋଜିତ ପୁରସ୍କାର ବିତରଣ ସଂଧ୍ୟା ବେଶ୍ ଆବେଗ ପୂର୍ଣ୍ଣ ହୋଇଥିଲା। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପ୍ରିନ୍ସପାଲ ଡ.ଦାସ ଛାତ୍ରଛାତ୍ରୀଙ୍କର କ୍ରୀଡ଼ା ପ୍ରତିଭାର ଭୂୟସୀ ପ୍ରଶଂସା କରିବା ସହ ଆସନ୍ତା ବର୍ଷକୁ ଏହା ଅଧିକ ଆକର୍ଷଣୀୟ ହେବ ବୋଲି ପ୍ରକାଶ କରିଥିଲେ । ଏହି ପ୍ରତିଯୋଗିତାରେ ଚଳିତ ବର୍ଷ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ଡିପାର୍ଟମେଣ୍ଟ ଶ୍ରେଷ୍ଠ ବ୍ରାଞ୍ଚ ଭାବେ ପୁରସ୍କୃତ ହୋଇଥିଲା ବେଳେ ଶ୍ରେଷ୍ଠ ଖେଳାଳୀ ଛାତ୍ରୀ ଭାବେ ବନିତା ଏକ୍କା ଓ ଶ୍ରେଷ୍ଠ ଖେଳାଳୀ ଛାତ୍ର ଭାବେ ନେତ୍ରମଣି ବାଗ ପୁରସ୍କୃତ ହୋଇଥିଲେ । ସିଏସ୍‌ଇ ବିଭାଗ ଛାତ୍ରୀ ସ୍ୱାତୀ ନାଥ ଉଦ୍‌ଯାପନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ସଞ୍ଜୟ କୁମାର ଦାସ, ସୁଭାଶିଷ ପଲେଇ, ନେତ୍ରମଣି ବାଗ, ଦିବ୍ୟା, ବନିତା, ରୋହନ, ସ୍ମୃତି ରଞ୍ଜନ ଆଦି ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଜୁନିଅର ରେଡକ୍ରସ୍ ଶିବିର

ଜୁନାଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୁଲିହାରି ଉଚ୍ଚ ବିଦ୍ୟାଳୟରେ ୨୫ତମ ଜିଲ୍ଲାସ୍ତରୀୟ ଜୁନିଅର ରେଡ୍‌କ୍ରସ୍ ପାଠ୍ୟ ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ କୁମାର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଭବାନୀପାଟଣା ବିସିସିବି ଅଧକ୍ଷ ଗିରିଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ହୋଇଥିବା ବେଳେ ସ୍ଥାନୀୟ ସରପଞ୍ଚ ମଳୟ ଆଚାର୍ଯ୍ୟ, କର୍ତ୍ତବ୍ୟ ଅନୁଷ୍ଠାନର ମୁଖ୍ୟ ଅଶୋକ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ନିରକ୍ଷକ ମହେନ୍ଦ୍ର କୁମାର ପଣ୍ଡା, ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନେପାଳ ଚନ୍ଦ୍ର ବାଗ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୁପସିଂ ରାଉତ, କୁଲିହାରି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ମୁଣ୍ଡ ପ୍ରମୁଖ ମଞ୍ଚାସିନ ଥିଲେ । ନୋଡାଲ ଉଚ୍ଚ ବିଦ୍ୟାଳୟ ଜୁନାଗଡ଼ର ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଜିଲ୍ଲା ସମ୍ପାଦକ ଶ୍ରୀ ରାଉତ୍ ବିବରଣୀ ପ୍ରଦାନ କରିଥିଲେ । ଶିବିର ସଂଚାଳକ ବିଜୟ କୁମାର ପାଢୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜେଆର୍‌ସିଓ ନାରାୟଣ ପ୍ରଧାନ, ସୁଦାମ ମିଶ୍ର, ସୂର୍ଯ୍ୟ ଠାକୁର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଚାମେଲିଦେବୀ କଲେଜ୍‌ର ଅଧକ୍ଷା ପ୍ରୀୟମଞ୍ଜରି ପଣ୍ଡା, ବରିଷ୍ଠ ଆଇନଜୀବୀ ରସ୍ମିଲତା ପାଢୀ, ଶିକ୍ଷାବିତ୍ ମନୋରଞ୍ଜନ ପାଣିଗ୍ରାହୀ, ପ୍ରୟାସ ଅନୁଷ୍ଠାନର ତ୍ରିଭୁବନ ପୂଝାରୀ ପ୍ରମୁଖ ମଞ୍ଚାସିନ ଥିଲେ । ସମଗ୍ର କଳାହାଣ୍ଡିର କୋଣ ଅନୁକୋଣର ବିଭିନ୍ନ ବିଦ୍ୟାଳୟରୁ ଯୋଗଦାନ ଦେଇଥିବା ଜୁନିଅରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ଥିଲା । ଶିବିରର ଦ୍ୱିତୀୟ ଦିନ ସକାଳରେ ଯୋଗ ଶିକ୍ଷକ ନବକିଶୋର ବେହେରା ଛାତ୍ରଛାତ୍ରୀଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ । ପରେ ସ୍ୱଚ୍ଛଭାରତ ଅଭିଯାନ ସ୍କୁଲ ପରିସର ପରିଷ୍କାର କରାଯାଇଥିଲା । ୯ଘଣ୍ଟା ସମୟରେ ରେଡକ୍ରସ୍ ପତାକା ଉତ୍ତୋଳନ କରାଯାଇ ଫାଷ୍ଟ ଏଡ୍ ଟ୍ରେନିଂ, ରେଡକ୍ରସ୍ ଉପରେ ଡିବେଟ ପ୍ରତିଯୋଗିତା, ଜୁନାଗଡ଼ ପୋଲିସ ଦ୍ୱାରା ରୋଡ୍ ସେଫଟି ଟ୍ରେନିଂ, ଜୁନାଗଡ଼ ଫାୟାର ଅଫିସରଙ୍କ ଦ୍ୱାରା ଫାୟାର ସେଫଟି ଟ୍ରେନିଂ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇ ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ ଶେଷ ହୋଇଥିଲା । ତୃତୀୟ ଦିନ ସମାପନ ଉତ୍ସବର ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ପୁଷ୍କେନ୍ଦ୍ର ସିଂ ଦେଓ ସମ୍ମାନିତ ଅତିଥି ଭାବେ ଡିଇଓ ତଥା ସଭାପତି ଜୁନିଅର ରେଡକ୍ରସ୍ ସୁଶାନ୍ତ ଚୋପଦାର, ଜିଲ୍ଲା ପରିଷଦ ଉପସଭାନେତ୍ରୀ ସୁଧୀରା ମେହେର, ବ୍ଲକ ଅଧକ୍ଷା ସବିତା ମେହେର ଆଇପିଇ ରୂପ ସିଂରାଉତ, ପ୍ରଧାନଶିକ୍ଷକ ଅଶୋକ ମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ । ସୂର୍ଯ୍ୟ ନାରାୟଣ ଠାକୁର ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ବିଜୟ କୁମାର ପାଢ଼ୀ, ମଳୟ ମୁଣ୍ଡ ସହଯୋଗ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ଶିକ୍ଷକ ମନୋରଞ୍ଜନ ପାଣିଗ୍ରାହୀ । ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ବଳିଷ୍ଠ ଯୋଗଦାନ ପାଇଁ ମନୋରଞ୍ଜନ ପାଣିଗ୍ରାହୀ, ବିଜୟ କୁମାର ପାଢ଼ୀ, ସମୀର ନାଏକ, ମହେନ୍ଦ୍ର କୁମାର ପଣ୍ଡା, ଜୟ ପ୍ରକାଶ ନାଏକ, ନେପାଳ ଚନ୍ଦ୍ର ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଲୁମିନି ସଭାପତି ସୁଦାମ ପାତ୍ର, ଶିକ୍ଷକ ରାଜେଶ କୁମାର ମାଝୀ, ମଳୟ କୁମାର ମୁଣ୍ଡ, ପ୍ରଶାନ୍ତ ନନ୍ଦ, ବିଜୟ ମଲ୍ଲିକ ନିରଞ୍ଜନ ସାହାଣୀ, ଚନ୍ଦ୍ର ହାସ୍ୟ ମେହେର ସହଯୋଗ କରିଥିଲେ । ତିନିଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ମିଶେଇ ସର୍ବମୋଟ୍ ୪୪୦ ଶିବିରାର୍ଥି ଅଂଶଗ୍ରହଣ କରିଥିଲେ ।

## ବିଭିନ୍ନ ସମସ୍ୟା ନେଇ କଳାହାଣ୍ଡି ସାଂସଦଙ୍କୁ ଦାବିପତ୍ର



କୋକସରା, (ଭାସ୍କର ନ୍ୟୁଜ): କୋକସରା ବ୍ଲକ ବଡ଼ପୋଡ଼ାଗୁଡା ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ନେଇ ଶୁକ୍ରବାର ପଞ୍ଚାୟତବାସୀ ଜିଲ୍ଲାପାଳ ଓ କଳାହାଣ୍ଡି ସାଂସଦଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । କୋକସରା ବ୍ଲକର ଏକ ଅନୁନ୍ନତ ଅଞ୍ଚଳ ହେଉଛି ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ । ଏଠାରେ କୌଣସି ଜଳସେଚନର ବ୍ୟବସ୍ଥା ନଥିବାରୁ ପ୍ରତି ଦୁଇ ତିନି ବର୍ଷରେ ଲୋକେ ଭୟାବହ ମରୁଡ଼ିର ଶିକାର ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି ଲୋକେ । ପଞ୍ଚାୟତର ତେଲିଗୁଡ଼ା ଗ୍ରାମରେ ଏକ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବା, ଗ୍ରାମରେ ବନ୍ଦ ପଡ଼ିଥିବା ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଖୋଲିବା, ବଡ଼ପୋଡ଼ାଗୁଡା ଗ୍ରାମରେ ପାନୀୟ ଜଳର ସୁବ୍ୟବସ୍ଥା କରିବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ ବାଦ ପଡ଼ିଥିବା ଚାଷୀଙ୍କୁ ତୁରନ୍ତ ଫସଲ ବୀମା ଯୋଗାଇଦେବା, ପଞ୍ଚାୟତର ବିଭିନ୍ନ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ଏବଂ ଗ୍ରାମର ବିଭିନ୍ନ ସମସ୍ୟାକୁ ନେଇ ଆଜି ବଡ଼ପୋଡ଼ାଗୁଡ଼ା ଅଞ୍ଚଳବାସୀ କଳାହାଣ୍ଡି ସାଂସଦ ଓ ଜିଲ୍ଲାପାଳ କଳାହାଣ୍ଡିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ସମସ୍ୟାଗୁଡିକୁ ଶୀଘ୍ର ସମାଧାନ କରିବା ପାଇଁ ଦାବି କରିଛନ୍ତି । ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ଧର୍ମାନନ୍ଦ ନାଏକ, କଳାବତୀ ପୂଝାରୀ, ପଦ୍ମା ଧଙ୍ଗଡାମାଝୀ, ଯୁଗେଶ୍ୱର ପୂଝାରୀ, ସେତୁବନ୍ଧ ଧଙ୍ଗଡାମାଝୀ, ଦିବାନ ଦଣ୍ଡସେନା, ମଧୁ ରାଉତ, ଦେବେଶ୍ୱର ଦଣ୍ଡସେନା, ସନ୍ତୋଷ ମାଝୀ, ଗଜେନ୍ଦ୍ର ନାଗ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ରାଶିଫଳ

ରବିବାର, ୨୪ ନଭେମ୍ବର ୨୦୨୪



**ମେଷ:** ସାମାଜିକ କାର୍ଯ୍ୟରେ ସଫଳ ସିଦ୍ଧ ହେବେ । ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ । ସେୟାର ବଜାରରେ ଲାଭ ମିଳିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇ ଯଶ, ମାନସମ୍ମାନ ପ୍ରତିଷ୍ଠା ମିଳିବ ।



**ବୃଷ:** ଘରୋଇ ସଂସ୍ଥାରେ କର୍ମରତ ବ୍ୟକ୍ତିମାନେ ବିଶେଷ ଲାଭବାନ ହେବେ । ଇନ୍ଦ୍ରିୟପରାୟଣତା ଓ ବିଷୟବାସନା ଉପରେ ଅଧିକ ଗୁରୁତ୍ୱ ଦେବେ । ପାରିବାରିକ ସ୍ତରରେ ଭୁଲ ବୁଝାମଣା ଜନିତ ସମସ୍ୟା ସମାଧାନ ହୋଇଯିବ ।



**ମିଥୁନ:** ଆଇନ ଅଦାଲତ କ୍ଷେତ୍ରରେ ବିଜୟୀ ହେବେ । ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ । ପାରିବାରିକ ସମସ୍ୟାକୁ ସମାଧାନ କରି ପରିବାରରେ ପ୍ରୀତିଭାଜନ ହେବେ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇ ପାରନ୍ତି ।



**କର୍କଟ:** ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ । ହସଖୁସିରେ ସମୟ ବିତିବ ଯେତେ ସମସ୍ୟା ଥିଲେ ମଧ ଶାନ୍ତି ଅନୁଭବ କରିବେ । ଚାକିରି କ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇବା ସହ ସ୍ଥାନାନ୍ତର ମଧ ହୋଇପାରେ ।



**ସିଂହ:** ବ୍ୟାଙ୍କ, ବୀମା, ନିବେଶ ପରି ଆର୍ଥିକ ଗତିବିଧିରେ ବ୍ୟସ୍ତ ରହିବେ । ପରୀକ୍ଷା ପ୍ରତିଯୋଗିତାରେ କୃତକାର୍ଯ୍ୟ ପାଇବେ । ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚସ୍ଥିତି ରକ୍ଷା କରି ଚଳିବେ । କର୍ମକ୍ଷେତ୍ରରେ ଶୁଭ ଫଳ ପାଇବେ । ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ ।



**କନ୍ୟା:** ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ । କର୍ମକ୍ଷେତ୍ରରେ ଦୀର୍ଘଦିନର ଆଶା ପୂରଣ ହେବ । ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତକାରରେ ସଫଳ ହେବେ । ବକେୟା ଅର୍ଥ କିଛି ମିଳିବ ଓ ଆୟ ଉପାର୍ଜନର ବୃଦ୍ଧି ହେବ ।



**ତୁଳା:** କଳା, ସାହିତ୍ୟ,କ୍ରୀଡ଼ା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ । ଆର୍ଥିକ ଉନ୍ନତି ହେବା ସହ ବାହାନ ପ୍ରାପ୍ତି ହେବ । କର୍ମ ନିଯୁକ୍ତି କ୍ଷେତ୍ରରେ ଆପ୍ରାଣ ଚେଷ୍ଟା କରି ସଫଳ ହେବେ । ବ୍ୟବସାୟରେ ମଧ ଅତ୍ୟନ୍ତ ଲାଭାନ୍ୱିତ ହେବେ ।



**ବିଛା:** ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ । ବ୍ୟବସାୟରେ ସଫଳତା ଅର୍ଜନ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ବାଦବିବାଦ, ମାଲିମୋକଦ୍ଦମା, ଖେଳକୁଦ, ପ୍ରତିଯୋଗିତାରେ ପ୍ରଶଂସା ପାଇବେ । ରାଜନୀତିରେ ସଫଳତା ମିଳିବ । ପାରିବାରିକ କ୍ଷେତ୍ରରେ ଶାନ୍ତି ବିରାଜମାନ କରିବ ।



**ଧନୁ :** ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ । ଅଧ୍ୟୟନ, ଅଧାପନା ତଥା ରଚନାତ୍ମକ କ୍ଷେତ୍ରରେ ଆଗ୍ରହ ବଢିବ । ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ । ରାଜନୀତି, ପ୍ରଶାସନ, ପ୍ରକାଶନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ । ଆର୍ଥିକକ୍ଷେତ୍ରରେ ସ୍ୱଚ୍ଛଳତା ଦେଖାଦେବା ଫଳରେ ମାନସିକ ଚିନ୍ତା ଦୂର ହୋଇଯିବ ।



**ମକର:** ବ୍ୟବସାୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତି ହେବ । ଗୃହୋପକରଣ କ୍ରୟ କରିବେ । ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଖୁସି ରହିବ । ରାଜନୈତିକ ଜୀବନ ଝଡଝଞ୍ଜାମୟ ହେବାର ସମ୍ଭାବନା ରହିଛି । ସ୍ୱାସ୍ଥ୍ୟ ପାଇଁ ସତର୍କ ରହିବା ଉଚିତ୍ ।



**କୁମ୍ଭ:** ଶତ୍ରୁମାନେ ମୁଣ୍ଡ ନୂଆଇଁବେ, ରାସ୍ତା ଘାଟରେ ଅତ୍ୟନ୍ତ ସତର୍କତା ସହ ଯାତାୟାତ କରିବା ଉଚିତ୍ । ଯାହାର ବେଶି ଉପକାର କରିଥିବେ ତାହାଦ୍ୱାରା ବେଶି ଆଘାତ ପାଇବେ । ବହୁତ ଦିନରୁ ରଖିଥିବା ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇବ, ସ୍ଥାନାନ୍ତରର ସୂଚନା ପାଇପାରନ୍ତି ।



**ମୀନ:** ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବେ ଓ ଋଣରୁ ମୁକ୍ତି ମିଳିବ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ ଓ ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ । ପାରିବାରିକ ସମସ୍ୟାକୁ ସମାଧାନ କରିବେ । ଭାଗ୍ୟବାଦି ହୋଇ ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ସାହସ ବାନ୍ଧିବେ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯